# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୨୧/୨୦୨୬ (୧୬ ପୃଷ୍ଠା) | Bhubaneswar, Wednesday, January 21/2026 | Page 16 | ₹ 7.00

୫୨ଶ ଭାଗ ୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 59 | ମୂଲ୍ୟ ₹୭/-



GOVERNMENT OF INDIA

୧୨୫ ଦିନ
ରୋଜଗାରର ଗ୍ୟାରେଣ୍ଟି

ବିକଶିତ ଭାରତ - ରୋଜଗାରର ଗ୍ୟାରେଣ୍ଟି
ଏବଂ ଆଜୀବିକା ମିଶନ (ଗ୍ରାମୀଣ): ଭିବି - ଜି ରାମ ଜି
(ବିକଶିତ ଭାରତ - ଜି ରାମ ଜି) ଅଧିନିୟମ, ୨୦୨୫

ବିକଶିତ ଗ୍ରାମପଞ୍ଚାୟତ ଯୋଜନାରୁ ଗଢ଼ିଉଠିବ
ରୋଜଗାରଯୁକ୍ତ ଓ ଦାରିଦ୍ର୍ୟମୁକ୍ତ ଗ୍ରାମ

ବିକଶିତ ଗ୍ରାମପଞ୍ଚାୟତରୁ ବିକଶିତ ଭାରତ ଅଭିମୁଖେ

CBC 35101/13/0081/2526




ନେତାଜୀ ଜୟନ୍ତୀ ପୂର୍ବରୁ ମଙ୍ଗଳବାର କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି। **(ଫଟୋ: ରାଜକିଶୋର ମହାନ୍ତି)**

**କେନ୍ଦ୍ରୀୟ ଅଫିସରଙ୍କ ବିରୋଧରେ**

# ତଦନ୍ତ କରିବ ରାଜ୍ୟ ପୋଲିସ

## ସିବିଆଇଠାରୁ ଅନୁମତି ନେବା ଆବଶ୍ୟକ ନାହିଁ: ସୁପ୍ରିମକୋର୍ଟ

**କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟରତ କୌଣସି କର୍ମଚାରୀ ଦୁର୍ନୀତି କଲେ କିମ୍ବା ଲାଞ୍ଚ ନେଲେ ରାଜ୍ୟ ପୋଲିସ ଦୁର୍ନୀତି ନିବାରଣ ଆଇନ ବଳରେ ମାମଲା ରୁଜୁ କରିପାରିବ। ରାଜ୍ୟ ପୋଲିସ ଅଫିସରମାନେ କେନ୍ଦ୍ରୀୟ ଅଫିସର ଓ କର୍ମଚାରୀଙ୍କ ବିରୋଧରେ ତଦନ୍ତ ସହ ଚାର୍ଜଶିଟ୍ ଦାଖଲ କରିପାରିବେ। ଏଥିପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ଠାରୁ କୌଣସି ପୂର୍ବ ଅନୁମତି ନେବା ଆବଶ୍ୟକ ନୁହେଁ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କେନ୍ଦ୍ର ସରକାର କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରୁଥିବା ନେଇ ବିରୋଧୀ ଅଭିଯୋଗ ଆଣୁଥିବାବେଳେ ରାଜ୍ୟ ଏଜେନ୍ସିକୁ ସୁପ୍ରିମକୋର୍ଟ ଏପରି କ୍ଷମତା ପ୍ରଦାନ କରିଛନ୍ତି। ଏହା ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ତେଲଙ୍ଗାନା ଭଳି ଅଣଭାଜପା ଶାସିତ ରାଜ୍ୟଗୁଡ଼ିକୁ କେନ୍ଦ୍ର ଉପରେ ରାଗ ଶୁଝାଇବା ପାଇଁ ସୁଯୋଗ ଦେଇପାରେ ବୋଲି କୁହାଯାଉଛି।**

ନୂଆଦିଲ୍ଲୀ,୨୦।୧(ପି.ଟି.)

ଲାଞ୍ଚ ଗ୍ରହଣ ଏବଂ ଦୁର୍ନୀତି ମାମଲାରେ ସମ୍ପୃକ୍ତ କେନ୍ଦ୍ରୀୟ ସରକାରୀ କର୍ମଚାରୀଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ରାଜ୍ୟ ପୋଲିସ କର୍ତ୍ତୃପକ୍ଷ ତଦନ୍ତ କରି ଚାର୍ଜଶିଟ୍ ଦାଖଲ କରିପାରିବେ ବୋଲି ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। କେନ୍ଦ୍ରୀୟ କର୍ମଚାରୀଙ୍କ ବିରୋଧରେ ମାମଲା ଦାଏର କରିବା ଲାଗି ରାଜ୍ୟ ପୋଲିସକୁ ସିବିଆଇଠାରୁ ପ୍ରାକ୍‌ଅନୁମତି ଆଣିବା ଆବଶ୍ୟକ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେଇଛନ୍ତି।

ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ, ଅପରାଧର ତଦନ୍ତ ରାଜ୍ୟ ତଦନ୍ତକାରୀ ସଂସ୍ଥା କିମ୍ବା କୌଣସି କେନ୍ଦ୍ରୀୟ ଏଜେନ୍ସି ବା କୌଣସି ପୋଲିସ ସଂସ୍ଥା କରିପାରିବେ ବୋଲି ଜଷ୍ଟିସ୍ ଜେ.ବି. ପର୍‌ଦିୱାଲା ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ସୋମବାର କହିଛନ୍ତି। ଏଭଳି ତଦନ୍ତ କରିବା ଯୋଗ୍ୟତା କେଉଁ ନିର୍ଦ୍ଦିଷ୍ଟ ପାହ୍ୟାର ପୋଲିସ ଅଧିକାରୀଙ୍କ ରହିଛି, ତାହା ଆଇନର ଧାରା ୧୭ରେ ଉଲ୍ଲେଖ କରାଯାଇଛି। କେନ୍ଦ୍ରୀୟ ସରକାରୀ କର୍ମଚାରୀଙ୍କ ବିରୋଧରେ ଲାଞ୍ଚ, ଦୁର୍ନୀତି ଓ ଅସଦାଚରଣ ଭଳି ଅପରାଧରେ ମାମଲା ରୁଜୁ କରିବା କିମ୍ବା ତଦନ୍ତ କରିବାରୁ ଧାରା ୧୭ ରାଜ୍ୟ ପୋଲିସ ଅଥବା ରାଜ୍ୟର କୌଣସି ସ୍ୱତନ୍ତ୍ର ସଂସ୍ଥାକୁ ବାଦ୍ ଦେଇନାହିଁ କିମ୍ବା ପ୍ରତିବନ୍ଧକ ରଖିନାହିଁ। ତେବେ ସୁବିଧା ଏବଂ କାର୍ଯ୍ୟରେ ପୁନରାବୃତ୍ତିକୁ ଏଡ଼ାଇବା ପାଇଁ ସ୍ପେଶାଲ ପୋଲିସ ଏଷ୍ଟାବ୍ଲିଶ୍‌ମେଣ୍ଟରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋକୁ ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା ଭାବେ ☞ ପୃଷ୍ଠା-୭

**ଆଜିର ସମ୍ପାଦକୀୟ**

**ନଏଡା ଦୁର୍ଘଟଣା**


DSPL-485

ମତ୍ସ୍ୟ-ପ୍ରାଣୀ ସମାବେଶ
ଓଡ଼ିଶା-୨୦୨୬

୨୧-୨୩ ଜାନୁଆରୀ ୨୦୨୬

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି
ଶ୍ରୀ ସୁରେଶ ପୂଜାରୀ
ମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା

ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ

ମତ୍ସ୍ୟ-ପ୍ରାଣୀ ଏବେ ନୂତନ ଦିଶା, ବିକଶିତ ହେବ ଆମ ଓଡ଼ିଶା

- ନୂତନ ଜ୍ଞାନକୌଶଳ ପ୍ରଦର୍ଶନ
- ଆଲୋଚନାଚକ୍ର ଓ ଅନୁଭୂତି ବର୍ଣ୍ଣନ
- ଜୀବନ୍ତ ମତ୍ସ୍ୟ-ପ୍ରାଣୀ ପ୍ରଦର୍ଶନୀ
- ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଏକ୍ସପେରିଏନ୍ସ ଜୋନ୍

୨୧ ଜାନୁଆରୀ ୨୦୨୬ | ଜନତା ମଇଦାନ, ଭୁବନେଶ୍ୱର

Follow us @farddepartment

Follow us farddepartment farddepartment farddepartment @farddepartment

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର

OIPR-

## ୟୁଏନ୍‌ଆର୍‌ଡବ୍ଲ୍ୟୁଏ ବିଲ୍ଡିଂ ଭାଙ୍ଗିଲା ଇସ୍ରାଏଲ୍

ଅଧିକୃତ ପୂର୍ବ ଜେରୁଜେଲମ୍‌ରେ ପାଲେଷ୍ଟିନୀୟ ଶରଣାର୍ଥୀମାନଙ୍କ ପାଇଁ ଜାତିସଂଘ ସହାୟତା ଓ କାର୍ଯ୍ୟ ସଂସ୍ଥା (ୟୁଏନ୍‌ଆର୍‌ଡବ୍ଲ୍ୟୁଏ) ମୁଖ୍ୟାଳୟ ପରିସରରେ ରହିଥିବା ବିଲ୍ଡିଂଗୁଡ଼ିକୁ ଇସ୍ରାଏଲ୍ ଭାଙ୍ଗିବା ଆରମ୍ଭ କରିଛି। ଏହା କେବଳ ୟୁଏନ୍‌ଆର୍‌ଡବ୍ଲ୍ୟୁଏ ଉପରେ ନୁହେଁ, ଏହାର ପରିସର ଉପରେ ଅଭୂତପୂର୍ବ ଆକ୍ରମଣ ଏବଂ ଅନ୍ତର୍ଜାତୀୟ ଆଇନ ଏବଂ ଜାତିସଂଘର ବିଶେଷ ସୁରକ୍ଷାର ଗମ୍ଭୀର ଉଲ୍ଲଂଘନ ବୋଲି କୁହାଯାଇଛି।

## ଦିଲ୍ଲୀରେ ଆଜି



ଆସନ୍ତା ୨୬ ତାରିଖରେ ହେବାକୁ ଥିବା ୭୭ତମ ସାଧାରଣତନ୍ତ୍ର ଦିବସ ପରେଡ୍ ପାଇଁ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ମଙ୍ଗଳବାର ସେନା ଯବାନମାନେ ରିହର୍ସାଲ କରୁଛନ୍ତି। (ଫଟୋ- ଚମନ ଗୌତମ)

# ତାମିଲନାଡୁ ବିଧାନସଭାରୁ ରାଜ୍ୟପାଳଙ୍କ କକ୍ଷତ୍ୟାଗ

**ଚେନ୍ନାଇ,୨୦।୧**

ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି ମଙ୍ଗଳବାର ରାଜ୍ୟ ବିଧାନସଭାରେ ଉଦ୍‌ବୋଧନ ନ ଦେଇ ଚାଲିଯାଇଛନ୍ତି। ବିନା ଭାଷଣରେ କକ୍ଷତ୍ୟାଗ କରିବା ରାଜ୍ୟପାଳ ରବିଙ୍କ ପାଇଁ ଏହା ଚତୁର୍ଥ ଘଟଣା। ରାଜ୍ୟ ପ୍ରସ୍ତୁତ ଭାଷଣରେ ଧ୍ୟାନ ରଖିବା ପାଇଁ ବାଚସ୍ପତି ଏମ୍. ଅପ୍ପାଭୁ ରାଜ୍ୟପାଳଙ୍କୁ ନିବେଦନ କରିବା ପରେ ଏହାକୁ ନେଇ ଯୁକ୍ତି ହୋଇଥିଲା। ରାଜ୍ୟପାଳଙ୍କ କାର୍ଯ୍ୟ ଗୃହ ଏବଂ ରାଜ୍ୟବାସୀଙ୍କ ପାଇଁ ଅପମାନ ବୋଲି ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ କହିଛନ୍ତି। ସରକାରଙ୍କ ନୀତି ସମ୍ପର୍କିତ ବକ୍ତବ୍ୟ ଭିତ୍ତିହୀନ ଦାବି ଓ ବିଭ୍ରାନ୍ତିକର ଦର୍ଶାଇ ନ ପଢ଼ିବା ପାଇଁ ରାଜ୍ୟପାଳ ଯୁକ୍ତି କରିଥାନ୍ତି। ଅନ୍ୟପକ୍ଷରେ ଜାତୀୟ ସଙ୍ଗୀତକୁ ସମ୍ମାନ ଦେବା ମୌଳିକ ସାମ୍ବିଧାନିକ କର୍ତ୍ତବ୍ୟ ହୋଇଥିବାବେଳେ ତାହାର ଉଲ୍ଲଂଘନ ହୋଇଥିବା ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଅଭିଯୋଗ ହୋଇଛି।

ଏହି ଘଟଣା ପରେ ରାଜ୍ୟ ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣ ଅନିବାର୍ଯ୍ୟ ବୋଲି ରହିଥିବା ବ୍ୟବସ୍ଥାର ଉଚ୍ଛେଦ ପାଇଁ ସମ୍ବିଧାନ ସଂଶୋଧନ ପାଇଁ ତାଙ୍କ ଦଳ ଉଦ୍ୟମ କରିବ ବୋଲି ମୁଖ୍ୟମନ୍ତ୍ରୀ ତଥା ଡିଏମ୍‌କେ ଅଧ୍ୟକ୍ଷ ଷ୍ଟାଲିନ କହିଛନ୍ତି। ରବି କକ୍ଷତ୍ୟାଗ କରିବା ପରେ ବାଚସ୍ପତି ଅପ୍ପାଭୁ ରାଜ୍ୟ ପ୍ରସ୍ତୁତ ରାଜ୍ୟପାଳଙ୍କ ଅଭିଭାଷଣର ତାମିଲ ସଂସ୍କରଣ ପାଠ କରିଥିଲେ। ଏହିସମୟରେ ମୁଖ୍ୟ ବିରୋଧୀ ଦଳ ଏଆଇଏଡିଏମ୍‌କେ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ରାଜ୍ୟରେ ଆଇନଶୃଙ୍ଖଳା ବିଫଳ ହୋଇଥିବା ଅଭିଯୋଗ କରି କକ୍ଷତ୍ୟାଗ କରିଥିଲେ।

### ସମ୍ବିଧାନ ସଂଶୋଧନ ପାଇଁ ଷ୍ଟାଲିନ୍‌ଙ୍କ ଉଦ୍ୟମ



ଆର୍.ଏନ୍. ରବି

# ଆପରାଧିକ ଅବହେଳା ପାଇଁ ବିଲ୍ଡର ଗିରଫ

### ନଏଡା ଇଞ୍ଜିନିୟର ମୃତ୍ୟୁ ଘଟଣା

**ନଏଡ଼ା,୨୦।୧(ପି.ଟି.)**

ନଏଡ଼ାର ସେକ୍ଟର-୧୫୦ସ୍ଥିତ ଏକ ନିର୍ମାଣ ସ୍ଥଳରେ ପାଣିଭର୍ତ୍ତି ଖାତ ମଧ୍ୟକୁ କାର୍ ଖସି ୨୭ ବର୍ଷୀୟ ସଫ୍ଟୱେର ଇଞ୍ଜିନିୟରଙ୍କ ମୃତ୍ୟୁ ଘଟଣାରେ ପୋଲିସ ମଙ୍ଗଳବାର ଜଣେ ରିଅଲ ଇଷ୍ଟେଟ୍ ଡେଭେଲପରଙ୍କୁ ଗିରଫ କରିଛି। ଉକ୍ତ ବିଲ୍ଡରଙ୍କ ଅବହେଳା ପାଇଁ ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଥିଲା। ଏମ୍‌ଜେଡ୍ ୱିଜ୍‌ଟାଉନ୍ ପ୍ଲାନର୍ସର ଅଫିସର ଅଭୟ କୁମାରଙ୍କୁ ଉକ୍ତ ମାମଲାରେ ଅନ୍ୟତମ ଅଭିଯୁକ୍ତ କରାଯାଇ ଗିରଫ କରାଯାଇଥିବା ଗ୍ରେଟର ନଏଡ଼ା ଅତିରିକ୍ତ ପୋଲିସ କମିଶନର ହେମନ୍ତ ଉପାଧ୍ୟାୟ କହିଛନ୍ତି।

ଇଞ୍ଜିନିୟର ଯୁବରାଜ ମେହେଟ୍ଟା ଶୁକ୍ରବାର ବିଳମ୍ବିତ ରାତିରେ କାମ ସାରି ଘରକୁ ଫେରୁଥିବାବେଳେ ଘନ କୁହୁଡ଼ି ଯୋଗୁ ତାଙ୍କ କାର୍ ଏକ ଡ୍ରେନ୍ ପାଚେରି ଭାଙ୍ଗି ଜଳଭର୍ତ୍ତି ଗଭୀର ଖାତ ମଧ୍ୟକୁ ଖସିପଡ଼ିଥିଲା। ଡ୍ରେନ୍ ନିକଟରେ ଏକ ନିର୍ମାଣାଧୀନ ବ୍ୟବସାୟିକ କମ୍ପ୍ଲେକ୍ସର ବେସ୍‌ମେଣ୍ଟ ପାଇଁ ଗର୍ତ୍ତ ଖୋଳାଯାଇଥିଲା। ସ୍ଥାନୀୟ କର୍ତ୍ତୃପକ୍ଷ ଓ ନିର୍ମାଣକାରୀ ସଂସ୍ଥାର ଅବହେଳା ପାଇଁ ଯୁବରାଜଙ୍କ ମୃତ୍ୟୁ ଘଟିଲା ବୋଲି ତାଙ୍କ ବାପା ରାଜକୁମାରଙ୍କ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ୨ ରିଅଲ ଇଷ୍ଟେଟ୍ ଡେଭେଲପର ଏମ୍‌ଜେଡ୍ ୱିଜ୍‌ଟାଉନ୍ ପ୍ଲାନର୍ସ ଏବଂ ଲୋଟସ୍ ଗ୍ରୀନ୍ସ ବିରୋଧରେ ଏତଲା ଦାଏର କରିଥିଲା। ୱିଜ୍‌ଟାଉନ୍ ପ୍ଲାନର୍ସର ଅଧିକାରୀଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ଅଭିଯୁକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ପୋଲିସ କିଛି କହିନାହିଁ। ସୂଚନାଯୋଗ୍ୟ, ପ୍ରଶାସନିକ ଅବହେଳା ପାଇଁ ନଏଡ଼ା ଅଥରିଟିର ସିଇଓ ଏମ୍. ଲୋକେଶଙ୍କୁ ସୋମବାର ତାଙ୍କ ପଦବୀରୁ ବହିଷ୍କାର କରାଯାଇଥିଲା।

# ଟ୍ରମ୍ପଙ୍କ ଧମକ: ଫ୍ରାନ୍ସ ଉପରେ ୨୦୦% ଟାରିଫ୍



ଡୋନାଲ୍ଡ ଟ୍ରମ୍ପ



ଏମାନୁଏଲ୍ ମାକରଁ

**ୱାଶିଂଟନ,୨୦।୧**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗାଜା ପୁନଃ ନିର୍ମାଣ ପାଇଁ ଏକ ଶାନ୍ତି ବୋର୍ଡ ଗଠନ କରିବାକୁ ଯାଉଥିବାବେଳେ ଏଥିରେ ଯୋଗଦେବା ପାଇଁ ବିଭିନ୍ନ ଦେଶକୁ ଆମନ୍ତ୍ରଣ କରିଛନ୍ତି। ତେବେ ତାଙ୍କ ଆମନ୍ତ୍ରଣ ଗ୍ରହଣ କରିବାକୁ ଫ୍ରାନ୍ସ ଇଚ୍ଛୁକ ନ ଥିବାରୁ ଏହାର ମଦ ଏବଂ ସାମ୍ପେନ୍ ଉପରେ ୨୦୦ ପ୍ରତିଶତ ଟାରିଫ୍ ଲଗାଇବାକୁ ଟ୍ରମ୍ପ ଧମକ ଦେଇଛନ୍ତି। ଏଥିସହିତ ଟ୍ରମ୍ପ ତାଙ୍କ ଟ୍ରୁଥ୍ ସୋସିଆଲରେ ଗ୍ରୀନ୍‌ଲାଣ୍ଡ ସମ୍ପର୍କିତ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁଙ୍କ ଏକ ବ୍ୟକ୍ତିଗତ ବାର୍ତ୍ତାକୁ ପୋଷ୍ଟ କରିଛନ୍ତି। ଡେନ୍‌ମାର୍କର ଅଂଶବିଶେଷ ଆର୍କ୍ଟିକ୍ ଅଞ୍ଚଳ ଉପରେ ଟ୍ରମ୍ପ କାହିଁକି ଏତେ ଆସକ୍ତ, ତାହାର ଯଥାର୍ଥତା ସମ୍ପର୍କରେ ଆମେରିକା ଟ୍ରେଜେରି ସଚିବ ସ୍କଟ୍ ବେସେଣ୍ଟ କହିଥିବାବେଳେ ପ୍ୟାରିସ୍ ଏହାର ତାଚ୍ଛଲ୍ୟ କରିଥିଲା। ସେଥିପାଇଁ ଟ୍ରମ୍ପ ଫ୍ରାନ୍ସ ଉପରେ ୨୦୦ ପ୍ରତିଶତ ଟାରିଫ୍ ଲଗାଇବାର ଧମକ ଦେଇଛନ୍ତି। ପରେ ଟ୍ରମ୍ପ ମାକରଁଙ୍କ ଏକ ବ୍ୟକ୍ତିଗତ ବାର୍ତ୍ତା ପୋଷ୍ଟ କରିଛନ୍ତି, ଯେଉଁଠି ଫ୍ରାନ୍ସ ରାଷ୍ଟ୍ରପତି ତାଙ୍କୁ କହୁଛନ୍ତି, ଇରାନ ଓ ସିରିଆ ପ୍ରସଙ୍ଗରେ ଉଭୟ ରାଜି। ତେବେ ଗ୍ରୀନ୍‌ଲାଣ୍ଡ ଉପରେ ଟ୍ରମ୍ପ କ'ଣ କରୁଛନ୍ତି, ସେ ତାହା ବୁଝିପାରୁ ନ ଥିବା କହିଥିଲେ।

## ଗ୍ରୀନ୍‌ଲାଣ୍ଡ, କାନାଡା, ଭେନେଜୁଏଲା ଆମେରିକୀୟ ଅଞ୍ଚଳ

### ମାନଚିତ୍ରର ପରିବର୍ତ୍ତିତ ଫଟୋ ଶେୟାର କଲେ ଟ୍ରମ୍ପ

**ୱାଶିଂଟନ,୨୦।୧**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ନିଜ ଦେଶ ମାନଚିତ୍ରର ଏକ ପରିବର୍ତ୍ତିତ ଫଟୋ ଟ୍ରୁଥ୍ ସୋସିଆଲରେ ଶେୟାର କରିଛନ୍ତି, ଯେଉଁଥିରେ ଗ୍ରୀନ୍‌ଲାଣ୍ଡ, କାନାଡା ଏବଂ ଭେନେଜୁଏଲାକୁ ଆମେରିକୀୟ ଅଞ୍ଚଳ ଭାବେ ଦର୍ଶାଯାଇଛି। ଟ୍ରମ୍ପ ନିଜସ୍ୱ ଅନ୍‌ଲାଇନ ପ୍ଲାଟ୍‌ଫର୍ମରେ ୟୁରୋପୀୟ ନେତାମାନଙ୍କୁ ଉକ୍ତ ମ୍ୟାପ୍ ଦେଖାଉଥିବା ଫଟୋରୁ ଦେଖିବାକୁ ମିଳିଛି। ୨୦୨୫ ଅଗଷ୍ଟରେ ଟ୍ରମ୍ପ ୟୁକ୍ରେନ୍ ଯୁଦ୍ଧ ସ୍ଥିତିକୁ ନେଇ ୟୁରୋପୀୟ ନେତାମାନଙ୍କ ସହ ଆଲୋଚନା କରିବା ସମୟର ଫଟୋଗ୍ରାଫ୍‌ର ଏହା ବିକଳ୍ପ ଭର୍ସନ ଭଳି ଲାଗୁଛି। ଅଗଷ୍ଟରେ ଟ୍ରମ୍ପ ୟୁକ୍ରେନ୍ ଯୁଦ୍ଧ ପ୍ରସଙ୍ଗରେ ଆଲୋଚନା ପାଇଁ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କେଇର ଷ୍ଟାର୍ମର, ଜର୍ମାନ ଚାନ୍‌ସେଲର ଫ୍ରେଡରିକ୍ ମେର୍ଜ, ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ, ଇଟାଲୀ ପ୍ରଧାନମନ୍ତ୍ରୀ ଜିର୍ଜିଆ ମେଲୋନି, ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି, ନାଟୋ ମହାସଚିବ ମାର୍କ ରୁଟ୍ଟେ, ଫିନ୍‌ଲାଣ୍ଡ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡର ଷ୍ଟବ୍ ଏବଂ ୟୁରୋପୀୟ କମିଶନ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେୟେନ୍‌ଙ୍କ ସହ ବୈଠକ କରିଥିଲେ। ଉକ୍ତ ମିଟିଂ ପ୍ରକୋଷ୍ଠରେ ୟୁକ୍ରେନ୍ ମ୍ୟାପ୍‌ର ମୌଳିକ ଫଟୋ ଦେଖିବାକୁ ମିଳିଥିଲା। ଉକ୍ତ ମାନଚିତ୍ର ସ୍ଥାନରେ ଉତ୍ତର ଆମେରିକା ମାନଚିତ୍ର ରଖାଯାଇଛି, ଯେଉଁଠି କାନାଡା, ଗ୍ରୀନ୍‌ଲାଣ୍ଡ ଏବଂ ଭେନେଜୁଏଲାକୁ ଆମେରିକୀୟ ଅଞ୍ଚଳ ଦର୍ଶାଯାଇଛି। ଅନ୍ୟ ଏକ ପୋଷ୍ଟରେ ଟ୍ରମ୍ପ ନିଜର ଏକ କୃତ୍ରିମ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସେ ଗ୍ରୀନ୍‌ଲାଣ୍ଡରେ ଆମେରିକା ପତାକା ଲଗାଉଥିବାବେଳେ ପାଖରେ ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଏବଂ ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ଉପସ୍ଥିତ ଥିବା ଦେଖାଯାଇଛି।

# ଅଶ୍ଳୀଳ ଭିଡିଓକୁ ନେଇ କର୍ନାଟକ ଡିଜିପି ନିଲମ୍ବିତ

**ବେଙ୍ଗାଲୁରୁ,୨୦।୧**

ଏକ ଅଶ୍ଳୀଳ ଭିଡିଓ ଭାଇରାଲ ହେବା ପରେ କର୍ନାଟକ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) କେ. ରାମଚନ୍ଦ୍ର ରାଓଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି। ରାଓଙ୍କ କାର୍ଯ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଅନୁଚିତ ଆଚରଣ ଏବଂ ରାଜ୍ୟ ପ୍ରଶାସନ ପାଇଁ ଲଜ୍ଜାଜନକ ବୋଲି ନିଲମ୍ବନ ନିର୍ଦ୍ଦେଶନାମାରେ ଦର୍ଶାଯାଇଛି। ରାଓ ଜଣେ ମହିଳାଙ୍କ ସହ ଆପତ୍ତିଜନକ ଅବସ୍ଥାରେ ଥିବାର ଭିଡିଓ ବିଭିନ୍ନ ନ୍ୟୁଜ୍ ଚ୍ୟାନେଲରେ ପ୍ରସାରିତ ହେବା ସହ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ତେବେ ଉକ୍ତ ଭିଡିଓ ମନଗଢ଼ା ଓ ମିଥ୍ୟା ବୋଲି ରାଓ ସଫେଇ ଦେଇଥିଲେ।

ସୂଚନାଯୋଗ୍ୟ, ଡିଜିପି ରାମଚନ୍ଦ୍ର ରାଓ ହେଉଛନ୍ତି କନ୍ନଡ଼ ଅଭିନେତ୍ରୀ ହର୍ଷବର୍ଦ୍ଧିନୀ ରାନ୍ୟା ଓରଫ ରାନ୍ୟା ରାଓଙ୍କ ସାବତ ବାପା। ଦୁବାଇରୁ ୧୨.୫୬ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ବେଆଇନ ସୁନା ଆମଦାନୀ ମାମଲାରେ ରାନ୍ୟା ଅନ୍ୟ ୨ ଅଭିଯୁକ୍ତଙ୍କ ସହ ଧରାପଡ଼ି ଖବରର ଶିରୋନାମା ମଣ୍ଡନ କରିଥିଲେ। ୨୦୨୫ ମାର୍ଚ୍ଚରେ ବେଙ୍ଗାଲୁରୁ ବିମାନବନ୍ଦରରୁ ୧୪.୮ କେ.ଜି. ଚୋରା ସୁନା ସହ ରାନ୍ୟାଙ୍କୁ ଗିରଫ କରାଯାଇଥିଲା। ସେ ଏବେ ବେଙ୍ଗାଲୁରୁ କେନ୍ଦ୍ରୀୟ ଜେଲରେ ଅଛନ୍ତି।

# ଲିଭ୍ ଇନ୍ ରିଲେଶନଶିପ୍‌ରେ ମହିଳାଙ୍କୁ ସ୍ତ୍ରୀ ମାନ୍ୟତା ମିଳିବା ଆବଶ୍ୟକ: ହାଇକୋର୍ଟ

**ଚେନ୍ନାଇ,୨୦।୧**

ଲିଭ୍-ଇନ୍ ରିଲେଶନଶିପ୍‌ରେ ଥିବା ମହିଳାଙ୍କୁ ଗାନ୍ଧର୍ବ ବିବାହ ବା ପ୍ରେମ ବିବାହ ଅନୁଯାୟୀ ସ୍ତ୍ରୀର ମାନ୍ୟତା ପ୍ରଦାନ ସହ ସୁରକ୍ଷା ଦିଆଯିବା ଆବଶ୍ୟକ। ଫଳରେ ଯଦି ଭବିଷ୍ୟତରେ ଅଶାନ୍ତି ଦେଖାଦିଏ, ତେବେ ମହିଳା ଜଣଙ୍କୁ ସ୍ତ୍ରୀର ଅଧିକାର ମିଳିପାରିବ ବୋଲି ମାଡ୍ରାସ ହାଇକୋର୍ଟର ମଦୁରାଇ ବେଞ୍ଚ କହିଛନ୍ତି। ଜଣେ ବ୍ୟକ୍ତିଙ୍କ ଅନ୍ତରୀଣ ଜାମିନ ଆବେଦନକୁ ଖାରଜ କରିବା ଅବସରରେ ଖଣ୍ଡପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଉକ୍ତ ବ୍ୟକ୍ତି ଜଣେ ମହିଳାଙ୍କ ସହ ରିଲେଶନଶିପ୍‌ରେ ରହିବା ସହ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଅନେକ ଥର ଯୌନ ସମ୍ପର୍କ ରଖିଥିଲେ। ପରେ ସେ ବିବାହ କରିବାକୁ ମନା କରିଦେଇଥିଲେ। ଆଧୁନିକତାର ଫାଶ ଓ ସଂସ୍କୃତିରେ ପଡ଼ିଥିବା ମହିଳାମାନଙ୍କୁ ଅଦାଲତ ସୁରକ୍ଷା ଦେବାକୁ ହେବ ବୋଲି ବିଚାରପତି ଏସ୍. ଶ୍ରୀମାଥି କହିଛନ୍ତି। ପୁରାତନ ଭାରତରେ ୮ ପ୍ରକାରର ବିବାହ ପ୍ରଥା ଚାଲୁଥିଲା। ସେଥିରୁ ଗୋଟିଏ ହେଉଛି ଗାନ୍ଧର୍ବ ବିବାହ ବା ପ୍ରେମ ବିବାହ। ଲିଭ୍ ଇନ୍ ରିଲେଶନଶିପ୍‌କୁ ଗାନ୍ଧର୍ବ ବିବାହର ସ୍ୱୀକୃତି ଦିଆଯାଇପାରେ ବୋଲି ବିଚାରପତି କହିଛନ୍ତି। ଏପରିକି ଛାଡ଼ପତ୍ର ପରେ ମଧ୍ୟ ମହିଳାଙ୍କୁ ଆଇନଗତ ସୁରକ୍ଷା ଦିଆଯାଉଛି। ସମ୍ପ୍ରତି ମହିଳାମାନଙ୍କର ଏକ ଦୁର୍ବଳ ବର୍ଗ ଲିଭ୍-ଇନ୍ ରିଲେଶନଶିପ୍ ଧାରଣାର ଶିକାର ହେଉଛନ୍ତି, ଯେଉଁମାନଙ୍କୁ ସୁରକ୍ଷା ମିଳୁନାହିଁ। ବାସ୍ତବରେ ଏଭଳି ସମ୍ପର୍କ ଭାରତୀୟ ସମାଜକୁ ଏକ ସାଂସ୍କୃତିକ ଧକ୍କା ବୋଲି ଖଣ୍ଡପୀଠ କହିଛନ୍ତି।

# ଭାଜପାରେ 'ନବୀନ' ଯୁଗ

**ନୂଆଦିଲ୍ଲୀ,୨୦।୧(ପି.ଟି.)**

ଭାଜପା ନେତା ନୀତିନ୍ ନବୀନଙ୍କୁ ମଙ୍ଗଳବାର ଆନୁଷ୍ଠାନିକ ଭାବେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଘୋଷଣା କରାଯାଇଛି। ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସ୍ଥାନରେ ସେ ଦାୟିତ୍ୱ ଗ୍ରହଣ କରିବା ସହ ଦଳରେ ଏକ ନୂଆ ଅଧ୍ୟାୟର ଆରମ୍ଭ ହୋଇଛି। ଭାଜପା ସାଂଗଠନିକ ନିର୍ବାଚନ ପାଇଁ ରିଟର୍ନିଂ ଅଫିସର ଥିବା କେ. ଲକ୍ଷ୍ମଣ ଫଳାଫଳ ଘୋଷଣା କରିବା ସହ ୪୫ ବର୍ଷୀୟ ନବୀନଙ୍କୁ ନିର୍ବାଚିତ ହୋଇଥିବାର ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିବାରେ ନବୀନ ସର୍ବକନିଷ୍ଠ ନେତା। ଦଳର ମୁଖ୍ୟାଳୟରେ ଅନୁଷ୍ଠିତ ନେତୃତ୍ୱ ହସ୍ତାନ୍ତର ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପୂର୍ବତନ ଅଧ୍ୟକ୍ଷ ଜେ.ପି. ନଡ୍ଡା, ବରିଷ୍ଠ ମନ୍ତ୍ରୀ ରାଜନାଥ ସିଂ, ଅମିତ୍ ଶାହା, ନୀତିନ୍ ଗଡ଼କରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚିତ ହୋଇଥିବା ନବୀନଙ୍କୁ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ଦଳୀୟ ବ୍ୟାପାରରେ ନବୀନ ତାଙ୍କ ବସ୍ ହେବେ ବୋଲି ମୋଦି କହିଛନ୍ତି। ୪୫ ବର୍ଷୀୟ ନବୀନଙ୍କୁ ସେ ଯୁବ ଉତ୍ସାହ ଏବଂ ବିସ୍ତୃତ ସାଂଗଠନିକ ଅଭିଜ୍ଞତା ଥିବା ଜଣେ ସହସ୍ରାବ୍ଦୀ ପିଢ଼ି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

୧୯୮୦ରେ ପ୍ରତିଷ୍ଠିତ ଭାଜପାରେ ନବୀନ ଦ୍ୱାଦଶ ଅଧ୍ୟକ୍ଷ ହୋଇଛନ୍ତି। ତାଙ୍କର ଜନ୍ମମଧ୍ୟ ୧୯୮୦ରେ ହୋଇଥିଲା। ଗତ ଡିସେମ୍ବର ୧୪ରେ ତାଙ୍କୁ ଭାଜପାର କାର୍ଯ୍ୟକାରୀ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଯୁକ୍ତ କରାଯିବା ପରେ ସେ ବିହାର ସରକାରରେ ରହିଥିବା ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଭାଜପାର ନେତୃତ୍ୱ କଠିନ ପରିଶ୍ରମ ଓ ସମର୍ପଣ ଭାବରୁ ସୃଷ୍ଟି ହୋଇଥାଏ, ବଂଶବାଦୀ ବିଶେଷ ଅଧିକାରରୁ ନୁହେଁ ବୋଲି ଲକ୍ଷ୍ମଣ କହିଛନ୍ତି।



ନବନିର୍ବାଚିତ ଭାଜପା ଅଧ୍ୟକ୍ଷ ନୀତିନ୍ ନବୀନଙ୍କୁ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଉଛନ୍ତି।

# ଭାରତ-ଇୟୁ ବାଣିଜ୍ୟ ଚୁକ୍ତି ଖୁବ୍‌ଶୀଘ୍ର

**ଡାଭୋସ୍,୨୦।୧**

ଭାରତ ଏବଂ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ବାଣିଜ୍ୟ ଚୁକ୍ତି ଲାଗି ବୁଝାମଣା ଉଲ୍ଲେଖନୀୟ ପର୍ଯ୍ୟାୟରେ ପହଞ୍ଚିଛି। ଡାଭୋସ୍‌ରେ ଅନୁଷ୍ଠିତ ବିଶ୍ୱ ଅର୍ଥନୀତି ଫୋରମ୍ (ଡବ୍ଲ୍ୟୁଇଏସ୍)ରେ ବିଶ୍ୱ ନେତାମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ୟୁରୋପୀୟ କମିଶନ ଉର୍ସୁଲା ଭନ୍ ଡେର୍ ଲେୟେନ ଉପରୋକ୍ତ ସୂଚନା ଦେବା ସହ ଖୁବ୍‌ଶୀଘ୍ର ଭାରତ ଓ ଇୟୁ ମଧ୍ୟରେ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରି ହେବ ବୋଲି କହିଛନ୍ତି। ଉଭୟ ପକ୍ଷ ଐତିହାସିକ ବାଣିଜ୍ୟ ଚୁକ୍ତିନାମାର ନିକଟତର ହୋଇଛନ୍ତି, ଯାହାକି ବିଶ୍ୱ ବାଣିଜ୍ୟ ଓ ଯୋଗାଣ ଶୃଙ୍ଖଳକୁ ନୂଆ ରୂପ ଦେଇପାରିବ। ୟୁରୋପର ବିସ୍ତୃତ ରଣନୀତିର ଏକ ଅଂଶଭାବେ ପ୍ରସ୍ତାବିତ ଭାରତ-ଇୟୁ ମୁକ୍ତ ବାଣିଜ୍ୟ ଚୁକ୍ତିନାମା 'ଟାରିଫ୍ ସ୍ଥାନରେ ନ୍ୟାୟସଙ୍ଗତ ବାଣିଜ୍ୟ, ଏକଘରିକିଆ ବଦଳରେ ଭାଗୀଦାରିତା ଏବଂ ଶୋଷଣ ବଦଳରେ ସ୍ଥାୟିତ୍ୱ'କୁ ପ୍ରୋତ୍ସାହନ ଦେବ। ବିଶ୍ୱର ବୃହତ ଅଭିବୃଦ୍ଧି କେନ୍ଦ୍ର ସହ ସମ୍ପର୍କ ବଢ଼ାଇ ୟୁରୋପୀୟ ସଂଘ ଏହାର ଅର୍ଥନୀତିକୁ ବିପଦମୁକ୍ତ ଏବଂ ଯୋଗାଣ ଶୃଙ୍ଖଳର ବିବିଧୀକରଣ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଉର୍ସୁଲା କହିଛନ୍ତି।

# ସମୁଦ୍ରାୟନ: ଗଭୀର ସମୁଦ୍ର ଅନ୍ୱେଷଣ ମିଶନର ପ୍ରଥମ ପରୀକ୍ଷଣ ମେ'ରେ



**ନୂଆଦିଲ୍ଲୀ,୨୦।୧**

ଭାରତର ମହତ୍ତ୍ୱାକାଂକ୍ଷୀ ଗଭୀର ସମୁଦ୍ର ଅନ୍ୱେଷଣ କାର୍ଯ୍ୟକ୍ରମରେ ଅଗ୍ରଗତି ହୋଇଛି। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସନ ଟେକ୍‌ନୋଲୋଜି (ଏନ୍‌ଆଇଓଟି) ଆଗାମୀ ମେ'ରେ ସମୁଦ୍ରାୟନର ପ୍ରଥମ ପରୀକ୍ଷାମୂଳକ ଅଭିଯାନ ଆରମ୍ଭ କରିବାକୁ ଯାଉଛି। ପରୀକ୍ଷାମୂଳକ ଭାବେ ପ୍ରଥମେ ୫୦୦ ମିଟର ଗଭୀର ପର୍ଯ୍ୟନ୍ତ ଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପରୀକ୍ଷା ପରବର୍ତ୍ତୀ ସମୟରେ ୬,୦୦୦ ମିଟର ଗଭୀରରେ ପହଞ୍ଚିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ମାନବଯୁକ୍ତ ମିଶନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ। ଭୂବିଜ୍ଞାନ ମନ୍ତ୍ରଣାଳୟ ନେତୃତ୍ୱରେ ଏହି ମିଶନ ସଫଳ ହେଲେ ଗଭୀର ସମୁଦ୍ର ମାନବଯୁକ୍ତ ଅଭିଯାନ ଟେକ୍‌ନୋଲୋଜି ହାସଲ କରିବାରେ ଆମେରିକା, ଚାଇନା, ରୁଷିଆ, ଫ୍ରାନ୍ସ ଓ ଜାପାନ ସହ ଭାରତ ସାମିଲ ହେବ।

# ଗୋବିନ୍ଦାଙ୍କୁ କ୍ଷମା ନାହିଁ

**ମୁମ୍ବାଇ**

ଆଜିକାଲି ଅଭିନୟ କମ୍, ବ୍ୟକ୍ତିଗତ ଜୀବନକୁ ନେଇ ବେଶି ଚର୍ଚ୍ଚାରେ ରହୁଛନ୍ତି ବଲିଉଡର ବରିଷ୍ଠ ଅଭିନେତା ଗୋବିନ୍ଦା। ଫିଲ୍ମରେ ତାଙ୍କର ନିଖୁଣ ଅଭିନୟ ପାଇଁ ଯୁବ କଳାକାରମାନଙ୍କ ଲାଗି ସେ ପ୍ରେରଣାର ଉତ୍ସ। ହେଲେ ସେ ଏବେ ବିବାଦରେ ଛନ୍ଦି ହୋଇ ପଡୁଥିବା ଦେଖାଯାଉଛି। ସ୍ତ୍ରୀଙ୍କ ସହ ଛାଡ଼ପତ୍ର ଖବର ଭିତରେ ସେ ପ୍ରେମରେ ପଡିଥିବା ଚର୍ଚ୍ଚା ଅନେକଙ୍କୁ ଚକିତ କରିଛି। ଗୋବିନ୍ଦାଙ୍କୁ କଦାପି କ୍ଷମା କରିପାରିବେ ନାହିଁ ବୋଲି ସ୍ତ୍ରୀ ସୁନୀତା କହିଛନ୍ତି। ଏକ ପଡ୍‌କାଷ୍ଟରେ ସେ କହିଛନ୍ତି, ଏବେ ବି ସମୟ ଅଛି, ଗୋବିନ୍ଦା ସୁଧୁରିଯାଆନ୍ତୁ। ସେମିତି ଝିଅ ଅନେକଙ୍କ ଜୀବନରେ ଆସନ୍ତି। ଏବେ ଗୋବିନ୍ଦାଙ୍କୁ ତେଷଠି ବର୍ଷ। ଝିଅ ଟିନାଙ୍କୁ ବିବାହ କରିବା ଓ ପୁଅ ଯଶଙ୍କ କ୍ୟାରିୟର ଦେଖିବାକୁ ହେବ। ହେଲେ ଗୋବିନ୍ଦା ନିଜକୁ ବାପା ବୋଲି ଭୁଲି ଯାଇଥିବା ସୁନୀତା କହିବା ସହ ତାଙ୍କୁ କଦାପି କ୍ଷମା କରିବେ ନାହିଁ ବୋଲି କହିଛନ୍ତି। ଏହି ସାକ୍ଷାତ୍‌କାର ଏବେ ଭାଇରାଲ ହେଉଛି। ଆଗାମୀ ଦିନରେ ଉଭୟଙ୍କ ସମ୍ପର୍କ କି ମୋଡ଼ ନେଉଛି ତାହା ଦେଖିବାକୁ ବାକି ରହିଛି।



# ଧରିତ୍ରୀ DHARITRI

52 Years

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୨୧/୨୦୨୬ | Bhubaneswar, Wednesday, January 21/2026 | ପୃଷ୍ଠା-୧




**ମାନେକାଙ୍କୁ ଅଦାଲତ ଅବମାନନା ଚେତାବନୀ**

ବୁଲା କୁକୁର ସମ୍ପର୍କିତ ରାୟକୁ ସମାଲୋଚନା କରିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀଙ୍କୁ ସୁପ୍ରିମକୋର୍ଟ ଅଦାଲତ ଅବମାନନା ଚେତାବନୀ ଦେଇଛନ୍ତି।

୦୨

୧୪

**ଶୀଳାନନ୍ଦଙ୍କ ଗୋଲରେ ହାଇଦ୍ରାବାଦ ବିଜୟୀ**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ରେ ଶୀଳାନନ୍ଦ ଲାକ୍ରାଙ୍କ ଗୋଲ ବଳରେ ହାଇଦ୍ରାବାଦ ତୋଫାନ୍ସ ୩-୨ ଗୋଲରେ ଏଚ୍‌ଆଇଏଲ୍ ଜିସିକୁ ପରାସ୍ତ କରିଛି।



## ହୀରାକୁଦରେ ୫ ନୂଆ ପ୍ରଜାତିର ପକ୍ଷୀ

### ବିଦେଶରୁ ଆସିଛନ୍ତି ୪,୨୧,୭୬୩ ପକ୍ଷୀ

ସମ୍ବଲପୁର,୨୦।୧(ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରରେ ଚଳିତବର୍ଷ-୨୦୨୬ ଶୀତକାଳୀନ ପକ୍ଷୀଗଣନା କାର୍ଯ୍ୟ ସମ୍ପନ୍ନ ହୋଇଛି। ଏଥିରେ ଚଳିତବର୍ଷ ଗତବର୍ଷ ଅପେକ୍ଷା ପ୍ରାୟ ୫୦ହଜାରରୁ ଅଧିକ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଛି। ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡ଼ା ଜିଲା ସହିତ ଛତିଶଗଡ଼ ସୀମାନ୍ତ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୀରାକୁଦ ଜଳଭଣ୍ଡାରର ଆର୍ଦ୍ରଭୂମି ଓ ପାୱାର ଚ୍ୟାନେଲ ଅଞ୍ଚଳରେ ଗତ ୧୮ ତାରିଖରେ ହୋଇଥିବା ପକ୍ଷୀ ଗଣନା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୧୨୮ପ୍ରଜାତିର ମୋଟ୍ ୪ଲକ୍ଷ ୨୧ହଜାର ୭୬୩ ବିଦେଶାଗତ ପକ୍ଷୀଙ୍କୁ ଠାବ କରାଯାଇଛି ବୋଲି ସୂଚନା ଦେଇଛନ୍ତି ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ। ତାଙ୍କ ସୂଚନା ଅନୁସାରେ ଚଳିତବର୍ଷ ☞ପୃଷ୍ଠା-୨



ହୀରାକୁଦ ଜଳଭଣ୍ଡାରରେ ଠାବ ହୋଇଥିବା ବିଦେଶାଗତ ପକ୍ଷୀ।

## ସେନ୍‌ସେକ୍ସ ଖସିଲା ୧,୧୦୦

### ବଜାର ହରାଇଲା ୧୦ ଲକ୍ଷ କୋଟି

ମୁମ୍ବାଇ,୨୦।୧

ଭୂରାଜନୈତିକ ଅନିଶ୍ଚିତତା ବୃଦ୍ଧି, ଆମେରିକାର ବିସ୍ତାରବାଦୀ ପଦକ୍ଷେପ ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ଧମକ ଭାରତୀୟ ପୁଞ୍ଜି ବଜାରକୁ ବିପଜ୍ଜନକ ସ୍ଥିତିକୁ ଠେଲିଦେଇଛି। ପୂର୍ବରୁ ଚାପଗ୍ରସ୍ତ ଥିବା ଶେୟାର ମାର୍କେଟ ମଙ୍ଗଳବାର ପ୍ରାୟ ୧୦ ଲକ୍ଷ କୋଟି ଟଙ୍କାର କ୍ୟାପିଟାଲାଇଜେଶନ୍ ହରାଇଛି।

ଇକ୍ୱିଟି ବେଞ୍ଚମାର୍କ ସେନ୍‌ସେକ୍ସ ୧.୩୮% ଅର୍ଥାତ୍ ୧,୦୬୫ ପଏଣ୍ଟ ନିମ୍ନଗାମୀ ହୋଇ ୮୨,୧୮୦ରେ ରହିଛି। ସେହିପରି ନିଫ୍ଟି୫୦ ୧.୨୮% ଅର୍ଥାତ୍ ୩୫୩ ପଏଣ୍ଟ ତଳକୁ ଖସି ୨୫,୨୩୨ରେ ରହିଛି। ୨୦୨୫ ଅକ୍ଟୋବର ୧୫ ପରେ ପୁଞ୍ଜି ବଜାର କେବେ ଏତେ ଦୁର୍ବଳ ହୋଇ ନ ଥିଲା। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ)ଙ୍କ ସେଲିଂ ପ୍ରେସର, କ୍ୱାର୍ଟର୍ଲି ଆୟରେ ଦୁର୍ବଳତାକୁ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ସେହିପରି ଆମେରିକା ଓ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ବାଣିଜ୍ୟିକ ଉତ୍ତେଜନା ବୃଦ୍ଧି ଯୋଗୁ ଗ୍ଲୋବାଲ ମାର୍କେଟରେ ସେଲିଂ ପ୍ରେସର ବୃଦ୍ଧିର ପ୍ରଭାବ ମଧ୍ୟ ଭାରତୀୟ ବଜାର ଉପରେ ପଡ଼ିଛି। ଆମେରିକା ସୁପ୍ରିମକୋର୍ଟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ଉପରେ ରାୟ ଦେବାକୁ ଯାଉଥିବାରୁ ଏହା ପୂର୍ବରୁ ଘରୋଇ ବଜାରରେ ନିବେଶକମାନେ ସତର୍କତା ସହ କାରବାର କରୁଥିବା ଜିଓଜିତ୍ ଇନ୍‌ଭେଷ୍ଟମେଣ୍ଟ୍ସର ରିସର୍ଚ୍ଚ ହେଡ୍ କହିଛନ୍ତି।





### ଡଲାର=୯୧.୬ ଟଙ୍କା

ମୁମ୍ବାଇ,୨୦।୧

ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ଧାରା ଜାରି ରହିଛି। ଟ୍ରେଡିଂ ଆରମ୍ଭରେ ଡଲାର ତୁଳନାରେ ଟଙ୍କା ମଙ୍ଗଳବାର ୯୧.୦୬କୁ ଖସିଥିବାବେଳେ ପରେ ୭ ପଇସାର ଦୁର୍ବଳତା ସହ ୯୦.୯୭ ଟଙ୍କାରେ ସ୍ଥିର ରହିଛି। ଆମେରିକୀୟ କରେନ୍ସିର ବିନିମୟ ମୂଲ୍ୟ ଆଗରେ ଭାରତୀୟ ମୁଦ୍ରାର ଏହା ହେଉଛି ସର୍ବକାଳୀନ ଦୁର୍ବଳତା। ମେଟାଲ ଆମଦାନୀକାରୀଙ୍କଠାରେ ଡଲାର ଚାହିଦା ବୃଦ୍ଧି ଏବଂ ବିଦେଶୀ ନିବେଶକ ଭାରତୀୟ ବଜାରରୁ ମୁହଁ ଫେରାଇନେବା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି। ଫରେକ୍ସ ଟ୍ରେଡର୍ସଙ୍କ ମତରେ ଭୂରାଜନୈତିକ ଅନିଶ୍ଚିତତା ବୃଦ୍ଧି, ଆମେରିକାର ବିସ୍ତାରବାଦୀ ପଦକ୍ଷେପ ପୁଞ୍ଜି ବଜାରକୁ ବିପଜ୍ଜନକ ସ୍ଥିତିକୁ ଠେଲିଦେଇଛି। ଫଳରେ ଭାରତ ଭଳି ବିକାଶଶୀଳ ଦେଶର ଘରୋଇ ବଜାର ଚାପଗ୍ରସ୍ତ ହୋଇଛି।

# ବିଭାଗ ଉପରେ ୪୨,୩୫୨ କୋଟିର ୟୁସି

ଭୁବନେଶ୍ୱର,୨୦।୧(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ବରିଷ୍ଠ ଅଧିକାରୀମାନେ ସରକାରୀ ଅର୍ଥ ଖର୍ଚ୍ଚ କରିବାବେଳେ ଶୃଙ୍ଖଳା ଭିତରେ ରହୁନାହାନ୍ତି। ବିଧାନସଭାକୁ ବିଭାଗ ପକ୍ଷରୁ ବଜେଟ ଅଟକଳ ପାଇଁ ଯେଉଁ ପ୍ରସ୍ତାବ ଦିଆଯାଉଛି ପରବର୍ତ୍ତୀ ସମୟରେ ତାକୁ ଅଧିକାରୀମାନେ ଏଣେତେଣେ ଖର୍ଚ୍ଚ କରୁଛନ୍ତି, ଯେଉଁଥିପାଇଁ ଖର୍ଚ୍ଚର ହିସାବ ଠିକଣା ସମୟରେ ମିଳିପାରୁ ନାହିଁ। ଅଧିକାରୀମାନେ ଏଭଳି ଭାବେ ଅନେକ ହଜାର କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ଯେ ତା'ର ଟେର୍ ଭାରତର ମହାଲେଖା ନିୟନ୍ତ୍ରକ (ସିଏଜି) ପାଇପାରୁନାହାନ୍ତି। ଏନେଇ ସିଏଜିଙ୍କ ପକ୍ଷରୁ ବିଧାନସଭାକୁ ଅବଗତ କରାଇବା ସହିତ ଅର୍ଥ ବିଭାଗକୁ ଥରକୁ ଥର ପତ୍ର ଲେଖି ବିଭାଗୱାରି ବିନିଯୋଗ ଖର୍ଚ୍ଚ ପ୍ରମାଣପତ୍ର ଲୋଡ଼ୁଛନ୍ତି, ମାତ୍ର ତାହା ଅଦ୍ୟାବଧି ମିଳିପାରିନାହିଁ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଉପରେ ୨୦୨୫ ନଭେମ୍ବର ସୁଦ୍ଧା ୪୨ ହଜାର ୩୫୨ କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର (ୟୁସି) ବିଭିନ୍ନ ବିଭାଗ ଉପରେ ଗଡ଼ୁଛି ବୋଲି ସିଏଜିଙ୍କ ପକ୍ଷରୁ ଅର୍ଥ ପରାମର୍ଶଦାତା ସମ୍ମିଳନୀରେ ଦର୍ଶାଯାଇଛି। ସିଏଜିଙ୍କ ଏଭଳି ସାଂଘାତିକ ତଥ୍ୟକୁ ନେଇ ସବୁ ଅର୍ଥ ପରାମର୍ଶଦାତାଙ୍କ ଆଖି ଖୋସିହୋଇଯାଇଛି ବୋଲି ଜଣେ ଅର୍ଥପରାମର୍ଶଦାତା କହିଛନ୍ତି।

ତଥ୍ୟ ଅନୁଯାୟୀ, ବିଗତ ବର୍ଷଗୁଡ଼ିକରେ ଏପରିକି ୨୦୦୮-୦୯ରୁ ୨୦୨୩-୨୪ ବର୍ଷ ମଧ୍ୟରେ ହଜାର ହଜାର କୋଟି ଟଙ୍କା ବିଭାଗୀୟ ପ୍ରଶାସନିକ ଅଧିକାରୀମାନେ ଖର୍ଚ୍ଚ କରିଥିଲେ ହେଁ ବିନିଯୋଗ ପ୍ରମାଣପତ୍ର ଦେଇପାରୁନାହାନ୍ତି। ଇତିମଧ୍ୟରେ ସିଏଜିଙ୍କ ପକ୍ଷରୁ ବିଭିନ୍ନ ବିଭାଗକୁ ପ୍ରଦାନ କରାଯାଇଥିବା ୬୯ଟି 'ପାରା' କମେଣ୍ଟର ଜବାବ ମିଳିପାରୁନାହିଁ। ଏହାସହିତ ୬୩୧ ଏସ୍ଏଫ୍ଆର୍-ପାରା', ୧୩ ହଜାର ୪୯୨ ଆଇଆର୍, ଯେଉଁଥିରେ କି ୫୭ ହଜାର ୨୫୩ ପାରା(ନଭେମ୍ବର ସୁଦ୍ଧା) ବକେୟା ରହିଛି। ଏହିଭଳି ଭାବେ ବିଭିନ୍ନ ବିଭାଗର ବେନିୟମ ଖର୍ଚ୍ଚ ହିସାବକୁ ନେଇ ସିଏଜିଙ୍କ ପକ୍ଷରୁ ବାରମ୍ବାର ୟୁସି ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଉଥିଲେ ହେଁ ତାହା ମିଳୁ ନ ଥିବା ବୈଠକରୁ ଜଣାଯାଇଛି। ଏହାକୁ ନେଇ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ସଂପୃକ୍ତ ବିଭାଗୀୟ ଅର୍ଥ ପରାମର୍ଶଦାତାଙ୍କୁ ତୁରନ୍ତ ବକେୟା 'ୟୁସି' ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଏବଂ ନଗର ଉନ୍ନୟନ ବିଭାଗ ଭଳି ବହୁ ବିଭାଗରେ ବେଆଇନ ଭାବେ ଅର୍ଥ ଖର୍ଚ୍ଚ ହୋଇଛି, ଯେଉଁଥିପାଇଁ ବର୍ତ୍ତମାନର ଅର୍ଥ ପରାମର୍ଶଦାତାମାନେ ସେସବୁର ହିସାବ ଦେଇପାରୁନାହାନ୍ତି। ଫଳରେ ବର୍ଷ ବର୍ଷ ଧରି ତାହା ବକେୟା ଖାତାରେ ଗଡ଼ୁଥିବାବେଳେ ସିଏଜି ପ୍ରଶ୍ନ ଉଠାଇ ଚାଲିଛନ୍ତି।

## ୨୩ରେ ଓଡ଼ିଶା ଆସିବେ ଉପରାଷ୍ଟ୍ରପତି

### ନେତାଜୀ ଜୟନ୍ତୀରେ ଯୋଗଦେବେ

ଭୁବନେଶ୍ୱର,୨୦।୧(ରବିନାରାୟଣ ଜେନା)

ଭାରତର ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଜାନୁଆରୀ ୨୩ରେ ଓଡ଼ିଶା ଗସ୍ତରେ ଆସି କଟକରେ ହେବାକୁ ଥିବା ନେତାଜୀ ଜୟନ୍ତୀରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏସଂକ୍ରାନ୍ତରେ ଉପରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ବ୍ୟକ୍ତିଗତ ସଚିବ ଚନ୍ଦ୍ରଶେଖର ଏସ୍. ସୋମବାର ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।



ସି.ପି. ରାଧାକ୍ରିଷ୍ଣନ

ଚନ୍ଦ୍ରଶେଖରଙ୍କ ପତ୍ର ଅନୁଯାୟୀ, ଆସନ୍ତା ଶୁକ୍ରବାର ପୂର୍ବାହ୍ନ ୮ଟା ୫୦ ମିନିଟ୍‌ରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଉପରାଷ୍ଟ୍ରପତି ପହଞ୍ଚିବେ। ସେଠାରେ ତାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ। ଏହାପରେ ୯ଟା ୩୫ ମିନିଟ୍‌ରେ ପରାକ୍ରମ ଦିବସରେ କଟକସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନ ତଥା ସଂଗ୍ରହାଳୟ ପରିଦର୍ଶନ କରିବେ। ସେଠାରୁ ଲୋକଭବନକୁ ଫେରିବେ ଏବଂ ଅପରାହ୍ନ ୩.୧୫ ମିନିଟ୍‌ରେ କୋଲକାତାସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦର ଅଭିମୁଖେ ଗସ୍ତ କରିବେ। ଉପରାଷ୍ଟ୍ରପତିଙ୍କ ଏହି ଗସ୍ତକାଳରେ ତାଙ୍କ ସୁରକ୍ଷା ବ୍ୟବସ୍ଥା ଯେପରି ଶୃଙ୍ଖଳିତ ରହିବ ସେଥିପ୍ରତି ଦୃଷ୍ଟିଦେବାକୁ ପତ୍ରରେ ଦର୍ଶାଯାଇଛି।

ଏହି ପରିପ୍ରେକ୍ଷୀରେ ଉପରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ସୁଚାରୁରୂପେ ପରିଚାଳନା କରିବା ପାଇଁ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ☞ପୃଷ୍ଠା-୨

# ଏପ୍ରିଲ ୧୬ରୁ ଘର ଗଣନା

### ମାସକରେ ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୦।୧(ରବିନାରାୟଣ ଜେନା)

ଦୀର୍ଘ ୧୫ ବର୍ଷ ପରେ ରାଜ୍ୟରେ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଏହାକୁ ନେଇ ପ୍ରାଥମିକ ପର୍ଯ୍ୟାୟରେ ଘର ଗଣନା କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ଏପ୍ରିଲ ୧୬ରୁ ଗୃହ ଗଣନା କରାଯିବ। ଏହି କାର୍ଯ୍ୟ ୩୦ ଦିନ ଅର୍ଥାତ୍ ଏପ୍ରିଲ ୧୬ରୁ ମେ' ୧୫ ମଧ୍ୟରେ ଶେଷହେବ ବୋଲି ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ୍) ଦେଓ ରଞ୍ଜନ କୁମାର ସିଂହ ମଙ୍ଗଳବାର ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି କରିଛନ୍ତି। ବିଜ୍ଞପ୍ତିରେ ଏସିଏସ୍ ଦର୍ଶାଇଛନ୍ତି, ଜନଗଣନା ନିୟମାବଳୀ-୧୯୯୦ର ନିୟମ ୮ର ଉପନିୟମ(୩) ଅନୁଯାୟୀ ଏହି ପ୍ରକ୍ରିୟା ରାଜ୍ୟରେ କରାଯିବ। ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ପକ୍ଷରୁ ରେଜିଷ୍ଟ୍ରାର ଜେନେରାଲ ଏବଂ ଜନଗଣନା ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପ୍ରକ୍ରିୟା ଆରମ୍ଭ କରାଯିବାକୁ ରହିଛି। ଜାତୀୟ ଜନଗଣନା-୨୦୨୭ର ଘର ତାଲିକା(ହାଉସ୍ ଲିଷ୍ଟିଂ) କାର୍ଯ୍ୟ ଓଡ଼ିଶାରେ ୩୦ ଦିନ ମଧ୍ୟରେ ଶେଷହେବ। ଏହି ସମୟରେ ସ୍ୱୟଂ-ଗଣନା(ସେଲ୍ଫ ଏନୁମରେଶନ) ପାଇଁ ବିକଳ୍ପ ରହିବ, ଯାହା ଘରେ ଘରେ ଘର ତାଲିକା କାର୍ଯ୍ୟ ଆରମ୍ଭ ପୂର୍ବରୁ ୧ ଏପ୍ରିଲ ୨୦୨୬ରୁ ୧୫ ଏପ୍ରିଲ ମଧ୍ୟରେ ସରିବ।

ସୂଚନାଯୋଗ୍ୟ, ଚଳିତ ମାସ ୭ରେ ଲୋକସେବା ଭବନରେ ଏନେଇ ଏସିଏସ୍‌ଙ୍କ ଅଧ୍ୟକ୍ଷତାରେ ଏକ ପ୍ରାକ୍ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏହି ଜାତୀୟ ଏବଂ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମକୁ ଯେପରି ନିର୍ଭୁଲ ଭାବେ କରାଯିବ ସେଥିପାଇଁ ସଂପୃକ୍ତ ବିଭାଗକୁ ସହଯୋଗ କରିବାକୁ ଏସିଏସ୍ ନିର୍ଦ୍ଦେଶ ଦେଇଥିଲେ। ତେବେ ୨୦୨୫ ଡିସେମ୍ବର ୩୧ ପର୍ଯ୍ୟନ୍ତ ଘୋଷିତ ହୋଇଥିବା ନିର୍ଦ୍ଦେଶିତ ଅଞ୍ଚଳ ବ୍ୟତୀତ ଏହି ଜନଗଣନା ସମୟରେ ନୂଆ ଗାଁ, ନୂଆ ସହର, ଗାଁ ସହରରେ ମିଶିବା ଭଳି ସୀମା ପୁନଃ ନିର୍ଦ୍ଧାରଣ କାର୍ଯ୍ୟରେ ସାମିଲ ହେବନାହିଁ। ଜନଗଣନା କାର୍ଯ୍ୟର ସୁସମ୍ପାଦନ ପାଇଁ ଜାତୀୟସ୍ତରରେ ରେଜିଷ୍ଟ୍ରାର ଜେନେରାଲ ଓ ଜନଗଣନା ଆୟୁକ୍ତ ଥିବାବେଳେ ରାଜ୍ୟସ୍ତରରେ ମୁଖ୍ୟ ଶାସନ ସଚିବ ରାଜ୍ୟ ନୋଡାଲ ଅଧିକାରୀ ଏବଂ ଜିଲାସ୍ତରରେ ଜିଲାପାଳମାନେ ଏବଂ ମହାନଗର ନିଗମ ଅଞ୍ଚଳରେ ମ୍ୟୁନିସିପାଲ କମିଶନରମାନେ ପ୍ରମୁଖ ଜନଗଣନା ଅଧିକାରୀ ଭାବେ ନିୟୋଜିତ ରହିବେ। ଉପଖଣ୍ଡ ବା ସହରାଞ୍ଚଳରେ ତହସିଲଦାର ଓ ଡେପୁଟି କମିଶନରମାନେ ଚାର୍ଜ ଅଧିକାରୀ ଭାବେ କାର୍ଯ୍ୟ କରିବେ। ଗଣନା ଅଧିକାରୀଙ୍କୁ ଆସନ୍ତା ୩ ମାସ ମଧ୍ୟରେ ତାଲିମ ପ୍ରଦାନ କରାଯିବ। ପ୍ରତି ୨୦୦ ଘର ପାଇଁ ଜଣେ ଲେଖାଏ ଅଧିକାରୀ ନିୟୋଜିତ ରହିବେ। ୬ ଅଧିକାରୀଙ୍କ ନିମନ୍ତେ ଜଣେ ଜଣେ ସୁପରଭାଇଜର ରହିବେ। ଏହି କାର୍ଯ୍ୟରେ ପ୍ରାୟ ୧ ଲକ୍ଷ ଅଧିକାରୀ ନିୟୋଜିତ ହେବେ ବୋଲି ବିଭାଗୀୟ ତଥ୍ୟରୁ ଜଣାପଡ଼ିଛି।

## ତେଲଙ୍ଗାନାରେ ଓଡ଼ିଆ ଶ୍ରମିକ ମୃତ

ଲାଠୋର,୨୦।୧(ଭୁବନେଶ୍ୱର ବାରିକ)

ତେଲଙ୍ଗାନାକୁ ଦାଦନ ଯାଇଥିବା ବଲାଙ୍ଗୀର ଜିଲା ଭାଲୁକୁନା ଗ୍ରାମର ଦଶରଥ ହଂସ(୪୫)ଙ୍କ ମୃତ୍ୟୁ ଘଟିଛି। ସେଠାରୁ ତାଙ୍କ ମୃତଦେହ ଘରକୁ ଅଣାଯାଉଛି। ନଭେମ୍ବରରେ ଦଶରଥ, ସ୍ତ୍ରୀ ଅଞ୍ଜନା ହଂସ(୩୮), ୧୪ ବର୍ଷର ଝିଅ ଓ ୧୧ ବର୍ଷର ପୁଅ ତେଲଙ୍ଗାନା ଯାଇଥିଲେ। ସେଠାରେ ଦଶରଥ ଓ ଅଞ୍ଜନା ଏକ ଇଟାଭାଟିରେ କାମ କରୁଥିଲେ। ସୋମବାର ରାତିରେ ଦଶରଥ ଅସୁସ୍ଥ ଅନୁଭବ କରୁଥିବା ନେଇ ଅଞ୍ଜନାଙ୍କୁ କହିଥିଲେ। କିଛି ସମୟ ପରେ ବାହାରକୁ ଶୌଚହେବା ପାଇଁ ଯାଇ ଘର ଭିତରକୁ ଆସି ହଠାତ୍ ଟଳି ପଡ଼ିଥିଲେ।

# ଆଖି ଚିକିତ୍ସା ପାଇଁ କାନ ଡ୍ରପ୍

### ଅଭିଯୋଗ ପରେ ଭୁଲ୍ ମାନିଲେ ଡାକ୍ତର

ଧୁଷୁରୀ,୨୦।୧(ଦୀପ୍ତିରଞ୍ଜନ ନାୟକ)

ରୋଗୀଙ୍କ ଚିକିତ୍ସାରେ ଅବହେଳା। ଆଖି ଚିକିତ୍ସା ପାଇଁ କାନ ଡ୍ରପ୍ ଲେଖିଦେଲେ ଡାକ୍ତର। ଭଦ୍ରକ ଜିଲା ଧୁଷୁରୀ ଏରିଆ ହସ୍ପିଟାଲର ଜଣେ ଡାକ୍ତରଙ୍କ ବିରୋଧରେ ଏଭଳି ଅଭିଯୋଗ ଆଣିଛନ୍ତି ଧାମନଗର ବ୍ଲକ ଅଧୀନ ନଦୀଗାଁ ପଞ୍ଚାୟତ ତିନିଘରିଆ ଗାଁର ଶ୍ରବଣ ମହାଳିକ। ସେ ଏନେଇ ମଙ୍ଗଳବାର ଧୁଷୁରୀ ଥାନାରେ ଅଭିଯୋଗ କରିଛନ୍ତି।

ସେ ଦର୍ଶାଇଛନ୍ତି ଯେ, ତାଙ୍କ ଆଖି ଚିକିତ୍ସା ପାଇଁ ସେ ସୋମବାର ଧୁଷୁରୀ ଏରିଆ ହସ୍ପିଟାଲକୁ ଯାଇଥିଲେ। ସେଠାରେ କାର୍ଯ୍ୟରତ ଜଣେ ଡାକ୍ତର ତାଙ୍କ ଆଖି ପରୀକ୍ଷା କରି ଆଇଡ୍ରପ୍ କିଣି ପକାଇବାକୁ ପ୍ରେସକ୍ରିପ୍‌ସନ ଲେଖିଥିଲେ। ତଦନୁଯାୟୀ ସେ ସେହି ଡ୍ରପ୍ କିଣି ଡାକ୍ତରଙ୍କୁ ଦେଖାଇ ଆଖିରେ ପକାଇଥିଲେ। ମାତ୍ର ତାହା ଅଧିକ ଯନ୍ତ୍ରଣା ଦେବାରୁ ସେ ପୁଣି ମଙ୍ଗଳବାର ଏହି ହସ୍ପିଟାଲକୁ ଆସି ଚିକିତ୍ସା କରିଥିବା ଡାକ୍ତରଙ୍କୁ ଦେଖା କରିବା ସହ ଆଖିର ଯନ୍ତ୍ରଣା ଅଧିକ ହେବା କଥା କହିଥିଲେ। ଡାକ୍ତର ଭୁଲ୍‌ରେ କାନ ଡ୍ରପ୍ ଦେଇଥିବା ସ୍ୱୀକାର କରିଛନ୍ତି। ଏଣୁ ତାଙ୍କ ଆଖି ଚିକିତ୍ସା ପାଇଁ ସେହି ଡାକ୍ତର ସମସ୍ତ ଅର୍ଥ ବହନ କରିବାକୁ ଶ୍ରବଣ ଦାବି କରିଛନ୍ତି। ଶ୍ରବଣଙ୍କ ଏତଲା କପିକୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଧାରୀଙ୍କ ନିକଟକୁ ପଠାଇଥିବା ଧୁଷୁରୀ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ କହିଛନ୍ତି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧାରୀଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।





ଶ୍ରବଣ ମହାଳିକ ଏତଲା ଧରି ଧୁଷୁରୀ ଥାନା ଆଗରେ ଛିଡ଼ା ହୋଇଛନ୍ତି।




# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଘରୋଇ ଆଇଟିଆଇ ମହାସଂଘର ଦ୍ୱିତୀୟ ବାର୍ଷିକ ଅଧିବେଶନ, ସ୍ଥାନ: ହୋଟେଲ ପୁଷ୍ପକ, କଳ୍ପନା ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଏଓଇସିଏ ପକ୍ଷରୁ ଆନୁଆଲ୍ ମିଟ୍, ସ୍ଥାନ: ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଇଂଜିନିୟର୍ସ, ସମୟ: ମଧ୍ୟାହ୍ନ ୧୨ଟା।
- 'ଅପେକ୍ଷା'ର ଅଡିଓ ଟେଲର ରିଲିଜ, ସ୍ଥାନ: ପ୍ରେସ କ୍ଲବ, ସମୟ: ଅପରାହ୍ନ ୪ଟା।
- ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ସମାବେଶ ଅବସରରେ କଳିଙ୍ଗ ଷ୍ଟାଡ଼ିୟମ୍‌ଠାରୁ ଜନତା ମଇଦାନ ପର୍ଯ୍ୟନ୍ତ ସଚେତନତା ପଦଯାତ୍ରା(ୱାକାଥନ), ସ୍ଥାନ:କଳିଙ୍ଗ ଷ୍ଟାଡ଼ିୟମ୍ ଗେଟ୍ ନଂ ୩, ସମୟ: ସକାଳ ୬ଟା୩୦।
- ରାଜ୍ୟସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ସମାବେଶ–୨୦୨୬, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୪ଟା।
- ଆଇସିସି ଓଡ଼ିଶା ପକ୍ଷରୁ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ହୋଟେଲ ଲେମନ୍ ଟ୍ରୀ, ସମୟ: ସନ୍ଧ୍ୟା ୬ଟା ୩୦।
- ମନନ ନାଟ୍ୟସଂସ୍ଥା ପକ୍ଷରୁ ଫାଉଣ୍ଡେଶନ୍ ଡେ' ପାଳନ ଅବସରରେ ଡ୍ରାମା ଫେଷ୍ଟିଭାଲ୍, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

**କଟକ**
- ରବି ମିଶ୍ରଙ୍କ ୧୬ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ନିଜିଗଡ କଲ୍ୟାଣ ମଣ୍ଡପ, ତିଗିରିଆ, ସମୟ: ସକାଳ ୮ଟା।
- ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ରାଜାବଗିଚା, ସମୟ: ପୂର୍ବାହ୍ନ ୧୦ଟା।
- ୨ୟ ପତିତପାବନ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଦୁଲାଳି ଦେବୀ ଉଚ୍ଚ ବାଳିକା ବିଦ୍ୟାଳୟ ଖେଳ ପଡ଼ିଆ, ନୂଆପାଟଣା, ତିଗିରିଆ, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱାଦଶ ଦିବସ, ସ୍ଥାନ: ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ସିଂଘଲ ପରିବାର ପକ୍ଷରୁ ଶ୍ରୀମଦ ଭାଗବତ କଥା ଜ୍ଞାନଯଜ୍ଞର ଉଦ୍‌ଯାପନ ଦିବସ, ସ୍ଥାନ: ଜେବିଏସ ଗାର୍ଡେନ, ତୁଳସୀ ପୁର, ସମୟ: ଅପରାହ୍ନ ୩ଟା।
- ଥିଏଟର ମୁଭମେଣ୍ଟ ପକ୍ଷରୁ ଗ୍ଲୋବାଲ ଥିଏଟର ଫେଷ୍ଟିଭାଲ୍‌ର ଉଦ୍‌ଘାଟନୀ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା।

**ପୁରୀ**
- ଶ୍ରୀକ୍ଷେତ୍ର ଦିବ୍ୟାଙ୍ଗ ସେବା ସଂଘର ବୈଠକ, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ପୂର୍ବାହ୍ନ ୧୧ଟା।
- ଉଡ଼ାନ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ନୀଳାଚଳ କୃଷକ ସଂଘ ପକ୍ଷରୁ ଗଣଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଦଇତାପତି ନିଯୋଗ କ୍ରିକେଟ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଜଗନ୍ନାଥ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା।

**ଖୋର୍ଦ୍ଧା**
- ଖୋର୍ଦ୍ଧା ଜିଲାସ୍ତରୀୟ ପଲ୍ଲିଶ୍ରୀ ମେଳାର ୫ମ ଦିବସ, ସ୍ଥାନ: ବିଡିଏ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱଦେଶୀ ସଂକଳ୍ପ ଯାତ୍ରା ରଥକୁ ସ୍ୱାଗତ, ସ୍ଥାନ: ମୁକୁନ୍ଦପ୍ରସାଦ ମେଲଣ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ପଥପ୍ରାନ୍ତ ସଭା ଓ ସଂକଳ୍ପ ପାଠ, ସ୍ଥାନ: ସମବାୟ ଛକ, ସମୟ: ସନ୍ଧ୍ୟା ୭ଟା।

**ବାଲେଶ୍ୱର**
- ୭୫ତମ ଗଙ୍ଗାମାତା ପୂଜା ଉତ୍ସବ, ସ୍ଥାନ:ବାହାବଳପୁର, ବାଲେଶ୍ୱର, ସମୟ:ସକାଳ ୮ଟା।
- ଅଷ୍ଟମ ଜିଲାପରିଷଦ ବୈଠକ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ:ଡଗରା ବେଳାଭୂମି ପରିସର, ବାଲିଆପାଳ, ସମୟ:ପୂର୍ବାହ୍ନ ୧୦ଟା।
- ସୂଚନା ଅଧିକାର ସଂଘର ବିକ୍ଷୋଭ ଏବଂ ଦାବିପତ୍ର ପ୍ରଦାନ, ସ୍ଥାନ:ବ୍ଲକ ସମ୍ମୁଖ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା।
- ସିଭିଲ୍ ସୋସାଇଟିର ବୈଠକ, ସ୍ଥାନ:ଉଠାଜଳସେଚନ କର୍ମଚାରୀ ଭବନ, ପଟ୍ଟୁଆଁପଦା, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- 'ନାଟ୍ୟପ୍ରଭା'ର ବାର୍ଷିକ ଉତ୍ସବ, ସ୍ଥାନ:ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର, ସମୟ:ଅପରାହ୍ନ ୫ଟା।
- ଏକ୍ସପୋ ଓଡ଼ିଶା–୨୦୨୬ ଉଦ୍‌ଘାଟନୀ, ସ୍ଥାନ:ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।
- ଚତୁର୍ଥ ବାର୍ଷିକ ହଳଦୀପଦା ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ:ପଶୁ ଡାକ୍ତରଖାନା ପଡ଼ିଆ, ହଳଦୀପଦା, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।

**ଭଦ୍ରକ**
- ପଳିକିରି ଭଗବାନପୁର ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାମୀ ବିବେକାନନ୍ଦ ଶିଶୁମନ୍ଦିରର ରଜତ ଜୟନ୍ତୀ ସମାରୋହ, ସ୍ଥାନ: ନିମାପଡା, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଧାମନଗର ପ୍ରେସ୍ କ୍ଲବର ବନ୍ଧୁମିଳନ ଓ ସାଧାରଣ ସଭା, ସ୍ଥାନ: ଫଳପୁର ଗ୍ରାମ୍ୟ ଜଙ୍ଗଲ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ନେହେରୁ ଷ୍ଟାଡ଼ିୟମ୍, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ଦିବଂଗତ ଡ. ରବୀନ୍ଦ୍ର ନାଥ ପଣ୍ଡାଙ୍କ ସ୍ମୃତିସଭା, ସ୍ଥାନ: ବିଶାଣିଖିଦିା, ଚରମ୍ପା, ସମୟ: ଅପରାହ୍ନ ୪ଟା।

**କେନ୍ଦୁଝର**
- ଟାଟା ପାୱାର ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ସଚେତନତା ରାଲି,ସ୍ଥାନ: ହୀରାକୁଦ କଲୋନୀ, ଯୋଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପାଟଣା ବ୍ଲକ୍‌ସ୍ତରୀୟ ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ, ସ୍ଥାନ:ଏରେଣ୍ଡେଇ ଭାରତ ସଂସ୍ଥା, ପାଟଣା,ସମୟ: ପୂର୍ବାହ୍ନ ୧୦ଟା୩୦।

**ମୟୂରଭଞ୍ଜ**
- ମା'ଶୀତଳା ଦେବୀଙ୍କ ବାର୍ଷିକ ଝାମୁଯାତ୍ରା ଅବସରରେ ନାମ ସଂକୀର୍ତ୍ତନ ଆରମ୍ଭ, ସ୍ଥାନ:ଡାକୋଇ କଲାରାଫୁଲିଆ, ମୋରଡ଼ା, ସମୟ: ସକାଳ ୬ଟା।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୦ଟା।
- ପିଏମଶ୍ରୀ ଉତ୍ସବ, ସ୍ଥାନ: ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଗଡ଼ିଗାଁ, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ୩୫ତମ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ସମାରୋହର ଉଦ୍‌ଘାଟନୀ ପର୍ବ,ସ୍ଥାନ: ଚିତ୍ରଡ଼ା, ପାଟପୁର ଷ୍ଟାଡିୟମ ପଡ଼ିଆ, ମୋରଡ଼ା, ସମୟ:ପୂର୍ବାହ୍ନ ୧୧ଟା।
- ମୋରଡ଼ା ପ୍ରିମିୟର ଲିଗର ପଞ୍ଚମ ଦିବସ, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ମୋରଡ଼ା, ସମୟ:ପୂର୍ବାହ୍ନ ୧୧ଟା।
- ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା, ସ୍ଥାନ: କଚେରୀ ଷ୍ଟାଡିୟମ, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।
- ମକର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସିଂହଟିଆ ଶିବ ମନ୍ଦିର ପ୍ରାଙ୍ଗଣ, ବଡ଼ସାହି, ସମୟ: ଅପରାହ୍ନ ୫ଟା।

**ଢେଙ୍କାନାଳ**
- ସଡ଼କ ସୁରକ୍ଷା ସଚେତନତା ସପ୍ତାହ ଅବସରରେ ବାଇକ ଶୋଭାଯାତ୍ରା, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସକାଳ ୮ଟା ୩୦।
- ଜିଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦ୍‌ଯାପନ, ସ୍ଥାନ: ମାତୃଭବନ, ବାରଦା, ସମୟ: ଅପରାହ୍ନ ୨ଟା।
- ଢେଙ୍କାନାଳ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ:ମହିଷାପାଟ ପଲ୍ଲିଶ୍ରୀ ପଡିଆ, ସମୟ: ସନ୍ଧ୍ୟା ୬ଟା।

**ଅନୁଗୋଳ**
- ଆଶିଷ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ, ସ୍ଥାନ: ଆଠମଲ୍ଲିକ ମାଣିକପଥର ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।

**ଜଗତ୍‌ସିଂହପୁର**
- କୋଷ୍ଟଗାର୍ଡର ୫୦ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ସଚେତନତା ସାଇକେଲ ରାଲି, ସ୍ଥାନ: କୋଷ୍ଟଗାର୍ଡ ମୁଖ୍ୟାଳୟ, ମଧୁବନ, ପାରାଦୀପ, ସମୟ: ସକାଳ ୬ଟା।

**କେନ୍ଦ୍ରାପଡ଼ା**
- ତ୍ରିବେଣୀ ମେଳା ରୁଦ୍ରଶାନ୍ତି ଯଜ୍ଞ, ସ୍ଥାନ: ଆର୍ତ୍ତେଶ୍ୱର ଶୈବ ପୀଠ, ସ୍ଥାନ: ଜଗନ୍ନାଥପୁର, ଡେରାବିଶ, ସମୟ: ସକାଳ ୭ଟା।
- ରକ୍ତଦାନ ଶିବିର, ସ୍ଥାନ: ସମୀର ଚିଭିଏସ, ଦୁହୁରିଆ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୮ଟା।
- ସାର୍ବଜନୀନ ଗଙ୍ଗା ପୂଜା, ମକର ମେଳା ଓ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ପାଞ୍ଚଗୋଛିଆ, ବେଣାକନ୍ଦା, ସୁନିତୀ, ମହାକାଳପଡ଼ା, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପାରା କ୍ରୀଡା ପ୍ରତିଯୋଗିତା, ସ୍ଥାନ: ଜେନା ପୋଖରୀ ପଡିଆ, ଗାରାପୁର ନିକଟ, ଜଜାଙ୍ଗ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- କରଞ୍ଜି ଦହିମାଛ ରାସ୍ତା ନିର୍ମାଣ ଅନିୟମିତତା ବିରୋଧରେ ଗଣଧାରଣା, ସ୍ଥାନ: ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ–୨, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀକୃପାସିନ୍ଧୁ ଦାସ ବାବାଜୀ ମହାରାଜ (ଅଖାବାବା)ଙ୍କ ସ୍ମରଣୋତ୍ସବ, ସ୍ଥାନ: ଶ୍ରୀନାମବ୍ରହ୍ମ ସେବାଶ୍ରମ, ଜେନାପାଟଣା, ପୁରୁଷୋତ୍ତମପୁର, ଦୁତିଆଳ, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଢ଼ୋଲ, ଜମରା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଜଙ୍ଗଲ ଅଧିକାର ଆଇନ–୨୦୦୬କୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବା ଦାବିରେ ଯାଜପୁର ଆଦିବାସୀ ସାନ୍ତାଳି ସମାଜ ଓ ନାଗରିକ ସମାଜ ପକ୍ଷରୁ ଗଣଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ଯାଜପୁରରୋଡ୍ ଟିଭି ରିପୋର୍ଟର ଆସୋସିଏସନ ପକ୍ଷରୁ ସଡ଼କ ସୁରକ୍ଷା ମାସ ପାଳନ, ସ୍ଥାନ: ବ୍ୟାସନଗରସ୍ଥିତ ରୟାଲ କଳିଙ୍ଗ ଛକ, ସମୟ ଅପରାହ୍ନ ୩ଟା୩୦।

**ନୟାଗଡ଼**
- ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପାଳନ ଅବସରରେ ବ୍ଲକସ୍ତରୀୟ ସାମୁହିକ ଗାନ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ସ୍ଥାନ:ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଭାପୁର, ସମୟ: ପୂର୍ବାହ୍ନ ୧୦ଟା।
- ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ:ବାହାଡାସ୍ଥିତ ଖଣ୍ଡପଡା ପଠାଣୀ ସାମନ୍ତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- 
- ସର୍ବ ଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ୩ୟ ଦିବସ ମ୍ୟାଚରେ ଓଡ଼ିଶା ପୋଲିସ କଟକ ବନାମ ଷ୍ଟୁ ଫୁଟ୍‌ବଲ କ୍ଲବ କାଶ୍ମୀର, ସ୍ଥାନ:ନୟାଗଡ଼ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା।

**ରାୟଗଡ଼ା**
- ବଂଶଧାରା ବସନ୍ତ ମହୋତ୍ସବ ପାଇଁ ମିନି ମାରାଥନ୍, ସ୍ଥାନ: ଗୁଣପୁର କଲେଜ, ସମୟ: ସକାଳ ୭ଟା।
- ବଂଶଧାରା ବସନ୍ତ ମହୋତ୍ସବର ଆଧାତ୍ମିକ କାର୍ଯ୍ୟକ୍ରମ ନିମନ୍ତେ କଳସଯାତ୍ରା, ସ୍ଥାନ: ବଂଶଧାରା ନଦୀଠାରୁ ଉତ୍ସବ ପଡ଼ିଆ, ଗୁଣପୁର, ସମୟ: ଅପରାହ୍ନ ୫ଟା।

**ନବରଙ୍ଗପୁର**
- ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା, ସ୍ଥାନ: ଡାବୁଗାଁ ବ୍ଲକ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।

**କୋରାପୁଟ**
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ ଅଫିସ ପରିସର, ବୈପାରୀଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ପୁକାଲି ନୋଡାଲ ହାଇସ୍କୁଲ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତସ୍ତରୀୟ ହିନ୍ଦୁ ସମ୍ମିଳନୀ, ସ୍ଥାନ: ମୁର୍କାର ସଦର ପଞ୍ଚାୟତ, ହନୁମାନ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଦିଗାପୁର ଆବାସିକ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଅନୁଷ୍ଠାନ ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ବିଭିନ୍ନ ଭିତ୍ତିଭୂମି ବିକାଶ ପ୍ରକଳ୍ପ ଅଗ୍ରଗତି ନେଇ ସମୀକ୍ଷା, ସ୍ଥାନ: ଓସ୍ୱାନ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୩ ଟା।
- ଆଦର୍ଶ ବିଦ୍ୟାଳୟ ହଷ୍ଟେଲର ଷ୍ଟାଫ ପଦବୀ ନେଇ ସମୀକ୍ଷା, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ଟା।

**ସମ୍ବଲପୁର**
- ସମ୍ବଲପୁରୀ ଧନୁଯାତ୍ରାର କୃଷ୍ଣଲୀଳା କାର୍ଯ୍ୟକ୍ରମ, ସ୍ଥାନ : ଚାଉଁରପୁର ଗ୍ରାମ, ସମୟ : ସକାଳ ୯ଟା।
- ୨୩ ବର୍ଷରୁ କମ୍ ଓଡ଼ିଶା ଓ ହରିୟାଣା କ୍ରିକେଟ ମ୍ୟାଚର ପ୍ରସ୍ତୁତି ବୈଠକ, ସ୍ଥାନ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ପୂର୍ବାହ୍ନ ୧୧ଟା ୩୦।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ କମିଟି ପକ୍ଷରୁ କଂସ ମହାରାଜଙ୍କ ନଗର ପରିକ୍ରମା, ସ୍ଥାନ : ସାକ୍ଷୀପଡା ଅଞ୍ଚଳ, ସମୟ : ଅପରାହ୍ନ ୩ଟା।
- ସମ୍ବଲପୁରୀ ଧନୁଯାତ୍ରାର କଂସ ଦରବାରରେ ବିବିଧ କାର୍ଯ୍ୟକ୍ରମ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ସେଲିବ୍ରିଟି କପ କ୍ରିକେଟ ଟୁର୍ନାମେଣ୍ଟର ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ଭ୍ରାମ୍ୟମାଣ ଆଇନ ସେବା ଶିବିର, ସ୍ଥାନ: କୁମିଆପାଲି, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଲୋକବାଦ୍ୟ ପ୍ରତିଯୋଗିତା, ସ୍ଥାନ: ପୁରୁଣା ମଞ୍ଚ, କୋଶଳ କଳା ମଣ୍ଡଳ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଲୋକସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ନୂଆ ମଞ୍ଚ, କୋଶଳ କଳାମଣ୍ଡଳ, ବଲାଙ୍ଗୀର, ସମୟ: ଅପରାହ୍ନ ୫ଟା।
- ସାଂସ୍କୃତିକ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୂଆ ମଞ୍ଚ, କୋଶଳ କଳାମଣ୍ଡଳ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

**ରାଉରକେଲା**
- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରାଉରକେଲା କଳିଙ୍ଗ ବିହାର ଫେଜ୍–୨, ସମୟ: ସକାଳ ୮ଟା।
- ମାସିକ ସାହିତ୍ୟ ଆସର, ସ୍ଥାନ: ମଧୁସୂଦନ ପାଠାଗାର, ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା।

**ବରଗଡ଼**
- ଶ୍ରୀ ଶ୍ରୀ ଭାଗବତ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ:କୁଜାପାଲି (ଗୋଡଭଗା), ଅତାବିରା, ସମୟ:ସକାଳ ୮ଟା।
- ଶ୍ରୀ ଶ୍ରୀ ରାମ ଲଲାଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: କୁମ୍ଭାରୀ, ବରପାଲି, ସମୟ:ସକାଳ ୮ଟା।
- ବେଦ ପ୍ରବଚନ, ସ୍ଥାନ:ଶ୍ରୀମା ସଙ୍ଗୀତ ସମିତି, ଶକ୍ତି ନଗର, ବରଗଡ଼,ସମୟ: ସନ୍ଧ୍ୟା ୬ଟା।

**ବୌଦ୍ଧ**
- ପ୍ରଭୁ ଶ୍ରୀ ଜଗନ୍ନାଥ ଓ ଶ୍ରୀ ରାମଚନ୍ଦ୍ରଙ୍କ ଯୁଗ୍ମ ମନ୍ଦିର ବାର୍ଷିକୋତ୍ସବ ଅବସରରେ ନାମଯଜ୍ଞ, ସ୍ଥାନ: ନାରାୟଣ ନଗର ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ନବମ ଗଡଜାତ ଲୋକ ମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ: ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ପଡିଆ, ବୀରନରସିଂହପୁର, ହରଭଙ୍ଗା ବ୍ଲକ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

**ଦେବଗଡ଼**
- ଜାତୀୟ କନ୍ୟା ଦିବସ ଅବସରରେ ବେଟି ବଚାଓ ବେଟି ପଢ଼ାଓ ପଦଯାତ୍ରା, ସ୍ଥାନ: ବାଳିକା ଉଚ୍ଚ ବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍ସବ ପ୍ରଧାନପାଟ ୨୦୨୬ ଚତୁର୍ଥ ସନ୍ଧ୍ୟା, ସ୍ଥାନ: ପ୍ରଧାନପାଟ ରୋଡ ବଡ଼ବଗିଚା, ସମୟ: ଅପରାହ୍ନ ୫ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

**ସୁବର୍ଣ୍ଣପୁର**
- ପାତାଳି ମହୋତ୍ସବରେ ଛପନ ପ୍ରହର ନମଯଜ୍ଞର ତୃତୀୟ ଦିବସ, ସ୍ଥାନ: ପାତାଳି ଶ୍ରୀକ୍ଷେତ୍ର, କୋଟସମଲାଇ,ଉଲୁଣ୍ଡା ବ୍ଲକ, ସମୟ:ସକାଳ ୭ଟା।
- ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟର ତୃତୀୟ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଜେଏସସିସି କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: କେନଝିରିଆପାଲି ହାଇ ସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।

**ନୂଆପଡ଼ା**
- ପାତଳଗଙ୍ଗା ମହୋତ୍ସବ ଉପଲକ୍ଷେ ମଶାଲ ଶୋଭାଯାତ୍ରା, ସ୍ଥାନ: ଦ୍ୱାରଶନୀ ମନ୍ଦିରଠାରୁ ହାଇସ୍କୁଲ ପଡିଆ, ସମୟ: ସକାଳ ୮ଟା।
- ପୌର ପ୍ରଶାସନର ବନ୍ଦେ ମାତରମ୍ କାର୍ଯ୍ୟକ୍ରମ, ସ୍ଥାନ: ୱାର୍ଡ ନଂ.୭ କୁରୁମୁଣ୍ଡା, ଖରିଆର ରୋଡ୍, ସମୟ: ପୂର୍ବାହ୍ନ ୧୦ଟା।
- ପାତାଳଗଙ୍ଗା ଲୋକ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ବୋଡେନ ଉଚ୍ଚ ବିଦ୍ୟାଳୟ ପଡିଆର ଦ୍ୱାରଶନୀ ମଞ୍ଚ, ସମୟ: ସନ୍ଧ୍ୟା ୬ଟା।

**ଝାରସୁଗୁଡ଼ା**
- ଏକାଦଶ ସ୍କନ୍ଦ ଭାଗବତ ପଠନ, ସ୍ଥାନ:ମହାକାଳ ମନ୍ଦିର,ବାଗଡ଼ିହି, ସମୟ:ସକାଳ ୮ଟା।
- ନେତାଜୀ ହାଇସ୍କୁଲର ସିଲଭର ଜୁବ୍ଲିଉତ୍ସବ ପାଳନ, ସ୍ଥାନ:ନେତାଜୀ ହାଇସ୍କୁଲ, ବୁଢୀପଦର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରିପୁରା ଗ୍ରାମବାସୀଙ୍କ ଦ୍ୱାରା ବଡ଼ମାଲ ଆଇଆଇସିଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ବଡ଼ମାଲ ଥାନା ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଳ ତ ହେଲାଣି ବାବରା**
**ଅସତୀ ଖାଇଲେ ସରୁ ଚାଉଳ**
**ସତୀ କି ନ ମିଳେ ବଗଡ଼ା ।**

ବିଟପି ବା ଦୁଶ୍ଚରିତ୍ର ନାରୀଙ୍କ ପ୍ରତି ମନରେ ଦରଦ ଅଥଚ ଧର୍ମକର୍ମ କରୁଥିବା ବ୍ୟକ୍ତିଙ୍କ ପ୍ରତି ମନରେ ଘୃଣା, ହିଂସା ଭାବ। କାଳର ଓଲଟା ଗତି। ସମାଜରେ ଭଲ ବା ଉତ୍ତମ ବ୍ୟକ୍ତିଙ୍କୁ ଯେତେ ଆଦର ସମ୍ମାନ ମିଳି ନ ଥାଏ ତା'ଠାରୁ କାହିଁ କେତେଗୁଣ ପ୍ରାଧାନ୍ୟ ଖଳ ବା ଦୁଶ୍ଚରିତ୍ର ବ୍ୟକ୍ତିଙ୍କୁ ଦିଆଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କୁଳ କନିଆଁ କି କାଳୀ,**
**ତୀର୍ଥ ଜଳ କି ଗୋଳି ?**

ଉଚ୍ଚବଂଶୀୟା କନ୍ୟା ଯେତେ ଶ୍ୟାମଳୀ ହେଲେ ମଧ୍ୟ ସେ ଆଦୃତା ବା ଗ୍ରହଣୀୟା ହୋଇଥାଏ। ସେହିପରି ତୀର୍ଥଜଳ ଗୋଳିଆ ହେଲେ ବି ତାକୁ ପବିତ୍ର ବୋଲି ମନେ କରାଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମାନେକାଙ୍କୁ ଅଦାଲତ ଅବମାନନା ଚେତାବନୀ

## ବୁଲା କୁକୁର ରାୟକୁ ସମାଲୋଚନା ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

ନୂଆଦିଲ୍ଲୀ,୨୦।୧(ପି.ଟି.)

ବୁଲା କୁକୁର ସମ୍ପର୍କିତ ରାୟକୁ ସମାଲୋଚନା କରିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀଙ୍କ ଉପରେ ସୁପ୍ରିମକୋର୍ଟ ମଙ୍ଗଳବାର କ୍ଷୁବ୍ଧ ହୋଇଛନ୍ତି। ମାନେକା ଅଦାଲତ ଅବମାନନା କରିଥିବା ଜଷ୍ଟିସ୍ ବିକ୍ରମ ନାଥ, ସନ୍ଦିପ୍ ମେହେଟ୍ଟା ଏବଂ ଏନ୍.ଭି. ଅଞ୍ଜାରିଆଙ୍କ ଖଣ୍ଡପୀଠ କହିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ କିଛି ଚିନ୍ତା ନ କରି ଯେକୌଣସି ମନ୍ତବ୍ୟ ଦେଇଦେଉଛନ୍ତି। ତେବେ ଉଦାରତା କାରଣରୁ ଖଣ୍ଡପୀଠ ତାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲାରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରୁ ନ ଥିବା କହିଛନ୍ତି।



ମାନେକା ଗାନ୍ଧୀ

ବୁଲା କୁକୁର ସମସ୍ୟା ଦୂର କରିବା ଦିଗରେ ଜଣେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭାବେ ମାନେକା କ'ଣ ଆର୍ଥିକ ବ୍ୟବସ୍ଥା କରିଛନ୍ତି ବୋଲି ଜଷ୍ଟିସ୍ ମେହେଟ୍ଟା ତାଙ୍କ ଓକିଲ ରାଜୁ ରାମଚନ୍ଦ୍ରନଙ୍କୁ ପ୍ରଶ୍ନ କରିଥିଲେ। ବଜେଟ ମଞ୍ଜୁରୀ ଏକ ନୀତିଗତ ବ୍ୟବସ୍ଥା ବୋଲି ରାମଚନ୍ଦ୍ରନ କହିଥିଲେ। ଆତଙ୍କବାଦୀ ଅଜମଲ କସବ ମଧ୍ୟ ଅଦାଲତ ଅବମାନନା କରି ନ ଥିଲେ, କିନ୍ତୁ ଆପଣଙ୍କ ମହକିଲ କରିଛନ୍ତି ବୋଲି ରାମଚନ୍ଦ୍ରନଙ୍କୁ ଜଷ୍ଟିସ୍ ନାଥ କହିଥିଲେ।

ସୂଚନାଯୋଗ୍ୟ, କୁକୁର କାମୁଡ଼ିଲେ ସମ୍ପୃକ୍ତ ରାଜ୍ୟକୁ ବିପୁଳ କ୍ଷତିପୂରଣ ଦେବାକୁ ପଡ଼ିବ ବୋଲି ସୁପ୍ରିମକୋର୍ଟ ଗତ ୧୩ ତାରିଖରେ ରାୟ ଦେବା ସହ ଯେଉଁମାନେ କୁକୁରଙ୍କୁ ବାହାରେ ଖାଦ୍ୟ ଦେଉଛନ୍ତି, ସେମାନଙ୍କୁ ଉତ୍ତରଦାୟୀ କରାଯିବ ବୋଲି କହିଥିଲେ। ଗତ ୫ ବର୍ଷ ହେଲା ବୁଲା କୁକୁରଙ୍କ ପାଇଁ ଥିବା ନିୟମର ଅନୁପାଳନ ହେଉ ନ ଥିବାରୁ ସର୍ବୋଚ୍ଚ ଅଦାଲତ ଚିନ୍ତାବ୍ୟକ୍ତ କରିଥିଲେ।

## ତଦନ୍ତ କରିବ... ପ୍ରଥମ ପୃଷ୍ଠାରୁ...

କେନ୍ଦ୍ର ସରକାରୀ କର୍ମଚାରୀଙ୍କ ବିରୋଧରେ ଦୁର୍ନୀତି ମାମଲାର ତଦନ୍ତ କରିବାକୁ ଦାୟିତ୍ୱ ଦିଆଯାଇଛି। ରାଜ୍ୟର ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା ଦୁର୍ନୀତି ନିରୋଧୀ ବ୍ୟୁରୋ (ଏସିବି) କର୍ମଚାରୀଙ୍କୁ ଦୁର୍ନୀତି ଓ ଲାଞ୍ଚ ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଥିବା ଖଣ୍ଡପୀଠ କହିଛନ୍ତି। ତେବେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ଅପରାଧରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ବିନା ୱାରେଣ୍ଟରେ ଗିରଫ କରିପାରିବା ସହ ତଦନ୍ତ କରିପାରିବ।

ରାଜସ୍ଥାନ ହାଇକୋର୍ଟ ଜଣେ କେନ୍ଦ୍ରୀୟ କର୍ମଚାରୀଙ୍କ ବିରୋଧରେ ଦୁର୍ନୀତି ମାମଲା ଖାରଜ କରିବାକୁ ମନା କରିଦେଇଥିବାବେଳେ ସର୍ବୋଚ୍ଚ ଅଦାଲତ ଉକ୍ତ ରାୟକୁ କାଏମ ରଖିବା ଅବସରରେ ଉପରୋକ୍ତ ରାୟ ଦେଇଛନ୍ତି। ଅଭିଯୁକ୍ତ କେନ୍ଦ୍ରୀୟ କର୍ମଚାରୀ ହୋଇଥିଲେ ମଧ୍ୟ ଦୁର୍ନୀତି ନିବାରଣ ଆଇନର ବ୍ୟବସ୍ଥା ଅନୁଯାୟୀ ଆପରାଧିକ ମାମଲା ରୁଜୁ କରିବା କ୍ଷମତା ରାଜସ୍ଥାନ ଏସିବିର ରହିଛି ବୋଲି ହାଇକୋର୍ଟ ରୁଲିଂ ଦେଇଥିଲେ। ହାଇକୋର୍ଟ ଠିକ୍ ନିଷ୍ପତ୍ତି ନେଇଛନ୍ତି। କେବଳ ସିବିଆଇ ଦୁର୍ନୀତି ମାମଲାର ତଦନ୍ତ କରିପାରିବ କହିବା ଭୁଲ୍ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଦେଇଛନ୍ତି।

## ହୀରାକୁଦରେ ୫ ନୂଆ...

୫ ନୂତନ ପ୍ରଜାତିର ବିଦେଶାଗତ ପକ୍ଷୀଙ୍କୁ ଠାବ କରାଯାଇଛି। ସେଥିମଧ୍ୟରେ ରଡିକ୍ରେକ୍, ଗ୍ରେଟର୍ ପେଣ୍ଟେଡ୍ ସ୍ନାଇପ୍, ପେଣ୍ଟେଡ୍ ଷ୍ଟର୍କ, ଲିଟିଲ୍ ଗଲ୍ ଓ ସେଣ୍ଡରଲିଂ। ଏହି ନୂତନ ପ୍ରଜାତିର ସମସ୍ତ ପକ୍ଷୀ ସାଇବେରିଆ ଓ ଉତ୍ତର ଆମେରିକା ଅଞ୍ଚଳର ବୋଲି ସେ କହିଛନ୍ତି। ଓଡ଼ିଶା–ଛତିଶଗଡ଼ ସୀମାନ୍ତ ଲାଉଁସରା ଅଞ୍ଚଳରେ ସର୍ବାଧିକ ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଥିବା ପରିଲକ୍ଷିତ ହୋଇଛି। ତେବେ ଚଳିତବର୍ଷ ହୀରାକୁଦ ଜଳଭଣ୍ଡାରରେ ସର୍ବାଧିକ ୭୧ହଜାର ପଫ୍ଟେଡ୍ ଡକ୍, ଦ୍ୱିତୀୟ ସର୍ବାଧିକ ପ୍ରାୟ ୬୦ ହଜାର ଲେସର୍ ହ୍ୱିସିଲିଂ ଓ ତୃତୀୟ ସର୍ବାଧିକ ୫୦ ହଜାର ସଂଖ୍ୟାକ କମନ୍ କୁଟ୍ ପ୍ରଜାତିର ପକ୍ଷୀଙ୍କ ସମାଗମ ହୋଇଛି ବୋଲି ଡିଏଫ୍ଓ ଦାସ କହିଛନ୍ତି।

ସୂଚନାଯୋଗ୍ୟ ଯେ, ହୀରାକୁଦ ଜଳଭଣ୍ଡାରର ଆର୍ଦ୍ରଭୂମି ଓ ପାୱାର ଚ୍ୟାନେଲ୍ ଆଦି ଅଞ୍ଚଳରେ ୨୦୨୬ ଜାନୁୟାରୀ ୧୮ ତାରିଖ ସକାଳ ୫ଟାରୁ ସନ୍ଧ୍ୟା ୬ଟାରେ ସମ୍ପୂର୍ଣ୍ଣ ଆର୍ଦ୍ରଭୂମି ପକ୍ଷୀ ଗଣନା କାର୍ଯ୍ୟ ସମ୍ପାଦିତ ହୋଇଥିଲା। ପକ୍ଷୀ ବିଶେଷଜ୍ଞ, ବନକର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ଏକ ୯୨ଜଣିଆ ପ୍ରତିନିଧି ୩୨ଟି ଦଳରେ ଭାଗ ହୋଇ ୨୧ଟି ସେକ୍ଟରରେ ବିଭକ୍ତ ସମଗ୍ର ଜଳଭଣ୍ଡାରରେ ପକ୍ଷୀ ଗଣନା କରିଥିଲେ। ୨୦୨୫ ମସିହାରେ ଏଠାରେ ପ୍ରାୟ ୧୨୨ ପ୍ରଜାତିର ୩ ଲକ୍ଷ ୭୭ ହଜାର ୭୩୨ଟି ବିଦେଶାଗତ ପକ୍ଷୀଙ୍କୁ ଠାବ କରାଯାଇଥିଲା।

## ୨୩ରେ ଓଡ଼ିଶା...

ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୃହ, ଖଣି ତଥା ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂଙ୍କ ସମେତ ଅନ୍ୟ ସମ୍ପୃକ୍ତ ବିଭିନ୍ନ ବିଭାଗର ସଚିବ ଓ ବରିଷ୍ଠ ପଦାଧିକାରୀ ଯୋଗଦେଇଥିଲେ। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ବିଶିଷ୍ଟ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ପ୍ରତିଷ୍ଠା ଲାଭ କରିବେ। ଶନି କ୍ଷେତ୍ରସ୍ଥ ରବି ହେତୁ ଭଲ କଥା କହିଲେ ମଧ୍ୟ ତାହାକୁ ଅନ୍ୟମାନେ ଭିନ୍ନାର୍ଥରେ ଗ୍ରହଣ କରିପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ଫେରିପାଇବେ ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ। ପାରିବାରିକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ।

**ବୃଷ** – ବନ୍ଧୁଙ୍କ ସହାୟତାରେ ଆଜିର କର୍ମକ୍ଷେତ୍ରରେ ପ୍ରତ୍ୟେକ କାମକୁ ସୁରୁଖୁରୁରେ କରାଇନେବେ। ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଅଶାନ୍ତିଜନିତ ମାନସିକ ଉଦ୍‌ବେଗ ବଢ଼ିପାରେ। ସାହିତ୍ୟ, ସାମ୍ବାଦିକତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ କ୍ଷେତ୍ରରୁ ସୁଫଳ ମିଳିବ। କିନ୍ତୁ ପରିବହନ, ପ୍ରକାଶନ ଏବଂ ପ୍ରଶାସନିକ ସ୍ତରରେ ସମସ୍ୟା ଆସିପାରେ।

**ମିଥୁନ** – ଆଜି ଶାରୀରିକ ସ୍ୱାସ୍ଥ୍ୟ ସଙ୍ଗକୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହେବ। ସରକାରୀ କ୍ଷେତ୍ରରୁ ଋଣସୂତ୍ରରେ ଅର୍ଥଲାଭର ଆଶା ରହିଛି। ଭୁଲ୍ ବୁଝାମଣା କାରଣରୁ ସହକର୍ମୀଙ୍କ ପ୍ରତ୍ୟେକ କଥା ଓ କାର୍ଯ୍ୟକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି।

**କର୍କଟ** – ମନ ବିଚଳିତ ରହିବା କାରଣରୁ ପ୍ରତ୍ୟେକ କାମ ସୁବିଧାରେ ସମ୍ପନ୍ନ କଷ୍ଟକର ହେବ। ପାପଗ୍ରହ ଯୁକ୍ତ ଚନ୍ଦ୍ରଙ୍କ ପ୍ରଭାବରେ ଗୁରୁତ୍ୱପୂର୍ଣ୍ଣ କଥାଟିକୁ ପାସୋରି ଦେଇପାରନ୍ତି। ନିର୍ମାଣ, ପ୍ରେସ୍, ପବ୍ଲିକେଶନ ଓ ସଭାସମିତିରେ କାମ ସୁରୁଖୁରୁରେ ସମ୍ପନ୍ନ ହେବ। ଭୁଲ୍ ବୁଝାମଣାରୁ ବନ୍ଧୁଙ୍କ ସହ ସମ୍ପର୍କରେ ତିକ୍ତତା ସୃଷ୍ଟିର ଆଶଙ୍କା ମଧ୍ୟ ରହିଛି।

**ସିଂହ** – ମନରେ ଅଶାନ୍ତି ଭରି ରହିଥିଲେ ମଧ୍ୟ ଶୁକ୍ରଙ୍କ ପ୍ରଭାବରେ କୌଣସି କାର୍ଯ୍ୟ ଅଟକିବ ନାହିଁ। ବୃହସ୍ପତିଙ୍କ ଦ୍ୱାରା ନୂତନ ଯୋଜନାରମ୍ଭରେ ମୌଖିକ ଆଲୋଚନା କରିବା ଭଲ। ହିତୈଷୀମାନେ ସହଯୋଗର ହାତ ବଢ଼ାଇପାରନ୍ତି। କର୍ମକ୍ଷେତ୍ରରେ ଅବହେଳା କାରଣରୁ ମଘା ନକ୍ଷତ୍ରର କେତେକ ସୁଯୋଗ ହାତଛଡ଼ା ହୋଇପାରେ।

**କନ୍ୟା** – ଶନିଙ୍କ କୁପ୍ରଭାବରୁ ସନ୍ତାନଙ୍କ ବିଶୃଙ୍ଖଳାରୁ ଅଶାନ୍ତ ରହିପାରନ୍ତି। ଏହା ସଙ୍ଗକୁ ପାପଯୁକ୍ତ ଚନ୍ଦ୍ର ମଧ୍ୟ ମାନସିକ ଅସ୍ଥିରତାକୁ ବୃଦ୍ଧି କରିବ। ନିଜର ସନ୍ଦେହୀ ମନୋଭାବ ହେତୁ କେତେକ ଅନାକାଂକ୍ଷିତ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। କୌଣସି ଭଦ୍ର ମହିଳାଙ୍କ ସହଯୋଗରେ ବକେୟା ଅର୍ଥ ଆଦାୟ କରିପାରନ୍ତି।

**ତୁଳା** – ଆଜି ଅର୍ଥ ଓ ସମ୍ମାନ ଲାଭର ସୁଯୋଗ ପ୍ରାପ୍ତ ହେବ। ବନ୍ଧୁଙ୍କ ସାହାଯ୍ୟରେ ସ୍ଥଗିତ କାର୍ଯ୍ୟକୁ ପୁନଃ ଆରମ୍ଭର ଯୋଜନା କରିପାରନ୍ତି। କେତେକ ଅପୂରଣୀୟ ଆଶା ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ। ଆଜିର କର୍ମକ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ। ସାହିତ୍ୟ, ସାମ୍ବାଦିକତା ଓ ଅର୍ଥନୀତି କ୍ଷେତ୍ରରେ ସଫଳତା ହାସଲ କରିବେ।

**ବିଛା** – ଚିନ୍ତାଧାରା ଅନୁଯାୟୀ କୌଣସି କାର୍ଯ୍ୟ ହୋଇପାରିବ ନାହିଁ, ଯାହାକୁ ନିଜର ମନେକରୁଛନ୍ତି, ସେହିମାନଙ୍କର କାର୍ଯ୍ୟକଳାପ ହିଁ ଅଶାନ୍ତିର ପୃଷ୍ଠଭୂମି ସାଜିବ। ପରିବାରରେ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସମାଧାନ କରିପାରିବେ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନରେ ସମସ୍ୟା ସମାଧାନ ହେବାର ଆଶା ରହିଛି।

**ଧନୁ** – ପରିବାର ସ୍ଥାନରେ ଶନି ରହିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଅବହେଳିତ କରି ରଖିପାରନ୍ତି। ଅଷ୍ଟମାଧିପତି ତୃତୀୟସ୍ଥ ଯୋଗୁ ଭ୍ରାତୃବିବାଦରୁ ଅସ୍ଥିରତା ଯୋଗୁ ବିଷାଦଗ୍ରସ୍ତ ରହିବେ। ଯେତେ ସମସ୍ୟା ଆସିଲେ ମଧ୍ୟ ତାହାର ସାମ୍ନା କରିବାରେ ସଫଳ ହେବେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହୋଇଯିବ।

**ମକର** – ପାପଯୁକ୍ତ ଚନ୍ଦ୍ରଙ୍କ ପ୍ରଭାବରେ ମାନସିକ ଅସ୍ଥିରତା ପ୍ରତ୍ୟେକ କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି କରିବ। ଶନି ଆପଣଙ୍କୁ ମୂଲ୍ୟହୀନ କଥାରେ ନିମଗ୍ନ କରାଇ ବ୍ୟଥିତ କରିପାରେ। ଏକାଧିକ କାର୍ଯ୍ୟରେ ଜଡ଼ିତ ରହି କୌଣସି କାର୍ଯ୍ୟରେ ସଫଳତା ପାଇବେ ନାହିଁ। ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇଁ ବନ୍ଧୁଙ୍କୁ ବିନୟପୂର୍ଣ୍ଣ କଥା କହିପାରନ୍ତି।

**କୁମ୍ଭ** – ଲାଗିରହିଥିବା ସ୍ୱାସ୍ଥ୍ୟ ସମସ୍ୟା, କରଜ ଓ ପୂର୍ବ ଶତ୍ରୁତା ସମ୍ବନ୍ଧୀୟ ଦୁଶ୍ଚିନ୍ତା ବିଚଳିତ କରିପାରେ। ଆଜିର ଯାତ୍ରା, ବନ୍ଧୁସମ୍ପର୍କ, ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ସଫଳତା ହାସଲ କରିପାରିବେ। ପରିବାରରେ ନିକଟ ସମ୍ପର୍କୀୟମାନଙ୍କ ପକ୍ଷପାତିତାକୁ ନାପସନ୍ଦ କରିପାରନ୍ତି।

**ମୀନ** – ପାପଯୁକ୍ତ ଚନ୍ଦ୍ର ଦ୍ୱାଦଶଭାବସ୍ଥ ହେତୁ ପରିସ୍ଥିତିବଶତଃ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ବନ୍ଧୁଙ୍କ ଖାପଛଡ଼ା କଥା ଓ ବେଖାତିର ମନୋଭାବ ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ସମ୍ପର୍କୀୟମାନଙ୍କ ଅଭିଯୋଗ ଏବଂ ପଡ଼ୋଶୀଙ୍କ ଟାହି ଟାପରା ମନକୁ ବିଭ୍ରାନ୍ତ କରିପାରେ। ଆନୁଷ୍ଠାନିକ କାମରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ଜାନୁୟାରୀ ୨୧ ତାରିଖ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପଦ୍ମମୁଖ ବେଶ, ମାଘ ଶୁକ୍ଳ ତୃତୀୟା ବୁଧବାର। ରାଶିନକ୍ଷତ୍ର–ଧନିଷ୍ଠା/କୁମ୍ଭ, ଦିବା ଘ.୦୧।୫୭ମି. ଗତେ ଶତଭିଷା, ନକ୍ଷତ୍ର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୬।୨୭ମି. ଗତେ ଘ.୦୭।୫୫ମି. ମଧ୍ୟେ, ଘ.୧୦।୩୫ମି. ଗତେ ଘ.୧୧।୩୫ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧।୫୭ମି. ଗତେ ଘ.୦୧।୨୦ମି. ମଧ୍ୟେ ରାହୁ କାଳ।

## ଦୁର୍ଘଟଣାରେ କାର୍ ଚୂର୍‌ମାର, ୨ ସାଙ୍ଗ ମୃତ

ବଘିଆପଡ଼ା,୨୦।୧ (ଶ୍ରୀକାନ୍ତ ସାହୁ): ବୌଦ୍ଧ ଜିଲା ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ତେଲିବନ୍ଧଠାରେ ମଙ୍ଗଳବାର ଭୋର୍ ସମୟରେ ଏକ ଦୁର୍ଘଟଣା ଘଟିଛି। ଗାଡ଼ି ଧକ୍କାରେ ଏକ କାର୍ ଚୂର୍‌ମାର ହୋଇଥିବାବେଳେ ସେଥିରେ ଥିବା ୨ ସାଙ୍ଗ ମନମୁଣ୍ଡା ଥାନା ଦେଉଳିର ଆଶୁତୋଷ ସାହା (୨୪) ଏବଂ ଗୁଡଭେଲିପଦରର ନିତିନ ଦ୍ୱାରି (୨୪)ଙ୍କ ମୃତ୍ୟୁ ଘଟିଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ମୃତଦେହ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲକୁ ପଠାଇଛି। ଏ ନେଇ ଏକ ମାମଲା (ନଂ.୩୫/୨୬) ରୁଜୁ କରାଯାଇଥିବା ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି।




# ନବୀନ ନିବାସରେ ବୈଠକ

ଭୁବନେଶ୍ୱର, ୨୦।୧ (ସୁନିତ୍ ମିଶ୍ର)



## ଏମାନେ ଏବେ ଅଲୋଡ଼ା

ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କିଛିଦିନ ହେଲା ବହୁମାତ୍ରାରେ ଚଳଚଞ୍ଚଳ ହୋଇ ଦଳୀୟ କାର୍ଯ୍ୟକ୍ରମ କରୁଛନ୍ତି। କେତେବେଳେ ବିଧାୟକମାନଙ୍କ ସହ ସିଧାସଳଖ ଆଲୋଚନା କରୁଛନ୍ତି ତ ଆଉ କେତେବେଳେ ବରିଷ୍ଠ ନେତାଙ୍କୁ ନବୀନ ନିବାସକୁ ଡାକି କଥା ହେଉଛନ୍ତି। ନବୀନ ନିବାସ ଭିତରୁ ବାରମ୍ବାର ଡକରା ମିଳିବା ପରେ ହାତଗଣତି କେତେଜଣ ନେତା ବର୍ତ୍ତମାନ କୁତୁକୁତୁ ହୋଇପଡ଼ିଛନ୍ତି। ଯେତେବେଳେ ସେମାନେ ନବୀନ ନିବାସରେ ପଶୁଥିବାର ଭିଡିଓ ଏବଂ ଫଟୋ ଗଣମାଧ୍ୟମରେ ଦେଖୁଛନ୍ତି ଖୁସିରେ ଫାଟି ପଡୁଛନ୍ତି ବୋଲି ରାଜନୈତିକ ମହଲରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ହେଲେ ରାଜ୍ୟ ରାଜନୀତିରେ ଏବଂ ନିଜ ନିର୍ବାଚନମଣ୍ଡଳୀ ବା ଜିଲାରେ ଏକାଧିକ ଥର ନିର୍ବାଚନ ଲଢି ବିଜୟୀ ହେଉଥିବା ଅନେକ ଚେହେରା ବର୍ତ୍ତମାନ ଦଳରେ ଅଲୋଡ଼ା ହୋଇପଡିଛନ୍ତି। ରାଜ୍ୟରେ ଏଭଳି ଉଦାହରଣ ଦେଖିଲେ ଅନେକଙ୍କ କଥା ଉଲ୍ଲେଖ କରାଯାଇପାରିବ।

ସୂଚନାଯୋଗ୍ୟ, ନବୀନ ବିଜେଡିର କେତେଜଣ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ପ୍ରତାପ ଜେନା, ପ୍ରମିଳା ମଲିକ ଏବଂ ଦେବୀ ମିଶ୍ରଙ୍କ ସହିତ ମଙ୍ଗଳବାର ଆଲୋଚନା କରିଛନ୍ତି। ମିଳିଥିବା ସୂଚନା ମୁତାବକ, ନିକଟରେ ଦଳରୁ ୨ ବିଧାୟକ ସନାତନ ମହାକୁଡ଼ ଏବଂ ଅରବିନ୍ଦ ମହାପାତ୍ରଙ୍କୁ ନିଲମ୍ବନ କରିବା ପରେ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ବିରୋଧରେ କାହିଁକି କେହି ପ୍ରତିକ୍ରିୟା ଦେଉନାହାନ୍ତି ବୋଲି କୁଆଡ଼େ ନବୀନ ପଚାରିଥିଲେ। ତେବେ ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସଞ୍ଜୟ କହିଛନ୍ତି, ବାଲେଶ୍ୱର ଜିଲା ସେକ୍ ମକାନ୍ଦର ମହମ୍ମଦଙ୍କୁ ବାଡ଼େଇ ମାରିଦିଆଯାଇଥିବା ଘଟଣାକୁ ନେଇ ନବୀନ ଉଦ୍‌ବେଗ ପ୍ରକାଶକଲେ। ରାଜ୍ୟରେ ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକଙ୍କୁ ହତ୍ୟା କରାଯାଉଛି। ଏ ସମ୍ପର୍କରେ ନବୀନ ଜାଣିବାକୁ ଚାହିଁଥିଲେ ବୋଲି ସଞ୍ଜୟ କହିଛନ୍ତି। ରାଜନୈତିକ ମହଲରେ ହେଉଥିବା ଆଲୋଚନା ମୁତାବକ, ସଞ୍ଜୟ ରାଜନୈତିକ ଦୃଷ୍ଟିକୋଣରୁ ନବୀନଙ୍କ ସହ ହୋଇଥିବା ଆଲୋଚନା ସମ୍ପର୍କରେ ଗଣମାଧ୍ୟମରେ କହିବାକୁ ନ ଚାହିଁବା ସ୍ୱାଭାବିକ। ବିଗତ ଦିନରେ ନବୀନ ମୁମ୍ବାଇରେ ଚିକିତ୍ସାଧୀନ ଥିବାବେଳେ ରାଜ୍ୟର ବହୁ ନେତା ତାଙ୍କୁ ଭେଟିବା ଲାଗି ସେଠାକୁ ଗସ୍ତ କରିଥିଲେ। ହେଲେ ଶେଷରେ ଭିଡିଓ କଲ୍ ଜରିଆରେ ସେମାନେ ସେଠାରେ ନବୀନଙ୍କୁ ଭେଟିବାର ସୁଯୋଗ ପାଇଥିଲେ। ସେଠାରୁ ଫେରି ବାହାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସଞ୍ଜୟ ଏବଂ ଦଳର ରାଜ୍ୟ ସଭା ସଦସ୍ୟ ନବୀନଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଥିବା କଥା କହିଥିଲେ। ହେଲେ ମୁମ୍ବାଇ ଗସ୍ତ କରିଥିବା ବହୁ ନେତା ସତ କଥା କହିବା ପରେ ଗଣମାଧ୍ୟମକୁ ସଞ୍ଜୟ ଓ ମାନସ ଦେଇଥିବା ତଥ୍ୟକୁ ନେଇ ଚର୍ଚ୍ଚା ହେଉଥିଲା।

ଲକ୍ଷ୍ୟ କରାଯାଉଛି, ଦଳର ବହୁ ବରିଷ୍ଠ ନେତା ଯେପରି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ ଅରୁଣ କୁମାର ସାହୁ, ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ଭଳି ଅନେକ ନେତା ବର୍ତ୍ତମାନ ବହୁ କାର୍ଯ୍ୟରେ ଲୋଡ଼ା ପଡୁନାହାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯଦି ଆମେ ପ୍ରସନ୍ନ ଆଚାର୍ଯ୍ୟଙ୍କ କଥା ଆଲୋଚନା କରିବା ସେ ୩ ଥର ଲୋକ ସଭା, ଥରେ ରାଜ୍ୟ ସଭା ଏବଂ ୪ଥର ବିଧାନସଭାକୁ ନିର୍ବାଚିତ ହେଇଛନ୍ତି। ସେହିପରି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ୮ଥର ବିଧାନସଭାକୁ ନିର୍ବାଚିତ ହୋଇଆସୁଛନ୍ତି। ଛାତ୍ର ରାଜନୀତିରୁ ନିଜର କ୍ୟାରିୟର ଆରମ୍ଭ କରିଥିବା ବିଧାୟକ ଅରୁଣ କୁମାର ସାହୁ ୨୦୦୪ରୁ ଲଗାତର ଏଯାଏଁ ବିଧାନସଭାକୁ ଜିତି ଆସୁଛନ୍ତି। ଦେଖାଯାଉଛି ୮ଥର, ୫ଥର ଲେଖା ଜିତିଥିବା ନେତାଙ୍କୁ ଦଳ ଲୋଡୁନାହିଁ ବରଂ ଯିଏ ନିର୍ଦ୍ଦିଷ୍ଟ ଗୋଟିଏ ଗୋଷ୍ଠୀ ସହ ରହୁଛନ୍ତି ସେମାନଙ୍କୁ ବାରମ୍ବାର ଡକରା ମିଳୁଛି। ୨୦୨୪ ସାଧାରଣ ନିର୍ବାଚନ ପରେ ବିଜେଡି ଓଡ଼ିଶାରେ ବିରୋଧୀ ଦଳକୁ ଆସିଯାଇଛି। ବିଧାନସଭାରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ସମୟରେ ବିଜେଡି ବରିଷ୍ଠ ନେତା ରଣେନ୍ଦ୍ର ଏବଂ ଅରୁଣ ଶାସକ ଦଳକୁ ଶାଣିତ ଢଙ୍ଗରେ ଟାର୍ଗେଟ କରୁଛନ୍ତି। ସରକାରଙ୍କ ବିଭିନ୍ନ ଆଭିମୁଖ୍ୟକୁ ନେଇ ସେମାନେ ଶାସକ ଦଳକୁ ଅନେକ ସମୟରେ କାଠଗଡ଼ାରେ ଠିଆ କରୁଛନ୍ତି। ଦଳରେ ଥିବା ଅନ୍ୟ ଯୁବ ବିଧାୟକମାନେ ମଧ୍ୟ ଏହି ୨ ନେତାଙ୍କଠାରୁ ଅନେକ କିଛି ଜାଣିବାକୁ ଚାହୁଁଥିବା ଲକ୍ଷ୍ୟ କରାଯାଉଛି। ହେଲେ ଦଳର ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଏମାନଙ୍କୁ ଲୋଡ଼ା ନ ଯିବା ନେଇ ଚର୍ଚ୍ଚା ହେଉଛି। ସେହିପରି ପଶ୍ଚିମ ଓଡ଼ିଶାର ବହୁ ନେତା ବର୍ତ୍ତମାନ ବିଜେଡି ସହ ଆଉ ନାହାନ୍ତି କହିଲେ ଏକ ପ୍ରକାର ଠିକ୍ ହେବ। ନୂଆପଡ଼ା ଜିଲାରେ ଉପନିର୍ବାଚନ ସମୟରେ ପ୍ରସନ୍ନ ଆଚାର୍ଯ୍ୟଙ୍କ ଭଳି ନେତା ସେଠାରେ ନ ରହିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। କେବଳ ସେ ନୁହନ୍ତି, ଆହୁରି ଅନେକ ପଶ୍ଚିମ ଓଡ଼ିଶା ନେତା ଏବେ ଦଳୀୟ ବ୍ୟାପାରଠାରୁ ଦୂରେଇଗଲା ଭଳି ମନେହେଲାଣି। ସେହିପରି ବରିଷ୍ଠ ନେତା ଶଶିଭୂଷଣ ବେହେରା, ବଦ୍ରିନାରାୟଣ ପାତ୍ରଙ୍କ ଭଳି ବହୁ ନେତା ବର୍ତ୍ତମାନ ଦଳୀୟ ବ୍ୟାପାରରେ ଲୋଡ଼ା ପଡୁନାହାନ୍ତି।

## ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାମ ଶେଷକର: ମନ୍ତ୍ରୀ ରବିନାରାୟଣ

ଭୁବନେଶ୍ୱର, ୨୦।୧(ସୁନିତ୍ ମିଶ୍ର)

ରାଜ୍ୟର ଉନ୍ନୟନ ପ୍ରକଳ୍ପଗୁଡ଼ିକର ଠିକ୍ କାର୍ଯ୍ୟାନ୍ୱୟନ ଓ ନିର୍ଦ୍ଧାରିତ ବ୍ୟୟ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ମଙ୍ଗଳବାର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ ବ୍ୟୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ଚଳିତ ଆର୍ଥିକ ବର୍ଷରେ ପିଏମ୍ ଜନ୍ ମନ୍, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ଅନ୍ୟାନ୍ୟ ଯୋଜନା ବିଷୟରେ ସବିସ୍ତୃତ ସମୀକ୍ଷା କରାଯାଇଛି। ଉପସ୍ଥିତ ଅଧିକାରୀମାନେ ନିର୍ମାଣାଧୀନ ଥିବା ସମସ୍ତ ପ୍ରକଳ୍ପର ସ୍ଥିତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଦିଗଗୁଡ଼ିକ ବିଷୟରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକଙ୍କୁ ଅବଗତ କରାଇଛନ୍ତି। ବୈଠକରେ ମନ୍ତ୍ରୀ ନାଏକ ସମସ୍ତ ପ୍ରକଳ୍ପର କାର୍ଯ୍ୟଗତିକୁ ତ୍ୱରାନ୍ୱିତ କରିବା ଏବଂ ସମସ୍ତ ପରିକଳ୍ପିତ ବ୍ୟୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସଫଳତାର ସହିତ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ କମିଶନର ତଥା ସଚିବ ଯାମିନୀ ଷଡ଼ଙ୍ଗୀ ପ୍ରକଳ୍ପଗୁଡ଼ିକର ତ୍ୱରିତ କାର୍ଯ୍ୟାନ୍ୱୟନ ପାଇଁ ବିସ୍ତୃତ କାର୍ଯ୍ୟ ପରିକଳ୍ପନା ଓ କୌଶଳଗତ ରଣନୀତି ଉପସ୍ଥାପନ କରିଛନ୍ତି। ବୈଠକରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ଶାସନ ସଚିବ ରେଗା ଗୀତାରାଣୀ ପଟ୍ଟନାୟକ, ସ୍ୱତନ୍ତ୍ର ଶାସନ ସଚିବ ସର୍ବେଶ୍ୱର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସରେ ରାଜ୍ୟପାଳ ମୁଖ୍ୟ ଅତିଥି

ଭୁବନେଶ୍ୱର, ୨୦।୧(ସୁନିତ୍ ମିଶ୍ର)

ସାଧାରଣତନ୍ତ୍ର ଦିବସ ଅବସରରେ ରାଜ୍ୟରେ କିଏ କେଉଁଠାରେ ପତାକା ଉତ୍ତୋଳନ କରିବେ ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ତାଲିକା ପ୍ରକାଶ କରାଯାଇଛି। ରାଜ୍ୟପାଳ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକଠାରେ ପତାକା ଉତ୍ତୋଳନ କରିବେ। ଉପମୁଖ୍ୟମନ୍ତ୍ରୀ କେ.ଭି .ସିଂଦେଓ କୋରାପୁଟ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଖୋର୍ଦ୍ଧା, ମନ୍ତ୍ରୀ ସୁରେଶ ପୂଜାରୀ ପୁରୀ, ମନ୍ତ୍ରୀ ରବି ନାରାୟଣ ନାଏକ ବରଗଡ଼, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରାୟଗଡ଼ା, ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କେନ୍ଦୁଝର, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଢେଙ୍କାନାଳ, ମନ୍ତ୍ରୀ ମୁକେଶ ମହାଲିଙ୍ଗ କନ୍ଧମାଳ, ମନ୍ତ୍ରୀ ବିଭୂତି ଭୂଷଣ ଜେନା ମାଲକାନଗିରି, ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ଭଦ୍ରକ, ମନ୍ତ୍ରୀ ଗଣେଶୀ ରାମ ସିଂ ଖୁଣ୍ଟିଆ କଳାହାଣ୍ଡି, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ନୟାଗଡ଼, ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସମ୍ବଲପୁର, ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ବାଲେଶ୍ୱର ଏବଂ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ବୌଦ୍ଧ ଠାରେ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପତାକା ଉତ୍ତୋଳନ କରିବେ। ସେହିପରି କେନ୍ଦ୍ରାପଡ଼ା, ବ୍ରହ୍ମପୁର, ରାଉରକେଲା, ଅନୁଗୋଳ, ବଲାଙ୍ଗୀର, ଦେବଗଡ଼, ଛତ୍ରପୁର, ପାରଳାଖେମୁଣ୍ଡି, ଝାରସୁଗୁଡ଼ା,ଯାଜପୁର, ଜଗତ୍‌ସିଂହପୁର, ବାରିପଦା, ନବରଙ୍ଗପୁର, ନୂଆପଡ଼ା, ସୁବର୍ଣ୍ଣପୁର ଏବଂ ସୁନ୍ଦରଗଡ଼ଠାରେ ଜିଲାପାଳ ଏବଂ କେତେକ ସ୍ଥାନରେ ଆର୍‌ଡିସି ମୁଖ୍ୟ ଅତିଥି ଭାବେ ପତାକା ଉତ୍ତୋଳନ କରିବେ।

### କଟକରେ ପତାକା ଉତ୍ତୋଳନକରିବେ ମୁଖ୍ୟମନ୍ତ୍ରୀ

## ଆବଣ୍ଟିତ ଖର୍ଚ୍ଚର ୟୁସି ଠିକଣା ସମୟରେ ଦାଖଲକର: ସଞ୍ଜୟ ସିଂ

ଭୁବନେଶ୍ୱର,୨୦।୧(ସୁନିତ୍ ମିଶ୍ର)

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସମୀକ୍ଷା ବୈଠକ ଲୋକସେବା ଭବନଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭାଗର ବିଭିନ୍ନ କାର୍ଯ୍ୟଧାରା ଉପରେ ବିସ୍ତୃତ ଆଲୋଚନା ହୋଇଛି। ଜନସାଧାରଣଙ୍କୁ ଠିକଣା ସମୟରେ ସେବା ଯୋଗାଇବା ସହ ପ୍ରତ୍ୟେକ ଅଭିଯୋଗର ତ୍ୱରିତ ସମାଧାନ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ସେହିଭଳି ବଜେଟରେ ବ୍ୟବସ୍ଥିତ ଅର୍ଥର ଠିକଣା ବିନିଯୋଗ କରିବା ଉପରେ ସେ ଉଲ୍ଲେଖ କରିଛନ୍ତି। ଏଥିପାଇଁ ବିତ୍ତୀୟ ଶୃଙ୍ଖଳା ଅନୁପାଳନ ସହ ପ୍ରତ୍ୟେକ ଖର୍ଚ୍ଚର ବିବରଣୀ ଠିକ୍ ଭାବେ ରଖିବାକୁ କହିଛନ୍ତି। ଜିଲାସ୍ତରୀୟ ଅଧିକାରୀମାନଙ୍କୁ ମଧ୍ୟ ଏ ଦିଗରେ ଉଚିତ ପରାମର୍ଶ ଦେବା ପାଇଁ ସେ ସମ୍ପୃକ୍ତ ବିତ୍ତ ପରାମର୍ଶଦାତା ଓ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍‌ବ୍ୟତୀତ ପ୍ରତ୍ୟେକ ଆବଣ୍ଟିତ ଖର୍ଚ୍ଚର ୟୁଟିଲାଇଜେଶନ ସାର୍ଟିଫିକେଟ(ୟୁସି) ତଥା ବିନିଯୋଗପତ୍ର ଠିକଣା ସମୟରେ ଦାଖଲ କରିବା ପାଇଁ ସେ କହିଛନ୍ତି। ଏହାଦ୍ୱାରା ଅନେକାଂଶ ସମୟରେ ସମ୍ପୃକ୍ତ ଖର୍ଚ୍ଚର ଠିକ୍ ହିସାବ ଉପଲବ୍ଧ ହୋଇପାରିବ। ଆବଶ୍ୟକ ସ୍ଥଳେ ଜିଲାସ୍ତରୀରେ ଅଧିକାରୀମାନଙ୍କ ସହ ସମନ୍ୱୟ ରଖି ଏ ଦିଗରେ କାର୍ଯ୍ୟ କରିବାକୁ ସଞ୍ଜୟ ସିଂ କହିଛନ୍ତି।

## ନିଜକୁ ବାଘ କହୁଥିବା ଲୋକ ଏବେ କାଗଜବାଘ: ପ୍ରୀତିରଞ୍ଜନ

ଭୁବନେଶ୍ୱର, ୨୦।୧ (ସୁନିତ୍ ମିଶ୍ର)

ଯାଜପୁର ଜିଲା ପରିଷଦ ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କଠାରୁ ଆରମ୍ଭକରି ଏକାଧିକ ଜିଲା ପରିଷଦ ଏବଂ କେତେକ ବ୍ଲକ୍‌ର ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ଅନେକ ପଞ୍ଚାୟତସ୍ତରର ନେତା ଏହା ଭିତରେ ଭାଜପାରେ ଯୋଗଦେଇସାରିଛନ୍ତି, ଯାହାକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଜୋର୍ ଧରିଛି। ନେଇ ଜିଲା ନେତାମାନଙ୍କ ଚିନ୍ତା ବଢ଼ିଯାଇଛି। ବିଜେଡିର ଗଡ଼ କୁହାଯାଉଥିବା ଯାଜପୁର ଜିଲାର ସାଙ୍ଗଠନିକ ସ୍ଥିତି ଦେଖି ଦଳର ବରିଷ୍ଠ ନେତ୍ରୀ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲିକ ଜିଲାର ସବୁ ନେତାଙ୍କୁ ଡାକି ତାଙ୍କ ସରକାରୀ ବାସଭବନରେ ଏକ ବୈଠକ କରିଥିଲେ। ଜିଲାର ଟାଣୁଆ ନେତା ପ୍ରଣବ ପ୍ରକାଶ ଦାସ ପୂର୍ବରୁ ରାଜ୍ୟ ରାଜନୀତିରେ ପ୍ରଭାବ ଜାହିରକରି ଆସୁଥିବାବେଳେ ଏବେ ସେକଥା ଆଉ ନାହିଁ। ପୁଳା ପୁଳା ନେତା ବିଜେଡି ଛାଡ଼ି ଭାଜପାରେ ଯୋଗଦେଉଥିବାବେଳେ ପ୍ରଣବ ପ୍ରକାଶଙ୍କ ସାଙ୍ଗଠନିକ ଦକ୍ଷତାକୁ ତାଙ୍କ ଦଳ ଭିତରୁ ସମାଲୋଚନା ଆରମ୍ଭ ହୋଇଛି। ଅନ୍ୟପଟେ ପ୍ରମିଳାଙ୍କ ଘରେ ବସିଥିବା ବୈଠକ ଫଳ ଶୂନ ବୋଲି ପ୍ରୀତି ରଞ୍ଜନ ଘଡ଼େଇ ମନ୍ତବ୍ୟ ଦେଇଛନ୍ତି। ବୈଠକ ପରେ ପ୍ରୀତରଞ୍ଜନ ଗଣମାଧ୍ୟମକୁ କହିଛନ୍ତି, ରାଜ୍ୟରେ ଭୋଟର ଭଉଣୀଭାଇମାନେ ଯାହା ଚାହୁଁଛନ୍ତି ସେହି ବାଟରେ କାର୍ଯ୍ୟକ୍ରମ କରିବାକୁ ପଡ଼ିବ। ପୂର୍ବରୁ ଯେଉଁମାନେ ନିଜକୁ ବାଘ ବୋଲି କହୁଥିଲେ ସେମାନେ ଭୋଟରମାନଙ୍କ ନିକଟରେ କାଗଜବାଘ ହୋଇଯାଇଛନ୍ତି। ଦାୟିତ୍ୱ ନେବାର ସମୟ ଆସିଛି। ଉପଯୁକ୍ତ ଲୋକ ଦାୟିତ୍ୱ ନେବା ଦରକାର ଯିଏ ସମସ୍ତଙ୍କ ମନର କଥା ବୁଝି ଦଳକୁ ସଙ୍ଗଠିତ କରିପାରିବେ ବୋଲି ସେ କହିଛନ୍ତି। ଅନ୍ୟପଟେ ଦଳରେ କିଛି ଫାଟ ନାହିଁ ବୋଲି ପ୍ରମିଳା କହିଛନ୍ତି।

### ତ୍ରୁଟି ସଂଶୋଧନ

ଜାନୁଆରୀ ୨୦ ତାରିଖ (ମଙ୍ଗଳବାର) 'ଧରିତ୍ରୀ' ପୃଷ୍ଠା-୩ରେ ପ୍ରକାଶିତ ଖବର 'କଳଙ୍କ ଓ କନ୍ଦଳରୁ କେବେ ମୁକୁଳିବ କଂଗ୍ରେସ'ରେ ୪ଟି ରାଜ୍ୟ ସଭା ଆସନ ବିଜେଡିର ବୋଲି ଉଲ୍ଲେଖ କରାଯାଇଥିଲା। ସେହି ତଥ୍ୟ ତ୍ରୁଟିପୂର୍ଣ୍ଣ। ବାସ୍ତବରେ ଏହା ଭାଜପାର ୨ଟି ଏବଂ ବିଜେଡିର ୨ଟି ଆସନ। ଏହି ତ୍ରୁଟି ପାଇଁ ଆମେ ଦୁଃଖିତ।

-ସମ୍ପାଦକ


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENTLY REQUIRED
Ayurvedic Physiotherapy Clinic ପାଇଁ (ମହିଳା / ଝିଅ) therapist ଆବଶ୍ୟକ । ବୟସ ୨୦ ରୁ ୩୫, ଦରମା - ୭୦୦୦ ଏବଂ ରହିବା + ଖାଇବାର ସୁବିଧା ଅଛି । ଶିଘ୍ର ଯୋଗାଯୋଗ କରନ୍ତୁ ।
Contact : 6372110065

WANTED
Lady Office Assistant
ମାଗଣା ରହିବା + ଖାଇବା
Salary 10000 + Bonus up to 50000 yearly at Near Phulanakhara, Cuttack
Contact : 7809525452

APPOINTMENT
District Disability Rehabilitation Centre (DDRC), Subarnapur
Applications are invited for the following Posts of DDRC, Subarnapur
1. Clinical / Rehab. Psychologist: M.Phil or Prof. Diploma in clinical Psych. / M.Phil or PGDRP (20,500/- (@ 850 p.v), 2. Sr. Prosth. / Orth. (OH Cat): Bachelor in Prost. & Orth. (BPO) From RCI recognized inst. 20,500/- ( @ 850 p.v), 3. Prosthetist / Orth. Tech.: Diploma in P&O or Certificate in P&O with 3 years Exp. 14,500/-, 4. Audiologist & Sr. Speech Therapist: Bachelor in Audiology and Speech & Language Pathology (BASLP) or B.SC Speech & Hearing (20,500/-( @ 850 p.v), 5. Voc. Couns.-Cum-Comp. Asst.: Diploma in Vocational Rehab. (DVR) / ADCGC / BRSc (14,500/-), 6. Early Inter. Therapist: PGDDT / PGDEI / BMR / BRSc / BRT / MRSc / MSc-EI (14,500/-).
Candidates shall send their resume within 7days to the PIA, DDRC, Subarnapur, At- Design Display Centre (RTO Office Road), Po- Sonepur, Pin-767017, Dist-Subarnapur, by post / in person or Email: ddrcsubarnapur@rediffmail.com
Contact: 8260292953
(PIA, DDRC, SUBARNAPUR)

Estd.- 1979
☎ 7682032632
THE KOSALA SCHOOL
An English Medium Residential Public School
(CBSE Affiliation No. 1530003)
NUA-KHAIRPALI, PO.- LARASARA, DIST.- BARGARH - 768027 (ODISHA)
Email - thekosalaschool1979@gmail.com
Mob- 6370708544 / 7682032632
REQUIRES THE FOLLOWING TEACHING & NON TEACHING STAFF

| S.N | Post Name | Subject | Minimum Educational Qualification | Salary |
|---|---|---|---|---|
| 1 | PGT | Physics/ Chemistry/Biology/ Mathematics/English/ Computer Science/ | Master's Degree in subject concerned with B.Ed. | (Salary is not a constraint for deserving candidates) |
| 2 | TGT | English / Physics /Chemistry/ Biology /Mathematics / Odia/ Hindi/Social Science | Bachelor's Degree in Arts/Commerce/Science & B.Ed. / B.H.Ed with OTET/CTET/OSSTET | |
| 3 | PRT | English/Mathematics/Science/ Social Science/ Hindi/Odia | Higher Secondary (+2) & D.El.Ed / B.Ed with OTET/CTET | |
| 4 | Counselor & Wellness Teacher | | Graduate in psychology or P.G. in Child Development or Graduate with Diploma in career Guidance and Counseling | |
| 5 | Pre Primary Teacher | | Higher Secondary (+2) with NTT / STT | |
| 6 | PET | | Higher Secondary (+2) & C.P.Ed. /D.P.Ed./ B.P.Ed /M.P.Ed with OSSTET | |
| 7 | Hostel Warden (Male) Age- 25 to 40 years | | Higher Secondary (+2) | |
| 8 | Asst Dining Hall Manager (Male) | | Graduate | |
| 9 | IT Head (Male) | | B.Tech in Computer Science | |

- Candidates having teaching experience in English Medium Schools, good Spoken English, computer knowledge and not crossed 45 years of age will be preferred.
- Couples will be given preference and provided with rent free accommodation.
- Selected candidates shall have to stay inside the Hostel campus on free of rent and free fooding.
- Interested candidates can send their filled up bio-data to the email address:- thekosalaschool1979@gmail.com on or before 05/02/2026.
- Original Certificates to be produced at the time of interview for verification.
- No TA/DA will be given for attending the interview.
- For any clarification candidates may call to the phone no. (given above) from 10.00 A.M. to 2.00 P.M.

Sd./- Principal



ଖେଳ ଭିତରେ ବି ଅତିରିକ୍ତ ହେଳାଭାବ ଭଲ ନୁହେଁ। ଜୀବନ ଓ କର୍ମସାଧନ ବେଳେ ମଧ୍ୟ ସେହିପରି ଅତିରିକ୍ତ ଗୁରୁଗାମ୍ଭୀର୍ଯ୍ୟ ଠିକ୍ ନୁହେଁ। ଉଭୟତ୍ର ହିଁ ଆମେ ଚାହୁଁ ଖେଳର ସ୍ୱଚ୍ଛନ୍ଦଲୀଳା ଓ ଶୃଙ୍ଖଳାର ମଧ୍ୟ ଗୁରୁତ୍ୱ ଓ ନିଷ୍ଠାପରତା। -ଶ୍ରୀଅରବିନ୍ଦ

-ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପଦ୍ମମୁଖ ବେଶ



# ନଏଡା ଦୁର୍ଘଟଣା

ଘନକୁହୁଡ଼ି ଯୋଗୁ ଦିଲ୍ଲୀ ପାଖ ତଥା ଉତ୍ତରପ୍ରଦେଶ ରାଜ୍ୟର ନ୍ୟୁ ଓଖଲା ଇଣ୍ଡଷ୍ଟ୍ରିଆଲ ଡେଭେଲପମେଣ୍ଟ ଅଥରିଟି (ନଏଡା)ର ସେକ୍ଟର ୧୫୦ ନିକଟରେ ୧୬ ଜାନୁଆରୀ ୨୦୨୬ ବିଳମ୍ବିତ ରାତିରେ ଏକ କାର୍ ଡ୍ରେନ୍ ପାଚେରିରେ ପିଟି ହୋଇ ପାଣିଭର୍ତ୍ତି ଖାତ ମଧ୍ୟକୁ ଖସିପଡ଼ିବାରୁ ଜଣେ ୨୭ ବର୍ଷୀୟ ସଫ୍ଟୱେର ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଛି। ଯୁବରାଜ ମେହେଟା ନାମକ ଏହି ଯୁବକ କାମ ସାରି ଘରକୁ ଫେରୁଥିବା ବେଳେ ଏଭଳି ଦୁର୍ଘଟଣା ଘଟିଥିଲା। ଅଭିଯୋଗ ହେଉଛି ଯେ ରାସ୍ତାରେ ରିଫ୍ଲେକ୍ଟର ନ ଥିବାରୁ କାର୍ ଡ୍ରେନ୍ ପାଚେରିରେ ଧକ୍କା ହେବା ପରେ ୭୦ ଫୁଟ ଗଭୀର ଖାତକୁ ପଡ଼ିଯାଇଥିଲା। ଜୀବନ ବଞ୍ଚାଇବା ପାଇଁ ଯୁବକ ତାଙ୍କ ପିତାଙ୍କୁ ଫୋନ୍ କରି ଉଦ୍ଧାର ନିବେଦନ କରିଥିଲେ। ସେ ମରିବାକୁ ଚାହାନ୍ତି ନାହିଁ ବୋଲି କହୁଥିବା ବେଳେ ତାଙ୍କ କାରଟି ଉପରେ ପାଣି ଭିତରକୁ ଚାଲିଯାଉଥିଲା। ଶୁଣିବାକୁ ମିଳୁଛି ଯେ, ସ୍ଥାନୀୟ ପୋଲିସ, ବୁଡ଼ାଳି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀର କର୍ମଚାରୀ ଦୀର୍ଘ ସମୟ ଉଦ୍ଧାର କାର୍ଯ୍ୟରେ ଲାଗି କାରକୁ ପାଣିରୁ ବାହାର କରିଥିଲେ ମଧ୍ୟ ଯୁବରାଜଙ୍କୁ ବଞ୍ଚାଇ ପାରି ନ ଥିଲେ। ଏହା ନିଶ୍ଚିତ ହୃଦୟ ବିଦାରକ ଘଟଣା। ଯୁବରାଜଙ୍କ ଦୁର୍ଘଟଣା ପୂର୍ବରୁ ସେହି ସ୍ଥାନରେ ଏକ ଟ୍ରକ୍ ଖାତ ଭିତରକୁ ପଶିଯାଇଥିଲା ବୋଲି ତା'ର ଡ୍ରାଇଭର କହିଛନ୍ତି। ହେଲେ ସେ ପାଣିରୁ ଉଠିପଡ଼ିଥିଲେ ଓ ନିଜକୁ ବଞ୍ଚାଇପାରିଥିଲେ। ଦେଖିବାକୁ ଗଲେ ଭାରତର ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ଖାଲ, ଖୋଲା ନାଳନର୍ଦ୍ଦମା କିମ୍ବା କୌଣସି ଭିତ୍ତିଭୂମି କାମ ପାଇଁ ଖୋଳା ଯାଇଥିବା ଭୂଖାତ ଦୀର୍ଘଦିନ ମୁକ୍ତ ପଡ଼ି ରହିବା ଏକ ସାଧାରଣ ଦୃଶ୍ୟମାନ ଚିତ୍ର। ଏଥିପାଇଁ ରାସ୍ତାକୁ ମରାମତି କରିବା ଉଦ୍ଦେଶ୍ୟରେ ଯେଉଁସବୁ ଜାଗାରେ ଖୋଳାଯାଇଥାଏ, ସେ ସମ୍ପର୍କରେ କୌଣସି ସଂକେତ ଦିଆଯାଏ ନାହିଁ; ଫଳରେ ମାରାତ୍ମକ ଦୁର୍ଘଟଣା ଘଟିବା ନିଶ୍ଚିତ। ସେଥିଯୋଗୁ ପ୍ରତିବର୍ଷ ଶିଶୁଠାରୁ ଆରମ୍ଭ କରି ଅନେକ ଲୋକଙ୍କ ମୃତ୍ୟୁ ହେଉଥିଲେ ମଧ୍ୟ ସ୍ଥିତିରେ ଉନ୍ନତି ଆସିପାରୁ ନାହିଁ। ଭିତ୍ତିଭୂମି ଗଢ଼ିବା କାର୍ଯ୍ୟରେ ନିୟୋଜିତ ସଂସ୍ଥା ଓ ସରକାରୀ ଅଧିକାରୀଙ୍କ କାର୍ଯ୍ୟ ତଦାରଖରେ ଅବହେଳା ଯୋଗୁ ଅଘଟଣକୁ ରୋକାଯାଇପାରୁ ନାହିଁ।

୨୦୨୫ ଅକ୍ଟୋବରରେ ବମ୍ବେ ହାଇକୋର୍ଟ ମହାରାଷ୍ଟ୍ରର ରାସ୍ତାରେ ଖାଲଖମା କିମ୍ବା ନର୍ଦ୍ଦମା ଗର୍ତ୍ତରେ ପଡ଼ି ଜୀବନ ହରାଉଥିବା ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବା ନେଇ ନିର୍ଦ୍ଦେଶ ଦେଇଥିଲେ। କେବଳ ସେତିକି ନୁହେଁ, ହାଇକୋର୍ଟ ଖଣ୍ଡପୀଠ ଆହୁରି କହିଥିଲେ ଯେ, ସୁରକ୍ଷିତ ରାସ୍ତା ସମ୍ବିଧାନର ଅନୁଚ୍ଛେଦ ୨୧ ଅଧୀନରେ ମଣିଷ ଜୀବନର ମୌଳିକ ଅଧିକାରର ଏକ ଅବିଚ୍ଛେଦ୍ୟ ଅଂଶ। କ୍ଷତିପୂରଣ ପ୍ରଦାନ ରାଶି ଦାୟୀ ବ୍ୟକ୍ତି ତଥା ଅଧିକାରୀ, ଇଞ୍ଜିନିୟର କିମ୍ବା ଠିକାଦାରଙ୍କଠାରୁ ଆଦାୟ କରାଯାଇପାରିବ ବୋଲି ବମ୍ବେ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ୨୦୨୫ ଅକ୍ଟୋବର ୧୫ରେ ଆମେ ଏହି ସ୍ତମ୍ଭରେ 'ଦାୟିତ୍ୱଠାରୁ ଆଦାୟ' ଶୀର୍ଷକ ଲେଖା ପ୍ରକାଶ କରିଥିଲୁ। ଦର୍ଶାଇଥିଲୁ ଯେ, ଦାୟିତ୍ୱରେ ଖିଲାପ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ହେବା କଥା ଏବଂ ଯେଉଁ ସରକାରୀ କର୍ମଚାରୀ ଅଘଟଣ ଘଟିବାର ବର୍ଷକ ମଧ୍ୟରେ ଅବସର ନେଇଥିବେ ତାଙ୍କ ପେନସନ୍‌ରୁ ମଧ୍ୟ କ୍ଷତିପୂରଣ ରାଶି ଭରଣା ହେବା ଦରକାର। ଏଭଳି ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ଭାବେ ସିଭିକ୍ ଆକାଉଣ୍ଟାବିଲିଟି ବା ନାଗରୀୟ ଉତ୍ତରଦାୟିତ୍ୱକୁ ବଢ଼ାଇବାରେ ସହାୟକ ହୋଇପାରନ୍ତା। ଆଉ ଏକ ବିଷୟ ହେଲା ନଏଡା ଯୁବକଙ୍କୁ ଉଦ୍ଧାର କରିବା ଲାଗି କାର୍ଯ୍ୟରେ ନିୟୋଜିତ ପୋଲିସ ଓ ଉଦ୍ଧାରକାରୀ ସଂସ୍ଥା କର୍ମଚାରୀଙ୍କ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବିକଶିତ ଭାରତ କଥା ଉଠୁଛି। କୁହାଯାଉଛି ଯେ ଭାରତ ହେବ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି। ହେଲେ ନାଗରିକଙ୍କୁ ସର୍ବନିମ୍ନ ଭିତ୍ତିଭୂମି ସୁବିଧା ଓ ସୁରକ୍ଷା ଦେବାରେ ଅସମର୍ଥ ହେଉଥିବା ବ୍ୟବସ୍ଥା ବୃହତ୍ ଅର୍ଥନୀତିର ସ୍ୱପ୍ନ ଦେଖାଇବା ହାସ୍ୟାସ୍ପଦ ମନେହେଉଛି। ଏହା କେବଳ ନଏଡା କଥା ନୁହେଁ, ଭାରତର ବିଭିନ୍ନ ସ୍ଥାନରେ ବିଶେଷକରି ସହରାଞ୍ଚଳରେ ଖାଲଖମା ସଡ଼କ, ଭଙ୍ଗା ଇଲେକ୍ଟ୍ରିକ୍ ପୋଲ୍‌ରୁ ଝୁଲିପଡ଼ିଥିବା ତାର ଆଦିର ଦୃଶ୍ୟ ବାରମ୍ବାର ଦେଖିବାକୁ ମିଳେ। କେଉଁଠି କେତେବେଳେ ଅଘଟଣ ଘଟିଲେ ସ୍ଥାନୀୟ ପ୍ରଶାସନ ଚିହିଁକି ଉଠେ। କିନ୍ତୁ ପରେ ଯେଉଁ କଥାକୁ ସେହି କଥା। ନଏଡା ଅଘଟଣ ଦେଶସାରା ଖବର ପାଲଟିଯିବାରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦର୍ଶାଇବାକୁ ଯାଇ ଉତ୍ତରପ୍ରଦେଶ ସରକାର ନଏଡା ଅଥରିଟି ସିଇଓଙ୍କୁ ପଦରୁ ବହିଷ୍କାର କରିଛନ୍ତି। ଇତିମଧ୍ୟରେ ରିୟଲ ଇଷ୍ଟେଟ ଡେଭଲପରଙ୍କୁ ଗିରଫ କରାଯାଇଥିବା ଶୁଣିବାକୁ ମିଳିଛି। ବାସ୍ତବରେ ସେହି ବ୍ୟକ୍ତିଙ୍କ ବିରୋଧରେ ହତ୍ୟା ଅଭିଯୋଗ ଅଣାଯାଇ ଦଣ୍ଡିତ କରାଯିବା ଆବଶ୍ୟକ। କାରଣ ଏକ ବଡ଼ କୋଠା ନିର୍ମାଣ ଲାଗି ବେସ୍‌ମେଣ୍ଟ ସକାଶେ ଖୋଳାଯାଇଥିବା ଖାତରେ ବର୍ଷାପାଣି ଭର୍ତ୍ତି ହୋଇଥିବାରୁ ଏଭଳି ଦୁର୍ଘଟଣା ଘଟିଲା। ଏପରି ସ୍ଥଳେ ନିର୍ମାଣ କାର୍ଯ୍ୟ ସହ ଜଡ଼ିତ ଅନ୍ୟ ବ୍ୟକ୍ତିଙ୍କୁ ମଧ୍ୟ ତୁରନ୍ତ ଗିରଫ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର। ଅବଶ୍ୟ ଏହା ମଧ୍ୟ ମନେରଖିବା ଦରକାର ଯେ, ଗିରଫ ହୋଇଥିବା ଡେଭଲପର ଖୁବ୍ ଅଳ୍ପଦିନ ମଧ୍ୟରେ ଜାମିନ ପାଇ ମୁକ୍ତ ନାଗରିକ ହୋଇଯିବେ।

ଅପରପକ୍ଷରେ ଯୁବରାଜଙ୍କ ଗାଡ଼ି ପାଚେରିରେ ଧକ୍କା ଖାଇ ଖାତକୁ ପଡ଼ିଯିବା ମଧ୍ୟ ତାଙ୍କ ଚାଳନା ଉପରେ ପ୍ରଶ୍ନ ଉଠାଉଛି। ସର୍ବଦା କୁହାଯାଉଛି ଯେ, ଦ୍ରୁତଗତିରେ ଗାଡ଼ିଚାଳନା ବିପଦ ଆଣିଥାଏ। ହୁସିଆର ହୋଇ ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କ ମନ ସର୍ବଦା ସଜାଗ ରହିବା ଦରକାର ଯେ, ଅନ୍ୟ ଗାଡ଼ିଚାଳକଙ୍କ ବେପରୁଆ ବ୍ୟବହାର ମଧ୍ୟ ଦୁର୍ଘଟଣା ଘଟାଇପାରେ। ଅନେକ କ୍ଷେତ୍ରରେ ନିଶାସକ୍ତ ଡ୍ରାଇଭରଙ୍କ ଯୋଗୁ ମଧ୍ୟ ଅଘଟଣ ଘଟିଥାଏ। ଯୁବରାଜ ବହୁ ଜୋରରେ ଗାଡ଼ି ଚଳାଉଥିଲେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଛି। ତାହା ଯଦି ସତ ହୋଇଥାଏ, ତେବେ ପ୍ରତ୍ୟେକ ନାଗରିକ ନିଜକୁ ସୁରକ୍ଷିତ ଭାବେ ଗତି କରିବା ଦିଗରେ ସଜାଗ ହେବା ଦରକାର। ପ୍ରତି କଥାରେ ଅନ୍ୟ କାହା ଉପରେ ସମ୍ପୂର୍ଣ୍ଣ ଦୋଷ ଲଦିବା ପୂର୍ବରୁ ସତର୍କତା ଅବଲମ୍ବନ କରାଯିବା ବ୍ୟକ୍ତିଗତ ସୁରକ୍ଷାର ମୌଳିକ ଚିନ୍ତା ହେବା ଆବଶ୍ୟକ ହୋଇପଡ଼ିଲାଣି।

# ଆପଣା ପଣରେ ନାରୀ



ଗଣେଶ୍ୱର ନାୟକ

ରାଜା ବ୍ରାହ୍ମଣମାନଙ୍କୁ ପୁଚ୍ଛାକଲେ, 'ଯେଉଁ ଫଳ ଉପୁଜାଇ ସେ ଫଳ ଖାଇ କି ନ ଖାଇ'। ତହିଁକି ବ୍ରାହ୍ମଣ ବୋଇଲେ ଯେ ଯେଉଁ ଫଳ ଉପୁଜାଇ ସେ ଫଳ ଖାଇ। ସେଠାରୁ ରାଜା ନିଜ ଝିଅ ସଙ୍ଗେ ଅଙ୍ଗସଙ୍ଗ ହେଲେ। ସେ ଝିଅ ଗର୍ଭବତୀ ହେଲେ। ସେ କଥା ପ୍ରଘଟ ହେଲା। ସେଠାରୁ ରାଜା ବ୍ରାହ୍ମଣଙ୍କୁ ଏ ପାପର ପ୍ରାୟଶ୍ଚିତ୍ତ କଥା ପଚାରିଲାରୁ ତହିଁକି ବ୍ରାହ୍ମଣମାନେ କହିଲେ, ଦୁଇମାଠିଆ ପାଣି ଘେନି ଝିଅ ଚାଲିବ, ଯେଉଁଠି ତା' ଗୋଡ଼ରୁ ରୁଧିର ଜାତହେବ, ସେଇଠି ପୋଖରୀ ଖୋଳାଯିବ, ପୋଖରୀ ମଧ୍ୟ ଦୀପଦଣ୍ଡିରେ ଝିଅ ରହିବ। ଏ ଝିଅଙ୍କୁ ଏ ରୂପେ ଚଳାଇଲା ବେଳକୁ ରାଜ୍ୟ ଲୋକେ ଶୁଣି ବହୁତ ଉପହାସ କଲେ। ରାଜା ବଡ଼ ସଙ୍କୋଚ ପାଇଲେ, ଏ ଝିଅକୁ ନଅରକୁ ନେଲେ। ସେବେଳର ଏହା ଲିଖିତ ପ୍ରମାଣ, ପୁରୁଷ ଯାହାକରୁ ନାରୀର ସବୁ ଦୋଷ।

ସ୍ୱାଧୀନ ଭାରତରେ ନିର୍ଭୟା ନିର୍ଭୟରେ ଟିକେ ବୁଲିବା ବୋଧେ ଭୁଲ୍ ଥିଲା ତା'ର, ନିର୍ଯାତନା ସହିଲା, ନିଜର ଅଧିକାରକୁ ହରାଇଲା, ଅସମ୍ମାନିତ ହୋଇ ଜୀବନ ଦେଲା। ଯେଉଁମାନେ ଏ କର୍ମ କଲେ, ସେମାନଙ୍କୁ ସେ ଚିହ୍ନେନା କି ଜାଣେନା, ସେମାନଙ୍କର କିଛି ବି ସେ କ୍ଷତି କରିନି କେବେ, ସେମାନେ ବି ତାକୁ ମଣିଷ କରିବାରେ ସହଯୋଗ କରିନାହାନ୍ତି କେବେ। ତଥାପି ସେମାନେ ତାହାର ସବୁ ଅଧିକାର ଛଡ଼ାଇନେଲେ। ଏତେ ସବୁ ହରାଇଲା ପରେ ବି ତାକୁ ନ୍ୟାୟ ଦେବାକୁ ଅନେକ ବର୍ଷ ଲାଗିଗଲା।

କନ୍ୟାରତ୍ନଟିଏକୁ ମଣିଷ କରିବା କେତେ କଷ୍ଟ, ପିତାମାତା ହିଁ ଜାଣନ୍ତି। ଆଉ ଡାକ୍ତରଟିଏ କରି ସମାଜରେ ଠିଆ କରାଇବା ତା'ଠାରୁ ଆହୁରି କଷ୍ଟକର। ବିଚାରୀ ସବୁ ହରାଇଲା, ନିର୍ଯାତନାର ଶିକାର ହେଲା, ଜୀବନ ଥାଇ ଅଗ୍ନିରେ ଦାହହେଲା। ସେ ବି କାହାର କିଛି ଅନିଷ୍ଟ କରି ନ ଥିଲା। ଯେତେବେଳେ ଅଭିଯୁକ୍ତ ପିଶାଚଗଣ ପୋଲିସ ଗୁଳିରେ ମଲେ, ସାରା ଦେଶରେ ଆନନ୍ଦ ଖେଳିଗଲା, ଅତିଷ୍ଠ ନାଗରିକ ପୋଲିସକୁ ପୁଷ୍ପ ବର୍ଷଣକରି ଅଭିନନ୍ଦନ ଜଣାଇଲେ। ସତେ ଯେପରି ଅନେକ ନଦୀର ନୀରବତା, ସମୁଦ୍ରର ଗର୍ଜନ ବୋଧେ ଥିଲା। ଏହା ଥିଲା ସେଦିନର ହାଇଦ୍ରାବାଦ ଘଟଣା।

ଯେତେବେଳେ ଯାତ୍ରା, ନାଟକରେ ନାରୀଟିଏ ଅଭିନୟ କରୁଥିଲା, ସମାଜ ତାହାକୁ ନାଚବାଲୀ କହି ଅନେକ ତାଚ୍ଛଲ୍ୟ କରୁଥିଲା। ସମାଜ ସେମାନଙ୍କୁ ଉଚିତ ସମ୍ମାନ ଦେଉ ନ ଥିଲା। ତଥାପି ଅନେକ ମହିଳା ତାହାକୁ ଖାତିର ନ କରି, ସବୁ ଅପମାନ, ଯନ୍ତ୍ରଣାକୁ ସହି ସାଧନାରେ ବ୍ରତୀ ରହିଲେ। ଫଳ ସ୍ୱରୂପ ନାଚଗୀତ କରୁଥିବା ଝିଅଟି ଆଜି ସମାଜରେ ଅନେକ ସମ୍ମାନ ପାଉଛି।



ଦିଲ୍ଲୀରେ ବ୍ୟାଙ୍କ୍ ଚାକିରି ପାଇଁ ଯୋଗ୍ୟ ବିବେଚିତ କିଛି ବିବାହିତ ମହିଳା ପ୍ରାର୍ଥୀଙ୍କୁ ବ୍ୟାଙ୍କ୍ କିଛିଦିନ ଅନ୍ତରରେ ନିଯୁକ୍ତି ଦେବ ବୋଲି ଘୋଷଣାକଲା। ସେମାନଙ୍କର ଦୋଷ ଥିଲା, ସେମାନଙ୍କର ଗର୍ଭଧାରଣ ୩ ମାସ ବିତିସାରିଥିଲା। ବ୍ୟାଙ୍କ ସେମାନଙ୍କୁ ଆଖ୍ୟା ଦେଲା, ସାମୟିକ ଅକ୍ଷମ। ବ୍ୟାଙ୍କର ନିୟମ ଯେଉଁମାନଙ୍କ ଗର୍ଭଧାରଣ ୩ମାସରୁ ଊର୍ଦ୍ଧ୍ୱ ହୋଇଥିବ, ସେମାନେ ସାମୟିକ ଅକ୍ଷମ ବର୍ଗରେ ଯିବେ। ସେମାନେ ପିଲା ଜନ୍ମର ୬ ସପ୍ତାହ ପରେ ନିଯୁକ୍ତି ପାଇବେ। ଗର୍ଭଧାରଣ ଜଣେ ନାରୀର ଅଧିକାର, ଅଧିକାର ସାବ୍ୟସ୍ତ କରୁଥିବା ଲୋକ ଗଣାହେବ ଅକ୍ଷମ ବର୍ଗରେ? କି ରୁଗ୍ଣ ବିଚାର ସତେ? ଏ ଘଟଣା ପ୍ରକାଶ ପାଇବା ପରେ ଅନେକଙ୍କୁ ଆଘାତ ଦେଲା। ଦିଲ୍ଲୀ ମହିଳା କମିଶନ ନିଜ ଆଡ଼ୁ ଏହାର ପ୍ରତିବାଦକଲେ। ଯୁକ୍ତି ବି ଦର୍ଶାଇଲେ, ନିଯୁକ୍ତି ନ ଦେବା ଦ୍ୱାରା ସେମାନେ ବରିଷ୍ଠତା ହରାଇବେ, ଏହା ଲିଙ୍ଗଗତ ବୈଷମ୍ୟକୁ ମଧ୍ୟ ତୋଳି ଧରୁଛି। ମହିଳା କମିଶନଙ୍କ ଆପତ୍ତି ଫଳରେ ଅନେକ ବ୍ୟାଙ୍କ ଏହିପରି ନିୟମକୁ ପ୍ରତ୍ୟାହାର କରିଥିଲେ। ଆମ ମଧ୍ୟରେ ପ୍ରଶ୍ନ ଉଠିପାରେ, ଏହି ନିୟମ ଠିକ୍ ବୋଲି। କିନ୍ତୁ ପ୍ରଗତି, ସମ୍ବେଦନଶୀଳ ପ୍ରସଙ୍ଗ, ବ୍ୟବସାୟିକ ପ୍ରସଙ୍ଗ ନୁହେଁ। ସଂଗଠିତ କ୍ଷେତ୍ରର ଅନୁଷ୍ଠାନ ପାଇଁ ଏକ ସମ୍ମାନ ଆଉ ସାମାଜିକ ଦାୟିତ୍ୱବୋଧ ମଧ୍ୟ। ସଂସାରରେ ଥିବା ସବୁ ପଶୁପକ୍ଷୀ, ଜୀବଜନ୍ତୁଙ୍କ ଦାୟିତ୍ୱ ଆମେ ନେଉନାହୁଁ। କିନ୍ତୁ ସେମାନେ ବି ବଞ୍ଚୁଛନ୍ତି। ଆଉ ମଣିଷ କ୍ଷେତ୍ରରେ ସେପରି ବିଚାରିବା ନା ମହତ୍ ବିଚାରକୁ ତୋଳି ଧରିବା? ଆଉ ବିଂଶଶତାବ୍ଦୀ ଅତିକ୍ରାନ୍ତ ପରେ ଏଭଳି ବିଚାର କେତେ ଯୁକ୍ତିଯୁକ୍ତ?

ପରିବାର ପୁରୁଷଟିଏକୁ ଯେତିକି ସମ୍ମାନ ଦିଏ, ନାରୀଟିଏକୁ ସେତିକି ସମ୍ମାନ ଏବେ ବି ଦେଉନାହିଁ। ପୁରୁଷ ପ୍ରଧାନ ସମାଜରେ ନାରୀଟିଏ ଘରେ ରହି ଘରର ସବୁ କାର୍ଯ୍ୟ ଦିନରାତି କଲେ ମଧ୍ୟ ତାହାର ମୂଲ୍ୟାଙ୍କନ ହେଉନାହିଁ ବା ତାହାର ଗୁରୁତ୍ୱ ଏତେଟା ରହୁନାହିଁ। ନାରୀଟିଏ ଉଚ୍ଚ ପାଟିରେ କଥାବାର୍ତ୍ତା କଲେ ଉଗ୍ରଚଣ୍ଡୀ ଏବଂ ଧୀରେ କଥାବାର୍ତ୍ତା କଲେ ମୌନମୁହିଁର ଆଖ୍ୟା ପାଉଛି। ଧୀର ଚାଲିରେ, କ୍ଷିପ୍ର ଚାଲିରେ ବି ଅପମାନ ପାଉଛି। ନବେ ଦଶକ ପର୍ଯ୍ୟନ୍ତ ନାରୀଟିଏ ସାଇକେଲ ଚଳେଇବା ସମାଜ ଗ୍ରହଣ କରିପାରୁ ନ ଥିଲା। ସମୟ ବଦଳିଯାଇଛି, ଝିଅଟିଏ ସ୍କୁଟି ଚଳାଇଲେ ସମାଜ ଯଦିଓ ଗ୍ରହଣ କରିପାରୁଛି, କିନ୍ତୁ ବାଇକ୍ ଚଳାଇଲେ ନାନା ଅପମାନସୂଚକ ଶବ୍ଦ ଅର୍ଜନ କରୁଛି ଅର୍ଥାତ୍ ସମାଜ ଏବେ ବି ତାହାକୁ ଗ୍ରହଣ କରିପାରୁନାହିଁ।

ସବୁ ସମୟରେ ନାରୀ ଅବହେଳିତ ଓ ନିର୍ଯାତିତ। ଆମେ ଭାବିବା, ଆଗକାଳରେ କମ୍ ଥିଲା ଏବେ ଅଧିକ ବା ଆଗେ ଅଧିକ ଏବେ କମ୍, ତାହା ନୁହେଁ, ଆମେ ଦିନକୁ ଦିନ ଅଧିକ ଶିକ୍ଷିତ, ଦୀକ୍ଷିତ ହେଲେ ମଧ୍ୟ ଶତକଡ଼ାରେ ହିସାବ କଲେ ଆଗେ ଯେତିକି ନିର୍ଯାତନାର ହାର ଥିଲା ଏବେ ବି ସେତିକି ଶତକଡ଼ା ମଧ୍ୟ।

ଆଫଗାନିସ୍ତାନରେ ଅବସ୍ଥାପିତ ମୌଳବାଦୀ ସରକାର ଯେତେବେଳେ ହୁକୁମ ଜାହିରକଲା ବାଳିକାମାନେ ବିଦ୍ୟାଳୟ ଯାଇପାରିବେ ନାହିଁ ଓ ମହିଳାମାନେ ବାହାରେ କାର୍ଯ୍ୟ କରିପାରିବେ ନାହିଁ, ସେତେବେଳେ ସାରା ବିଶ୍ୱର ଜନଗଣ ଆଶ୍ଚର୍ଯ୍ୟ ପ୍ରକଟ କଲେ। କିନ୍ତୁ ଆମେ ଆମ ନାରୀକୁ ଶିକ୍ଷିତ କରିବାରେ କେତେ ଆଗ୍ରହ ପ୍ରକାଶ କରୁଛେ। ଆମେ କ'ଣ ନାରୀକୁ ସେତିକି ସୁବିଧା ଦେଇଛେ? ନା, ନାରୀ ତାହାର ଅଧିକାର ଜାହିର କଲେ ଆମେ ଅବରୋଧ କରୁଛେ। ବାଲ୍ୟବିବାହ, ନାରୀ ନିର୍ଯାତନା ଆଜି ମଧ୍ୟ ସମାଜରେ ଦେଖାଦେଉଛି। ନାରୀଟିଏ ଜନପ୍ରତିନିଧି ହେଲେ ତାହାର ସ୍ୱାମୀ ସେ ସ୍ଥାନକୁ ଗ୍ରହଣ କରୁଛି। ନାରୀ ସ୍ୱାଧୀନ ଭାବେ ନିଷ୍ପତ୍ତି ନେବାର ଅଧିକାରକୁ ଆମେ ଛଡ଼ାଇ ନେଉଛେ। ବାଳିକାଟିଏ ଶିକ୍ଷାନୁଷ୍ଠାନରେ ଅନେକ ନିର୍ଯାତନାର ଶିକାର ହେଉଥିବା ଦେଖିବାକୁ ମିଳୁଛି।

ଗୋଟିଏ ସମୟ ଥିଲା ନାରୀ ଶିକ୍ଷା ଅର୍ଜନକଲେ ପାପ ବୋଲି ଅଭିହିତ ହେଉଥିଲା। ନାରୀଟିଏ ବିଧବା ହେଲେ ପୁନର୍ବିବାହ କରିପାରୁ ନ ଥିଲା। ଏବେର ସମୟ ଅନେକ ବଦଳିଯାଇଛି ସତ, କିନ୍ତୁ ନାରୀ ଯେତିକି ଅଧିକାର ପାଇବା କଥା ସେତିକିରୁ ବଞ୍ଚିତ ହେଉଛି। ନିର୍ଯାତନାର ଶିକାର ହୋଇଥିବା ନାରୀଟିକୁ ସମାଜ ଆହୁରି ଦୋଷୀ ବୋଲି ବିଚାରୁଛି। ନିର୍ଯାତିତ ନାରୀ ଲୋକଲଜ୍ଜା ବା ଆହୁରି ନିର୍ଯାତନାର ଶିକାର ହେବା ଭୟରେ ଅଭିଯୋଗ କରିବାକୁ ଡରୁଛି। ନାରୀ ଅଧିକାର ପାଇଁ ଲଢ଼େଇ ଧୀର ହେଉଥିବା ସ୍ଥଳେ ନାରୀଟିଏ ନିର୍ଯାତିତ ହେବା ପାଇଁ ଯେତେବେଳେ କାରକ ହେଉଛି, ତାହା ନାରୀ ସମ୍ମାନକୁ ପ୍ରତିହତ କରୁଛି।

ନାରୀ ନୀରବରେ ସବୁ କଷ୍ଟ, ଅପମାନ, ଯନ୍ତ୍ରଣାକୁ ସହି ଆପଣା ପଣରେ ତାହାର ଅଧିକାର ସାବ୍ୟସ୍ତ କରିବାରେ ଚେଷ୍ଟା ଜାରି ରଖିଛି। ସମାଜର ବିଚାର, ହୀନମନ୍ୟତାକୁ ଦୂରେଇଲେ ହିଁ ନାରୀ ପ୍ରକୃତ ସମ୍ମାନ ପାଇବାରେ ସକ୍ଷମ ହେବ।

ଗୋଗଲ, କାଏମା, ଯାଜପୁର
ମୋ: ୯୭୭୭୪୯୭୨୭

# ସାମ୍ରାଜ୍ୟବାଦର ନଗ୍ନ ରୂପ



ରବିନାରାୟଣ ସାମଲ

ଶୀତଳ ଯୁଦ୍ଧର ଅବସାନ ପରେ ସାମ୍ରାଜ୍ୟବାଦୀ ଆମେରିକାର ଔଦ୍ଧତ୍ୟ ଯେ ବହୁଗୁଣା ବଢ଼ିଯାଇଛି, ଏଥିରେ କେହି ଦ୍ୱିମତ ହେବେ ନାହିଁ। କେତେକ ରାଷ୍ଟ୍ରରେ ସାମରିକ ଶକ୍ତି ପ୍ରୟୋଗ ସହିତ ସେଠାକାର ସରକାରକୁ ଗାଦିଚ୍ୟୁତ କରିବା, ରାଷ୍ଟ୍ର ନାୟକଙ୍କୁ ହତ୍ୟା କରିବା, ନିଜର ସଖୀ କଣ୍ଢେଇ ସରକାର ପ୍ରତିଷ୍ଠା କରିବା ଆଦି ଅପକୀର୍ତ୍ତିମାନ ଆମେରିକା ଅର୍ଜନ କରିଛି। ୧୯୯୧ରେ ଗଣବିଧ୍ୱଂସୀ ଅସ୍ତ୍ରଶସ୍ତ୍ର ଗଚ୍ଛିତ ରଖିଥିବା ଅଭିଯୋଗ ଆଣି ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଡବ୍ଲ୍ୟୁ ଏଚ୍ ବୁଶ୍ ଇରାକ୍ ଉପରେ ଆକ୍ରମଣ କରିଥିଲେ ଏବଂ ସେଠାକାର ରାଷ୍ଟ୍ରପତି ସଦ୍ଦାମ ହୁସେନ୍‌ଙ୍କୁ ଫାଶୀ ଦିଆଯାଇଥିଲା। ଠିକ୍ ସେହି କୌଶଳ ଅବଲମ୍ବନ କରି ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କୁ ଅପହରଣ କରିନେଲେ ଡୋନାଲ୍ଡ ଟ୍ରମ୍ପ୍।

୧୯୮୯ରେ ପାନାମା, ୧୯୯୩ରେ ସୋମାଲିଆ, ୨୦୦୦ରେ ୟେମେନ୍, ୨୦୧୧ରେ ଲିବ୍ୟା ଆଦି ଦେଶ ଉପରେ ଆକ୍ରମଣ କରି ସେସବୁ ଦେଶର ଶାସନରେ ହସ୍ତକ୍ଷେପ କରିଥିଲା ଆମେରିକା। ନିକଟ ଅତୀତରେ ଇରାନ୍ ଉପରେ ଆକ୍ରମଣ କରି ସାମ୍ରାଜ୍ୟବାଦୀ ଚରିତ୍ରର ପୁନରାବୃତ୍ତି କଲା। ଏବେ ଇରାନ୍‌ରେ ଚାଲିଥିବା ବିକ୍ଷୋଭରେ ଆନ୍ଦୋଳନକାରୀଙ୍କୁ ସରକାରୀ ଅଫିସ ଦପ୍ତର ଦଖଲ କରିବାକୁ ଟ୍ରମ୍ପ୍ ସିଧାସଳଖ ଆହ୍ୱାନ ଦେଇଛନ୍ତି। ଗୋଟିଏ ଦେଶର ରାଷ୍ଟ୍ରପତି ଅନ୍ୟ ଗୋଟିଏ ସାର୍ବଭୌମ ଦେଶର ଆନ୍ଦୋଳନକୁ ଉସୁକାଇ ବାର୍ତ୍ତା ଦେବା ବିଶ୍ୱ ଇତିହାସରେ ବିରଳ। ଏହା ସହିତ ଦୀର୍ଘ ତିନି ବର୍ଷ ଧରି ରୁଷ୍- ୟୁକ୍ରେନ୍ ଯୁଦ୍ଧରେ ୟୁକ୍ରେନକୁ ପରୋକ୍ଷ ସହଯୋଗ, ଗାଜା ଷ୍ଟ୍ରିପ୍ ଉପରେ ଇସ୍ରାଏଲର ଆକ୍ରମଣକୁ ସମର୍ଥନ ଆଦି ଘଟଣା ସାମ୍ରାଜ୍ୟବାଦର ନଗ୍ନରୂପକୁ ପରିପ୍ରକାଶ କରିଛି। ଗତ ୫୦ ବର୍ଷ ଭିତରେ ୮୪ଟି ଦେଶ ଉପରେ ୪୦୦ ଥର ଆକ୍ରମଣ କରିଛି ଆମେରିକା। ବିଶ୍ୱର ୮୦ଟି ଦେଶରେ ପ୍ରତିଷ୍ଠା କରିଥିବା ୮୭୭ଟି ସାମରିକ ଘାଟିକୁ ଏଥିପାଇଁ ନିୟୋଜିତ କରିଛି। ନିକଟରେ ବ୍ରିଟେନ୍‌ର ସାମରିକ ଘାଟିକୁ ବ୍ୟବହାର କରି ରୁଷ୍‌ର ତୈଳବାହୀ ଜାହାଜକୁ ଆମେରିକା ଅପହରଣ କରିଛି। ଭିଏତ୍‌ନାମ ଓ ଆଫଗାନିସ୍ତାନ ସହ ଯୁଦ୍ଧ କରି ନିଜ ଛେପକୁ ନିଜେ ଢୋକିଛି। ଏସବୁ ସତ୍ତ୍ୱେ ତା' ଚରିତ୍ରର କୌଣସି ପରିବର୍ତ୍ତନ ଘଟି ନାହିଁ। ଗୋଟିକ ପରେ ଗୋଟିଏ ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବାରେ ଲାଗିଛି।

ଭେନେଜୁଏଲା ଦକ୍ଷିଣ ଆମେରିକାର ଏକ ସ୍ୱାଧୀନ ରାଷ୍ଟ୍ର। ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଓ ତାଙ୍କ ସ୍ତ୍ରୀଙ୍କୁ ଦସ୍ୟୁ ପରି ଅପହରଣ କରିବା, ହାତରେ କଡ଼ି ପକାଇ ନ୍ୟୁୟର୍କ ଜେଲ୍‌କୁ ନେଇଯିବା ଆଦି ଘଟଣା ମଧ୍ୟଯୁଗୀୟ ବର୍ବରତା। ଏହା ଆନ୍ତର୍ଜାତିକ ଆଇନର ଖୋଲା ଉଲ୍ଲଂଘନ। ସାରା ବିଶ୍ୱରେ ଏପରିକି ଆମେରିକାରେ ମଧ ଏହାର ପ୍ରତିବାଦରେ ଜୋରଦାର ବିକ୍ଷୋଭ ସଂଗଠିତ ହୋଇଛି। ଚାଇନା, ରୁଷ୍, କଲମ୍ବିଆ, ବ୍ରାଜିଲ୍ ଓ ଉତ୍ତରକୋରିଆ ସମେତ ମିଳିତ ଜାତିସଂଘ ଏହାକୁ ନିନ୍ଦା କରିଛନ୍ତି। ମାତ୍ର ଇସ୍ରାଏଲ୍ ଓ ବ୍ରିଟେନ୍ ଏହାକୁ ସମର୍ଥନ କରିଛନ୍ତି। ଭାରତ ଏହାକୁ ନିନ୍ଦା ନ କରି 'ସମ ଦୂରତା' ନୀତି ପ୍ରୟୋଗ କରିଛି। ଦୁର୍ଭାଗ୍ୟ!



ଏଠାରେ ଜର୍ମାନୀର ବିଶିଷ୍ଟ କବି ମାର୍ଟିନ୍ ନିମୋଲର୍‌ଙ୍କ ବିଶ୍ୱ ବିଖ୍ୟାତ କବିତା 'ଫାଷ୍ଟ ଦେ କମ୍'ର କେତୋଟି ପଂକ୍ତିକୁ ଉଦ୍ଧାର କରାଯାଇପାରେ। ହିଟ୍‌ଲରଙ୍କ ଶାସନକୁ ବର୍ଣ୍ଣନା କରିବାକୁ ଯାଇ ସେ ଲେଖିଥିଲେ- ''ସେମାନେ ବାନ୍ଧିନେଲେ ସମାଜବାଦୀଙ୍କୁ/ ମୁଁ ଚୁପ୍ ରହିଲି, କାରଣ ମୁଁ ସମାଜବାଦୀ ନ ଥିଲି। ତା'ପରେ ସେମାନେ ବାନ୍ଧିନେଲେ ଶ୍ରମିକଙ୍କୁ/ ମୁଁ ଚୁପ୍ ରହିଲି, କାରଣ ମୁଁ ଶ୍ରମିକ ନଥିଲି। ତା'ପରେ ସେମାନେ ବାନ୍ଧିନେଲେ ଇହୁଦୀଙ୍କୁ/ ମୁଁ ଚୁପ୍ ରହିଲି, କାରଣ ମୁଁ ଇହୁଦୀ ନଥିଲି। ଶେଷକୁ ସେମାନେ ମୋତେ ବାନ୍ଧିନେଲେ/ ମାତ୍ର ମୋ ପାଇଁ ପଦେ କହିବାକୁ କେହି ନଥିଲେ।''

ସାମ୍ରାଜ୍ୟବାଦୀ ଆମେରିକାର ଔଦ୍ଧତ୍ୟ ଏମିତି ଅବସ୍ଥାରେ ଆସି ପହଞ୍ଚିଛି ଯେ, ଗୋଟିଏ ପରେ ଗୋଟିଏ ରାଷ୍ଟ୍ରକୁ ସେ ଆକ୍ରମଣ କରିବାରେ ଲାଗିଛି। ଅନ୍ୟ ରାଷ୍ଟ୍ରଗୁଡ଼ିକ ନୀରବଦ୍ରଷ୍ଟା ସାଜିଲେ କବି ନିମୋର୍‌ଙ୍କ କବିତାର ପଂକ୍ତି ଯେ ବାସ୍ତବ ରୂପ ନ ନେବ, ଏକଥା ଅବିଶ୍ୱାସ୍ୟ ନୁହେଁ।

ଭେନେଜୁଏଲାର ତୈଳ ଭଣ୍ଡାରକୁ କରାୟତ୍ତ କରିବାକୁ ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଆକ୍ରମଣର ମୁଖ୍ୟ ଉଦ୍ଦେଶ୍ୟ ଥିଲେ ମଧ ଟ୍ରମ୍ପ୍ ବର୍ତ୍ତମାନ ହରଡ଼ଧ୍ଘଣାରେ। ଆମେରିକୀୟ ତୈଳ କମ୍ପାନୀମାନେ ଏକ ଅନିଶ୍ଚିତ ଭବିଷ୍ୟତକୁ ଆଶଙ୍କା କରି ସେଠାରେ ପୁଞ୍ଜି ନିବେଶ କରିବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଆମେରିକାର ଆର୍ଥିକ ଅବସ୍ଥା ସଙ୍କଟଜନକ। କର୍ମଚାରୀମାନଙ୍କୁ ବେତନ ଦେବାକୁ ଟ୍ରମ୍ପ୍ ପ୍ରଶାସନ ଅକ୍ଷମ। ହ୍ୱାଇଟ୍ ହାଉସ୍‌ର କର୍ମଚାରୀମାନଙ୍କ ଦରମା ବନ୍ଦ। ଦେଶରେ ବେରୋଜଗାରି ସଂଖ୍ୟା ଶତକଡ଼ା ୯ରେ ପହଞ୍ଚିଛି। ସେଥିଯୋଗୁ ବାହାର ଦେଶର ନାଗରିକମାନଙ୍କୁ ଆମେରିକାରୁ ବିଦା କରାଯାଉଛି। ପାଣ୍ଠି ଅଭାବକୁ ଦୃଷ୍ଟିରେ ରଖି ଜାତିସଂଘ ସମେତ ଅନ୍ୟ ବୈଶ୍ୱିକ ସଂସ୍ଥାର ୬୯ଟି ଚୁକ୍ତିରୁ ଆମେରିକା ନିକଟରେ ଓହରି ଯାଇଛି।

ଡୋନାଲ୍ଡ ଟ୍ରମ୍ପ୍‌ଙ୍କ କାର୍ଯ୍ୟକଳାପ ଉନ୍ମାଦ ପ୍ରାୟ! ଏକଦା ନୋବେଲ ଶାନ୍ତି ପୁରସ୍କାର ପାଇଁ ଦାବି କରୁଥିବା ଲୋକଟି ବୋମା ବନ୍ଧୁକରେ କଥା କହୁଛନ୍ତି! ଗୋଟିଏ ପଟେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନ୍ତରଙ୍ଗ ବନ୍ଧୁ କହି ଅନ୍ୟ ପଟେ ପାକିସ୍ତାନର ସେନାଧକ୍ଷ ମୁନିର୍‌ଙ୍କୁ ଆଲିଙ୍ଗନ କରୁଛନ୍ତି। ଭାରତ ଉପରେ ବାଣିଜ୍ୟିକ ଶୁଳ୍କ କ୍ରମାଗତ ବଢ଼ାଇଚାଲିଛନ୍ତି। ଟ୍ରମ୍ପ୍‌ଙ୍କ ଏ ଧରଣର ନୀତି ଯୋଗୁଁ ସାରା ବିଶ୍ୱରେ ଅସ୍ଥିରତା ଓ ଉତ୍ତେଜନା ଦେଖାଦେଇଛି। କ'ଣ କେତେବେଳେ ଘଟିଯିବ ତାହାର କିଛି ଇୟତ୍ତା ନାହିଁ। ଭାରତ ଯେପରି ପ୍ରତିବାଦଶୂନ୍ୟ ନୀତି ଆପଣେଇଛି, ତାହାର ପରିଣତି ମଧ୍ୟ ଶୁଭଙ୍କର ନୁହେଁ। ଏଭଳି ପରିସ୍ଥିତିରେ ଶାନ୍ତିକାମୀ ଜନଗଣ ଚୁପ୍ ନ ରହି ସ୍ୱର ଉତ୍ତୋଳନ କରିବା ଦରକାର। ସାମ୍ରାଜ୍ୟବାଦର ପ୍ରତିରୋଧ ନିମିତ୍ତ ସବୁମନ୍ତେ ଉଦ୍ୟମ ହେବା ଜରୁରୀ।

ମୋ: ୭୯୭୫୦୪୬୪୮୬

## ଏଇ ଭାରତରେ

କେରଳର କନ୍ନୁର ଜିଲା ମାଲାବାର ଉପକୂଳରେ ରହିଛି ବୃହତ୍ ମ୍ୟାନ୍‌ଗ୍ରୁଭ ବା ହେନ୍ତାଳବନ, ଯାହା ରାଜ୍ୟର ମୋଟ ମ୍ୟାନ୍‌ଗ୍ରୁଭର ୪୩.୦୮ ପ୍ରତିଶତ। ଏହା ପାଖାପାଖି ୯ ବର୍ଗ କି.ମି. ଅଞ୍ଚଳରେ ବ୍ୟାପ୍ତ। ଏଠାରେ ୧୫ ପ୍ରଜାତିର ଗଛ ସହ ୮୭ ପ୍ରଜାତିର ମାଛ, ୮୩ ପ୍ରଜାତିର ପକ୍ଷୀ ଏବଂ ୧୩ ପ୍ରଜାତିର ସ୍ତନ୍ୟପାୟୀ ଜୀବ ରହିଛନ୍ତି। ଜୈବ ବିବିଧତା ଏବଂ ଲୋକଙ୍କ ଜୀବନ ଜୀବିକାରେ ପ୍ରମୁଖ ଭୂମିକା ନେଉଥବା ଏହି ହେନ୍ତାଳବନର ପାଖାପାଖି ୭୦-୭୫ ପ୍ରତିଶତ ଜବରଦଖଲରେ ଯାହା ସଂରକ୍ଷଣରେ ବାଧା ଉପୁଜାଇଆସୁଛି। ହେଲେ ୱାଇଲ୍ଡ ଲାଇଫ୍ ଟ୍ରଷ୍ଟ ଇଣ୍ଡିଆ ଦ୍ୱାରା କନ୍ନୁର କଣ୍ଡଲ ପ୍ରୋଜେକ୍ଟ ଆରମ୍ଭ କରାଯିବା ପରେ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିଛି। ଏହା ମାଧ୍ୟମରେ ଏବେ ସୁଦ୍ଧା ୩୭ ଏକର ଜବରଦଖଲମୁକ୍ତ କରାଯାଇଛି। ୨୦୨୨ରେ ଏହି ଟ୍ରଷ୍ଟ ଏସ୍‌ବିଆଇ ଫାଉଣ୍ଡେଶନ ସହ ମିଶି ପାଖାପାଖି ୩୪ ଏକରରେ ପୁନଃ ହେନ୍ତାଳ ବନ ସୃଷ୍ଟି କରାଯାଇଛି। କେବଳ ଏତିକି ନୁହେଁ, ୧ ଲକ୍ଷ ମ୍ୟାନ୍‌ଗ୍ରୁଭ ଚାରା ଗଛ ଥିବା ଏକ ନର୍ସରି କରାଯାଇଛି। ଏହା ସହ ୫ଟି ସାଟେଲାଇଟ୍ ନର୍ସରି କରାଯାଇ ବିଭିନ୍ନ ସ୍ଥାନକୁ ଚାରା ନିଆଯାଇ ରୋପଣ କରାଯିବାର ବ୍ୟବସ୍ଥା କରାଯାଇଛି। ଏଥିସହ ୪୦୦ ଗୋଷ୍ଠୀଭିତ୍ତିକ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଏହା ୮୫,୦୦୦ ଲୋକଙ୍କ ନିକଟରେ ପହଞ୍ଚିପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୧ ଜାନୁଆରୀ ୧୯୭୭

- ସରକାରୀ ଚାକିରି କ୍ଷେତ୍ରରେ ଚକ୍ଷୁହୀନ ଲୋକଙ୍କ ପାଇଁ କେତେକ ସ୍ଥାନ ସଂରକ୍ଷଣ ରଖାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି।
- ପାକିସ୍ତାନ ଜାତୀୟ ଆସେମ୍ବ୍ଲିର ୨୦୦ ସ୍ଥାନ ପାଇଁ ପ୍ରାର୍ଥୀପତ୍ର ଦାଖଲ କରାଯାଇଥିବା ପାକିସ୍ତାନ ରେଡିଓରୁ ଘୋଷଣା କରାଯାଇଛି।

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | 4 | | | 7 | 5 | 1 | |
| | | 2 | | 3 | | | | |
| | | | | | | | | 8 |
| | | 9 | | | | | | |
| | | | 2 | | | | | 6 |
| 2 | | 8 | 4 | | 5 | | 7 | |
| | | | | | | | | |
| | | | 7 | 1 | | | | |
| 3 | | | 5 | 2 | | 9 | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 2 | 5 | 4 | 7 | 9 | 6 | 1 |
| 9 | 4 | 1 | 8 | 6 | 2 | 5 | 3 | 7 |
| 5 | 7 | 6 | 9 | 3 | 1 | 8 | 2 | 4 |
| 7 | 3 | 8 | 6 | 1 | 5 | 2 | 4 | 9 |
| 2 | 1 | 9 | 7 | 8 | 4 | 6 | 5 | 3 |
| 6 | 5 | 4 | 2 | 9 | 3 | 7 | 1 | 8 |
| 1 | 6 | 5 | 3 | 7 | 9 | 4 | 8 | 2 |
| 8 | 9 | 3 | 4 | 2 | 6 | 1 | 7 | 5 |
| 4 | 2 | 7 | 1 | 5 | 8 | 3 | 9 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆତ୍ମହତ୍ୟାର 'ରାଜଧାନୀ' ଭୁବନେଶ୍ୱର

ମହାଶୟ,

ଖବରକାଗଜ ପଢ଼ିବା ବେଳେ ଦଣ୍ଡେ ଅଟକିଗଲି 'ରାଜଧାନୀରେ ବର୍ଷକରେ ୫୦୦ ଆତ୍ମହତ୍ୟା' ଶୀର୍ଷକରେ ପ୍ରକାଶିତ ଖବରରେ। ୨୦୨୫ ମସିହାରେ ୫୦୦ ଜଣ ଆତ୍ମହତ୍ୟା କରିଛନ୍ତି, ଯହିଁରୁ ୩୦୦ ଜଣ ବିଷପାନ ଓ ବାକି ୨୦୦ ଜଣ ବେକରେ ଦଉଡ଼ି ଦେଇ। ହତବାକ୍ ହୋଇଗଲି ପଢ଼ି। ବିଷୟର ଗମ୍ଭୀରତା ଓ ଗଭୀରତା ବୁଝାପଡ଼େ, ଯେହେତୁ ଏମାନଙ୍କ ମଧ୍ୟରେ ୩୨୦ ଜଣ ଯୁବପିଢ଼ିର। ଏକ ଅଧ୍ୟୟନରୁ ଜଣାଯାଏ, ପ୍ରେମରେ ବିଫଳତା, ପ୍ରତାରଣା ଓ ପାରିବାରିକ ବିବାଦରୁ ଯୁବପିଢ଼ି ମଧ୍ୟରେ ଆତ୍ମହତ୍ୟାପ୍ରବଣତା ବଢ଼ୁଛି। ସେମାନେ ସାମାଜିକ ଗଣମାଧ୍ୟମରେ ଅଧିକ ସମୟ ବିତାଉଛନ୍ତି। ଧୀରେ ଧୀରେ ସମାଜର ମୁଖ୍ୟସ୍ରୋତରୁ ଦୂରେଇଯାଉଛନ୍ତି। ଯୁବବର୍ଗର ବର୍ତ୍ତମାନ ବହି ପଢ଼ିବା କମିଛି, ପ୍ରକୃତ ବନ୍ଧୁଙ୍କ ସଂଖ୍ୟା ହ୍ରାସପାଇଛି, ପରିବାର ସଦସ୍ୟଙ୍କ ସହ ମିଶିବା କମିଯାଇଛି। ଅନ୍ତର୍ମୁଖୀ ଭାବ ବଢ଼ିବା ଦ୍ୱାରା ନିଜ ମନର କଥା କାହା ଆଗରେ ନ କହିପାରି ମାନସିକ ଅବସାଦରେ ରହୁଛନ୍ତି। ବିଜନବେଳା ଓ ନୀରବ ମୁହୂର୍ତ୍ତର ପରିମାଣରେ ବୃଦ୍ଧି ଘଟିଛି - ଯାହା ଆଦୌ ଶୁଭଙ୍କର ନୁହେଁ। ଗୋଟିଏ ବର୍ଷରେ ଏତେ ସଂଖ୍ୟକ ଯୁବତୀଯୁବକ ଆତ୍ମହତ୍ୟା ପରିବାର, ସମାଜ ଓ ରାଷ୍ଟ୍ର ଲାଗି ଅତ୍ୟନ୍ତ କ୍ଷତିକାରକ ଏବଂ ଚିନ୍ତାଜନକ । ସମୂହ ପ୍ରୟାସ ଦ୍ୱାରା ଯୁବପିଢ଼ିଙ୍କ ଆତ୍ମହତ୍ୟା ଘଟଣାକୁ 'ଶୂନ' ରେ ପରିଣତ କରିବା ଆମ ସମସ୍ତଙ୍କର ଧ୍ୟେୟ ହେଉ।

-ପ୍ରତାପ ନାୟକ, ଏମ୍‌ଆଇଜି-୭୫, କଳିଙ୍ଗବିହାର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନବ ନବ ବଇଭବ
ଚଉଦିଗେ ଭରେ,
ଅନ୍ତର ଦିନତାରେ
ନିଶିଦିନ ମରେଁ। -(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଚୌଦ୍ୱାର ଜେଲର ପୂର୍ବତନ ଜେଲର, ଅଧୀକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

■ ଘଟଣା ଉପରେ ଗୃହ ବିଭାଗର ଉଦ୍‌ବେଗ

■ ୨ ଅଧିକାରୀଙ୍କ ପାଇଁ ବଦନାମ ଜେଲ ବିଭାଗ

ଭୁବନେଶ୍ୱର,୨୦।୧(ତ୍ରିନାଥ ମହାନ୍ତି)




ଚୌଦ୍ୱାର ଜେଲରୁ ୨ କଏଦୀ ଫେରାର ହେବା ଘଟଣାକୁ ନେଇ ପୂର୍ବତନ ଜେଲର ଏବଂ ଅଧୀକ୍ଷକ ମୁହାଁମୁହିଁ ହୋଇଛନ୍ତି। ଦୁଇ ସରକାରୀ ଅଧିକାରୀଙ୍କ ପାଇଁ ପୂରା ଜେଲ ବିଭାଗ ବଦନାମ ହୋଇଛି। ତେଣୁ ଜେଲ ବିଭାଗ ୨ ଅଧିକାରୀଙ୍କୁ ସୋମବାର କାରଣଦର୍ଶାଅ ନୋଟିସ କରିଛନ୍ତି। ଉପରୋକ୍ତ ୨ ଅଧିକାରୀ ନିଜ ଆପତ୍ତି ଜେଲ ବିଭାଗକୁ ଜଣାଇବେ ବୋଲି ଜେଲ ଡିଆଇଜି ବୀରେନ ସାହୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ଘଟଣା ଉପରେ ଗୃହ ବିଭାଗ ଉଦ୍‌ବେଗ ପ୍ରକାଶ କରିବା ସହ ଜେଲ ବିଭାଗକୁ ରିପୋର୍ଟ ମାଗିଛନ୍ତି। ସେପଟେ ଜେଲରୁ କଏଦୀ ଚମ୍ପଟ ସହ ଅବାଧ ନିଶାଦ୍ରବ୍ୟ ଚାଲାଣ ରୋକିବା ପାଇଁ ଜେଲରେ ଏଆଇ କ୍ୟାମେରା ଲାଗିବ ବୋଲି ସାହୁ କହିଛନ୍ତି। କୌଣସି କଏଦୀ ଚମ୍ପଟ ମାରିବା ପାଇଁ ଉଦ୍ୟମ କଲେ ଅଟୋମେଟିକ ଭାବେ ସାଇରନ ବାଜିବ। ପ୍ରଥମ ପର୍ଯ୍ୟାୟରେ ୧୮ଟି ଜେଲରେ ଏହି ଏଆଇ କ୍ୟାମେରା ଲାଗିବ। ଦ୍ୱିତୀୟ ପର୍ଯ୍ୟାୟରେ ଚୌଦ୍ୱାର ସର୍କଲ ଜେଲ, ଭୁବନେଶ୍ୱର ଝାରପଡ଼ା ଜେଲ, ବ୍ରହ୍ମପୁର ସ୍ପେଶାଲ ଜେଲ ଓ ସମ୍ବଲପୁର ଜେଲରେ ଏଆଇ କ୍ୟାମେରା ଲାଗିବା ପାଇଁ ସ୍ଥିର ହୋଇଛି ବୋଲି ଜେଲ ଡିଆଇଜି କହିଛନ୍ତି।

୨୦୨୫ ଅକ୍ଟୋବର ୩ରେ ଦୁଇ ଦୁର୍ଦ୍ଦାନ୍ତ ବିହାରୀ ଅପରାଧୀ ରାଜା ସାହାଣୀ ଓ ମଧୁକାନ୍ତ କୁମାର ଚୌଦ୍ୱାର ସର୍କଲ ଜେଲରୁ ଫେରାର ହୋଇଯିବା ପରେ ଗୋଟିଏ ପରେ ଗୋଟିଏ ବିବାଦ ସାମ୍ନାକୁ ଆସିଛି। ବରିଷ୍ଠ ଅଧୀକ୍ଷକଙ୍କ କମ୍ପ୍ୟୁଟରରୁ ଭାଇରାଲ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଚିଠି ଭିତରେ କଟକ ରେଞ୍ଜ ଡିଆଇଜିଙ୍କୁ ବିଭିନ୍ନ ସମୟରେ କଏଦୀଙ୍କୁ ଆକ୍ରମଣ ସଂକ୍ରାନ୍ତ ଆଭ୍ୟନ୍ତରୀଣ ରିପୋର୍ଟ, ଜେଲର ୬ ଜଣିଆ ସିକ୍ୟୁରିଟି ଅଡିଟ ଟିମ ଦ୍ୱାରା ଜେଲରେ ଥିବା ସମସ୍ତ ଦୁର୍ବଳତା ଚିହ୍ନଟ ସଂକ୍ରାନ୍ତ ଜେଲ ଡିଜିଙ୍କୁ ଚିଠି, ଜେଲରେ ମୋବାଇଲ, ଗଞ୍ଜେଇ, ବ୍ରାଉନ୍ ସୁଗାର, ମାରଣାସ୍ତ୍ର କାରବାର ହେଉଥିବା ସଂକ୍ରାନ୍ତରେ ଆଭ୍ୟନ୍ତରୀଣ ଗୁଇନ୍ଦା ତଥ୍ୟ ସଂଗ୍ରହ ପାଇଁ ଗଠନ ହୋଇଥିବା ୨୦ଜଣିଆ ଟିମ ନିର୍ଦ୍ଦେଶନାମା ସଂକ୍ରାନ୍ତ ଚିଠି ଇତ୍ୟାଦି ରହିଛି। ସିଧାସଳଖ ଜେଲ ଡିଜିଙ୍କୁ ଜେଲ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଲେଖାଯାଇଥିବା ଚିଠି ବି ଏହି ୩୭୫ ପୃଷ୍ଠାରେ ରହିଛି। ଅନ୍ୟପଟେ ପରସ୍ପର ବିରୋଧରେ ଦେଇଥିବା ଏତଲାକୁ ନେଇ ପୁଣି ଥରେ ଉଭୟ ଅଧୀକ୍ଷକ ଓ ଜେଲର ମୁହାଁମୁହିଁ ହୋଇଛନ୍ତି। ବରିଷ୍ଠ ଜେଲ ଅଧୀକ୍ଷକ ସୁଜିତ ରାଉଳ ରବିବାର ସନ୍ତୋଷିନୀ ଦାଶଙ୍କ ବିରୋଧରେ ଚୌଦ୍ୱାର ଥାନାରେ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଆଣିଥିଲେ। ସନ୍ତୋଷିନୀ ଦାଶ ଚୌଦ୍ୱାର ଜେଲରୁ ବଦଳି ହେବା ପରେ ନୂଆ କରି କାର୍ଯ୍ୟରେ ଯୋଗ ଦେଇଥିବା ରଘୁରାଜ ମାଝୀଙ୍କୁ କ୍ୟାଣ୍ଟିନ ଆର୍ଥିକ କାରବାର ସମ୍ପର୍କିତ ଦସ୍ତାବିଜ ପ୍ରଦାନ କରି ନ ଥିଲେ। ଏପରି କି ସେ ଜେଲର ଅନେକ କଏଦୀଙ୍କୁ ବିନା କାରଣରେ ନିର୍ଯାତନା ଦେଇଥିବା ରେକର୍ଡ ରହିଛି। ୨ଦୁର୍ଦ୍ଦାନ୍ତ ଅପରାଧୀ ରାଜା ଓ ମଧୁକାନ୍ତଙ୍କୁ ସନ୍ତୋଷିନୀ ଦୁର୍ଗାପୂଜା ସମୟରେ ୨ ଥର ବିନା ଅନୁମତିରେ ଆଣିଥିବା ସଂକ୍ରାନ୍ତରେ ମଧ୍ୟ ରାଉଳ ଅଭିଯୋଗରେ ଦର୍ଶାଇଥିଲେ। ରାଉଳଙ୍କ ଅଭିଯୋଗକୁ ସନ୍ତୋଷିନୀ ଖଣ୍ଡନ କରିବା ସହ ପାଲଟା ଅଭିଯୋଗ ଆଣିଛନ୍ତି। ସନ୍ତୋଷିନୀଙ୍କ କହିବା ଅନୁଯାୟୀ, ପୂଜା ସମୟରେ କେବଳ ଫେରାର ୨ବିହାରୀ କଏଦୀ ଆସି ନ ଥିଲେ ବରଂ ସମସ୍ତ କଏଦୀ ବାହାରକୁ ଆସିଥିଲେ। ଜେଲରୁ ବାହାରି ଦୁର୍ଗାପୂଜା ଦେଖିବାକୁ କଏଦୀଙ୍କ ପାଇଁ କୌଣସି କଟକଣା ନ ଥିଲା। କ୍ୟାଣ୍ଟିନ ଟଙ୍କା ହେରଫେର ଅଭିଯୋଗ ସମ୍ପୂର୍ଣ୍ଣ ମିଛ। ନୂଆ ଜେଲରଙ୍କୁ ଦାୟିତ୍ୱ ହସ୍ତାନ୍ତର ସମୟରେ କ୍ୟାଣ୍ଟିନ ଟଙ୍କା ସମ୍ପର୍କିତ ସମସ୍ତ ତଥ୍ୟ ଦସ୍ତାବିଜରେ ସ୍ପଷ୍ଟ ଉଲ୍ଲେଖ ରହିଛି। ତେଣୁ ଏଥିରେ କୌଣସି ପ୍ରକାର ସତ୍ୟାସତ୍ୟ ନଥିବା ସନ୍ତୋଷିନୀ କହିଛନ୍ତି। ଏହି ଘଟଣାରେ ମତାମତ ନେବାକୁ ଜେଲ ଡିଜି ସୁଶାନ୍ତ ନାଥଙ୍କୁ ଫୋନ୍ କରାଯାଇଥିଲେ ସୁଦ୍ଧା ସେ ଫୋନ୍ ଉଠାଇ ନ ଥିଲେ।

# ବାପପୁଅଙ୍କୁ ଆଜୀବନ ଜେଲ

ବ୍ରହ୍ମପୁର,୨୦।୧(ସୁବାସ ଚନ୍ଦ୍ର ପାଢ଼ୀ)

**ଜମି ବିବାଦକୁ ନେଇ ହତ୍ୟା ମାମଲା**

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳରେ ଜମି ବିବାଦକୁ ନେଇ ୨୦୨୪ରେ ସାନଭାଇଙ୍କୁ ବଡ଼ଭାଇ ଓ ତାଙ୍କ ପୁଅ ମିଶି ହତ୍ୟା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଜିଲା ଦୌରା ଜଜ୍ ଅଶାନ୍ତ କୁମାର ଦାଶ ଅଭିଯୁକ୍ତ ବାପପୁଅଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ଗୋଳନ୍ଥରା ଥାନା ଅନ୍ତର୍ଗତ ଓଡିଆରପି କଲୋନୀ କଇଠା ଗ୍ରାମର ସୁରେନ୍ଦ୍ର ବେହେରା(୬୨) ଓ ତାଙ୍କ ପୁଅ ମୋହନ ବେହେରା (୩୫)। ଜେଲ ଭୋଗିବା ସହ ଉଭୟେ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦେବେ ବୋଲି ଜଜ୍ ରାୟରେ ଉଲ୍ଲେଖ କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି।

କଇଠା ଗ୍ରାମରେ ଭୀମ ବେହେରା ଓ ତାଙ୍କ ବଡ଼ଭାଇ ସୁରେନ୍ଦ୍ରଙ୍କ ଥିବା କିଛି ଜମିରେ ସେମାନେ କିଆ ଫୁଲ ଚାଷ କରି ବ୍ୟବସାୟ କରୁଥିଲେ। ତେବେ ଜମିକୁ ନେଇ ଦୁଇ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ୨୦୨୪ ଫେବୃଆରୀ ୪ରେ ଭୀମ ନିଜ ଘର ବାହାରେ ଠିଆ ହୋଇଥିବା ବେଳେ ବଡ଼ଭାଇ ସୁରେନ୍ଦ୍ର ଓ ତାଙ୍କ ପୁଅ ମୋହନ ଟାଙ୍ଗିଆ ଓ କାତିଧରି ସେଠାରେ ପହଞ୍ଚିଥିଲେ। କୌଣସି କଥାକୁ ନେଇ ଭୀମଙ୍କ ସହ ସେମାନେ ଝଗଡ଼ା କରିଥିଲେ। ବାପପୁଅ ଟାଙ୍ଗିଆ ଓ କାତିରେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଭୀମ ଗୁରୁତର ହୋଇ ତଳେ ପଡି ଯାଇଥିଲେ। ଘରୁ ତାଙ୍କ ସ୍ତ୍ରୀ ରାଧା ବେହେରା ସ୍ୱାମୀଙ୍କୁ ବଞ୍ଚାଇବା ପାଇଁ ଆସିଥିବା ବେଳେ ବାପପୁଅ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଫଳରେ ଭୀମଙ୍କ ମୃତ୍ୟୁ ଘଟିଥିଲା। ରାଧାଙ୍କ ଅଭିଯୋଗକ୍ରମେ ନଂ.୫୪/୨୪ରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ବାପପୁଅଙ୍କୁ ଗିରଫ କରିଥିଲା।

# ହ୍ୱାଟ୍ସ ଆପ୍‌ରେ ନ୍ୟୁଡ୍ ଭିଡିଓ କଲ୍ କରି ବ୍ଲାକମେଲ୍




ସାଇବର ଥାନା ପୋଲିସ ଦ୍ୱାରା ଗିରଫ ୫ ଅଭିଯୁକ୍ତ ଓ ଜବତ ଟଙ୍କା।

କଟକ,୨୦।୧(କାର୍ତ୍ତିକ ସାହୁ)

■ ୮୮ ଲକ୍ଷ ଟଙ୍କା ସାଇବର ଠକେଇ ମାମଲାରେ ୫ ଗିରଫ

■ ମୁଖ୍ୟ ଅଭିଯୁକ୍ତ ସରୋଜ ଫେରାର

■ ୧୪ ଲକ୍ଷ ନଗଦ ଅର୍ଥ, ଅଳଙ୍କାର, ବାଇକ୍ ଜବତ

■ ୭୨ ବର୍ଷୀୟ ବରିଷ୍ଠ ନାଗରିକ ଠକେଇର ଶିକାର

ଜଣେ ୭୨ ବର୍ଷୀୟ ବରିଷ୍ଠ ନାଗରିକଙ୍କୁ ପ୍ରଥମେ ହ୍ୱାଟ୍ସ ଆପ୍‌ରେ ନ୍ୟୁଡ୍ ଭିଡିଓ କଲେ। ପରେ ଉକ୍ତ ଭିଡିଓ କଲିଂର ରେକର୍ଡିଂ କରି ତାହା ପ୍ରଘଟ କରିଦେବା ଭୟ ଦେଖାଇ ସମ୍ପୃକ୍ତ ବୃଦ୍ଧଙ୍କୁ ବ୍ଲାକମେଲ୍ କଲେ। ବ୍ଲାକ୍‌ମେଲ କରି କଟକ ବିଡ଼ାନାସୀର ସମ୍ପୃକ୍ତ ବୃଦ୍ଧଙ୍କଠାରୁ ସାଇବର ଅପରାଧୀ ୮୮ ଲକ୍ଷ ଠକେଇ କରି ନେଇଯିବା ମାମଲାରେ କଟକ ସାଇବର ଥାନା ପୋଲିସ ୫ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ପୋବଲା ଗ୍ରାମର ମନୋଜ କୁମାର ଜେନା (୨୭), ପ୍ରଫୁଲ୍ଲ କୁମାର ବିଶ୍ୱାଳ (୬୫), ସଂଗ୍ରାମ ଜେନା (୨୨), ବରୀ ଥାନା ଅନ୍ତର୍ଗତ ଉଫୁଳ ଗ୍ରାମର ବାସୁଦେବ ରାଉତ (୨୫) ଏବଂ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ କପିଳ ପ୍ରସାଦ ମହତାବ ରୋଡ୍‌ର ମନୋରଞ୍ଜନ ରାଉତରାୟ (୬୦)। ତେବେ ମାମଲାର ମୁଖ୍ୟ ଅଭିଯୁକ୍ତ ସରୋଜ କୁମାର ଜେନା ଫେରାର ଥିବା ପୋଲିସ କହିଛି। ସେମାନଙ୍କ ନିକଟରୁ ନଗଦ ୧୪ ଲକ୍ଷ ୪୬୦ ଟଙ୍କା, ୧୬ଟି ରୁପା ମୁଦ୍ରା, ୨ ହଳ ସୁନା କାନଫୁଲ, ୧ଟି ସୁନାମୁଦି, ଗୋଟିଏ ସୁନା ମଙ୍ଗଳସୂତ୍ର, ଗୋଟିଏ ସୁନା ଚେନ୍, ଗୋଟିଏ ରୁପା ଆର୍ମଲେଟ, ୨ଟି ବାଇକ୍ ପୋଲିସ ଜବତ କରିଛି। ଏଥିସହ ସେମାନଙ୍କ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟାଙ୍କ ଜମା ଅଚଳ କରାଯାଇଛି। ଏହି ଅପରାଧ ସହ ଜଡ଼ିତ ଅନ୍ୟ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଯାଞ୍ଚ କରାଯାଉଛି। ପରବର୍ତ୍ତୀ ସମୟରେ ଆଇନଗତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ କଟକ ସାଇବର ଥାନାରେ ଏକ ମାମଲା (ନଂ. ୦୯/୨୦୨୬) ରୁଜୁ ହୋଇଛି।

ସୂଚନାନୁସାରେ, ମୁଖ୍ୟ ଅଭିଯୁକ୍ତ ସରୋଜ ଦୁଇ ସହଯୋଗୀଙ୍କ ସହିତ ପ୍ରାଥମିକ ଅବସ୍ଥାରେ ୨୦୨୫ ଜାନୁଆରୀରେ ଫେସ୍‌ବୁକ୍ ଜରିଆରେ ପୀଡ଼ିତ ବୃଦ୍ଧଙ୍କୁ ଯୋଗାଯୋଗ କରିଥିଲେ। ଚତୁରତାର ସହ ସମ୍ପର୍କ ବଢ଼ାଇ କଟକର ବିଭିନ୍ନ ହୋଟେଲରେ ବ୍ୟକ୍ତିଗତ ଭାବେ ତାଙ୍କୁ ବାରମ୍ବାର ଭେଟିଥିଲେ। ଅଭିଯୁକ୍ତ ସରୋଜ ମେଡିକାଲ ଚିକିତ୍ସା କଥା କହି ୨୦୨୫ ମେ'ରେ ୧.୪୮ ଲକ୍ଷ ଟଙ୍କା ପୀଡ଼ିତଙ୍କଠାରୁ ଅନ୍‌ଲାଇନରେ ନେଇଥିଲେ। ବୃଦ୍ଧଙ୍କ ବିଶ୍ୱାସ ବୃଦ୍ଧି କରିବା ପାଇଁ ୨ ମାସରେ ସେ ଉକ୍ତ ଟଙ୍କା ଫେରସ୍ତ ଦେଇଥିଲେ। ପୁଣି ସରୋଜ ନିଜ ଝିଅ ଚିକିତ୍ସା ପାଇଁ ଟଙ୍କା ମାଗିଥିଲେ। ମାତ୍ର ବୃଦ୍ଧ ମନା କରିଦେଇଥିଲେ। ଏହାପରେ ସେ ଜଣେ ମହିଳାଙ୍କ ଦ୍ୱାରା ହ୍ୱାଟ୍ସଆପ୍‌ରେ ନ୍ୟୁଡ୍ କଲ୍ କରିଥିଲେ। ବୃଦ୍ଧ ଜଣଙ୍କ କଲ୍ ଉଠାଇବାରୁ ଅଭିଯୁକ୍ତ ସରୋଜ ତାହାକୁ ଗୁପ୍ତରେ ରେକର୍ଡିଂ କରିଥିଲେ। ପରବର୍ତ୍ତୀ ସମୟରେ ସେହି ରେକର୍ଡିଂ ସୋସିଆଲ ମିଡିଆରେ ପ୍ରଘଟ କରିଦେବାର ଭୟ ଦେଖାଇ ବିଭିନ୍ନ ସମୟରେ ୮୮ଲକ୍ଷ ଟଙ୍କା ତାଙ୍କଠାରୁ ନେଇଯାଇଥିଲେ। ଅନ୍ୟ ଅଭିଯୁକ୍ତମାନେ ସରୋଜଙ୍କୁ ଏଥିରେ ସହଯୋଗ କରିଥିଲେ। ଏନେଇ ବୃଦ୍ଧ ସାଇବର ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଛି।

# ମମତା ଯୋଜନା ନାଁରେ ଠକିନେଲେ ୭ ହଜାର

ବାରଙ୍ଗ,୨୦।୧(ଲିଙ୍ଗରାଜ ରାଉତ)

ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଦାରୁଠେଙ୍ଗ ପଞ୍ଚାୟତ ଅଧୀନ ଜୁଝଗଡ଼ ପାଟଣାସାହିର ସୋନି ସ୍ୱାଇଁ ସାଇବର ଠକେଇର ଶିକାର ହୋଇଛନ୍ତି। ମମତା ଯୋଜନାରେ ଟଙ୍କା ଆସିଥିବା କହି ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୭୦୧୦ ଟଙ୍କା ଦୁର୍ବୃତ୍ତମାନେ ହଡ଼ପ କରିନେଇଥିବା ଚନ୍ଦକା ଥାନାରେ ଅଭିଯୋଗ ହୋଇଛି।

ସ୍ୱାଇଁଙ୍କ ଅଭିଯୋଗ ଅନୁଯାୟୀ, ସୋମବାର ସନ୍ଧ୍ୟାରେ ତାଙ୍କ ପାଖକୁ ଏହି ପଞ୍ଚାୟତର ଜଣେ ଆଶା କର୍ମୀ ଫୋନ କରି ଡାକ୍ତର କଥା ହେବେ ବୋଲି କହିଥିଲେ। ପରେ ଏକକାଳୀନ ୩ଜଣ ଫୋନ୍‌ରେ କଥା ହୋଇଥିଲେ। ଏହି ସମୟରେ ମମତା ଯୋଜନାରେ ଟଙ୍କା ମିଳିଛି କି ନାହିଁ ଏବଂ ପଇସା ପାଇଛ କି ନାଇଁ ବୋଲି ନିଜକୁ ଡାକ୍ତର କହୁଥିବା ବ୍ୟକ୍ତି ପଚାରିଥିଲେ। ଏହାପରେ ସୋନି ତାଙ୍କ ସ୍ୱାମୀ ଶତ୍ରୁଘନଙ୍କୁ ମୋବାଇଲ ଦେଇ କଥା ହେବାକୁ କହିଥିଲେ। ସମ୍ପୃକ୍ତ ଡାକ୍ତର ଟଙ୍କା ଆସିଛି କି ନାହିଁ ଜାଣିବା ପାଇଁ ଅନ୍‌ଲାଇନ୍ ୱାଲେଟ୍ ଚେକ୍ କରିବାକୁ କହିଥିଲେ। ଏନେଇ ଶତ୍ରୁଘ୍ନ ମୋବାଇଲ ଥିବା ୱାଲେଟ୍ ଖୋଲୁ ଖୋଲୁ ସୋନିଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୭୦୧୦ ଟଙ୍କା କଟିଯାଇଥିଲା। ଏହାପରେ ସମ୍ପୃକ୍ତ ଆଶାଦିଦି ଓ ଡାକ୍ତର ଧରାଦେଉନାହାନ୍ତି ବୋଲି ସୋନି ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତିକରି ତଦନ୍ତ ଆରମ୍ଭ ହୋଇଛି ବୋଲି ପୋଲିସ କହିଛି।


**NOTICE**

Royal Lagoon, Raghunathpur, Bhubaneswar -751024 (rlrwa@outlook.com; M: 9556939343) invites original painting manufacturers to take up painting inclusive of repair in their high-rised residential society of approximately 15,00,000 square feet. Site survey and collection of details by 27 January 2026 and submission of application by 16 February 2026.

**ଭାରତୀୟ ରିଜର୍ଭ ବ୍ୟାଙ୍କ**

ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ
ଭୁବନେଶ୍ୱର – ୭୫୧୦୦୧

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹ ୪୪,୩୦,୫୦୧/- ଟଙ୍କା ଆନୁମାନିକ ମୂଲ୍ୟ ରେ ନିଜର **ମୁଖ୍ୟ କାର୍ଯ୍ୟାଳୟ ଭବନ, ଭୁବନେଶ୍ୱର , ଓଡିଶା ର ୨ୟ ମହଲାରେ ହେବାକୁ ଥିବା ଅଡିଟୋରିୟମର ଫ୍ଲୋରିଙ୍ଗ** କାର୍ଯ୍ୟ ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି ୪୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବା

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ।

MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **୦୯ ଫେବୃଆରୀ ୨୦୨୬ ଅପରାହ୍ଣ ୦୨:୦୦ ଟା** ଅଟେ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

**ଭାରତ ସରକାର**
**ଅର୍ଥ ମନ୍ତ୍ରଣାଳୟ, ରାଜସ୍ୱ ବିଭାଗ**
**ପ୍ରଣାଳୀ ଏବଂ ଡେଟା ପ୍ରବନ୍ଧନ ମହାନିର୍ଦ୍ଦେଶାଳୟ**
**କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ପରିଷଦ**
**ହୋଟେଲ ସମ୍ରାଟ, ଚାଣକ୍ୟପୁରୀ, ନୂଆଦିଲ୍ଲୀ**
ଇମେଲ: cis.dgsystems@gov.in ୱେବସାଇଟ୍: www.cbic.gov.in

ଟେଣ୍ଡର ଆଇଡି: ୨୦୨୫_ଡିଆରଇଭି_୮୮୯୨୫୮_୧ ତାରିଖ: ୨୧.୦୧.୨୦୨୬

**ନୋଟିସ**

**ସୀମା ଶୁଳ୍କ ଏକୀକୃତ ପ୍ରଣାଳୀ (ସିଆଇଏସ୍) ପାଇଁ କାର୍ଯ୍ୟାନ୍ୱୟନ ଏଜେନ୍ସି (ଆଇଏ) ଚୟନ ଲାଗି ଆଗ୍ରହର ଅଭିବ୍ୟକ୍ତି (ଇଓଆଇ) ନିମନ୍ତେ ଆରଇଓଆଇ ଦସ୍ତାବିଜର କ୍ରୟ ତଥା ବିଡ୍ ଦାଖଲ କରିବାର ଶେଷ ତାରିଖ ବୃଦ୍ଧି**

ଭାରତର ରାଷ୍ଟ୍ରପତି, କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ପରିଷଦ ଅଧୀନସ୍ଥ ପ୍ରଣାଳୀ ଏବଂ ଡେଟା ପ୍ରବନ୍ଧନ ମହାନିର୍ଦ୍ଦେଶାଳୟର ପ୍ରଧାନ ମହାପ୍ରବନ୍ଧକଙ୍କ ଜରିଆରେ ଟେଣ୍ଡର ଆଇଡି: ୨୦୨୫_ଡିଆରଇଭି_୮୮୯୨୫୮_୧, ତାରିଖ: ୧୦।୧୨।୨୦୨୫ରିଖ ଅଧୀନରେ କଷ୍ଟମ୍ସ ଇଣ୍ଟିଗ୍ରେଟେଡ୍ ସିଷ୍ଟମ୍ (ସିଆଇଏସ୍) ନିମନ୍ତେ କାର୍ଯ୍ୟାନ୍ୱୟନ ଏଜେନ୍ସିର ମନୋନୟନ ପାଇଁ ଆଗ୍ରହୀ ବିଡରମାନଙ୍କଠାରୁ ଆଗ୍ରହର ଅଭିବ୍ୟକ୍ତି (ଇଓଆଇ) ଆହ୍ୱାନ କରିଥିଲେ, ଯେଉଁଠି ଆରଇଓଆଇ ଦସ୍ତାବିଜ କ୍ରୟ ତଥା ବିଡ୍ ଦାଖଲର ଶେଷ ତାରିଖ ତା୨୧।୦୧।୨୦୨୬ରିଖ ଥିଲା।

ଆରଇଓଆଇ ଦସ୍ତାବିଜ କ୍ରୟ ତଥା ବିଡ୍ ଦାଖଲର ଶେଷ ତାରିଖକୁ ତା୨୧।୦୧।୨୦୨୬ରିଖ ୧୭.୦୦ ଘଟିକା (ଆଇଏସଟି)ରୁ ତା୩୧।୦୧।୨୦୨୬ରିଖ ୧୭.୦୦ ଘଟିକା (ଆଇଏସଟି) ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

ସମସ୍ତ ନିୟମ ଓ ସର୍ତ୍ତାବଳୀ ସମାନ ରହିବ। ଅଧିକ ବିବରଣୀ ପାଇଁ ଇ–ଟେଣ୍ଡର ୱେବସାଇଟ୍ https://eprocure.gov.in/eprocure/app ପରିଦର୍ଶନ କରନ୍ତୁ।

CBC 15502/11/0050/2526

**GOVERNMENT OF JHARKHAND**
AGRICULTURE, ANIMAL HUSBANDRY & CO-OPERATIVE DEPARTMENT
(CO-OPERATIVE DIVISION)
OFFICE OF THE REGISTRAR, CO-OPERATIVE SOCIETIES JHARKHAND, RANCHI
INTEGRATED CO-OPERATIVE DEVELOPMENT PROJECT (I.C.D.P.) CELL, RANCHI

**Very Short e-Tender Notice**

Tender Notice No:- ICDP/RANCHI/13/2025-26 DATE:- 20.01.2026

| SL No. | | Name of work | No Of Unit | Estimated Value of Work (in Rs) | Cost Of BoQ (in Rs) | Earnest Money (in Rs) | Time Of Completion Of Work |
|---|---|---|---|---|---|---|---|
| 01. | (A) | Construction of 100 MT Capacity Godown with Marketing Centre in Different Lamps Of District EAST SINGHBHUM (JAMSHEDPUR). | 33 | 11,70,98,685.00 | 10,000.00 | 11,71,000.00 | 12 Months |
| | (B) | Construction of 100 MT Capacity Godown with Marketing Centre in Different Lamps/Pacs Of Districts Garhwa, Latehar & Chatra. | 28 | 9,93,56,460.00 | 10,000.00 | 9,93,600.00 | |
| | (C) | Construction of 100 MT Capacity Godown with Marketing Centre in Different Lamps/Pacs Of Districts Saraikela-Kharsawan, Gumla, Simdega & lohardaga. | 24 | 8,51,62,680.00 | 10,000.00 | 8,51,700.00 | |
| 02. | | Date Of Publication of on Website | 29.01.2026 AT 11:00 AM | | | | |
| 03. | | Last Date & Time of Submission of bids | 06.02.2026 AT 05:00 PM | | | | |
| 04. | | Name & Address of Office Inviting Tender | State Monitoring Officer, ICDP Cell, Ranchi, 4th Floor Pasupalan-Sahkarita Bhawan Singh More, Hesag, Hatia, Ranchi. 834003 | | | | |
| 05. | | Contact No of Procurement Officer | 7979780612, 7250895727 | | | | |

06. Bid document with details terms and conditions will be available online on e-tendering portal, http://Jharkhandtenders.gov.in from 29.01.2026 at 11:00 AM to 06.02.2026 up to 05:00 PM. Bids must be Submitted online only at the e- tendering portal http:// Jharkhandtender.gov.in on or before 05:00 PM on 06.02.2026. Tender Fee and EMD Will be received through online mode only. Bidders can use internet banking facility for faster processing of tender fee and EMD. Alternatively, bidders can use NEFT/RTGS challan generated for the tender from jharhandtenders.gov.in portal. Technical Bid received online will be opened at 05:00 PM on 09.02.2026.
07. Estimate Cost May Vary.
08. Corrigendum/Amendment if any will be published only on the above mentioned website.

Sd/-
State monitoring Officer
ICDP Cell, Ranchi

PR 371227 Co-opretive(25-26)D

**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

**OFFICE OF THE CMO I/C (M&HS) ISPAT GENERAL HOSPITAL**

REF. NO. IGH/KIT/ TENDER/2026-27/006/2026/001 DATED :08/01/2026

**TENDER CASE**

Sealed Tenders are invited from intending Tenderers for supply of dietary items to Ispat General Hospital, RSP, Rourkela from 01.04.2026 to 31.03.2027 in respect of the items mentioned below:-

| Sl No. | Schedule No. | Particulars | Number of items | Earnest money to be deposited | Security deposit |
|---|---|---|---|---|---|
| 1. | I | Grocery (Loose Items) | 8 Nos. | Rs. 15,000/- | 2.5% of order value |
| 2 | II | Vegetables | 25 Nos. | Rs. 15,000/- | -do- |
| 3 | IV | Fish | 1 No. | Rs. 15,000/- | -do- |
| 4 | V | Egg | 1 No. | Rs. 5000/- | -do- |
| 5 | VI | Fruits | 9 Nos. | Rs. 5000/- | -do- |
| 6 | VII | Bakery item | 1 No. | Rs. 5,000/- | -do- |
| 7 | VIII | Chicken | 1 No. | Rs. 5000/- | -do- |
| 8 | IX | Grocery (Packet Items) | 36 Nos. | Rs. 15,000/- | -do- |

Tender form can be obtained from the Office of the Asst. Manager (Kitchen) IGH, from 19th January 2026 (Monday) to 8th February 2026 (Sunday)till 3.00 pm.The tender will be received up to 4:00 PM on 9th February 2026 (Monday) in the Office of the Asst. Manager (Kitchen) IGH, Rourkela- 769005 and opened on 4:30 PM on the same day.

Dy, CMO (kitchen), IGH, RSP

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in

There's a little bit of SAIL in everybody's life

**ସର୍ବସାଧାରଣଙ୍କ ନିମନ୍ତେ ବିଜ୍ଞପ୍ତି**

**ମେସର୍ସ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ ଲିମିଟେଡ୍**

**ପରିବେଶ ମଞ୍ଜୁରୀ**

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ) ଓଡ଼ିଶା, ମେସର୍ସ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ମୌଜା- ସିପାସୁରୁବୁଲି, ଜିଲ୍ଲା- ପୁରୀ, ଓଡ଼ିଶାଠାରେ ଅବସ୍ଥିତ ପ୍ଲଟ୍ ନଂ.- ୫୫୨ ଏବଂ ଖାତା ନଂ.- ୩୧୩ ଉପରେ ନିର୍ମିତ ହେଉଥିବା "ସି ରୋଜେସ୍" ନାମ ଓ ଶୈଳୀର ଆବାସିକ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି।

ଇସି ଚିହ୍ନଟୀକରଣ ସଂଖ୍ୟା: ଇସି୨୩ବି୦୩୮ଓଆର୍୧୪୩୯୬୫ (EC23B038OR143965), ତା୧୩।୦୪।୨୦୨୩ରିଖ ଅଧୀନରେ ପରିବେଶ ମଞ୍ଜୁରୀର ନକଲ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ), ଓଡ଼ିଶା ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି)ରେ ଉପଲବ୍ଧ ଏବଂ ତାହାକୁ ପ୍ରାଧିକରଣ/ବୋର୍ଡର ୱେବସାଇଟ୍‌ରେ ମଧ୍ୟ ଦେଖାଯାଇପାରିବ।

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ) ଇଆଇଏ ନୋଟିଫିକେଶନ୍, ୨୦୦୬ ଅନୁସାରେ ଉପରୋକ୍ତ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି।

**ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍ ପାଇଁ**
**କଳିଙ୍ଗ କେଶରୀ ରଥ (ପରିଚାଳନା ନିର୍ଦ୍ଦେଶକ)**
**ପ୍ରାଧିକୃତ ସ୍ୱାକ୍ଷରକର୍ତ୍ତା**

**पूर्व तट रेलपथ** — **ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2025-46, ତା.13.01.2026ରିଖ

**କାର୍ଯ୍ୟର ନାମ :** ସଣ୍ଟିଙ୍ଗ୍ ନେକ୍ କାର୍ଯ୍ୟର ଅନୁରୂପ ଷ୍ଟେସନଗୁଡ଼ିକର EI ପରିବର୍ତ୍ତନ : (1) DS ର ବ୍ୟବସ୍ଥା ସହିତ ହୀରାକୁଦ ଷ୍ଟେସନର R/5 ସମ୍ବଲପୁର ସୀମାଠାରେ 100M ବିଶିଷ୍ଟ ସଣ୍ଟିଙ୍ଗ୍ ନେକ୍‌ର ବ୍ୟବସ୍ଥା ଏବଂ ହୀରାକୁଦ ଠାରେ 26m R/6 ର ସମ୍ପ୍ରସାରଣ। (2) ଲୋକୋ ରିଭରସାଲ (Reversal) ନିମନ୍ତେ ଡୁଙ୍ଗୁରିପାଲି ଷ୍ଟେସନ ଠାରେ R/4 ର ଉଭୟ ସୀମାରେ 100m ଏସ୍/ନେକ୍ (S/Neck)ର ବ୍ୟବସ୍ଥା। (3) ଲୋକୋ ରିଭରସାଲ (Reversal) ନିମନ୍ତେ କଣ୍ଟାବାଞ୍ଜି ୟାର୍ଡ ସ୍ଥିତ ରାୟପୁର ସୀମାଠାରେ R/4 ରେ 100m ଏସ୍/ନେକ୍ (S/Neck)ର ବ୍ୟବସ୍ଥା। (4) ଲୋକୋ ରିଭରସାଲ (Reversal) ଡବ୍ଲ୍ୟୁ/ଓ ବ୍ଲକିଙ୍ଗ୍ ମେନ୍ ଲାଇନ୍ ନିମନ୍ତେ ବେଲସୋଣ୍ଡା ଷ୍ଟେସନର ଉଭୟ ସୀମାଠାରେ R/4 ରେ 100m ଏସ୍/ନେକ୍ (S/Neck)ର ବ୍ୟବସ୍ଥା। (5)କୋମାଖାନ (KMK) ଷ୍ଟେସନର ରାୟପୁର ସୀମା ସ୍ଥିତ R/4 ରେ 100m ସଣ୍ଟିଙ୍ଗ୍ ନେକ୍ ର ବ୍ୟବସ୍ଥା।

**ଟେଣ୍ଡର ମୂଲ୍ୟ (ଟଙ୍କାରେ) :** 1,59,80,616.95, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 2,29,900/-।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.05.02.2026 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଙ୍କେତ ଏବଂ ଦୂରସଞ୍ଚାର)/ ସମ୍ବଲପୁର

PR-1025/Q/25-26

केनरा बैंक Canara Bank — सिंडिकेट Syndicate

**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, ପ୍ଲଟ୍ ନଂ: ୮୪୦/୮୫୮ ଏବଂ ୮୪୦/୮୫୯, କଟକ ଟାଉନ୍, ୟୁନିଟ୍ ନଂ.:୧୭, ମାଛୁଆ ବଜାର, କଟକ-୭୫୩୦୦୧, ମୋ.: ୭୯୭୮୫୪୮୪୮୩/୮୨୪୯୪୨୩୨୬୦

**ଗାଡି ବିକ୍ରୟ ନୋଟିସ୍**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗାଡି କାନାରା ବ୍ୟାଙ୍କର ନିମ୍ନଦର୍ଶିତ ଶାଖା ଦ୍ୱାରା ଜବତ କରାଯାଇ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ବିକ୍ରି କରାଯିବା ପାଇଁ ସର୍ବସାଧାରଣଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି।

| କ୍ର. ନଂ. | ଶାଖାର ନାମ / ଫୋନ୍ ନଂ. | ଋଣଗ୍ରହୀତାମାନଙ୍କ ନାମ/ ଆକାଉଣ୍ଟ ନଂ. / ଋଣ ତାରିଖ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି |
|---|---|---|---|---|
| ୧. | କଲରାବାଙ୍କ ଶାଖା (୫୨୪୯) / ୭୬୦୫୦୦୯୦୮୫ | ରଶ୍ମି ରଞ୍ଜନ ଶତପଥି / ୧୭୦୦୦୪୭୮୦୦୪୮ / ୨୧.୦୫.୨୦୨୨ | TATA MOTORS LTD ACE HT Regd. No.: OD-05-BF-0920 | ଟ.୧,୬୦,୦୦୦/- / ଟ.୧୬,୦୦୦/- |
| ୨. | ଉଉରଣ ଶାଖା (୪୪୨୪) / ୭୦୦୮୬୫୬୨୨୪ | ଅବିନାଶ ମହାନ୍ତି / ୧୬୧୦୦୧୦୨୨୯୫୮ / ୨୭.୦୯.୨୦୨୨ | YAMAHA FZS Regd. No.: OD-05-BG-7147 | ଟ.୫୦,୦୦୦/- / ଟ.୫,୦୦୦/- |

**ଆଗ୍ରହୀ ପକ୍ଷମାନେ ନିମ୍ନଲିଖିତ ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ପ୍ରସ୍ତାବମାନ ଦାଖଲ କରିପାରିବେ:**

୧. ଇଚ୍ଛୁକ ପ୍ରସ୍ତାବଦାତା ତାଙ୍କର ପ୍ରସ୍ତାବକୁ ବନ୍ଦ ଲଫାପାରେ ରଖି ଲଫାପା ଉପରେ "......................... କ୍ରୟ ନିମନ୍ତେ ପ୍ରସ୍ତାବ" ଉଲ୍ଲେଖ କରି ସମ୍ପୃକ୍ତ ଶାଖାର ଶାଖା ପ୍ରବନ୍ଧକଙ୍କ ଠାରେ ଏହି ନୋଟିସ୍ ପ୍ରକାଶନର ୭ ଦିନ ମଧ୍ୟରେ ଅର୍ଥାତ୍ ତା.୨୮.୦୧.୨୦୨୬ରିଖ ସୁଦ୍ଧା ଦାଖଲ କରିବେ। ପ୍ରସ୍ତାବଗୁଡ଼ିକ ତା.୨୯.୦୧.୨୦୨୬ରିଖ ଦିନ ଖୋଲାଯିବ।
୨. ପ୍ରସ୍ତାବ ସହିତ ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ ଆକାରରେ କାନାରା ବ୍ୟାଙ୍କ ସପକ୍ଷରେ କଟକକୁ ପେଠ ଦର୍ଶାଇ ତା.୨୮.୦୧.୨୦୨୬ରିଖ ଅପରାହ୍ଣ ୫.୦୦ ଘଟିକା ସୁଦ୍ଧା ଦାଖଲ କରିବେ।
୩. ଗାଡିକୁ ଶାଖା ଅଧିକାରୀଙ୍କ ଠାରୁ ପୂର୍ବରୁ ଅନୁମତି ନେଇ ତା.୨୮.୦୧.୨୦୨୬ରିଖ ସୁଦ୍ଧା ଯାଞ୍ଚ କରିପାରିବେ।
୪. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବର ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ / ପରିବର୍ଦ୍ଧନ / ସ୍ଥଗିତ /ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି। ବ୍ୟାଙ୍କ ନିମନ୍ତେ ଉପଲବ୍ଧ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନକୁ ଏହି ନୋଟିସ୍ ପ୍ରତିହତ କରିବ ନାହିଁ।
୫. ସଫଳ ନିଲାମଧାରୀ ବିକ୍ରୟ ଚୂଡାନ୍ତ ହେବା ତାରିଖର ୭ ଦିନ ମଧ୍ୟରେ ନିଲାମ ରାଶି (ଅମାନତ ଜମା ବ୍ୟତୀତ) ଦାଖଲ କରିବେ। ଯଦି ସଫଳ ନିଲାମଧାରୀ ଉପରୋକ୍ତ ମତେ ବିକ୍ରୟ ମୂଲ୍ୟ ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ସମସ୍ତ ରାଶି ବାଜ୍ୟାପ୍ତି କରାଯିବ।
୬. ସଫଳ ନିଲାମଧାରୀ ରେଜିଷ୍ଟ୍ରେସନ୍ ସମୟରେ ସମସ୍ତ ଟିକସ, ଚଲାଣ ଏବଂ ବୀମା ଦେୟ ଆଦି ଖର୍ଚ୍ଚ ବହନ କରିବେ।

ଏହି ନୋଟିସ୍ ଦ୍ୱାରା ଗାଡିର ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦିଆଯାଉଛି କି ୭ ଦିନ ମଧ୍ୟରେ ସର୍ବଶ୍ରେଷ୍ଠ ସମ୍ଭାବ୍ୟ ପ୍ରସ୍ତାବ ସହିତ କ୍ରେତାଙ୍କ ବ୍ୟବସ୍ଥା କରିପାରିବେ। ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କୌଣସି ପରବର୍ତ୍ତୀ ନୋଟିସ୍ ନଦେଇ ଗାଡି ସର୍ବୋଚ୍ଚ ନିଲାମଧାରୀକୁ ହସ୍ତାନ୍ତରିତ କରାଯିବ।

ସ୍ଥାନ: କଟକ, ତାରିଖ: ୨୦.୦୧.୨୦୨୬ ସ୍ୱା/- ବରିଷ୍ଠ ପ୍ରବନ୍ଧକ, କାନାରା ବ୍ୟାଙ୍କ

**Government of Odisha** No.A-1303
**e-Procurement Notice**
**Bid Identification No. : CCE, KIP-(KCD-I)-8/2025-26**
**(Pertaining to Kanpur Canal Division-I, Jhumpura)**

| | | |
|---|---|---|
| 1. | Name of the Work | "Construction of Additional Structure from RD 18710m to RD 37620m Kanpur Main Canal of Kanupur Irrigation project." |
| 2. | Estimated cost | Rs.686.39 Lakh |
| 3. | Period of completion | 09 (Nine) Calendar Months including rainy season |
| 4. | Date & Time of availability of Bid documents in the portal | 21.01.2026 from 10.00 Hours to 04.02.2026 up to 17.00 Hours |
| 5. | Last date / Time for receipt of bids in the portal | 04.02.2026 up to 17.00 Hours |
| 6. | Date & Time of opening of tender | 05.02.2026 at 11.00 Hours |
| 7. | Name & Address of the officer inviting Bid | Er. Mahendra Kumar Behera Chief Construction Engineer, Kanupur Irrigation Project, At/ PO-Basudevpur, Dist-Keonjhar, Odisha-758047 |

Further details can be seen from the e-Procurement portal "https://www.tendersodisha.gov.in."

Sd./- (Er. Mahendra Kumar Behera)
Chief Construction Engineer,
Kanupur Irrigation Project,
Basudevpur, Keonjhar, Odisha

OIPR-

See Career Appointment on every Wednesday & Saturday

**वरीय पुलिस अधीक्षक का कार्यालय**
**पूर्वी सिंहभूम, जमशेदपुर।**

लापता: आवश्यक सूचना



गुमशुदा महिला पिंकी देवी, उम्र–करीब 33 वर्ष।

उपरोक्त प्रसंग एवं विषय के संबंध में सूचित करना है कि आवेदक पिंटू राम के द्वारा अपनी पत्नी पिंकी देवी, उम्र–करीब 33 वर्ष की गुमशुदगी के संबंध में संबंधित थाना जुगसलाई में लिखित आवेदन दिया गया है। आवेदन में इनके द्वारा बताया गया है कि गुमशुदा पिंकी देवी, उम्र–करीब 33 वर्ष, पति–पिंटू राम, पता–बंगाली पाड़ा, आर0पी0 पटेल स्कूल के पीछे जुगसलाई, थाना–जुगसलाई, जिला–पूर्वी सिंहभूम, जमशेदपुर जो दिनांक–18.12.2025 को समय शाम करीब 07–08 बजे अपने घर से बिना बताये निकली है अभीतक वापस नहीं लौटी है। महिला का मानसिक स्थिति ठीक नहीं है। आवेदक एवं इनके परिजनों के द्वारा अपने स्तर से काफी खोजबीन किया गया लेकिन गुमशुदा का कुछ पता नहीं चल सका है। गुमशुदा महिला का हुलिया निम्न प्रकार है :–उम्र–33 वर्ष, कद–05 फीट, रंग–साँवला, चेहरा–गोल, बाल–काला, पहनावा– पीले रंग की साड़ी, गुलाबी रंग का चप्पल, भाषा–हिन्दी और भोजपुरी।

अतः अनुरोध है कि गुमशुदा महिला पिंकी देवी, उम्र–करीब 33 वर्ष को खोजबीन/ पता कराने हेतु कम से कम तीन राष्ट्रीय स्तर के समाचार पत्रों एवं तीन राज्य स्तर के समाचार पत्रों में प्रकाशित कराये जाने का कष्ट किया जाय।

| | |
|---|---|
| वरीय पुलिस अधीक्षक, पूर्वी सिंहभूम, जमशेदपुर | : 0657–2431006 |
| पुलिस अधीक्षक नगर, पूर्वी सिंहभूम, जमशेदपुर | : 9471190203 |
| पुलिस उपाधीक्षक, (विधि–व्यवस्था) | : 9431706482 |
| थाना प्रभारी, जुगसलाई | : 9431706495 |

PR 371132 Police(25-26)D वरीय पुलिस अधीक्षक,पूर्वी सिंहभूम, जमशेदपुर।

# ୨୪ ଘଣ୍ଟା ବିତିଲା, ପୋଲିସ ହାତଖାଲି

ବେଗୁନିଆ,୨୦।୧
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଦେଉଳି ପଞ୍ଚାୟତ ଅନ୍ତର୍ଗତ ଜାମୁସାହି ଗ୍ରାମର ଟୁଟୁ ଓରଫ ବାସୁଦେବ ପରିଡ଼ା(୪୨)ଙ୍କୁ ଗତ ସୋମବାର ରାତିରେ କେତେଜଣ ଦୁର୍ବୃତ୍ତ ଗୁଳିକରି ହତ୍ୟା କରିଥିଲେ। ଏହି ଘଟଣାକୁ ୨୪ ଘଣ୍ଟା ବିତିଥିଲେ ମଧ୍ୟ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି ନ ଥିବା ଜଣାପଡ଼ିଛି। ଅନ୍ୟପଟେ ମଙ୍ଗଳବାର ସକାଳେ ଏସ୍‌ପି ବିବେକାନନ୍ଦ ଶର୍ମା ଏବଂ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ଏନେଇ ମୃତକଙ୍କ ସ୍ତ୍ରୀ ସଲୀଳାଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୩୪/୨୬) ରୁଜୁ ହୋଇଛି। ପୋଲିସ ସନ୍ଦେହରେ ଏକାଧିକ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।



ସୂଚନା ମୁତାବକ, ବାସୁଦେବ ସୋମବାର ସନ୍ଧ୍ୟାରେ ଦଲକ ଗ୍ରାମ ନିକଟ ଏକ ଘର ବାରଣ୍ଡାରେ ବସିଥିଲେ। ଏହି ସମୟରେ ଦୁଇଟି ବାଇକ୍‌ରେ ୪ଜଣ ଦୁର୍ବୃତ୍ତ ପହଞ୍ଚି ତାଙ୍କୁ ଡାକିବା ସହ ନିକଟରେ ଥିବା ପାହାଡ଼ ପାଦଦେଶ ଅଞ୍ଚଳକୁ ଯାଇଥିଲେ। ଏହା ପରେ ଦୁର୍ବୃତ୍ତମାନେ ହଠାତ୍ ବାସୁଦେବଙ୍କ ମୁଣ୍ଡ ଓ ଛାତିକୁ ଗୁଳିମାଡ଼ କରିଥିଲେ। ଗୁଳି ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଆସିବାରୁ ଦୁର୍ବୃତ୍ତମାନେ ଘଟଣାସ୍ଥଳରେ ଏକ ବୁଲେଟ୍ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। ଖବରପାଇ ପରିବାର ଏବଂ ସ୍ଥାନୀୟ ଲୋକେ ବାସୁଦେବଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲକୁ ଆଣିଥିଲେ।

**ଯୁବକଙ୍କୁ ଗୁଳିକରି ହତ୍ୟା ଘଟଣା**
- ଏସ୍‌ପି, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ
- ଏକାଧିକ ଅଟକ, ତଦନ୍ତ ଜାରି

ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ ସଦଳବଳେ ପହଞ୍ଚି ତଦନ୍ତ ଚଳାଇବା ସହ ଘଟଣାସ୍ଥଳରୁ ୨ଟି ଖୋକା, ଏକ ବୁଲେଟ(ଓଡି ୩୩-ଏକ୍ସ- ୯୯୮୬), ସ୍କୁଟି ଜବତ କରିଥିଲେ। ତେବେ ଗୁଳିମାଡ଼ର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୂର୍ବ ଶତ୍ରୁତା ଏବଂ ଖଣି ବ୍ୟବସାୟକୁ ନେଇ ଏଭଳି ଘଟଣା ଘଟିଛି ବୋଲି ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଗଠିତ ୩ଟି ଟିମ୍ ତଦନ୍ତ ଚଳାଉଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ବେଗୁନିଆ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ କହିଛନ୍ତି ଯେ, ଘଟଣାର ତଦନ୍ତ ଜାରି ରହିଛି। ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

# ମୋବାଇଲ ଟାୱାରରେ ଚଢ଼ି ଯୁବକଙ୍କ ଆତ୍ମହତ୍ୟା ଧମକ

ଜଟଣୀ,୨୦।୧(ରବୀନ୍ଦ୍ରନାଥ ମହାକୁଡ଼)



ଜଟଣୀ ଥାନା ଅଧୀନ ବଡ଼ମୁଆଁଗାଁ ଗାନ୍ଧୀନଗର ଅଞ୍ଚଳରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ପୈତୃକ ସମ୍ପତ୍ତି ପାଇଁ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭକରି ଜଲା ପ୍ରଶାସନ ପର୍ଯ୍ୟନ୍ତ ଗୁହାରି ଆବେଦନ କରିଥିଲେ ମଧ୍ୟ ନ୍ୟାୟ ନ ମିଳିବାରୁ ଜଣେ ଯୁବକ ମୋବାଇଲ ଟାୱାର ଉପରେ ଚଢ଼ି ଆତ୍ମହତ୍ୟା କରିବା ପାଇଁ ଧମକ ଦେଇଥିଲେ। ସେ ହେଲେ ପ୍ରମୋଦ କୁମାର ସେଠୀ। ଖବରପାଇ ଜଟଣୀ ଥାନା ଅଧିକାରୀ ସ୍ମିଳିନ ବିଶ୍ୱାଳ, ଅଗ୍ନିଶମ ଅଧିକାରୀ ଲକ୍ଷ୍ମଣ ବେହେରା, ତହସିଲଦାର ଶିବାଶିଷ ପରିଡ଼ା ଏବଂ ସ୍ଥାନୀୟ ଅଞ୍ଚଳର ଅକ୍ଷୟ କୁମାର ମହାନ୍ତି ପହଞ୍ଚି ବୁଝାସୁଝା କରିବା ପରେ ଦୀର୍ଘ ୩ଘଣ୍ଟା ପରେ ପ୍ରମୋଦ ତଳକୁ ଓହ୍ଲାଇଥିଲେ। ପରେ ତହସିଲ କାର୍ଯ୍ୟାଳୟରେ ପ୍ରମୋଦଙ୍କୁ ନ୍ୟାୟ ପ୍ରଦାନ ପାଇଁ ପରିବାରର ଉଭୟ ପକ୍ଷ ଉପସ୍ଥିତିରେ ଉପସ୍ଥିଥିଲେ ବଳବନ୍ତରାୟଙ୍କ ସମସ୍ୟାର ପ୍ରାଥମିକ ସମାଧାନ କରାଯାଇଥିବା ଜଣାପଡ଼ିଛି।

# ହୁଣ୍ଡି ଭାଙ୍ଗି ଚୋରି ଘଟଣାରେ ୨ ଗିରଫ

ନିରାକାରପୁର,୨୦।୧
(ମାନସ ଚନ୍ଦ୍ର ପଟ୍ଟନାୟକ)

**୧୭ଶହ ଟଙ୍କା ଜବତ**

ନିରାକାରପୁର ଥାନା ଅଧୀନ ପଦ୍ମପୁର ଗ୍ରାମଠାରେ ଥିବା ମା' ପାଦୁକାଇ ମନ୍ଦିର ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତମାନେ ଟଙ୍କା ନେଇଯାଇଥିଲେ। ଏନେଇ ପରିଚାଳନା କମିଟିପକ୍ଷରୁ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୧୯/୨୬)ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଥିଲା। କୌଣସି ସୂତ୍ରରୁ ଖବରପାଇ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଖଜୁରିପଡ଼ା ମୁସଲମାନ ସାହିର ଅରବାଜ ସାହା ଓରଫ ଅପ୍ପୁ ଏବଂ ପଦ୍ମପୁର ଗ୍ରାମର ଲକ୍ଷ୍ମୀନାରାୟଣ ତ୍ରିପାଠୀ ଓରଫ ପିନ୍ଟୁ। ଉଭୟଙ୍କଠାରୁ ୧୭ଶହ ଟଙ୍କା ଜବତ କରାଯାଇଛି। ଗତ ୧୯ ତାରିଖ ରାତିରେ ଅଭିଯୁକ୍ତଦ୍ୱୟ ଏକ ଲୁହାରଡ଼ରେ ହୁଣ୍ଡିର ତାଲା ଭାଙ୍ଗି ଟଙ୍କା ନେଇଯାଇଥିଲେ ବୋଲି ପୋଲିସ ସୂଚନା ଦେଇଛି। ଜବତ ଟଙ୍କା ପରିଚାଳନା କମିଟିକୁ ହସ୍ତାନ୍ତର କରାଯାଇଥିବା ନିରାକାରପୁର ଥାନା ଏଏସ୍‌ଆଇ ତଥା ତଦନ୍ତକାରୀ ଅଧିକାରିଣୀ ଦୀପାଳିଶା ନାୟକ ସୂଚନା ଦେଇଛନ୍ତି।

# ଛାତ୍ରୀଛାତ୍ର ଶୃଙ୍ଖଳିତ, ସମୟାନୁବର୍ତ୍ତୀ ହୁଅ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

ଖୋର୍ଦ୍ଧା,୨୦।୧(ପ୍ରଭାତ ପାଣିଗ୍ରାହୀ)

**ଗୁରୁଜଙ୍ଗ ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବ**

ଗୁରୁଜଙ୍ଗସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଏବଂ ପୁରସ୍କାର ବିତରଣ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସମରେନ୍ଦ୍ର ନାଥ ଶତପଥୀ ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ପୌର ପରିଷଦ ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ମୁଖ୍ୟ ଅତିଥି, ଗୋଷ୍ଠୀ ଶିକ୍ଷା ଅଧିକାରୀ ଯାଜ୍ଞସେନୀ ସାହୁ, ଅନ୍ତର୍ଯାମୀ ଭୂୟାଁ, କାଉନ୍‌ସିଲର ଲୀନା ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଛାତ୍ରମାନେ ଦେଶର ଆଗାମୀ ଭବିଷ୍ୟତ। ଛାତ୍ରୀଛାତ୍ରଙ୍କ ପ୍ରଥମ ଦାୟିତ୍ୱ ପାଠପଢ଼ା। ସଫଳତା ପାଇଁ ଶୃଙ୍ଖଳା, ସମୟାନୁବର୍ତ୍ତିତା, କଠିନ ପରିଶ୍ରମ ଜରୁରୀ। ପାଠପଢ଼ି ଭଲ ମଣିଷ ହେବା ପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ ଅତିଥିମାନେ ବିଦ୍ୟାଳୟର ସ୍ମରଣିକା ଉନ୍ମୋଚନ କରିବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ବିରଞ୍ଚି କୁମାର ସାହୁ ଏବଂ ଶିକ୍ଷୟିତ୍ରୀ ଶୁଭଶ୍ରୀ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଛାତ୍ରୀ ଦେବୀଦତ୍ତା ରଥ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ପରିଚାଳନା କମିଟି ଓ ସେବକ ସେବିକାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୧୭ ଚାଷୀଙ୍କ ୩୮୨ କ୍ୱିଣ୍ଟାଲ ଧାନ କିଣାଗଲା

ବେଗୁନିଆ,୨୦।୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଛତ୍ରପଡ଼ାଠାରେ ଲୋକେଶ୍ୱର ପ୍ରାଥମିକ କୃଷି ସେବା ସମବାୟ ସମିତର ଲିରେ ମଙ୍ଗଳବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଖୋର୍ଦ୍ଧା ସର୍କଲ ସହକାରୀ ନିବନ୍ଧକ ତଥା ସମବାୟ ସମିତିସମୂହ ଭାରପ୍ରାପ୍ତ ମାରାଣ୍ଡି ଅତିଥିଭାବେ ଉପସ୍ଥିତ ଥିଲେ। ଏଥିରେ ମଣ୍ଡି ନୋଡାଲ ଅଧିକାରୀ ଦାୟିତ୍ୱରେ ଥିବା ବୋଲମୁଁ ରାଜ୍ୟ ନିଗମକ ରମାକାନ୍ତ ନାୟକ, ସମିତି ଲିଃର ଅତିରିକ୍ତ ଦାୟିତ୍ୱରେ ଥିବା ଭାରପ୍ରାପ୍ତ ସମ୍ପାଦକ ମାନସ ରଞ୍ଜନ ଛୋଟରାୟ, ଭାରପ୍ରାପ୍ତ ଡାଟା ଏଣ୍ଟ୍ରି ଅପରେଟର ଅରୁଣ ବେହେରା, ତପନ ବେହେରା, ଗଡ଼ମାଣତୀର ସେବା ସମବାୟ ସମିତି ଲିଃର ସହକାରୀ ସମ୍ପାଦକ ଧର୍ମପଦ ସାମନ୍ତରାୟ, ନିଧିପୁରସ୍ଥିତ ଜାଗେଶ୍ୱରୀ ସେବା ସମବାୟ ସମିତି ଲିଃର ସମ୍ପାଦକ ସୌମ୍ୟରଞ୍ଜନ ରାଉତରାୟ, ଲୋକେଶ୍ୱର ସେବା ସମବାୟ ସମିତି ଲିଃର ଉପଦେଷ୍ଟା ସୁରେନ୍ଦ୍ର କୁମାର ଛୁଆଳସିଂହ, ସେବା ସମବାୟ ସମିତି ଲିଃର ପ୍ରତିଷ୍ଠାତା ସଭାପତି ସୁନୀଲ ସୁନ୍ଦରାୟ, ସାମାଜିକ କର୍ମୀ ତ୍ରିଲୋଚନ ବାଘସିଂହ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରମୋଦ ମହାପାତ୍ର ପୂଜାପାଠ କରିବା ପରେ ଚାଷୀ ପଦ୍ମାବତୀ ବଳବନ୍ତରାୟଙ୍କ ଧାନ କ୍ରୟ କରାଯାଇଥିଲା। ପ୍ରଥମ ଦିନରେ ମୋଟ ୧୭ଜଣ ଚାଷୀଙ୍କ ନିକଟରୁ ୩୮୨ କ୍ୱିଣ୍ଟାଲ ୧୮ କେଜି ଧାନ କିଣାଯାଇଛି। ସାଗୁଆ ଏମ୍.କେ ମିନେରାଲ ମେଟାଲ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଧାନ କିଣାଯାଇଛି।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ବାଣପୁର,୨୦।୧
(ବିଜୟ କୁମାର ସ୍ୱାଇଁ)

ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୪ତମ ବାର୍ଷିକ କ୍ରୀଡ଼ା ଉତ୍ସବ କ୍ରୀଡ଼ା ଶିକ୍ଷକ ବିଘ୍ନେଶ୍ୱର ମାନସିଂହଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ାବିତ୍‌ମାନଙ୍କ ଦ୍ୱାରା ମା'ଭଗବତୀଙ୍କ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ବିଦ୍ୟାଳୟ କ୍ରୀଡ଼ା ପ୍ରାଙ୍ଗଣରେ ସ୍ଥାପନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ବାଣପୁର ଏନ୍‌ଏସି ଅଧ୍ୟକ୍ଷ ମିଟୁ ନାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମିଟୁ ନାୟକ ଯୋଗଦେଇ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିବା ସହିତ ବିଦ୍ୟାଳୟରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅତିଥିଭାବେ ବାଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ ଯୋଗଦେଇଥିଲେ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବରିଷ୍ଠ ଇଂଲିଶ ଅଧ୍ୟାପକ ପ୍ରଶାନ୍ତ କୁମାର ଦାଶ କ୍ରୀଡ଼ାବିତ୍‌ମାନଙ୍କୁ ଗଳ୍ପ ମାଧ୍ୟମରେ ଉତ୍ସାହିତ କରିଥିଲେ। ଅଧ୍ୟାପକ ମନୋଜ ମହାପାତ୍ର, ଅଙ୍କୁର ପ୍ରଧାନ, ଶିବ ଶଙ୍କର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# 'ବନ୍ଦେ ମାତରମ୍ ଭାରତର ଆତ୍ମା'



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଖୋର୍ଦ୍ଧା,୨୦।୧(ପ୍ରଭାତ ପାଣିଗ୍ରାହୀ)

ବନ୍ଦେ ମାତରମ୍ ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆତ୍ମନିର୍ଭର ଭାରତ ସ୍ୱଦେଶୀ ସଙ୍କଳ୍ପ ସମାରୋହ ସ୍ଥାନୀୟ ଜୟୀ ରାଜଗୁରୁ ଟାଉନ ହଲ୍‌ଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ବ୍ଲକ ଓ ପୌର ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ରିଜ୍ୱାନା ଜାଫର ପୌରୋହିତ୍ୟ କରିଥିଲେ। ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଭାରତୀୟ ସ୍ୱାଧୀନତା ସଂଗ୍ରାମର ମୂଳମନ୍ତ୍ର ଥିଲା ବନ୍ଦେ ମାତରମ୍। ଏହି ରାଷ୍ଟ୍ରଗାନରେ ଅଭିମନ୍ତ୍ରିତ ହୋଇ ଭାରତୀୟ ସଂଗ୍ରାମରେ ଝାସଦେଇଥିଲେ। ଭାରତୀୟଙ୍କ ମଧ୍ୟରେ ଦେଶଭକ୍ତି ଓ ଦେଶମାତୃକାର ସେବା କରିବାକୁ ମନରେ ଅସରନ୍ତି ସ୍ପୃହା ଜାଗ୍ରତ କରିଥିଲା। ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହନ ଦେବା ସଙ୍କଳ୍ପ ନେଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣ ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌମ୍ୟରଞ୍ଜନ ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ସାଂସଦଙ୍କ ପ୍ରତିନିଧି ଦିଲୀପ କୁମାର ହୋତା ପ୍ରମୁଖ ଯୋଗଦେଇଥିଲେ। ଆତ୍ମନିର୍ଭର ଭାରତ ସ୍ୱଦେଶୀ ସଂକଳ୍ପ ପତ୍ର ପାଠ କରାଯାଇଥିଲା। ବ୍ଲକ ଓ ପୌରାଞ୍ଚଳସ୍ତରୀୟ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ ଉପସ୍ଥିତ ଥିଲେ।

# ବିଏସ୍‌ଏଫ୍ ଯବାନ ଦିବାକର ପରିଡ଼ାଙ୍କ ପରଲୋକ

ଟାଙ୍ଗୀ,୨୦।୧(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର ଗ୍ରାମର ବିଏସ୍‌ଏଫ୍ (ସୀମା ସୁରକ୍ଷା ବଳ) ଯବାନ ଦିବାକର ପରିଡ଼ାଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୪୮ ବର୍ଷ ହୋଇଥିଲା। ସୂଚନା ମୁତାବକ, ବିଏସ୍‌ଏଫ୍‌ରେ ହାବିଲଦାର ଭାବେ ଦିବାକର ଦିଲ୍ଲୀରେ କାର୍ଯ୍ୟରତ ଥିଲେ। କିଛିଦିନ ପୂର୍ବେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ଦିଲ୍ଲୀ ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ତାଙ୍କ ମରଶରୀର ମଙ୍ଗଳବାର ସୁନ୍ଦରପୁର ଗ୍ରାମରେ ପହଞ୍ଚିବା ପରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ସ୍ଥାନୀୟ ଶ୍ମଶାନକୁ ନିଆଯାଇଥିଲା। ସୀମା ସୁରକ୍ଷା ବଳ ପକ୍ଷରୁ ତୋପ ସଲାମି ସହ ଗାର୍ଡ ଅଫ୍ ଅନର ପ୍ରଦାନ କରାଯିବା ପରେ ଅନ୍ତିମ ସଂସ୍କାର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସେନା ଅଧିକାରୀ ବିଜୟ କୁମାର ପ୍ରଧାନଙ୍କ ସମେତ ବହୁ ପୂର୍ବତନ ଯବାନ ସାମିଲ ଥିଲେ।



ଯବାନ ଦିବାକର ପରିଡ଼ାଙ୍କ ମରଶରୀରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଉଛି।

# ମହାରୁଦ୍ର ଯଜ୍ଞ, ଦ୍ୱାଦଶ ଶମ୍ଭୁ ମିଳନ

ଟାଙ୍ଗୀ,୨୦।୧(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଭୁଷଣ୍ଡପୁର ପଞ୍ଚାୟତରେ ଅବସ୍ଥିତ ପଣ୍ଡିମାଳିମୁଣ୍ଡିଏଶ୍ୱର ଦେବଙ୍କ ପୀଠରେ ମଙ୍ଗଳବାର ମହାରୁଦ୍ର ଯଜ୍ଞ ସହିତ ଦ୍ୱାଦଶ ଶମ୍ଭୁ ମିଳନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରତ୍ୟୁଷରୁ ଜଳଯାତ୍ରା ସହିତ ଯଜ୍ଞାଧିବାସ, ସୂର୍ଯ୍ୟପୂଜା, ଗୋପୂଜା, ସର୍ବଦେବଦେବୀ ଆବାହନ ଓ ଚଣ୍ଡୀପାଠ କରାଯାଇ ସମାପନ କରାଯାଇଥିଲା। ବୁଧବାର ଯଜ୍ଞ ସହିତ ଚଣ୍ଡୀପାଠ କରାଯିବ। ଆସନ୍ତା ୨୨ ତାରିଖରେ ଦ୍ୱାଦଶ ଶମ୍ଭୁ ମିଳନ ସହିତ ପୂର୍ଣ୍ଣାହୁତି କରାଯାଇ ଶତରୁଦ୍ର ପାଠ ଏବଂ କ୍ଷୀରସାଗର ପୂଜା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

# ଯୁବଚାଷୀଙ୍କ ପ୍ରେରଣାର ଉତ୍ସ ସୁଶାନ୍ତ



- ଷ୍ଟ୍ରବେରି ଚାଷ ଦେଇଛି ପରିଚୟ
- ହିମାଚଳପ୍ରଦେଶ ଚାରାରେ ଜୈବିକ ପଦ୍ଧତି ଚାଷ



ଖୋର୍ଦ୍ଧା,୨୦।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ହଜ ଗ୍ରାମର ସୁଶାନ୍ତ କୁମାର ଭୋଳ। ସେ ସ୍ଥାନୀୟ ଉଦ୍ୟାନ କୃଷି ବିଭାଗ ସହାୟତାରେ ଅଧେକର ଜମିରେ ରାସାୟନିକ ସାର ପରିବର୍ତ୍ତେ ଜୈବିକ ପଦ୍ଧତିରେ କରିଛନ୍ତି ଷ୍ଟ୍ରବେରି ଚାଷ। ହିମାଚଳ ପ୍ରଦେଶରୁ ଏହି ଚାରା ଅଣାଯାଇଥିବା ବେଳେ ଏବେ ଗଛରେ ପେଣ୍ଡା ପେଣ୍ଡା ହୋଇ ଝୁଲୁଛି ଷ୍ଟ୍ରବେରି। ଏହି ଚାଷ କରି ସୁଶାନ୍ତ ଲାଭାନ୍ୱିତ ହେବା ସହ ଯୁବଚାଷୀଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ସୁଶାନ୍ତ କହିଛନ୍ତି, ଜଙ୍ଗିଆ ରଣପୁର ରାସ୍ତାକଡ଼ରେ ତାଙ୍କର ଏକ ଫାର୍ମ ହାଉସ ରହିଛି। ପୂର୍ବରୁ ଧାନଚାଷ ସହ ପନିପରିବା ଫସଲ କରୁଥିଲେ। ତେବେ ବିଭିନ୍ନ ସମସ୍ୟାରୁ ସେପରି ଫସଲ ଆଦାୟ ହେଉ ନ ଥିଲା। ରଣଖାର ବଡ଼ି ଚାଲିଥିଲା। ପୂର୍ବରୁ ଏକର ଜମିରେ ପିଜୁଳି, ଆମ୍ବ, କଦଳୀ ଆଦି ଗଛ ଲଗାଇଥିଲି। ଏ ସଂକ୍ରାନ୍ତରେ ବେଗୁନିଆ ଉଦ୍ୟାନ ବିଭାଗ ସହ ଯୋଗାଯୋଗ କରିଥିଲି। ଏହିବର୍ଷ ଉଦ୍ୟାନ ବିଭାଗ ଷ୍ଟ୍ରବେରି ଚାଷ ପାଇଁ ପ୍ରେରଣା ଦେଇଥିଲା। ଏହି ଚାଷ ପାଇଁ ଉଦ୍ୟାନ କୃଷି ବିଭାଗ ସୋଲାର ଡ୍ରିପ୍ ବୋର୍‌ୱେଲର ସୁବିଧା ଦେବା ସହ ବୁନ୍ଦାଜଳ ବ୍ୟବସ୍ଥା ଏବଂ ଆବଶ୍ୟକ ସାମଗ୍ରୀ ଯୋଗାଇଛି। ଉଦ୍ୟାନ କୃଷି ବିଭାଗ ହିମାଚଳପ୍ରଦେଶରୁ ଉନ୍ନତ ଜାତ ୧୧ ହଜାର ଷ୍ଟ୍ରବେରି ଚାରା ଆଣି ଦେଇଥିଲା। ଏହାପରେ ବିଭାଗୀୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅଧେକର ଜମିରେ ଏହି ଚାରା ଲଗାଇଥିଲି। ଲଗାଇବାର ୪୫ ଦିନ ପରେ ଗୋଟିଏ ଗଛରୁ ପ୍ରାୟ ୫୦୦ ଗ୍ରାମ୍ ଷ୍ଟ୍ରବେରି ଅମଳ କରିଛି। ଜିଲାରେ ଜଣେ ସଫଳ ଚାଷୀ ଭାବେ ପରିଚୟ ସୃଷ୍ଟି କରିପାରିଛି। ସରକାରୀ ସହାୟତା ମିଳିବା ସହ ଲକ୍ଷେ ଟଙ୍କା ବିନିଯୋଗ କରିଛି। ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ଚାଷ କରାଯାଇଥିବା ବେଳେ ଫଳ ବି ଭଲ ହୋଇଛି। ବୈଦିକ ପିଜୁଳି, ଷ୍ଟ୍ରବେରି କୁଞ୍ଜଭିଲାରୁ ଉର୍ଦ୍ଧ୍ୱ ବାହାରୁଛି। ସ୍ଥାନୀୟ ବଜାରରେ ଏହାର ଚାହିଦା ରହିଥିବା ବେଳେ ବ୍ୟବସାୟୀମାନେ ଏଠାକୁ ଆସି କିଣି ନେଉଥିବା ସେ କହିଛନ୍ତି।

# ମା' ତାରିଣୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ନୟାଗଡ଼ ବିଜୟୀ

କଳାପଥର,୨୦।୧(ଗଙ୍ଗାଧର ସାହୁ)

ବାଙ୍କୀ ବ୍ଲକ ଅନ୍ତର୍ଗତ ପୁରୁଁଚିଆ ପଞ୍ଚାୟତ ଅଧୀନ କଡ଼ାମଳ ଗ୍ରାମରେ ଚାଲିଥିବା ମା' ତାରିଣୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ନୟାଗଡ ଏବଂ ଠାଣପଲ୍ଲୀ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ନୟାଗଡ଼ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୯.୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୮୬ ରନ ସଂଗ୍ରହ କରିଥିଲା। ଜବାବରେ ଠାଣପଲ୍ଲୀ ଟିମ୍ ୧୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୨୮ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ନୟାଗଡ଼ ଟିମ୍ ବିଜୟୀ ହୋଇଥିଲା। ଅତିଥିଭାବେ କଡ଼ାମଳ ପ୍ରାଇମେରୀ ସ୍କୁଲର ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ବେହେରା, ସମାଜସେବୀ ବିଭୂତି ଭୂଷଣ ଦଳସିଂ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

## ଗେଡ଼ିଆପଲ୍ଲୀକୁ ହରାଇ ଡିଙ୍ଗର ସେମିଫାଇନାଲରେ

ବାଘମାରୀ,୨୦।୧(ମିହିର ରଞ୍ଜନ ମହାପାତ୍ର)

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଗ୍ରାମ ରେକାପଡ଼ାଠାରେ ମା'ଗଙ୍ଗେଶ୍ୱରୀ କ୍ରିକେଟ କ୍ଲବର ପଞ୍ଚମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଗେଡ଼ିଆପଲ୍ଲୀ ଏବଂ ଡିଙ୍ଗର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍‌ଜିତି ଗେଡ଼ିଆପଲ୍ଲୀ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୭ ଉଇକେଟ ବିନିମୟରେ ୧୪୪ ରନ ସଂଗ୍ରହ କରିଥିଲା। ଜବାବରେ ଡିଙ୍ଗର ଟିମ୍ ୧୯.୫ ଓଭରରେ ୮ଉଇକେଟ ବିନିମୟରେ ୧୪୫ ରନ ସଂଗ୍ରହ କରି ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଟିମର ଆକାଶ ୪୩ ବଲରେ ୫୩ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅନୁଷ୍ଠାନର ସଭାପତି ମୃତ୍ୟୁଞ୍ଜୟ ଜେନା ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ପ୍ରକାଶ ମାଝୀ ଏବଂ ଦୀପ୍ତି ମହାନ୍ତି ମ୍ୟାଚ୍ ପରିଚାଳନା କରିଥିବା ବେଳେ ବିଶ୍ୱଜିତ ଏବଂ ରାଜା ସ୍କୋର ଦାୟିତ୍ୱ ତୁଲାଇଥିଲେ। ଦାଶରଥି ପ୍ରଧାନ ଏବଂ ଅନନ୍ତ ବେହେରା ମ୍ୟାଚରେ ଧାରାବିବରଣୀ ପ୍ରଦାନ କରିଥିଲେ।

**୧ ନମ୍ବର ମାର୍କେଟରେ ଅଗ୍ନିକାଣ୍ଡ**

# ପାଉଁଶ ତଳେ ହଜିଗଲା ଦୋକାନୀଙ୍କ ସ୍ୱପ୍ନ

## ■ ଜଳିଗଲା ବହୁ କୋଟି ଟଙ୍କାର ସାମଗ୍ରୀ



ଭୁବନେଶ୍ୱର,୨୦।୧(ତ୍ରିନାଥ ମହାନ୍ତି)

ୟୁନିଟ୍ -୧ ମାର୍କେଟ ପାଇଁ ଦୁଃଖ ପାଲଟିଛି ନିଆଁ। ପ୍ରତି ୨ମାସରେ ନିଆଁ ଲାଗି ଦୋକାନୀଙ୍କ ପେଟପାଟଣାକୁ ବୁଡ଼ାଇ ଦେଉଛି। ସୋମବାର ବିଳମ୍ବିତ ରାତିରେ ଏକ ନମ୍ବର ମାର୍କେଟରେ ନିଆଁ ଲାଗି ୬୦ରୁ ଅଧିକ ଦୋକାନ ପୋଡ଼ି ପାଉଁଶ ହୋଇଯାଇଛି। ଏଥିରେ ବହୁ କୋଟି ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ନିଆଁର ଭୟାବହତା ଏତେ ତୀବ୍ର ଥିଲା ଯେ ଏହା କବଳରୁ ୬୦ବର୍ଷର ବରଗଛ ମଧ୍ୟ ବର୍ତ୍ତି ପାରିନି। ୩୦ ଫୁଟ ଉଚ୍ଚ ପର୍ଯ୍ୟନ୍ତ ଗଛର ଡାଳ ପୋଡ଼ି ଯାଇଛି। ନିଆଁ ଲାଗିଥିବା ଦୋକାନରେ ପ୍ଲାଷ୍ଟିକ୍ ଜିନିଷ ଅଧିକ ଥିବାରୁ ନିଆଁର ତୀବ୍ର ବହୁତ ହୋଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି।

### ନାକେଦମ ହୋଇଥିଲା ଅଗ୍ନିଶମ ଗାଡ଼ି

ରାତି ୧୦ଟାରେ ଏକାଧିକ ଦୋକାନୀ ମାଲିକ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଘରେ ଖାଇ ପିଇ ଶୋଇବା ସମୟରେ ରାତି ପ୍ରାୟ ୧ଟା ୪୦ମିନିଟରେ ହଠାତ୍ ୟୁନିଟ୍-୧ ମାର୍କେଟ କ୍ୟାପିଟାଲ ଥାନା କଡ଼ ଦୋକାନରେ ନିଆଁ ଲାଗିଥିଲା। ଚାହୁଁ ଚାହୁଁ ନିଆଁ ଦ୍ରୁତ ବେଗରେ ମାଡ଼ି ଚାଲିଥିଲା। ସ୍ଥାନୀୟ ଲୋକେ ଅଗ୍ନିଶମ ଏବଂ ପୋଲିସକୁ ଫୋନ୍ କରି ଡାକିଥିଲେ। ଖବର ପାଇ କଳ୍ପନା ଅଗ୍ନିଶମ ବିଭାଗ, ସେକ୍ରେଟାରି ଦମକଳ, ତମାଣ୍ଡୋ, ଚନ୍ଦ୍ରଶେଖରପୁର, ବାଲିଅନ୍ତା, ପିପିଲି ଏବଂ ଷ୍ଟ୍ରାଇକିଂ ଫାୟାର ଫୋର୍ସ ପହଞ୍ଚିଥିଲେ। ନିଆଁର ତୀବ୍ର ଅଧିକ ଥିବାରୁ ରୋବୋଟ ଭିତରକୁ ଯାଇ ନିଆଁକୁ ଲିଭାଇଥିଲା। ଆହୁରି ମଧ୍ୟ ଦୋକାନରେ ପ୍ଲାଷ୍ଟିକ୍ ଥିବାରୁ ଫୋମ୍ ବ୍ୟବହାର କରାଯାଇଥିଲା। ଫଳରେ ଏକ ଘଣ୍ଟା ଭିତରେ ନିଆଁକୁ ଆୟତ୍ତ କରାଯାଇଥିଲା। ଅଗ୍ନିଶମ ବିଭାଗର ସମସ୍ତ ଅଧିକାରୀ ଏବଂ ପୋଲିସର ସମସ୍ତ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଲିଭାରେ ସହଯୋଗ କରିଥିଲେ।

### ୨୦ ଫୁଟ୍ ଉଚ୍ଚରେ ନିଆଁ ଜଳୁଥିଲା

ଗୋଟିଏ ପ୍ଲାଷ୍ଟିକ ଦୋକାନରେ ନିଆଁ ଲାଗିଥିବାରୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଅଗ୍ନିଶମ ବାହିନୀକୁ ନୟାନ୍ତ ହେବାକୁ ପଡ଼ିଥିଲା। ପ୍ରାୟ ୨୦ଫୁଟ ଉଚ୍ଚରେ ନିଆଁ ଜଳୁଥିବା ଦେଖି ସ୍ଥାନୀୟ ଲୋକେ, ଦୋକାନ ବନ୍ଦକରି ଘରକୁ ବାହାରୁଥିବା ଦୋକାନୀ ଓ କ୍ୟାପିଟାଲ ଥାନା ପୋଲିସ ହତଚକିତ ହୋଇଯାଇଥିଲେ। ନିଆଁର ପ୍ରକୋପ ଭୟଙ୍କର ଥିବାରୁ ଲିଭାଇବା ପାଇଁ ଆସିଥିବା ୭୦ରୁ ଅଧିକ ଅଗ୍ନିଶମ କର୍ମଚାରୀ ହାଟ ଭିତରକୁ ପଶିପାରି ନ ଥିଲେ। ପ୍ରାୟ ୧୦କୋଟି ଟଙ୍କାର ସମ୍ପତ୍ତି ଜଳି ପାଉଁଶ ହୋଇଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ନିଆଁ ଲାଗିଥିବା ଅଗ୍ନିଶମ କର୍ମଚାରୀ ସନ୍ଦେହ କରୁଛନ୍ତି।

### ନିଆଁରେ ଥାନା ପ୍ରଭାବିତ

ନିଆଁ ଲାଗିଥିବା ଦୋକାନ ନିକଟରେ କ୍ୟାପିଟାଲ ଥାନା ରହିଥିବାରୁ ନିଆଁ ଧାସରେ ଥାନା ଗୃହ ପ୍ରଭାବିତ ହୋଇଛି। ଥାନାର କାଚ ଓ ଝରକା ଭାଙ୍ଗି ଯାଇଥିବାବେଳେ ପଛରେ ଲାଗିଥିବା ଏସି ଏବଂ ପ୍ଲାଷ୍ଟିକ ଆଜବେଷ୍ଟସ୍ ପ୍ରଭାବିତ ହୋଇଛି। ଥାନାକୁ ଯାଇଥିବା ସବୁ ସର୍ଭିସ ତାର ପୋଡ଼ି ପାଉଁଶ ହୋଇଯାଇଛି। ନିଆଁ କ୍ୟାପିଟାଲ ଥାନା ଭିତରକୁ ପ୍ରବେଶ କରିବା ପୂର୍ବରୁ ଥାନା ଅଧିକାରୀ ତୁରନ୍ତ ଥାନାର ସବୁ ଲାଇନ୍ କାଟିଦେବା ସହ ଥାନାରେ ଥିବା ଜବତ ବାଇକ୍‌କୁ ଷ୍ଟାଫ୍‌ଙ୍କୁ ଲଗାଇ ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ, ଯେଉଁଥିପାଇଁ ଥାନା ଭିତରକୁ ନିଆଁ ପ୍ରବେଶ କରିପାରି ନ ଥିଲା।

### ବ୍ୟବସାୟୀଙ୍କ ପାଇଁ ସ୍ଥାୟୀ ବନ୍ଦୋବସ୍ତ ଆବଶ୍ୟକ: ଡିଜି


ସୁଧାଂଶୁ ଷଡ଼ଙ୍ଗୀ

ଏନେଇ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, ଏକ ନମ୍ବର ମାର୍କେଟ ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନାହାନ୍ତି। ନିଆଁ ଲିଭାରେ ଆଧୁନିକ ଯନ୍ତ୍ରପାତି ବ୍ୟବହାର କରାଯାଇ ନିଆଁକୁ ଆୟତ୍ତ କରାଯାଇଥିଲା। ଏଭଳି ଅଘଟଣକୁ ରୋକିବାକୁ ଏକ ବଡ଼ ପାଣିଟାଙ୍କି ଆବଶ୍ୟକ ରହିଛି। ପାଣି ଟାଙ୍କି ପାଇଁ ବ୍ୟବସାୟୀ ଜାଗା ଛାଡ଼ିବା ଦରକାର। ବଜାର ଅବ୍ୟବସ୍ଥିତ ହୋଇ ରହିଛି। ଯିବା ଆସିବା ପାଇଁ ବାଟ ନାହିଁ। ବ୍ୟବସାୟୀଙ୍କ ପାଇଁ ସ୍ଥାୟୀ ବନ୍ଦୋବସ୍ତ କରିବା ଆବଶ୍ୟକ ରହିଛି।

### ନିଆଁ ଲିଭାଇବାକୁ ପାଣିର ଅଭାବ

ନିଆଁ ଲିଭାଇବା ପାଇଁ ଏକାଧିକ ଦମକଳ ଗାଡ଼ି ଆସି ନିଆଁ ଲିଭାଉଥିଲେ। ହେଲେ ସବୁ ଗାଡ଼ିର ପାଣି ଶେଷ ହୋଇଗଲା। ଫଳରେ ଲିଭାଇବା ପାଇଁ ପାଣିର ଅଭାବ ପଡ଼ିଥିଲା। ନିକଟରେ ଥିବା ପାଣି ଟାଙ୍କିରେ ତୁରନ୍ତ ପାଣି ଭର୍ତ୍ତି କରାଯାଇ ନିଆଁ ଲିଭାଯାଇଥିଲା। ତେଣୁ ଦୋକାନୀମାନେ ନିଆଁ ଲିଭାଇବା ପାଇଁ ବଡ଼ ପାଣି ଟାଙ୍କି ଦାବି କରିଛନ୍ତି। କାରଣ ପାଣି ଟାଙ୍କି ହୋଇଥିଲେ ଲୋକେ ସହଜରେ ନିଆଁକୁ ଲିଭାଇ ପାରିଥାନ୍ତେ। କିନ୍ତୁ ପାଣି ଟାଙ୍କି ନ ଥିବାରୁ ନିଆଁ ଲିଭାଇବାରେ ସମସ୍ୟା ହୋଇଥିଲା।

### ବିଶ୍ୱ ଉଠାଦୋକାନୀ ଦିବସ ପୂର୍ବରୁ ଭରିଗଲା ଦୁଃଖ

ମଙ୍ଗଳବାର ଥିଲା ବିଶ୍ୱ ଉଠାଦୋକାନୀ ଦିବସ। ଏହାକୁ ୟୁନିଟ୍-୧ ମାର୍କେଟ ନିକଟରେ ସଫଳ କରିବାକୁ ଗତ ରାତିରୁ ଯୋଜନା ହୋଇଥିଲା। ହେଲେ ସୋମବାର ରାତିରେ ନିଆଁରେ ୬୦ରୁ ଅଧିକ ଦୋକାନ ପୋଡ଼ି ଯିବାପରେ କାର୍ଯ୍ୟକ୍ରମ ବିଫଳ ହୋଇଥିଲା। ଏପଟେ ଦୋକାନ ପୋଡ଼ି ଯାଇଥିବା ଲୋକଙ୍କ ଆଖିରେ ଲୁହ ଭରିଥିବାବେଳେ ସଭାରେ କିନ୍ତୁ ନେତାମାନେ ବଡ଼ ବଡ଼ ଭାଷଣ ଦେଉଥିବା ଦେଖିବାକୁ ମିଳିଥିଲା।

### ୫ ବାଇକ୍ ଭସ୍ମୀଭୂତ

ନିଆଁରେ ପୋଡ଼ି ଯାଇଥିବା ଦୋକାନ ପଛରେ ବିଏମ୍‌ସିର ପାର୍କିଂ ସ୍ଥଳ ରହିଥିଲା। ଏଥିରେ ଏକାଧିକ ବାଇକ୍ ପାର୍କିଂ କରାଯାଇଥିଲା। ରାତିରେ ନିଆଁ ଲାଗିବାପରେ ମାର୍କେଟ ଭିତରେ ଶୋଇଥିବା ଦୋକାନୀ ଉଠି ନିଜର ଗାଡ଼ିରୁ ବାହାରକୁ ବାହାର କରିଦେଇଥିଲେ। ହେଲେ ୫ଜଣ ଦୋକାନୀ ମାର୍କେଟ ଭିତରେ ଶୋଇ ପଡ଼ିଥିବାରୁ ନିଆଁ ଲାଗିଥିବା ଜାଣିପାରି ନ ଥିଲେ। ଫଳରେ ନିଆଁରେ ସେମାନଙ୍କ ବାଇକ୍ ପୋଡ଼ି ପାଉଁଶ ହୋଇଯାଇଥିଲା।





“ସୋମବାର ରାତି ପାଖାପାଖି ୨ଟାରେ ମୋତେ ଫୋନ୍ କଲ୍ ଆସିଥିଲା। ପ୍ରଥମେ ମୋତେ ଥଟ୍ଟା କରାଯାଉଥିବା ଭାବିଲି। ପରେ ଏକାଧିକ ପାଟି ଶୁଣିବାପରେ ଅନ୍ୟକୁ ଫୋନ୍ କରି ଜାଣିବାକୁ ପରେ ଦୌଡ଼ି ଆସିଲି। ଦୋକାନ ନିକଟରେ ପହଞ୍ଚିବା ବେଳକୁ ସବୁ କିଛି ପୋଡ଼ି ପାଉଁଶ ହୋଇସାରିଥିଲା। ଆମେ ଚାହୁଁଥିଲେ ମଧ ନିଆଁକୁ ଲିଭାଇ ପାରି ନ ଥିଲୁ। ଆମର ସ୍ୱପ୍ନ ସବୁ ପାଉଁଶ ତଳେ ପୋତି ହୋଇଗଲା।

- ଏ. ଶୋମେସ୍ ରେଡ୍ଡୀ, ପ୍ଲାଷ୍ଟିକ୍ ଦୋକାନୀ



“ଋଣ କରି ଦୋକାନରେ ୪ଲକ୍ଷ ଟଙ୍କାର ସାମଗ୍ରୀ ଭର୍ତ୍ତି କରିଥିଲି। ଭାବିଥିଲି ପରିବାର ନାମରେ ଥିବ ସବୁ ଋଣ ଏହି ବର୍ଷ ବେପାର କରି ଶୁଝିଦେବି। ହେଲେ ତାହା ଭାଗ୍ୟରେ ନାହିଁ। ଖବର ପାଇ ରାତି ୩ଟାରେ ଦୋକାନକୁ ଆସିବା ପରେ ସବୁ କିଛି ପୋଡ଼ି ପାଉଁଶ ହୋଇଯାଇଥିବା ଦେଖିବାକୁ ପାଇଲି। ଏହି ପୋଡ଼ା ପାଉଁଶକୁ ଦେଖି ଛାତି ଫାଟି ଯାଇଥିଲା। କିଭଳି ପରିବାରକୁ ଚଳାଇବି ଆଉ ଋଣ ଶୁଝିବି। ସରକାର ଆମକୁ କିଛି ସହଯୋଗ କଲେ, ଆମେ ଦୁଃଖରୁ ବର୍ତ୍ତିବୁ।

- ଦୂତୀ ଦାସ, ରଶି ଦୋକାନୀ



“ମୋର ଗୋଟିଏ ଫଳ ଦୋକାନ ଥିଲା। ଏହି ଫଳ ଦୋକାନରୁ ହେଉଥିବା ଆୟରୁ ପରିବାର ପେଟ ପୋଷୁଥିଲି। କିନ୍ତୁ ଏବେ ଭାତହାଣ୍ଡି ଜଳିବ ନାହିଁ। କିଭଳି ଭାବେ ପରିବାର ପୋଷିବୁ ତାହାକୁ ନେଇ ମୁଣ୍ଡରେ ଚଡ଼କ ପଡ଼ିଲାଣି। ସରକାର ଆମକୁ କ୍ଷତିପୂରଣ ଦେଲେ ଆମେ ବ୍ୟବସାୟୀ କିଛି ମାତ୍ରାରେ ଉପକୃତ ହେବୁ ।

- ସାଗର ଜେନା, ଫଳ ଦୋକାନୀ



“ମୋର ଗୋଟିଏ ଛତା ଦୋକାନ ଥିଲା ସେଥିରୁ ଘର ଚଳିବା ପାଇଁ ହୋଇଯାଉଥିଲା। କିନ୍ତୁ ସୋମବାର ବିଳମ୍ବିତ ରାତିରେ ନିଆଁ ଲାଗି ସବୁ କିଛି ପୋଡ଼ି ପାଉଁଶ ହୋଇଯାଇଛି। ହେଲେ ମେୟର ଆମର ସାଥ୍ ଦେବା ବଦଳରେ ଇନ୍‌ସ୍ୟୁରାନ୍ସ କରିବା କଥା କହି ଏଡ଼ାଇ ଯାଇଥିଲେ। ଆମକୁ ସେ ସହଯୋଗ କରିବେ ନାହିଁ ବୋଲି ଭାବୁଛୁ। ସରକାର କିନ୍ତୁ ଆମକୁ ସାହାଯ୍ୟ କରନ୍ତୁ ବୋଲି ନିବେଦନ କରୁଛି।

- ସଦାଶିବ ସାହୁ, ଛତା ଦୋକାନୀ



# ବ୍ୟବସାୟୀଙ୍କ ଉପରେ ଦୋଷ ଲଦିଲେ ମେୟର

ଭୁବନେଶ୍ୱର,୨୦।୧(ବନ୍ଦନା ସେଠୀ)

ବାରମ୍ବାର ଚେତାବନୀ ସତ୍ତ୍ୱେ ନିୟମ ମାନୁନାହାନ୍ତି ବ୍ୟବସାୟୀ। ଫଳରେ ବାରମ୍ବାର ୟୁନିଟ୍ -୧ ହାଟରେ ଏଭଳି ଅଗ୍ନିକାଣ୍ଡ ହେଉଛି ବୋଲି କହିବା ସହ ବ୍ୟବସାୟୀଙ୍କ ଉପରେ ଦୋଷ ଲଦିଛନ୍ତି ବିଏମ୍‌ସି ମେୟର ସୁଲୋଚନା ଦାସ। ସେହିପରି ବ୍ୟବସାୟୀମାନଙ୍କର କୌଣସି ବୀମା ହୋଇ ନ ଥିବାରୁ ସେମାନଙ୍କୁ ବିଏମ୍‌ସି ପକ୍ଷରୁ କୌଣସି କ୍ଷତିପୂରଣ ଦେଇହେବ ନାହିଁ ବୋଲି ମେୟର କହିଛନ୍ତି। ସୋମବାର ବିଳମ୍ବିତ ରାତିରେ ୟୁନିଟ୍-୧ ହାଟରେ ଅଗ୍ନିକାଣ୍ଡ ହେବା ପରେ ମଙ୍ଗଳବାର ହାଟକୁ ସମ୍ପୂର୍ଣ୍ଣ ଭାବେ ସର୍ବସାଧାରଣଙ୍କ ପାଇଁ ବନ୍ଦ ରଖାଯାଇଥିଲା। ହାଟ ଭିତର ଓ ବାହାର ବନ୍ଦ ରହିବ ବୋଲି ବିଏମ୍‌ସି ନୋଟିସେ କରିଥିଲା। ଏଥିସହ ଆବଶ୍ୟକ ପଡ଼ିଲେ ବନ୍ଦ ଅବଧି ୨ରୁ ୩ ଦିନ ବଢିପାରେ ବୋଲି ସୂଚନା ଦିଆଯାଇଛି। ବ୍ୟବସାୟୀମାନେ ଦୋକାନ ଭିତରେ ଅଣ୍ଡରଗ୍ରାଉଣ୍ଡ କରି ସାମଗ୍ରୀ ରଖିଥିଲେ। ଏନେଇ କୌଣସି ଖବର ନ ଥିଲା। ସେହିପରି ପ୍ଲାଷ୍ଟିକ୍ ରଖିଥିବାବେଳେ କୌଣସି ସାବଧାନତା ଅବଲମ୍ବନ କରାଯାଉ ନ ଥିଲା। ବାରମ୍ବାର କହିବା ସତ୍ତ୍ୱେ ବ୍ୟବସାୟୀମାନେ ଶୁଣୁ ନ ଥିଲେ କି ସଚେତନ ହେଉ ନ ଥିଲେ। ବିଏମ୍‌ସି ପକ୍ଷରୁ ବାରମ୍ବାର ସଚେତନ କରିବା ପରେ ମଧ୍ୟ ବ୍ୟବସାୟୀମାନେ କିଛି ମାନୁନାହାନ୍ତି। ଫଳରେ ଏଭଳି ଅଘଟଣ ଘଟିଛି। ସେହିପରି ବ୍ୟବସାୟୀମାନଙ୍କର କିପରି ବୀମା କରାଯିବ ସେନେଇ ମାର୍କେଟ ସଂଘ ସହିତ ଆଲୋଚନା କରାଯାଉଛି। ଜାରି ହେବାକୁ ଥିବା ଏସ୍‌ଓପିରେ ବ୍ୟବସାୟୀମାନଙ୍କ ପାଇଁ ବୀମା ବ୍ୟବସ୍ଥା, ପ୍ଲାଷ୍ଟିକ୍ ଜିନିଷ ନ ରଖିବା, ସେମାନଙ୍କର ନିର୍ବାଚନ ପ୍ରକ୍ରିୟା ଆଦିକୁ ସ୍ଥାନିତ କରିବା ନେଇ ସଂଘ ସହିତ ଆଲୋଚନା କରାଯାଇଛି। ତେବେ ଏତେ ଶୀଘ୍ର ଏସ୍‌ଓପି କରି କାର୍ଯ୍ୟକାରୀ କରିବା ସମ୍ଭବ ନୁହେଁ ବୋଲି ମେୟର କହିଛନ୍ତି।

ୟୁନିଟ-୧ ହାଟରେ ବାରମ୍ବାର ଏଭଳି ଅଗ୍ନିକାଣ୍ଡ ଘଟୁଥିଲେ ହେଁ ଏ ପର୍ଯ୍ୟନ୍ତ ବିଏମ୍‌ସି ପକ୍ଷରୁ ଏହାର ସ୍ଥାୟୀ ସମାଧାନ ବାହାରି ପାରିନାହିଁ। ଏପରିକି ସହରର ବିଭିନ୍ନ ହାଟ ପାଇଁ ଏସ୍‌ଓପି ଜାରି କରାଯିବ ବୋଲି ବହୁ ପୂର୍ବରୁ ବିଏମ୍‌ସି କହିଥିଲେ ହେଁ ଏଯାଏ ସେନେଇ ପ୍ରକ୍ରିୟା ଆରମ୍ଭ ହୋଇପାରିନାହିଁ। ଫଳରେ ବ୍ୟବସାୟୀମାନେ କୌଣସି ନିୟମ ମାନୁନାହାନ୍ତି ଏବଂ ବିଏମ୍‌ସି ପକ୍ଷରୁ ମଧ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରୁନାହିଁ। ଅପରପକ୍ଷେ ନିଆଁ ଲାଗିବା ପରେ ବିଏମ୍‌ସିର ଚେତା ପଶିଛି। ୧ନମ୍ବର ହାଟରେ ଆଉ କୌଣସି ଦୋକାନୀ ପଲିଥିନ୍ ରଖିବେ ନାହିଁ କିମ୍ବା ଦୋକାନ ଆଗରେ ଟାଣିବେ ନାହିଁ। ଏପରିକି ମାର୍କେଟ ପରିସରରେ କୌଣସି ହୋଟେଲ ରହିବ ନାହିଁ ବୋଲି ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣଙ୍କ ନିୟମ ଅନୁଯାୟୀ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯିବ। ମାର୍କେଟ ପରିସରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସମୀକ୍ଷା କରାଯିବ। ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ମାର୍କେଟ ପରିସରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ପାଇଁ ଅର୍ଥ ମଞ୍ଜୁର କରାଯାଇଛି। ତାହାକୁ ଖୁବଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଟେଣ୍ଡର ଡକାଯିବ ବୋଲି କମିଶନର ସୂଚନା ଦେଇଛନ୍ତି। ଅଗ୍ନିକାଣ୍ଡରେ ନିକଟସ୍ଥ କ୍ୟାପିଟାଲ ଥାନାର ମଧ୍ୟ କିଛି ଅଂଶ କ୍ଷତି ହୋଇଛି। ଜବରଦଖଲରେ ଥିବା କ୍ୟାପିଟାଲ ଥାନା ପଛପାର୍ଶ୍ୱକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଇଛି। ଫଳରେ ମାର୍କେଟକୁ ଯିବା ପାଇଁ ୨୫ଫୁଟର ଏକ ରାସ୍ତା ବାହାରିପାରିଛି। ଯଦ୍ୱାରା ମାର୍କେଟ ଭିତରକୁ ଲୋକେ ଯିବା ଆସିବା ପାଇଁ ଏବେ ସହଜ ହୋଇପାରିବ। ସେହିପରି ମାର୍କେଟ ଭିତରେ ଯେଉଁମାନେ ରାସ୍ତାକୁ ଜବର୍‌ଦଖଲ କରିଛନ୍ତି କିମ୍ବା ନିଜ ଦୋକାନ ଆଗକୁ ମଡ଼ାଇବସିଛନ୍ତି, ସେ ସମସ୍ତ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ସୂଚନା ଦିଆଯାଇଛି।

**■ ଦୋକାନ ଆଗରେ ପଲିଥିନ ଟାଣିବା ଓ ବିକ୍ରି କରିବା ନିଷେଧ**

**■ ଖୁବ୍‌ଶୀଘ୍ର ଅଗ୍ନି ନିରାପତ୍ତା ବ୍ୟବସ୍ଥା ପାଇଁ ଡକାଯିବ ଟେଣ୍ଡର**



**ନିଶାମୁକ୍ତ ଭାରତ ଅଭିଯାନ ରଥର ଶୁଭାରମ୍ଭ**

ସାକ୍ଷୀଗୋପାଳ,(ଭରତ ରାଉତ)- ସତ୍ୟବାଦୀ ବ୍ଲକ ଅଞ୍ଚଳକୁ ନିଶାମୁକ୍ତ କରିବା ପାଇଁ ଏକ ସୁସଜ୍ଜିତ ଆଧ୍ୟାତ୍ମିକ ଚିତ୍ର ପ୍ରଦର୍ଶନୀକୁ ସତ୍ୟବାଦୀ ବିଡିଓ ଦେବାଶିଷ ନାୟକ, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଖବରଦାତା ଅଶୋକ କୁମାର ବେହେରା ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଏନ୍‌ଜିଓ ସଂସ୍ଥା ଦ୍ୱାରା ନିଶା ନିବାରଣ ସମ୍ବନ୍ଧୀୟ ବହୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଥିଲେ ମଧ ସେମାନଙ୍କ ସଫଳତା ହାର ଶତକଡ଼ା ୨୦ରୁ ୩୦। ନିଶା ନିବାରଣର ସଫଳତା ହାର ୯୭ ଭାଗ। ନିଶା ନିବାରଣର ବହୁଳ ସଫଳତା ପାଇଁ ବ୍ରହ୍ମାକୁମାରୀ ସଂସ୍ଥା ଭାରତ ସରକାର ଓ ବିଭିନ୍ନ ପ୍ରାଦେଶିକ ସରକାରଙ୍କ ସହ ଚୁକ୍ତିବଦ୍ଧ ହୋଇ ବିଭିନ୍ନ ସେବାକାର୍ଯ୍ୟ ଜାରି ରଖିଛନ୍ତି। ଉପସେବା କେନ୍ଦ୍ରର ସଂଯୋଜିକା ବ୍ରହ୍ମାକୁମାରୀ ସଂଯୁକ୍ତା ଆଶୀର୍ବଚନ ପ୍ରଦାନ କରି ଶପଥପାଠ କରାଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୧।୨୦୨୬

| | |
|---|---|
| ୫,୨୩,୨୦୪ ଟଙ୍କା | |
| ସୁନା | ୫୮୦ ମିଲିଗ୍ରାମ୍ |
| ରୁପା | ୩୦.୨୦୦ ଗ୍ରାମ୍ |

# ପଞ୍ଚତତ୍ତ୍ୱ ହିଁ ଆମ ପର୍ଯ୍ୟାବରଣ

### ଶ୍ରୀରାମ ମନ୍ଦିର ପରିସରରେ ହିନ୍ଦୁ ସମ୍ମିଳନୀ

ପୁରୀ ୨୦।୧(ଅଜିତ୍ କୁମାର ମହାନ୍ତି)

ଏକ ସମୃଦ୍ଧ ଭାରତବର୍ଷ ପାଇଁ ଏକ ରାଷ୍ଟ୍ର,ଏକ ଧର୍ମ, ଏକ ସଂସ୍କୃତି ମହାମନ୍ତ୍ର ହେଉ ବୋଲି ପୁରୀ ଶ୍ରୀରାମ ମନ୍ଦିର ପରିସରରେ ଅନୁଷ୍ଠିତ ହିନ୍ଦୁ ସମ୍ମିଳନୀରେ ମତପ୍ରକାଶ ପାଇଛି। ହର ପ୍ରସାଦ ମହାପାତ୍ରଙ୍କ ସଭାପତିତ୍ୱରେ ଅରବିନ୍ଦ ଶତପଥୀଙ୍କ ଆବାହକତ୍ୱରେ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ହରିହରାନନ୍ଦ ଗୁରୁକୁଳମର ପରମହଂସ ପ୍ରଜ୍ଞାନାନନ୍ଦ ଗିରି କହିଥିଲେ, ହଜାର ହଜାର ବର୍ଷ ତଳେ ହିନ୍ଦୁ ଧର୍ମର ସୃଷ୍ଟି। ଏହାର ପରମ୍ପରା ଓ ସଂସ୍କୃତି କାଳ କାଳ ଭାରତ ବର୍ଷକୁ ଉଦବୁଦ୍ଧ କରିଛି।

ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ଶଙ୍କରାନନ୍ଦ ମଠର ସ୍ୱାମୀ ସାସ୍ୱତାନନ୍ଦ ସରସ୍ୱତୀ କହିଥିଲେ, ଜନ୍ମଭୂମି ପ୍ରକୃତ ମାତା ହୋଇ ଆମକୁ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଅନ୍ନ, ବସ୍ତ୍ର, ପାଣି, ପବନ ଦେଇ ଲାଳନ ପାଳନ କରୁଛି। ଜଗନ୍ନାଥ ସଂସ୍କୃତି ଏକ ମହାନ୍ ସଂସ୍କୃତି। ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ କହିଥିଲେ ପଞ୍ଚ ତତ୍ତ୍ୱ-ମାଟି, ଜଳ, ଅଗ୍ନି, ପବନ ଓ ଅଗ୍ନି ହିଁ ଆମର ପର୍ଯ୍ୟାବରଣ। ଏହି ପଞ୍ଚ ତତ୍ତ୍ୱକୁ ଶୁଦ୍ଧ ରଖିଲେ ଆମେ ସୁସ୍ଥ ରହି ପରିବା। ମୁକ୍ତିମଣ୍ଡପ ପଣ୍ଡିତ ସଭାର ପଣ୍ଡିତ ବିଚିତ୍ରାନନ୍ଦ ମିଶ୍ର କହିଥିଲେ, ଆମେ ନିଜକୁ ହିନ୍ଦୁ ବୋଲି ଗର୍ବରେ ଏଥିପାଇଁ କହିଥାଉ କାରଣ ଆମ ହିନ୍ଦୁ ସଂସ୍କୃତି ବିଶ୍ୱର ସର୍ବପ୍ରାଚୀନ ସର୍ବୋତ୍ତମ ମହାନ ସଂସ୍କୃତି। ପ୍ରଫେସର ରବିଶଙ୍କର ମିଶ୍ର କହିଥିଲେ ପ୍ରତିଦିନ ଆମେ ଏକ ନିର୍ଦ୍ଦିଷ୍ଟ ସମୟରେ ନିୟମିତ ଭଗବାନଙ୍କୁ ପ୍ରାର୍ଥନା କଲେ ଭଗବାନ ତାହା ଶୁଣନ୍ତି ଓ ଆମ ମନସ୍କାମନା ପୂରଣ କରନ୍ତି। କାର୍ଯ୍ୟକ୍ରମକୁ ଅରବିନ୍ଦ ଶତପଥୀ, ସୁକାନ୍ତ ଦଳାଇ, ଅଂଶୁମାନ ରାଏ, ଦେବେନ୍ଦ୍ର ଅଗ୍ରୱାଲ, ମାନସ ଲେଙ୍କା, ପ୍ରଦ୍ୟୁମ୍ନ ମଲ୍ଲିକ ଓ ରାମ ମନ୍ଦିର ପରିଚାଳନା ସମିତିର କାର୍ଯ୍ୟକର୍ତ୍ତାମାନେ ପରିଚାଳନା କରିଥିଲେ ।



ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ ।

## ଶରଧାବାଲିରୁ ପଦଯାତ୍ରା




ପୁରୀ,୨୦।୧(ଅଜିତ୍ କୁମାର ମହାନ୍ତି)

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍‌ଙ୍କ ୧୫୦ ତମ ଜୟନ୍ତୀ ପାଳନ ଅବସରରେ ମଙ୍ଗଳବାର ପୂର୍ବାହ୍ନରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରା ଶରଧାବାଲିଠାରୁ ମରିଚିକୋର୍ଟ ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଜିଲା କ୍ରୀଡ଼ା କାର୍ଯ୍ୟାଳୟ ଓ ଶିକ୍ଷା କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ପଦଯାତ୍ରାକୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ।

ଅତିରିକ୍ତ ଜିଲାପାଳ ବେହେରା କହିଛନ୍ତି, ଲୌହ ମାନବ ସର୍ଦ୍ଦାର ପଟେଲଙ୍କ ଆଦର୍ଶ, ଚରିତ୍ର ଓ ସାହସ ଚିରବନ୍ଦନୀୟ। ଦେଶକୁ ସ୍ୱାଧୀନତା କରିବା ସହ ରାଜାରାଜୁଡ଼ା ଓ ଜମିଦାରଙ୍କ ଶାସନତନ୍ତ୍ରକୁ ଦେଶରେ ସାମିଲ କରି ଏକ ଦୃଢ଼, ସାର୍ବଭୌମ ରାଷ୍ଟ୍ର ଗଠନରେ ସର୍ଦ୍ଦାରଙ୍କ ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ ଥିଲା। କୃତଜ୍ଞ ରାଷ୍ଟ୍ର ତାଙ୍କ ବୀରତ୍ୱ, ସାହସ ଓ ଦେଶପ୍ରେମକୁ ସମ୍ମାନ ଜଣାଉଛି। ତାଙ୍କ ଆଦର୍ଶକୁ ଅନୁସରଣ କରିପାରିଲେ ଆମ ରାଷ୍ଟ୍ର ସମୃଦ୍ଧ ଓ ବିକଶିତ ହୋଇପାରିବ ବୋଲି ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଖୋଖୋ ଖେଳର ଜାତୀୟ କୋଚ୍ ସଞ୍ଜୀବ ଶର୍ମା, ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ଅଧ୍ୟକ୍ଷା ହରପ୍ରିୟା ଦାଶ, ଜିଲା ସ୍କୁଲର ପ୍ରାକ୍ତନ ପିଇଟି ଗୋପାଳ ଚନ୍ଦ୍ର ପରିଡ଼ା, ଏନ୍‌ଏସଏସ ଅଫିସର ଗୋଲକ ବିହାରୀ ପଲାଇ, ବିଭିନ୍ନ ଶିକ୍ଷାନୁଷ୍ଠାନର କ୍ରୀଡ଼ା ଶିକ୍ଷକ, ଛାତ୍ରୀଛାତ୍ର ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡ଼ା କାର୍ଯ୍ୟାଳୟର ସୌମ୍ୟରଞ୍ଜନ ପୂଜାରୀ, ଦିବାକର ପଟ୍ଟନାୟକ, କୁନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୨୧୭ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ - ଅବୈଧ ବାଲି ଚାଲାଣ

ପୁରୀ,୨୦।୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାରେ ଅବୈଧ ବାଲି ଓ ପଥର ଖନନ, ପରିବହନ ଏବଂ ଅନଧିକୃତ ବ୍ୟବସାୟକୁ ରୋକିବା ପାଇଁ ପୁରୀ ପୋଲିସ ଦ୍ୱାରା ୨୦୨୫ ମସିହାରୁ ବିଶେଷ ଅଭିଯାନ ଚାଲିଆସୁଛି। ଅଭିଯାନର ଉଦ୍ଦେଶ୍ୟ ହେଉଛି, ପରିବେଶ ସୁରକ୍ଷା, ସରକାରୀ ରାଜସ୍ୱ ରକ୍ଷା ଏବଂ ସାଧାରଣ ଲୋକଙ୍କ ଜୀବନ ଜୀବିକାକୁ ସୁରକ୍ଷିତ ରଖିବା। ଏହି ଅବଧିରେ ପୁରୀ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଅବୈଧ ବାଲି ଓ ପଥର ଖନନ ସମ୍ପର୍କିତ ମୋଟ ୧୬୫ଟି ମାମଲା ରେଜିଷ୍ଟ୍ରି କରାଯାଇଛି। ଯେଉଁଥିରେ ପୂର୍ବବର୍ଷରେ ୧୪୬ଟି ମାମଲା ରେଜିଷ୍ଟ୍ରି ହୋଇଥିଲା। ଚଳିତ ମାସରେ ୧୯ଟି ନୂଆ ମାମଲା କରାଯାଇଛି। ଅବୈଧ ଖନନ ମାମଲାରେ ଜଡ଼ିତ ଅଭିଯୁକ୍ତଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରାଯାଇ ମୋଟ ୨୧୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛନ୍ତି। ଏହାସହ ଆବଶ୍ୟକ ତଦନ୍ତ ପରେ ୧୦୩ଟି ମାମଲାରେ ଚାର୍ଜସିଟ୍ ସମ୍ପୃକ୍ତ ଆଦାଲତରେ ଦାଖଲ କରାଯାଇଛି, ଯାହା ଆଇନ ଅନୁଯାୟୀ ଦୋଷୀମାନଙ୍କୁ ଶାସନ ନିଶ୍ଚିତ କରିବାରେ ସାହାଯ୍ୟ କରିବ। ଏହି ଅଭିଯାନକୁ ଜିଲାର ସମସ୍ତ ୪ଟି ସବ୍‌ଡିଭିଜନ ଯଥା ସିଟି ସବ୍‌ଡିଭିଜନ, ପିପିଲି ସବ୍‌ଡିଭିଜନ, ନିମାପଡ଼ା ସବ୍‌ଡିଭିଜନ, ସଦର ସବ୍‌ଡିଭିଜନ କାଯ୍ୟକାରୀ କରାଯାଇଛି।

### ଧାନମଣ୍ଡି ଉଦ୍‌ଘାଟିତ

ପିପିଲି,୨୦।୧(ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକ ଅନ୍ତର୍ଗତ ବିଲିପଡ଼ାଠାରେ ଲକ୍ଷ୍ମୀନାରାୟଣପୁର ସେବା ସମବାୟ ସମିତି ପରିସରରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଆଶ୍ରିତ ପଟ୍ଟନାୟକ ମଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିସହିତ ଆଗାମୀ ଦିନରେ ଗ୍ରାମାଞ୍ଚଳର ବିକାଶରେ ସମବାୟ ସମିତିର ପ୍ରମୁଖ ଭୂମିକା ରହିବ ବୋଲି ସେ କହିଥିଲେ। ସମିତିର ସଭାପତି ଗଙ୍ଗାଧର ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ପୁରୀ-ନିମାପଡା ସମବାୟ ବ୍ୟାଙ୍କର ସଭାପତି କିଶୋର ଛୋଟରାୟ, ପିପିଲି ଆମ୍ବାର ଅଧକ୍ଷ ସୁବୋଧ କୁମାର ମହାନ୍ତି, ପୂର୍ବତନ ସରପଞ୍ଚ ଶୁଭାଶିଷ ରଥ, ସାମାଜିକ କର୍ମୀ ଦୀନବନ୍ଧୁ ବେହୁରା ପ୍ରମୁଖ ଅତିଥିଭାବେ ଯୋଗଦେଇ ସ୍ଥାନୀୟ ଚାଷୀଙ୍କ ସମସ୍ୟା ଏବଂ ସମବାୟ ସମିତିର ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟିଗୋଚର କରିଥିଲେ।

## ଗୁଣ୍ଡିଚା ମନ୍ଦିର ପରିସର, ସଂଲଗ୍ନ ଅଞ୍ଚଳରେ ଏସ୍‌ପିଙ୍କ ସମୀକ୍ଷା

ପୁରୀ,୨୦।୧(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାରେ ଦେଶବିଦେଶରୁ ଲକ୍ଷାଧିକ ଭକ୍ତ ଶ୍ରୀକ୍ଷେତ୍ରକୁ ଆସିଥାନ୍ତି। ରଥଯାତ୍ରାକୁ ଆଉ କିଛିମାସ ଥିବାବେଳେ ରଥଯାତ୍ରା ସମୟରେ ସାର୍ବଜନୀନ ସୁରକ୍ଷା, ଶାନ୍ତିଶୃଙ୍ଖଳା, ଯାତାୟାତ ପରିଚାଳନା ଓ ସୁସଂଗଠିତ ଭିଡ଼ ପରିଚାଳନାକୁ ସୁନିଶ୍ଚିତ କରିବା ନିମନ୍ତେ ପୋଲିସ ପକ୍ଷରୁ ପୂର୍ବ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଏସ୍‌ପି ପ୍ରତୀକ ସିଂହଙ୍କ ନେତୃତ୍ୱରେ ଗୁଣ୍ଡିଚାମନ୍ଦିର ପରିସର ଓ ସଂଲଗ୍ନ ବିଭିନ୍ନ ସାହି, ଗଳି, ଲେନ୍ ଓ ବାଇଲେନ୍‌ର ମାଇକ୍ରୋ ଲେବଲ୍ ସମୀକ୍ଷା ସହ ଭୂମିସ୍ତରୀୟ ଇନ୍ସପେକ୍ସନ୍ କରାଯାଇଛି।

ଏହି ସମୟରେ ଅବକାଶ ଗଳି, ଫ୍ରେଣ୍ଡ କ୍ଲବ ଗଳି, ମୁଣ୍ଡିଆ ମରା, ମାଟିଆପଡ଼ା, ଲାବଣ୍ୟ ଗଳି, ହରିହର ଗଳି, ଗୁଣ୍ଡିଚା ବିହାର ଗଳି, ବସ୍ ଷ୍ଟାଣ୍ଡ ଅଞ୍ଚଳ ସହିତ ପୁରୀ ସହରର ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଗସ୍ତ କରାଯାଇଥିଲା। ଇନ୍ସପେକ୍ସନ୍ ସମୟରେ ଏସ୍‌ପି ସିଂହ ନିଜେ ଲେନ୍ ଓ ବାଇଲେନ୍‌ଗୁଡ଼ିକର ଚଉଡ଼ା, ରାସ୍ତାର ଭୌତିକ ଅବସ୍ଥା, ସମ୍ଭାବ୍ୟ ଟ୍ରାଫିକ୍ ଅବରୋଧ ସ୍ଥାନ, ଅନାବଶ୍ୟକ ଓ ଅବୈଧ ପାର୍କିଂ, ଭିଡ଼ ପ୍ରବଣ ଅଞ୍ଚଳ, ଅନ୍ଧାର ସ୍ଥାନ, ଆଲୋକ ବ୍ୟବସ୍ଥା, ସିସିଟିଭି କଭରେଜ୍, ଫାୟାର୍ ସେଫ୍ଟି ଏବଂ ଆପାତକାଳୀନ ସ୍ଥିତିରେ ରେସ୍କ୍ୟୁ ଓ ଏକ୍ସେସ୍ ରୁଟ୍ ସମ୍ପର୍କରେ ବିସ୍ତାର ଭାବେ ଅନୁଧ୍ୟାନ କରିଥିଲେ। ଥାନାଧିକାରୀ, ସହର ଡିଭିଜନ୍‌ର ଅଧିକାରୀ ଓ ଫିଲ୍ଡ ଅଫିସର୍‌ଙ୍କୁ ସମ୍ଭାବ୍ୟ ସମସ୍ୟା, ଚ୍ୟାଲେଞ୍ଜ ଓ ଦୁର୍ବଳତାଗୁଡ଼ିକୁ ପୂର୍ବରୁ ଚିହ୍ନଟ କରି ସମୟମତେ ପ୍ରତିକାରମୂଳକ ବ୍ୟବସ୍ଥା ନେବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା କାର୍ଯ୍ୟକ୍ରମରେ ଏସ୍‌ଏସ୍‌ଏମ୍‌ଏସ୍‌ଭିର କମାଣ୍ଡାଣ୍ଟ ତାପସ ଦାସ, ଡେପୁଟି କମାଣ୍ଡାଣ୍ଟ କୌଶିକ ନାୟକ, ସିଟି ଡିଏସ୍‌ପି ରଶ୍ମି ରଞ୍ଜନ ମହାପାତ୍ର ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଏସ୍‌ପି ପ୍ରତିକ ସିଂ ସମୀକ୍ଷା କରୁଛନ୍ତି ।

## ଲକ୍ଷାଧିକ ଟଙ୍କାର ସୁନା ଅଲଙ୍କାର ଚୋରି

ଗୋପ,୨୦।୧(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅନ୍ତର୍ଗତ ଗଣେଶ୍ୱରପୁର ପଞ୍ଚାୟତର ଶଙ୍ଖାରିଆ ଗ୍ରାମର ଦେବୀପ୍ରସାଦ ପରିଡ଼ାଙ୍କ ଅନୁପସ୍ଥିତିରେ ତାଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଲଙ୍କାର ଚୋରି ହୋଇଥିବା ଗୋପ ଥାନାରେ ଅଭିଯୋଗ ହୋଇଛି। ପୋଲିସ ତଦନ୍ତ କରିବା ସହିତ ଥାନାରେ ଏକ ମାମଲା (ନଂ. ୨୭/୨୬) ରୁଜୁ କରିଛି। ପ୍ରକାଶ ଯେ, ଦେବୀପ୍ରସାଦ ୧୮ ତାରିଖରେ ତାଙ୍କ ପତ୍ନୀଙ୍କ ସହିତ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ। ସନ୍ଧ୍ୟାରେ ଘରକୁ ଫେରିବା ପରେ ତାଙ୍କ ଆଲ୍‌ମିରାରେ ଥିବା ସୁନା ଅଲଙ୍କାର ନ ଥିବା ଜାଣିବାକୁ ପାଇଥିଲେ। ଦିନଦ୍ୱିପ୍ରହରରେ କିଏ ନେଲା ବୋଲି ଦେବୀପ୍ରସାଦଙ୍କ ସନ୍ଦେହ ଉପୁଜିଥିଲା। ସବୁଦିନ ପରି ଆଲ୍‌ମିରାରେ ଚାବି ରଖିଥିବା ସ୍ଥାନରେ ଚାବି ରଖି ସେ ବାହାରକୁ ଯିବାର ସୁଯୋଗ ନେଇ କେହି ଲୁଟେରା ଆଲ୍‌ମିରାରେ ଥିବା ୨ଟି ସୁନା ଅଲଙ୍କାର, ୪ଟି ସୁନା ମୁଦି ଓ ଗୋଟିଏ ସୁନା ଚେନ୍ ନେଇ ଯାଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏହି ସୁନା ଅଲଙ୍କାର ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି। କେହି ଜଣାଶୁଣା ଲୁଟେରା ଏହି ଚୋରି ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ଅନୁମାନ କରି ତଦନ୍ତ ଚଳାଇଛି। ଏପରି ଅଭିଯୋଗ ସମ୍ପର୍କରେ ଥାନାଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀଙ୍କୁ ପଚାରିବାରେ ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି।

## ଜିଲା ସ୍କୁଲ ୨୦୦୬ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ



ବନ୍ଧୁମିଳନ ଉତ୍ସବରେ ଯୋଗ ଦେଇଥିବା ପୁରାତନ ଛାତ୍ରୀଛାତ୍ରମାନେ ।

ପୁରୀ,୨୦।୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ସ୍କୁଲ ୨୦୦୬ ମାଟ୍ରିକ୍ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କର୍ମମୟ ଜୀବନରୁ ଘଣ୍ଟାଏ ବାହାରକରି ସମାଜ ପାଇଁ କିଛି କରିବାକୁ ବନ୍ଧୁମାନେ ସଙ୍କଳ୍ପ ନେଇଛନ୍ତି। ସମସ୍ତେ ନୂତନ ଜିନିଷକୁ ଆଦର କରୁଥିବା ବେଳେ ବନ୍ଧୁ ହେଉଛି ଏକ ଏମିତି ଶବ୍ଦ, ଯାହା ଯେତେ ପୁରୁଣା ହେଲେ ବି ଆଦର ଲାଗିଥାଏ। ରକ୍ତର ସମ୍ପର୍କ ନ ହେଲେ ମଧ୍ୟ ନିଜ ଭାଇଭଉଣୀ ଭଳି ଅନୁଭବ ହୋଇଥାଏ। ଦୀର୍ଘ ୨୦ ବର୍ଷରେ ବନ୍ଧୁଙ୍କୁ ନିକଟରେ ପାଇ ମନର ଅନେକ ଅକୁହା କଥାକୁ ସାଙ୍ଗ ନିକଟରେ ବଖାଣିଥିଲେ। କିଛି ସମୟ ପାଇଁ ଏକ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା। ବନ୍ଧୁମାନେ ସ୍କୁଲରେ କଟାଇଥିବା ଅନେକ ସ୍ମୃତିକୁ ବଖାଣିଥିଲେ। ସରୋଜ କୁମାର ମଲ୍ଲିକ, ମିର ରିୟାଜତ ଅଲି, କଳ୍ପତରୁ ସାହୁ, ଲୋକନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବନ୍ଧୁମାନଙ୍କ ମଧ୍ୟରେ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ କରାଯିବା ସହ କେକ୍ କାଟି ଦିନକୁ ବେଶ୍ ଆନନ୍ଦର ସହ ଉପଭୋଗ କରିଥିଲେ।

## ଦୁର୍ଘଟଣାର ପ୍ରଥମ ଘଣ୍ଟା ଗୋଲ୍‌ଡେନ ଆୱାର

### ଅଭିନବ ଉପାୟରେ ଗୋଲାପ, ଚକୋଲେଟ୍ ଦେଇ ସଚେତନତା

କାକଟପୁର/ଅସ୍ତରଙ୍ଗ, ୨୦।୧
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟ ପକ୍ଷରୁ ଜାନୁଆରୀ ବ୍ୟାପୀ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ପୁରୀ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ କାକଟପୁର ନିକଟସ୍ଥ ନେତ୍ରାନନ୍ଦ ସାହୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଙ୍କୁ ନେଇ ଏକ ସଚେତନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଦେବାଶିଷ ପଣ୍ଡା, ସମ୍ମାନିତ ଅତିଥି ଅଧ୍ୟାପିକା ଅମିୟବାଳା ପରିଡ଼ା, ପରିବହନ ବିଭାଗ ନିରୀକ୍ଷକ ସୁଶାନ୍ତ ପାତ୍ର, କାକଟପୁର ଥାନା ଉପନିରୀକ୍ଷକ ଅମିତ୍ ପାଢ଼ୀ, ଏଏସ୍‌ଆଇ ଜୟନ୍ତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ପଣ୍ଡା କହିଥିଲେ, କିଛିବର୍ଷରେ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ଅନେକ ମୂଲ୍ୟବାନ ଜୀବନ ଯାଇଛି। ଦୁର୍ଘଟଣାର ପ୍ରଥମ ଘଣ୍ଟା ଗୋଲ୍‌ଡେନ ଆୱାର ବୋଲି କହିଛନ୍ତି। ଉପସ୍ଥିତ ଅତିଥିମାନେ ଛାତ୍ରୀଙ୍କୁ ସଡ଼କ ସୁରକ୍ଷା ପ୍ରତି ସଚେତନ କରିଥିଲେ। ଦ୍ରୁତଗତିରେ ଗାଡ଼ି ନ ଚଳାଇବା, ଗାଡ଼ି ଚଳାଇବା ବେଳେ ମୋବାଇଲ୍ ବ୍ୟବହାର ନ କରିବା, ହେଲ୍‌ମେଟ ବ୍ୟବହାର କରିବା, ଡ୍ରାଇଭିଂ ଲାଇସେନ୍ସ କରିବା, ମଦ୍ୟପାନ କରି ଗାଡ଼ି ଚଳାନ୍ତୁ ନାହିଁ, ସିଟ୍ ବେଲ୍ଟ ବ୍ୟବହାର କରିବା, ନାବାଳକ ଓ ନାବାଳିକା ଗାଡ଼ି ନ ଚଳାଇବା ଆଦି ପରାମର୍ଶ ଦିଆଯାଇଥିଲା। ଶେଷରେ ଅଧ୍ୟାପିକା, ଅଧ୍ୟାପକ, କାକଟପୁର ପୋଲିସ ସମେତ ଛାତ୍ରୀ ସଡ଼କ ସୁରକ୍ଷା ଜୀବନ ରକ୍ଷା ସହ ସଚେତନ ବାର୍ତ୍ତା ପ୍ଲା-କାର୍ଡ ଧରି ସ୍ଲୋଗାନ ଦେଇ ମୁଖ୍ୟ ରାସ୍ତାରେ ନିୟମ ପାଳନ କରୁଥିବା ବ୍ୟକ୍ତିଙ୍କୁ ଗୋଲାପ ଓ ଚକୋଲେଟ୍ ଦେଇ ଖୁସିବ୍ୟକ୍ତ କରୁଥିଲେ।




ଛାତ୍ରୀମାନେ ସଡକ ସୁରକ୍ଷା ଉପରେ ସଚେତନତା କରୁଛନ୍ତି ।

## ବ୍ଲକସ୍ତରୀୟ ବନ୍ଦେ ମାତରମ ପ୍ରତିଯୋଗିତା

ପିପିଲି,୨୦।୧(ଦୁର୍ଗା ମାଧବ ମିଶ୍ର)

ବନ୍ଦେ ମାତରମ୍‌ର ୧୫୦ ତମ ବାର୍ଷିକୀ ଉପଲକ୍ଷେ ପିପିଲି ନୋଡାଲ ହାଇସ୍କୁଲ ଠାରେ ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପିପିଲି ବ୍ଲକ ଶିକ୍ଷାଧିକାରୀ ପୀତବାସ ସେଠୀ, ସମ୍ମାନିତ ଅତିଥି ଭାବେ ଏବିଇଓ ସାହେବ ପାତ୍ର, ପିପିଲି ନୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ତ୍ରିପାଠୀ, ସିଆରସିସି ସଂଯୁକ୍ତା ମହାପାତ୍ର, ଜସ୍ମିତା ମିଶ୍ର, ଅକ୍ଷୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଚିତ୍ରାଙ୍କନ, ଦେଶାତ୍ମବୋଧକ ସଙ୍ଗୀତ, ବକ୍ତୃତା, କୁଇଜ ଆଦି ୪ଟି ପ୍ରତିଯୋଗିତାରେ ସବ୍‌ଜୁନିୟର ୩ୟରୁ ୫ମ, ଜୁନିୟର ୬ଷ୍ଠରୁ ୮ମ, ସିନିୟର ୯ମ ଓ ୧୦ମ, ସୁପର ସିନିୟର୍ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର ଭାଗ ନେଇଥିଲେ।

## ଚିଲିକାରେ ଡଲ୍‌ଫିନ୍ ଗଣନା ପ୍ରକ୍ରିୟା ଆରମ୍ଭ

ବ୍ରହ୍ମଗିରି,୨୦।୧(ସ୍ୱାଧୀନ ଚମ୍ପତିରାୟ)

ମଙ୍ଗଳବାରଠାରୁ ସମଗ୍ର ଚିଲିକାରେ ଡଲ୍‌ଫିନ୍ ଗଣନା ଆରମ୍ଭ ହୋଇଯାଇଛି। ଏହି ଗଣନା ୩ଦିନ ଧରି ଚାଲିବ। ସକାଳ ୬ଟାରୁ ଆରମ୍ଭ ହୋଇଛି ଡଲ୍‌ଫିନ୍ ଗଣନା ପ୍ରକ୍ରିୟା। ବାଲୁଗାଁ ବନ୍ୟପ୍ରାଣୀ ଡିଭିଜନ୍‌ରେ ୧୦ ଟିମ୍ ଚିଲିକାର ସେଣ୍ଟ୍ରାଲ ସର୍ଦନ ଅଞ୍ଚଳରେ ଗଣନା ଆରମ୍ଭ କରିଛନ୍ତି। ସାତପଡ଼ାରୁ ୮ଟିମ ନର୍ଦନ ଆଉଟର୍ ଚ୍ୟାନେଲ୍‌ରେ ଡଲ୍‌ଫିନ୍ ଗଣନା ପାଇଁ ନିୟୋଜିତ ହୋଇଛନ୍ତି। ଡଲ୍‌ଫିନ୍ ଗଣିବା ପାଇଁ ଚିଲିକାରେ ମୋଟ ୧୮ଟି ଟିମ୍ ନିୟୋଜିତ ହୋଇଛନ୍ତି। ପ୍ରତ୍ୟେକ ଟିମରେ ୮ରୁ ୯ ଜଣ ଲେଖାଏଁ ସଦସ୍ୟ ସାମିଲ ହୋଇଛନ୍ତି। ଏହି ଗଣନାରେ ବନ୍ୟପ୍ରାଣୀ ବିଭାଗ, ସ୍ୱେଚ୍ଛାସେବୀମାନେ ନିୟୋଜିତ ହୋଇଛନ୍ତି। ବାଇନାକୁଲାର, ଜିପିଏସ୍ ଟ୍ରାକିଂ, ଟ୍ରାଞ୍ଜାକ୍ଟ ଲାଇନ୍ ମେଥଡ ସାହାଯ୍ୟରେ ଡଲ୍‌ଫିନ୍ ଗଣନା ଚାଲିଛି। ଗତ ବର୍ଷ ତୁଳନାରେ ଚଳିତବର୍ଷ ଚିଲିକାର କେଉଁ କେଉଁ ସ୍ଥାନରେ କେତେ ସଂଖ୍ୟକ ଡଲ୍‌ଫିନ୍ ରହିଛନ୍ତି, ତାହା ଗଣାସାରିବା ପରେ ଜଣାପଡ଼ିବ। ଚୂଡ଼ାନ୍ତ ରିପୋର୍ଟ ବାଲୁଗାଁ ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ନିକଟରେ ହସ୍ତାନ୍ତର କରିବେ। ପରେ ଚିଲିକାରେ କେତେ ଡଲ୍‌ଫିନ୍ ରହିଛନ୍ତି ତାହା ଘୋଷଣା କରାଯିବ।

## ୩୦ରୁ ଠାକୁର ନିଗମାନନ୍ଦଙ୍କ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ

### ସମ୍ମିଳନୀକୁ ଶୃଙ୍ଖଳିତ ସମ୍ପନ୍ନ କରିବାକୁ ପରାମର୍ଶ

ପୁରୀ,୨୦।୧(ଅଜିତ୍ କୁମାର ମହାନ୍ତି)

ଜାନୁଆରୀ ୩୦ରୁ ଫେବ୍ରୁଆରୀ ୨ ତାରିଖ ପର୍ଯ୍ୟନ୍ତ ତାଳବଣିଆସ୍ଥିତ ପାର୍କିଂସ୍ଥଳ ଠାରେ ଠାକୁର ନିଗମାନନ୍ଦଙ୍କର ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀର ୭୫ତମ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ସୁଚାରୁରୂପେ ସମ୍ପନ୍ନ କରିବାକୁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ଅଧ୍ୟକ୍ଷତା କରିବା ସହ ଭକ୍ତ ସମ୍ମିଳନୀକୁ ସୁଚାରୁରୂପେ ପରିଚାଳନା ପାଇଁ ବିଭିନ୍ନ ବିଭାଗକୁ ଦିଆଯାଉଥିବା ଦାୟିତ୍ୱ ସୁଚାରୁରୂପେ ନିର୍ବାହ ପାଇଁ ପରାମର୍ଶ ଦେଇଥିଲେ।

ଆଇନ ଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା, ପାନୀୟ ଜଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ବିଦ୍ୟୁତ ବ୍ୟବସ୍ଥା, ବ୍ୟାରିକେଡ୍ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ଚୂଡ଼ାନ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା। ପ୍ରାଦେଶିକ ଭକ୍ତ ସମ୍ମିଳନୀର ସଭାପତି ସନ୍ତୋଷ କୁମାର ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିବା ସହ ଅନୁଷ୍ଠାନର ରାଜ୍ୟରେ ୧୭୦ଟି, ରାଜ୍ୟ ବାହାରେ ୧୨ଟି ଓ ବିଦେଶରେ ୨ଟି ଶାଖା ରହିଛି। ବିଭିନ୍ନ ସମୟରେ ବିଭିନ୍ନ ଶାଖା ଏହାର ଆୟୋଜନ କରିଥିବା ସୂଚନା ଦେବା ସହ ପ୍ରାୟ ୨୫ ବର୍ଷ ପରେ ପୁରୀରେ ଏହି ସମ୍ମିଳନୀ ହେଉଛି ବୋଲି ସେ କହିଥିଲେ। ପରିଚାଳକ ଶରତ ଚନ୍ଦ୍ର ସିଂଦେଓ ବିସ୍ତୃତ ସୂଚନା ଦେଇ ଜାନୁଆରୀ ୩୦ରେ ଅଧିବାସ ଓ ଅନ୍ୟ ତିନିଦିନ ସମ୍ମିଳନୀ ହେବ।

ବୈଠକରେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଓ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ଏହା ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହୋଇଥିବାରୁ ସମସ୍ତଙ୍କ ସହଯୋଗରେ ସଫଳ ଭାବେ ଆୟୋଜନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଉପଜିଲାପାଳ ରାଜକିଶୋର ଜେନା, ଅତିରିକ୍ତ ଏସ୍‌ପି ଦେବୀଶଙ୍କର ପ୍ରତାପ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ଅନୁଷ୍ଠାନର ଉପସଭାପତି କୀର୍ତ୍ତନ ପାତ୍ର, ସମ୍ପାଦକ ନରେଶ ଚନ୍ଦ୍ର ପତି, ସଦସ୍ୟ ଚିତ୍ତରଞ୍ଜନ ମହାନ୍ତି, ଧନଞ୍ଜୟ ଦଳାଇ ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆଙ୍କ ସମେତ ଅନ୍ୟ ଅଧିକାରୀମାନେ ।

## ପିକେଡିଏ ଅଫିସ୍ ଘେରିଲା ଓକିଲ ସଂଘ

### କୋର୍ଟ ସ୍ଥାନାନ୍ତର ପ୍ରସଙ୍ଗ

ପୁରୀ,୨୦।୧(ଅଜିତ୍ କୁମାର ମହାନ୍ତି)

କୋର୍ଟ ସ୍ଥାନାନ୍ତରକୁ ବିରୋଧ କରି ସଂଘ ପକ୍ଷରୁ ମଙ୍ଗଳବାର ପିକେଡିଏ ଅଫିସ୍ ଘେରାଉ କରାଯାଇ ପ୍ରତିବାଦ ପ୍ରଦର୍ଶନ କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି, ପୁରୀ କୋର୍ଟ ବାଲୁଖଣ୍ଡ ଅଭୟାରଣ୍ୟ ମଧୁର ଜଳ ଅଞ୍ଚଳକୁ ସ୍ଥାନାନ୍ତର ପ୍ରତିବାଦରେ ପୁରୀ ଓକିଲ ସଂଘର ସତ୍ୟାଗ୍ରହ ୩୨୫ ଦିନରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀଙ୍କ ଠାରୁ ଜିଲାପାଳ, ମୁଖ୍ୟ ବିଚାରପତିଙ୍କ ଠାରୁ ହାଇକୋର୍ଟର ବିଚାରପତିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ସ୍ମାରକପତ୍ର ଦିଆଯାଇଛି। ହେଲେ କୌଣସି ସୁଫଳ ମିଳୁନାହିଁ। ତେଣୁ ଓକିଲ ସଂଘ ପକ୍ଷରୁ ମଙ୍ଗଳବାର ପିକେଡିଏ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଘେରାଉ କରିଥିଲେ।




ଆଇନଜୀବୀମାନେ ବିକ୍ଷୋଭ କରୁଛନ୍ତି ।

ଏବେ ଦେଖାଯାଇଛି ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉଲ୍ଲଂଘନ କରି ବାଲୁଖଣ୍ଡ ଅଭୟାରଣ୍ୟ ମଧୁର ଜଳ ଅଞ୍ଚଳରେ କିଛି କୋଠା ଗଡ଼ି ଉଠିଛି। ପିକେଡିଏ ଅଫିସ, ଆୟକର ଅଫିସ, ପେଣ୍ଠକଟା ଫାଣ୍ଡି, ହଷ୍ଟେଲ, ଡ୍ରଗସ୍ କଣ୍ଟ୍ରୋଲର ଅଫିସ, ୱେଟ୍ ଆଣ୍ଡ ମେଜର୍ ଅଫିସ, ଗ୍ରାମ୍ୟ ନ୍ୟାୟାଳୟ ପ୍ରଭୃତି ନିର୍ମାଣ ହୋଇଛି। ତାହା ପ୍ଲାନ ପିକେଡିଏ କିମ୍ବା ମ୍ୟୁନିସିପାଲଟି ଦେଇଛି କି ବୋଲି ପ୍ରଶ୍ନ କରିଛି ଓକିଲ ସଂଘ। ଏବେ ବାଲୁଖଣ୍ଡ ଅଭୟାରଣ୍ୟ ମଧୁରଜଳ ଅଞ୍ଚଳରେ କୋର୍ଟ ପାଇଁ ୫ଏକର ଜମି ସରକାର୍ କଟକଣା ଥାଇ ଦେଲେ କିପରି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିକ୍ଷୋଭ ପ୍ରଦର୍ଶନରେ ସଂଘର ସଭାପତି ପ୍ରେମାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, ବିଭୁଦତ୍ତ ପଟ୍ଟନାୟକ, ସୋମନାଥ ଦାସ, କର୍ଣ୍ଣବୀର ମହାପାତ୍ର, ଭାଗବତ ପ୍ରସାଦ ପଟ୍ଟନାୟକ, ସାରଦା ସାମଲ, ପୁଲିନ ବିହାରୀ ଆଚାର୍ଯ୍ୟ, ଶୁଭେନ୍ଦୁ ଦାଶ, ସମୀର ଘୋଷ, ଜ୍ୟୋତି ପ୍ରକାଶ ମହାନ୍ତି, ତାପସ ବଳିଆରସିଂ, ବୈଦ୍ୟନାଥ ପାଣି, ସୁକାନ୍ତ ପ୍ରଧାନ, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ରମେଶ ଚନ୍ଦ୍ର ପ୍ରଧାନ, ଜୟନାରାୟଣ ପଟ୍ଟନାୟକ, ପ୍ରଦୀପ ରଥ, ପ୍ରଭାସିନୀ ପଲେଇ ଓ ଅରୁନ୍ଧତୀ ବେହେରାଙ୍କ ସମେତ ଶତାଧିକ ଓକିଲ ଘେରାଉରେ ସାମିଲ୍ ହୋଇଥିଲେ।

## ସଂକ୍ଷେପରେ

### ଡାଳଭାଗ, ଚମ୍ପିଆ ଗ୍ରାମର ୩ ଦେବୀ ମନ୍ଦିରରୁ ଚୋରି

ଖୁଣ୍ଟୁଣୀ,୨୧।୧(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ଡାଳଭାଗ ଓ ଚମ୍ପିଆ ଦୁଇଟି ଗ୍ରାମରୁ ସୋମବାର ବିଳମ୍ବିତ ରାତିରେ ୩ ଦେବୀ ମନ୍ଦିରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଠାକୁରାଣୀଙ୍କ ରୁପା ମୁକୁଟ ଓ ପିତ୍ତଳ ବାସନ ସହ ବିଭିନ୍ନ ଅଳଙ୍କାର ଲୁଟି ନେଇଛନ୍ତି। ଏ ନେଇ ଡାଳଭାଗ ଗ୍ରାମ ସଭାପତି ଲକ୍ଷ୍ମୀଧର ବିଶ୍ୱାଳ ଖୁଣ୍ଟୁଣୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରାପ୍ତ ସୂଚନା ମୁତାବକ ବିଳମ୍ବିତ ରାତିରେ ଡାଳଭାଗ ଗ୍ରାମର ମା'ବନଦୁର୍ଗା ମନ୍ଦିର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ମା' ପିନ୍ଧିଥିବା ଏକ ରୁପାର ମୁକୁଟ ଚୋରି କରିଥିଲେ। ପରେ ଗ୍ରାମ ଭିତରେ ଥିବା ରାମ ମନ୍ଦିର ମୁଖଶାଳା ତାଲା ଭାଙ୍ଗିଥିଲେ ମଧ୍ୟ ଚୋରି କରି ନ ପାରି ଗ୍ରାମ ବାହାରେ ତାଲା ପକାଇ ଚାଲିଯାଇ ଥିବା ଜଣାପଡ଼ିଛି। ଚୋରମାନେ ନିକଟସ୍ଥ ଚମ୍ପିଆ ଗ୍ରାମକୁ ଯାଇ ସେଠାରେ ମା'କନକ ଦୁର୍ଗା ମନ୍ଦିର ତାଲା ଭାଙ୍ଗି ମା'ଙ୍କ ଗୋଟିଏ ରୁପା ମୁକୁଟ, ରୁପା ହାର, ସୁନା ମଥାମଣି ଚୋରି କରି ନେଇଯିବା ସହ ମା'ମଙ୍ଗଳାଙ୍କ ମନ୍ଦିର ତାଲା ଭାଙ୍ଗି ମା'ଙ୍କ ରୁପାହାର, ରୁପା ଅଣ୍ଟାସୂତା ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଥିବା ଗ୍ରାମ କମିଟି ସଭାପତି ଗଣେଶ୍ୱର ସ୍ୱାଇଁ ଓ ସମ୍ପାଦକ ହାଡିବନ୍ଧୁ ନାୟକ ଥାନାରେ ଅଭିଯୋଗ କରିଛନ୍ତି।

### ପୂଜ୍ୟପୂଜାଙ୍କୁ ସମ୍ମାନ ଦେବା ଦଳର ପରମ୍ପରା

କଟକ,୨୦।୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମ୍ୟୁନିସିପାଲିଟିରେ ପୂର୍ବତନ କାଉନସିଲର ପରମାନନ୍ଦ ରାଉତ ଓ ବାରଙ୍ଗ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦିଗମ୍ବର ମହାପାତ୍ରଙ୍କ ବାସଭବନରେ କଟକ ଜିଲା ବିଜେଡି ପକ୍ଷରୁ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ସମ୍ବର୍ଦ୍ଧିତ କରିବା ସହ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏହି ଅବସରରେ ପ୍ରତାପ ଜେନା କହିଛନ୍ତି, ପୂଜ୍ୟ ପୂଜାଙ୍କୁ ସମ୍ମାନିତ କରିବା ଏବଂ ପୁରୁଖା ନେତାଙ୍କ ପରାମର୍ଶ ଓ ମାର୍ଗଦର୍ଶନରେ ଦଳ ପରିଚାଳିତ ହେବା ସହିତ ନୂତନ ଯୁବକଙ୍କ ସାଙ୍ଗଠନିକ ଶକ୍ତିକୁ ପାଥେୟ କରି ଦଳ ଆଗକୁ ବଢ଼ିବ। ଏହା ସହିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନର ଓଡ଼ିଶା ଗଠନ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାକୁ ଏକ ସମୃଦ୍ଧଶାଳୀ ରାଜ୍ୟ ଗଠନରେ ବିଜେଡି ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି ସେ କହିଥିଲେ। ଏଥିରେ କଟକ ଜିଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂଙ୍କ ନେତୃତ୍ୱରେ ମହମ୍ମଦ୍ ସକିଲ, ପ୍ରଫୁଲ୍ଲ ବେହେରା, ପ୍ରକାଶ ସିଂ, ରାଜେନ୍ଦ୍ର ରଣା, ମନୋରଞ୍ଜନ ଦାଶ, ଯୁବ ନେତା ସ୍ମୃତି ରଞ୍ଜନ ନାୟକ, ସୁଦର୍ଶନ ଜେନା, ସେକ୍ ରିୟାଜଉଲ୍ଲା, ପ୍ରତାପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଖୁଣ୍ଟୁଣୀ ଡିଗ୍ରୀ କଲେଜରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଖୁଣ୍ଟୁଣୀ,୨୦।୧(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଗାନ୍ଧୀ ପଡ଼ିଆରେ ଚାଲିଥିବା ସ୍ଥାନୀୟ ରାଧାନାଥ ରଥ ବିଜ୍ଞାନ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ଡ. ଶଶୀଭୂଷଣ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ କ୍ରୀଡା ଏକତା ଓ ସଂହତି ବଜାୟ ରଖିବାରେ ସହାୟକ ହେବା ସହ ଦୀର୍ଘ ଓ ନିରାମୟ ଜୀବନ ବିତାଇବାରେ କ୍ରୀଡା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ। କଲେଜ ପ୍ରଶାସନିକ ଅଧିକାରୀ କୁନ୍ତଳା ବେହୁରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗୀତାକୁ କଲେଜ ମୁଖ୍ୟ କ୍ରୀଡା ସଂଯୋଜକ ଅଧ୍ୟାପକ ଅମିତ ରଞ୍ଜନ ମିଶ୍ର, ଡ. ମନୋରଞ୍ଜନ ମହାନ୍ତି, ଆମ ଗୌରବ ଆମ କଲେଜର ସଂଯୋଜକ ଅଧ୍ୟାପକ ଜିତେନ୍ଦ୍ର ପ୍ରଧାନ, କ୍ରୀଡା ଅଧ୍ୟାପକ ବାଦଲ କୁମାର ଚୌଧୁରୀ ପ୍ରମୁଖ ପରିଚାଳନା କରିଥିଲେ। ନିରଞ୍ଜନ ପତି, ଡ. ଯୁଗଜ୍ୟୋତି ସ୍ୱାଇଁ, ସାଗରିକା ରାଉତ, ରୀନାଞ୍ଜଳି ପରିଡା, ଦୀପ୍ତିରଞ୍ଜନ ବାରିକ, ପ୍ରକାଶ ସିଂ, ଡ. ଶୁଭଦର୍ଶୀ ଦାଶ, ଜୟନ୍ତୀ ସାହୁ, ଗାୟତ୍ରୀ ପ୍ରିୟଦର୍ଶିନୀ ମହାନ୍ତି, ଶୁଚିସ୍ମିତା ରାଉତ, ସୁଜିତ କୁମାର ପ୍ରଧାନ, ଗ୍ରନ୍ଥାଗାରିକ ଦେବେନ୍ଦ୍ର ସାହୁ, ଲକ୍ଷ୍ମୀ ବେହେରା, ସୁପ୍ରଦୀପ୍ତ ଦାଶଙ୍କ ସମେତ ସମସ୍ତ ଅଧ୍ୟାପକ-ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ। ଶତାଧିକ ଛାତ୍ରୀଛାତ୍ର ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଡିସକସ, ସଟପୁଟ ଥ୍ରୋ ଆଦି ଖେଳରେ ଅଂଶଗ୍ରହଣ କରିଥିଲେ।

# ପ୍ରତି ଗ୍ରାମରେ ହେବ ବାଲ୍‌ସଭା

କଟକ/ଚୌଦ୍ୱାର,୨୦।୧
(କାର୍ତ୍ତିକ ସାହୁ/ ଆଶୁତୋଷ ଦାସ)



ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା, ସଦସ୍ୟା, ଜିଲାପାଳ ଏବଂ ଅନ୍ୟମାନେ।

**ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ କଟକ ଜିଲା ଗସ୍ତ**

ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର ଓ ସଦସ୍ୟା ଚନ୍ଦନା ଦାସ ମଙ୍ଗଳବାର କଟକ ଜିଲା ଗସ୍ତରେ ଆସି ଶିଶୁ ସୁରକ୍ଷା ଏବଂ ଅଧିକାର ସମ୍ପର୍କିତ କାର୍ଯ୍ୟକ୍ରମଗୁଡ଼ିକର କ୍ଷେତ୍ର ପରିଦର୍ଶନ କରିଛନ୍ତି। ଉଭୟେ ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳର ଏକ ଛତୁଆ ପ୍ଲାଣ୍ଟ, ଏକ ଅଙ୍ଗନୱାଡି କେନ୍ଦ୍ର, ଗୋଟିଏ ବିଦ୍ୟାଳୟ ପରିଦର୍ଶନ କରି ସେଠାରେ ବାଲ୍‌ସଭାରେ ଯୋଗଦେଇଥିଲେ। ସେମାନେ ବିଶେଷକରି ଟାଙ୍ଗୀ ବ୍ଲକ ଅଧୀନ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପରିଦର୍ଶନ କରି ଲୋକମାନଙ୍କ ସହ ଆଲେଚନା କରିଥିଲେ। ସେଠାକାର ସର୍ଭେଣ୍ଟସ ଅଫ୍ ଇଣ୍ଡିଆ ସୋସାଇଟିରେ ଥିବା ଶିଶୁ ଯତ୍ନ ଅନୁଷ୍ଠାନ ଏବଂ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ କେନ୍ଦ୍ର ବୁଲି ଅନ୍ତେବାସୀମାନଙ୍କ ଭଲମନ୍ଦ ପଚାରି ବୁଝିଥିଲେ। ସେଠାରେ ନୂତନ ଭାବେ ଗଢ଼ାଯାଇଥିବା ଭୋଜନାଳୟକୁ ଉଦ୍‌ଘାଟନ କରିଥିଲେ। ପରେ ଏସ୍‌ସିବି ମେଡିକାଲରେ ପହଞ୍ଚି ଏକ ଶିଶୁ ଝୁଲା ଉଦ୍‌ଘାଟନ କରିବା ସହ ମଙ୍ଗଳାବାଗ ଥାନା ପରିସରରେ ଥିବା ଚାଇଲ୍ଡ ଫ୍ରେଣ୍ଡଲି ମହିଳା ଓ ଶିଶୁ ଡେସ୍କ ବୁଲି ଥାନା ଅଧିକାରୀଙ୍କ ସହିତ ଶିଶୁ ସୁରକ୍ଷା ସମ୍ବନ୍ଧିତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଗସ୍ତ ସମୟରେ ଉଭୟ ଆୟୋଗ ଅଧ୍ୟକ୍ଷା ଓ ସଦସ୍ୟା ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ ଶିନ୍ଦେ ଓ ଶିଶୁ ଭବନ ଅଧୀକ୍ଷକ ପ୍ରଭାକର ମିଶ୍ରଙ୍କ ସହିତ ଶିଶୁ ଭବନ ପରିଦର୍ଶନରେ ଯାଇ ସେଠାରେ ଥିବା ନୂତନ କୋଠାରେ ଚାଲୁଥିବା ଚିକିତ୍ସା ସୁବିଧା ବ୍ୟବସ୍ଥା ଦେଖିଥିଲେ। ପରିଦର୍ଶନ ପରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଉପସ୍ଥିତିରେ ବିଭାଗୀୟ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା କରାଯାଇଥିବା ୧୦୦ଦିନିଆ ବାଲ୍ୟ ବିବାହ ମୁକ୍ତଭାରତ ଅଭିଯାନ ସମ୍ପର୍କରେ ଶିକ୍ଷା ବିଭାଗ, ପଞ୍ଚାୟତିରାଜ ବିଭାଗର ଭୂମିକା ସମ୍ପର୍କରେ ଅଧ୍ୟକ୍ଷା ଆଲୋକପାତ କରିଥିଲେ। ପ୍ରତି ଗ୍ରାମରେ ବାଲ୍‌ସଭା କରିବା ପାଇଁ ଉପସ୍ଥିତ ସରପଞ୍ଚ, ଶିକ୍ଷା ବିଭାଗୀୟ ପଦାଧିକାରୀ, ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କ୍ଷେତ୍ର ପରିଦର୍ଶନ ସମୟରେ ଉପଲବ୍ଧି ଏବଂ ସୁଧାର ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେବା ସହ କ୍ଷେତ୍ର ପରିଦର୍ଶନକୁ ପ୍ରାଥମିକତା ଦେଇଥିଲେ। ଅତିରିକ୍ତ ଜିଲାପାଳ ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଶିଶୁ ସୁରକ୍ଷା ନିମନ୍ତେ ପ୍ରଶାସନିକ ସ୍ତରରେ ତତ୍ପରତାର ସହ ସମସ୍ତ କାର୍ଯ୍ୟ କରାଯିବ ବୋଲି ମତବ୍ୟକ୍ତ କରି ଜିଲାର ଶିଶୁ ସୁରକ୍ଷା ନୋଡାଲ ଅଧିକାରୀ ଭାବେ ଧନ୍ୟବାଦ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତିଙ୍କ ସମେତ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



ଶୈଳବାଳା ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିକରି ମଙ୍ଗଳବାର ଛାତ୍ରୀଙ୍କ ପକ୍ଷରୁ ଧାରଣା। (ଫଟୋ: ରାଜକିଶୋର ମହାନ୍ତି)

## ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣଙ୍କ ଜୀବନର ଆଦର୍ଶ ଥିଲା ଦେଶଭକ୍ତି

କଟକ,୨୦।୧(କାର୍ତ୍ତିକ ସାହୁ)



ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ସ୍ମୃତି ଦିବସରେ ଉପସ୍ଥିତ ଅତିଥି।

ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ଥିଲେ ତ୍ୟାଗ, ତିତୀକ୍ଷାର ବାର୍ତ୍ତାବହ। ସେ ସମଗ୍ର ଜୀବନକୁ ମଣିଷ ସେବାରେ ସମର୍ପଣ କରିଥିଲେ। ଦେଶଭକ୍ତି ଓ ମାନବପ୍ରୀତି ଥିଲା ତାଙ୍କ ଜୀବନର ଆଦର୍ଶ। ସେ ପରିବ୍ରାଜକ ପରି ବିଭିନ୍ନ ସ୍ଥାନ ଭ୍ରମଣ କରି ଯେପରି ଜ୍ଞାନ ବିତରଣ କରୁଥିଲେ ତାର ପଟାନ୍ତର ନାହିଁ ବୋଲି ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ସ୍ମୃତି ଉତ୍ସବରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି।

ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ଲକ୍ଷ୍ମୀନାରାୟଣ ସାହୁଙ୍କ ୬୩ତମ ସ୍ମୃତି ଉତ୍ସବ ଶ୍ରୀରାମଚନ୍ଦ୍ର ଭବନରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ କଳା ବିକାଶ କେନ୍ଦ୍ରର ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ରନାଥ ମହାନ୍ତି, ସମ୍ମାନିତ ଅତିଥି ଭାବେ ଶୋଭନୀୟ ଶିକ୍ଷା ଆଶ୍ରମର ନିର୍ଦ୍ଦେଶିକା ଅରୁନ୍ଧତୀ ରାଉତରାୟ ଓ ଛାତ୍ରୀ ରାଜଶ୍ରୀ ସାହୁ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଟ୍ରଷ୍ଟର ସଭାପତି ପ୍ରଫେସର ବିଜୟାନନ୍ଦ ସିଂହ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଗୌତମ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଶୋଭନୀୟ ଶିକ୍ଷା ଆଶ୍ରମର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅମିତ କୁମାର ସାହୁ ଧନ୍ୟବାଦ ଦେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଜୟ କୁମାର ସାହୁ, ଗାୟତ୍ରୀ ସାହୁ, ମୈତ୍ରୀ ସାହୁ, ମଧୁସ୍ମିତା ସାହୁ, ମୌସମ କୁମାର ସାହୁ ସହଯୋଗ କରିଥିଲେ।

## ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନ୍‌ଲାଇନ ଦେୟ ସୁବିଧାର ଶୁଭାରମ୍ଭ

**ସିଡିଏ ହେଲା କ୍ୟାଶଲେସ୍**

କଟକ,୨୦।୧(କାର୍ତ୍ତିକ ସାହୁ)

କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) କାର୍ଯ୍ୟାଳୟରେ ପଏଣ୍ଟ ଅଫ୍ ସେଲ (ପିଓଏସ୍) ମେଶିନ ମାଧ୍ୟମରେ ଟଙ୍କା କାରବାର ବ୍ୟବସ୍ଥା ଆରମ୍ଭ ହୋଇଛି। ଏଥିସହ କ୍ୟୁଆର୍ କୋଡ, ୟୁପିଆଇ ଏବଂ କାର୍ଡ ସ୍ୱାଇପ ମାଧ୍ୟମରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟ ଗ୍ରହଣ କରାଯାଇପାରୁଛି। ଡିଜିଟାଲ ପ୍ରଶାସନକୁ ପ୍ରୋତ୍ସାହିତ କରିବା ଏବଂ ଜନସାଧାରଣଙ୍କ ସୁବିଧା ବୃଦ୍ଧି ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ସିଡିଏର ଲିଙ୍କରୋଡ୍‌ସ୍ଥିତ ଅରୁଣୋଦୟ ଭବନ କାର୍ଯ୍ୟାଳୟ ପରିସରରେ ଡିଜିଟାଲ ପେମେଣ୍ଟ ସୁବିଧା ଆରମ୍ଭ ହୋଇଛି। ସୂଚନାନୁସାରେ, ଆର୍ଥିକ କାରବାରରେ ସ୍ୱଚ୍ଛତାକୁ ମଜଭୁତ କରିବା, କାରବାରକୁ ତ୍ୱରାନ୍ୱିତ କରିବା ଏବଂ ନଗଦ ଟଙ୍କା କାରବାରକୁ ହ୍ରାସ କରିବା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଅର୍ଥ ଶାଖାର ସିଙ୍ଗଲ-ୱିଣ୍ଡୋ କାଉଣ୍ଟରରେ ଡିଜିଟାଲ ପେମେଣ୍ଟ ସେଲ କାର୍ଯ୍ୟକ୍ଷମ କରାଯାଇଛି। ଏଣିକି ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନଗଦ ଜମା ଆଉ ଗ୍ରହଣ କରାଯିବ ନାହିଁ। ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛତା ନିଶ୍ଚିତ କରିବା ନିମନ୍ତେ ପ୍ରତ୍ୟେକ ଡିମାଣ୍ଡ ଲେଟରର ଗୋଟିଏ ନକଲ ଡିଜିଟାଲ ପେମେଣ୍ଟ ସେଲ୍‌ରେ ଦାଖଲ କରିବାକୁ ସମସ୍ତ ଶାଖା ଅଧିକାରୀଙ୍କୁ କୁହାଯାଇଛି। ସିଡିଏର ଉପାଧ୍ୟକ୍ଷା କିରଣଦୀପ କୌର ସହୋତା କହିଛନ୍ତି, ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା କାର୍ଯ୍ୟାଳୟର କାର୍ଯ୍ୟଶୈଳୀରେ ଅଧିକ ସ୍ୱଚ୍ଛତା ଏବଂ ଦକ୍ଷତା ଆଣିବ। ଏହା ଦେୟ ପୈଠ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବ। ଛୋଟ ପରିମାଣର ଟଙ୍କା ପାଇଁ ଡିମାଣ୍ଡ ଡ୍ରାଫ୍ଟ ହାସଲ କରିବାକୁ ଲୋକମାନଙ୍କୁ ଆଉ ବାରମ୍ବାର ବ୍ୟାଙ୍କ ଯିବାକୁ ପଡ଼ିବ ନାହିଁ।

## ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ କର୍ତ୍ତବ୍ୟବୋଧ ଦିବସ

କଟକ,୨୦।୧(କାର୍ତ୍ତିକ ସାହୁ)

କର୍ତ୍ତବ୍ୟବୋଧ ଦିବସ ଉପଲକ୍ଷେ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ କଟକ ଜିଲା ଶାଖା ପକ୍ଷରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଶିକ୍ଷା ବିଭାଗଠାରେ ଏକ ସମାବେଶ ଆୟୋଜନ କରାଯାଇଥିଲା। ଜିଲା ସଭାପତି ଡକ୍ଟର ଚିତ୍ତରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କମଲଜିତ୍ ସିଂହ ମୁଖ୍ୟ ଅତିଥି ଓ ବରିଷ୍ଠ ଶିକ୍ଷାବିତ୍ ପ୍ରଫେସର ଦିନେଶ ପଟ୍ଟନାୟକ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ପ୍ରାରମ୍ଭିକ ସୂଚନା ଦେଇ ମହାସଂଘର ଜାତୀୟ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଡକ୍ଟର ନାରାୟଣ ମହାନ୍ତି କହିଲେ, ଶିକ୍ଷକମାନଙ୍କ ମଧ୍ୟରେ କର୍ତ୍ତବ୍ୟ ପ୍ରତି ସଚେତନତା ଜାଗ୍ରତ କରିବା ପାଇଁ ମହାସଂଘ ପକ୍ଷରୁ ପ୍ରତିବର୍ଷ ସ୍ୱାମୀ ବିବେକାନନ୍ଦ ଜୟନ୍ତୀଠାରୁ ନେତାଜୀ ସୁଭାଷ ବୋଷ ଜୟନ୍ତୀ ମଧ୍ୟରେ ଦେଶବ୍ୟାପୀ କର୍ତ୍ତବ୍ୟବୋଧ ଦିବସ ପାଳନ କରାଯାଉଛି। ମୁଖ୍ୟ ଅତିଥି ପ୍ରଫେସର ସିଂହ ରାଷ୍ଟ୍ର ନିର୍ମାଣରେ ଶିକ୍ଷକମାନଙ୍କର ଭୂମିକା ବିଷୟରେ ଆଲୋକପାତ କରି ସେମାନେ ସୁଚାରୁରୂପେ କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ଆହ୍ୱାନ ଦେଇଥିଲେ। ମହାସଂଘର ଶୈକ୍ଷିକ ପ୍ରକୋଷ୍ଠ ମୁଖ୍ୟ ଡକ୍ଟର ବି.ସି. ଦାସ ସ୍ୱାଗତ ଭାଷଣ ଦେଲା ପରେ ରାଜ୍ୟ ସଭାପତି ପ୍ରଫେସର ଶିବବ୍ରତ ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରଫେସର ଉମାକାନ୍ତ ମିଶ୍ର, ପ୍ରଫେସର ଯୁଧିଷ୍ଠିର ସାହୁ, ଅଧ୍ୟାପିକା କୃଷ୍ଣପ୍ରିୟା ବେହେରା, ଡକ୍ଟର କ୍ଷୀରୋଦ କୁମାର ସାହୁ, ଅଧ୍ୟକ୍ଷ ମୋହିତ କର, ଅଧ୍ୟାପକ ଚକ୍ରଧର ନାୟକ, ଅଧ୍ୟାପକ ଗୋପୀନାଥ ପଣ୍ଡା, ଅଧ୍ୟାପକ ଅଜୟ ପତି, ଅଧ୍ୟାପକ ଗଣେଶ୍ୱର ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶେଷରେ ଜିଲା ସମ୍ପାଦକ ଅଧ୍ୟାପକ ମିହିର ରଞ୍ଜନ କର ଧନ୍ୟବାଦ ଅର୍ପଣ କରିଥିଲେ।



ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ କର୍ତ୍ତବ୍ୟବୋଧ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

## ୪୦ ଚାଷୀଙ୍କଠାରୁ ୧୭୦୦ କୁଇଣ୍ଟାଲ ଧାନ କ୍ରୟ

କଣ୍ଟାପଡା,୨୦।୧(ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ ଅନ୍ତର୍ଗତ କଣ୍ଟାପଡା ଓ ଅଡଶପୁର ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ସୋମବାର ଚାଷୀଙ୍କଠାରୁ ଧାନକ୍ରୟ ଆରମ୍ଭ ହୋଇଯାଇଛି। ଏହି ୨ମଣ୍ଡିରେ ପ୍ରଥମ ଦିନରେ ୪୦ଜଣ ଚାଷୀଙ୍କଠାରୁ ପ୍ରାୟ ୧୭୦୦ କୁଇଣ୍ଟାଲ ଧାନକ୍ରୟ ହୋଇଥିବା ଜଣାପଡିଛି। କଣ୍ଟାପଡା ସେବା ସମବାୟ ସମିତି ସଭାପତି ଦ୍ୱାରିକାନାଥ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଧାନମଣ୍ଡିକୁ କଣ୍ଟାପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୀନା ଭୋଇ ଉଦ୍‌ଘାଟନ କରିଥିଲେ। କଣ୍ଟାପଡା ପଞ୍ଚାୟତ ସରପଞ୍ଚ ନିର୍ମଳ ସାହୁ, ସମିତିସଭ୍ୟ ପବିତ୍ର ସ୍ୱାଇଁ, ନିୟନ୍ତ୍ରିତ ବଜାର କମିଟି କଣ୍ଟାପଡା ବ୍ଲକ ଅଧିକାରୀ ବସନ୍ତ କୁମାର ପରିଜା, କ୍ୱାଲିଟି ଆନାଲାଇଜର ନେହା ନିକିତା ନାୟକ, ଧାନକ୍ରୟ କମିଟି ସଭ୍ୟ ଦେବେନ୍ଦ୍ର ସାମନ୍ତରାୟ, ହେମନ୍ତ ସ୍ୱାଇଁ, ପ୍ରଶନ୍ନ ସାମନ୍ତରାୟ, ପ୍ରଭାତ ରାଉତରାୟ, ଚାଷୀ ଭବାନୀ ଶଙ୍କର ନନ୍ଦ, ସ୍ୱାଧୀନ ସାମନ୍ତରାୟ, ଚନ୍ଦ୍ରମଣୀ ସାହୁ, ଭରତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସମିତି ସମ୍ପାଦକ ତ୍ରିଲୋଚନ ସାହୁ, ଗଦାଧର ଭୋଇ, ପ୍ରଭାସିନୀ ରାଉତ, କୈଳାଶ ମଲିକ ମଣ୍ଡି ପରିଚାଳନା କରିଥିଲେ। ଏହି ମଣ୍ଡିରେ ୨୨ଜଣ ଚାଷୀ ପ୍ରାୟ ୯୦୦ କୁଇଣ୍ଟାଲ ଧାନ ଦେଇଥିଲେ। ସେହିପରି ଅଡଶପୁର ସେବା ସମବାୟ ସମିତି ଦ୍ୱାରା ପରିଚାଳିତ ଧାନମଣ୍ଡିକୁ ସମିତି ସଭାପତି ଆର୍ତ୍ତତ୍ରାଣ ମଲିକ ଉଦ୍‌ଘାଟନ କରିଥିଲେ। ଅଡଶପୁର ରାଜସ୍ୱ ନିରୀକ୍ଷକ ଜ୍ଞାନରଞ୍ଜନ ମଲିକ, ଅଡଶପୁର ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ଉମାକାନ୍ତ ବେହେରା, ମଣ୍ଡି ନୋଡାଲ ଅଫିସର ସତ୍ୟଜିତ ବିଶ୍ୱାଳ, ଗୋପବନ୍ଧୁ ମାଝୀ, ଭାନୁପ୍ରିୟା ଭୋଇ, ଆନନ୍ଦଚନ୍ଦ୍ର ସାସମଲ, ବିଷ୍ଣୁଚରଣ ନାୟକ, କେଦାରନାଥ ନାୟକ, ମାଧବଚନ୍ଦ୍ର ସ୍ୱାଇଁ, ଦେବଦୂତ ସ୍ୱାଇଁ, ଅନୁସୟା ମଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଧାନମଣ୍ଡିକୁ ସମିତି ସମ୍ପାଦକ ବିଭୂତି ନାୟକ ଓ କୀର୍ତ୍ତିରଞ୍ଜନ ସ୍ୱାଇଁ ପରିଚାଳନା କରିଥିଲେ। ଏଠାରେ ୧୮ଚାଷୀଙ୍କଠାରୁ ୮୨୦ କୁଇଣ୍ଟାଲ ଧାନ କ୍ରୟ ହୋଇଥିବା ଜଣାପଡିଛି।



କଣ୍ଟାପଡା ଧାନମଣ୍ଡି ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଅତିଥି।

## କିଶୋରନଗର ମହାବିଦ୍ୟାଳୟର ବାର୍ଷିକୋତ୍ସବ

କଟକ ସଦର,୨୦।୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋରନଗର ମହାବିଦ୍ୟାଳୟର ୪୭ତମ ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୀବ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ସାମାଜିକ କାର୍ଯ୍ୟ କର୍ତ୍ତା ତନ୍ମୟ ଦାସ, ଅଭିନେତ୍ରୀ ସଙ୍ଗୀତ ମହାପାତ୍ର (ଲିପି), ମୁଖ୍ୟ ବକ୍ତା ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ.ରତ୍ନାକର ରାୟ ଯୋଗଦେଇଥିଲେ। ପ୍ରାରମ୍ଭରେ ବରିଷ୍ଠ ପ୍ରାଧ୍ୟାପକ ଡ. ଅନାଦି ବରାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଶାସନିକ ଅଧିକାରୀ ତଥା ଅଧ୍ୟାପକ ବିଜୟ କୁମାର ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। ପିଲାମାନେ ଚାକିରି ପଛରେ ନ ଦୌଡ଼ି କିଛି ନୂତନ ଶିଳ୍ପ କିମ୍ବା ବ୍ୟବସାୟରେ ମନ ଲଗାନ୍ତୁ, ଯାହା ଦ୍ୱାରା ସେମାନେ ନିଜେ ଆତ୍ମ ନିର୍ଭରଶୀଳ ହେବା ସହିତ ଅନ୍ୟମାନଙ୍କୁ ମଧ୍ୟ କର୍ମସଂସ୍ଥାନ ଯୋଗାଇ ପାରିବେ ବୋଲି ମୁଖ୍ୟ ଅତିଥି ଇଂ. ସେଠୀ କହିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ପତ୍ରିକା କୈଶୋରର ମଞ୍ଚାସୀନ ଅତିଥିମାନେ ଉନ୍ମୋଚନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଶ୍ରେଷ୍ଠ ସ୍ନାତକ ଭାବେ ଶୁଭମ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପିକା ବିଦିଶା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ମହାବିଦ୍ୟାଳୟର ପତ୍ରିକା କୈଶୋର ଉନ୍ମୋଚନ କରାଯାଉଛି।

# ଶିଶୁଭବନରେ ନିଅଣ୍ଟ ପଡୁଛି ଆହାର ମିଲ୍

କଟକ,୨୦।୧(ଶିଳ୍ପା ପ୍ରିୟଦର୍ଶିନୀ)

**ଧାର୍ଯ୍ୟ ସମୟର ୨ଘଣ୍ଟା ପୂର୍ବରୁ ଧାଡ଼ି ଲଗାଉଛନ୍ତି ରୋଗୀ ସମ୍ପର୍କୀୟ**



ଶିଶୁଭବନ ପରିସରରେ ଥିବା ଆହାର କେନ୍ଦ୍ରରେ ଧାଡ଼ି ଲଗାଇଛନ୍ତି ରୋଗୀଙ୍କ ସମ୍ପର୍କୀୟ।

ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁରୋଗ ପ୍ରତିଷ୍ଠାନ (ଶିଶୁଭବନ)ରେ ଶିଶୁରୋଗୀଙ୍କ ସମ୍ପର୍କୀୟଙ୍କୁ ଆହାର ମିଲ୍ ନିଅଣ୍ଟ ପଡୁଛି। ଏଥିପାଇଁ ନିର୍ଦ୍ଧାରିତ ସମୟର ୨ଘଣ୍ଟା ପୂର୍ବରୁ ଅଭିଭାବକମାନେ ଆହାର କେନ୍ଦ୍ର ବାହାରେ ଧାଡ଼ି ଲଗାଇ ଛିଡ଼ା ହେଉଛନ୍ତି। ଶିଶୁରୋଗୀଙ୍କ ଅଭିଭାବକଙ୍କ ସଂଖ୍ୟା ଅନୁସାରେ ଆହାର କମ୍ ଆସୁଥିବାରୁ ଦୀର୍ଘ ସମୟ ଅପେକ୍ଷା କରିବା ପରେ ବି ପ୍ରାୟତଃ ଅଭିଭାବକ ଆହାର ନ ପାଇ ନିରାଶ ହୋଇ ଫେରୁଛନ୍ତି। ଏଭଳି କିଛି ଦୃଶ୍ୟ ଶିଶୁଭବନ ପରିସରରେ ମଙ୍ଗଳବାର ଦେଖିବାକୁ ମିଳିଥିବାବେଳେ ଆହାର ସଂଖ୍ୟା ବଢ଼ାଇବାକୁ ଅଭିଭାବକମାନେ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଶିଶୁଭବନର ପୁରୁଣା ଫାଟକ ନିକଟରେ ଥିବା ଗୋଟିଏ ଆହାର କେନ୍ଦ୍ରରେ ଦୁଇ ବେଳା ମିଲ୍ ଶିଶୁରୋଗୀଙ୍କ ଅଭିଭାବକଙ୍କୁ ଯୋଗାଇ ଦିଆଯାଉଛି। ହେଲେ ଏହି ଗୋଟିଏ ଆହାର କେନ୍ଦ୍ର ଶିଶୁ ରୋଗୀଙ୍କ ଅଭିଭାବକଙ୍କ ଖାଦ୍ୟର ଚାହିଦା ପୂରଣ କରିପାରୁନାହିଁ। ମିଳିଥିବା ସୂଚନା ମୁତାବକ, କଟକ ସହରରେ ୮ଟି ଆହାର କେନ୍ଦ୍ର ରହିଛି। ଏଥିମଧ୍ୟରୁ ୫ଟି ଆହାର କେନ୍ଦ୍ରରେ ଦୁଇ ବେଳା ମିଲ୍ ଦିଆଯାଉଛି। ସେମଧ୍ୟରୁ ଶିଶୁଭବନ ଆହାର କେନ୍ଦ୍ରରେ ୧୧ଶହ (ଦିନରେ ୭୦୦, ରାତିରେ ୪୦୦) ମିଲ ଯୋଗାଇ ଦିଆଯାଉଛି। ସେହିପରି ଏସ୍‌ସିବିରେ ୨୫ଶହ (ଦିନରେ ୧୫୦୦ ଓ ରାତିରେ ୧୦୦୦), ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ୧୪୫୦ (ଦିନରେ ୧୦୦୦, ରାତିରେ ୪୫୦), ସିଟି ହସ୍ପିଟାଲ୍‌ରେ ୬୦୦ (ଦିନରେ ୪୦୦, ରାତିରେ ୨୦୦), ସିଏନ୍‌ବିଟି ଆହାର କେନ୍ଦ୍ରରେ ୧୭୦୦ (ଦିନରେ ୧୨୦୦, ରାତିରେ ୫୦୦) ମିଲ୍ ଦିଆଯାଉଛି। ବାକି ତିନୋଟି ସ୍ଥାନ ମାଲଗୋଦାମରେ ୪୦୦, ବାଦାମବାଡ଼ିରେ ୭୦୦, ଜଗତପୁରରେ ୮୦୦ ମିଲ୍ କେବଳ ଦିନ ବେଳା ଦିଆଯାଉଛି। ଦୁଇବର୍ଷ ପୂର୍ବେ ଏସ୍‌ସିବିରେ ୨୦୦ ଲେଖାଏ ଆହାର ମିଲ୍ ବଢ଼ା ଯାଇଛି। କିନ୍ତୁ ତାହା ଆବଶ୍ୟକ ମୁତାବକ ନାହିଁ, ହେଲେ ଏହି କ୍ଷେତ୍ରରେ ଶିଶୁଭବନକୁ ଅଣଦେଖା କରାଯାଇଛି। ଶିଶୁଭବନରେ ଆହାର ଯଥେଷ୍ଟ ହେଉ ନ ଥିବାରୁ ଆହାର ସଂଖ୍ୟା ବୃଦ୍ଧି କରିବା ସହ ରବିବାର ଆହାର କେନ୍ଦ୍ର ଖୋଲିବା ପାଇଁ ମଧ୍ୟ ଶିଶୁ ରୋଗୀଙ୍କ ଅଭିଭାବକ ଦାବି କରିଛନ୍ତି। ଏ ସମ୍ପର୍କରେ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ର କହିଛନ୍ତି, ରୋଗୀ ସଂଖ୍ୟା ବଢୁଛି ଏବଂ ସେ ଅନୁଯାୟୀ ଅଭିଭାବକଙ୍କ ସଂଖ୍ୟା ମଧ୍ୟ ବଢୁଛି। ଅଧିକ ଆହାର ମିଲର ଆବଶ୍ୟକ ରହୁଛି ଏବଂ ସେ ନେଇ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ଆଲୋଚନା କରାଯିବ ବୋଲି ସେ କହିଛନ୍ତି।

# ଦୁର୍ଘଟଣା ଘଟାଇଥିବା ଯୁବକଙ୍କ ଘର ଆଗରେ ମୃତଦେହ ରଖି ଧାରଣା

## ୫୦ ଲକ୍ଷ ଟଙ୍କା କ୍ଷତିପୂରଣ, ଯୁବକଙ୍କ ଗିରଫ ଦାବି



ନିରାକାରପୁର,୨୦।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଥାନା ଅନ୍ତର୍ଗତ ନୂଆଗଡ଼ ପଞ୍ଚାୟତରେ ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଦୁଇ ଦଫା ଦାବିନେଇ ଦୁର୍ଘଟଣା ଘଟାଇଥିବା ଯୁବକଙ୍କ ଘର ଆଗରେ ମୃତଦେହ ରଖି ଧାରଣା ଦେଇଥିଲେ ପରିବାର। ସୂଚନା ମୁତାବକ, ଗତ ୧୪ତାରିଖରେ ନୂଆଗଡ଼ ପଞ୍ଚାୟତ ହରିପୁର ବିଶ୍ୱନାଥପୁର (ଆଦିବାସୀ ସାହିର) ରାହୁଲ ନାୟକ(୧୨) ସାଇକେଲରେ ଘରକୁ ଯାଉଥିଲେ। ଏହି ସମୟରେ ଉକ୍ତ ପଞ୍ଚାୟତ ମୋରମୋରସିଂହ ଗ୍ରାମର ଜଣେ ଯୁବକ ବାଇକ୍ (ଓଡି ୩୩ଏପି ୭୧୩୭)ରେ ଯାଉଥିବା ବେଳେ ରାହୁଲଙ୍କୁ ଧକ୍କା ଦେଇଥିଲେ। ଫଳରେ ରାହୁଲ ଘଟଣାସ୍ଥଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ବେଳେ ଦୁର୍ଘଟଣା ଘଟାଇଥିବା ଯୁବକ ଜଣଙ୍କ ଫେରାର ହୋଇଯାଇଥିଲେ। ଖବରପାଇ ପରିବାର ଲୋକ ପହଞ୍ଚି ରାହୁଲଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ଭୁବନେଶ୍ୱର ଏବଂ ପରେ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ଗତ ୧୯ତାରିଖରେ ଆହତଙ୍କ ମା’କାମିନୀ ନାୟକ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଆହତ ରାହୁଲଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ବ୍ୟବଚ୍ଛେଦ ପରେ ମଙ୍ଗଳବାର ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକର ଛାୟା ଖେଳିଯାଇଥିଲା। ସନ୍ଧ୍ୟା ୭ଟାରେ ଦୁଇ ଦଫା ଦାବିରେ ପରିବାର ଲୋକେ ଦୁର୍ଘଟଣା ଘଟାଇଥିବା ଯୁବକଙ୍କ ଘର ଆଗରେ ମୃତଦେହ ରଖି ଧାରଣା ଦେଇଥିଲେ। ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ସମ୍ପୃକ୍ତ ଯୁବକଙ୍କ ଗିରଫ ଦାବି କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିଥିବା ଜଣାପଡ଼ିଛି। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ଯୁବକ ଫେରାର ଥିବା ଜଣାପଡ଼ିଛି।

# ଭୋଟର ସଚେତନତା କାର୍ଯ୍ୟକ୍ରମ




ବାଲୁଗାଁ,୨୦।୧(ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟର ନିର୍ବାଚନ ସାକ୍ଷରତା କ୍ଲବ ପକ୍ଷରୁ ମଙ୍ଗଳବାର ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସୁନିତା ନନ୍ଦ ସଂଯୋଜନା କରିଥିଲେ। ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି, ପ୍ରଶାସନିକ ଅଧିକାରୀ ଡ. କୈଳାସ ଚନ୍ଦ୍ର ମହାରଣା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପକ ଡ. ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ ପ୍ରମୁଖ ଯୋଗଦେଇ ଗଣତନ୍ତ୍ର, ନିର୍ବାଚନ ଏବଂ ମୋ ଭୋଟ ମୋ ଅଧିକାର ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା, ରଙ୍ଗୋଲି, ପୋଷ୍ଟର ଏବଂ ବାଲାଟ ବିଡ୍ରୋ ଆଦି ପ୍ରତିଯୋଗିତା କରାଯାଇ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ଶେଷରେ ଅଧ୍ୟାପିକା ତପସ୍ୱିନୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା କ୍ରିଷ୍ଣା ସେଠୀ, ରୋଜାଲିନ ମିଶ୍ର, ଡେମୋନ୍‌ଷ୍ଟ୍ରେଟର ଦୀପକ କୁମାର ପରିଡ଼ା ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

## ଧାନମଣ୍ଡି ଉଦ୍‌ଘାଟିତ

ବେଗୁନିଆ,୨୦।୧(ସନ୍ଧ୍ୟାରାଣୀ ମିଶ୍ର):

ବେଗୁନିଆ ବ୍ଲକ ଅନ୍ତର୍ଗତ ଶଗଡ଼ଭଙ୍ଗା ବେତରଜଙ୍ଗ ସେବା ସମବାୟ ସମିତିରେ ମଙ୍ଗଳବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ସଭାପତି ସୁରେନ୍ଦ୍ରନାଥ ବେହେରା, ସମ୍ପାଦକ ଶ୍ରଦ୍ଧାଞ୍ଜଳି ସ୍ୱାଇଁ, ଦୀପକ କୁମାର ପ୍ରତିହାରୀ, ବିନୋଦ ବିହାରୀ ବିଶ୍ୱାଳ, ଜଗନ୍ନାଥ ସେନାପତି, ବେଗୁନିଆ ଶାଖା କେନ୍ଦ୍ର ସମବାୟ ବ୍ୟାଙ୍କର ଫିଲ୍ଡ ଅଫିସର ବସନ୍ତ କୁମାର ନାୟକ, ସରପଞ୍ଚ ଲୀଳା ସ୍ୱାଇଁ, ସମିତିସଭ୍ୟ ଦୁର୍ଗାଚରଣ ମଙ୍ଗରାଜ, ପୂର୍ବତନ ସରପଞ୍ଚ ଭାସ୍କର ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଶ୍ରୀଗଣେଶ ରାଇସ ମିଲ୍ ଏଠାରୁ ଧାନ କ୍ରୟ କରୁଥିବା ଜଣାପଡିଛି। ପ୍ରଥମ ଦିନରେ ଚାଷୀଙ୍କଠାରୁ ୩ଶହ କୁଇଣ୍ଟାଲ ଧାନ କିଣାଯାଇଛି।

# ବେଗୁନିଆରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

## ବଢୁଛି ଚୋରି, ଅପମୃତ୍ୟୁ ଓ ହତ୍ୟା ମାମଲା

ବେଗୁନିଆ,୨୦।୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅସାମାଜିକଙ୍କ ଉତ୍ପାତ, ଲୁଟେରା ଗ୍ୟାଙ୍ଗର ପ୍ରାଦୁର୍ଭାବ ଏବଂ ମହିଳାଙ୍କୁ ଅସଦାଚରଣ ଆଦି ଅନେକ ମାମଲା ବଢ଼ିଚାଲିଛି। ବିଶେଷକରି ଖଣି ମାଫିଆଙ୍କ ରାଜୁତି ଯୋଗୁ ବେଆଇନଭାବେ ଲଘୁ ଖଣିଜ ଦ୍ରବ୍ୟ ଚାଲାଣ ସହ ଆପରାଧିକ କାର୍ଯ୍ୟକଳାପ ବଢୁଛି। ବିଭିନ୍ନ ସମୟରେ ଗଣ୍ଡଗୋଳ ଏବଂ ଗୁଳିମାଡ଼ ହେଉଥିବା ନଜିର ରହିଛି। ଅନ୍ୟପକ୍ଷରେ ଏହି ଥାନା ଅଧୀନ ଜାମୁସାହି ଗ୍ରାମର ବାସୁଦେବ ପରିଡ଼ାଙ୍କୁ ଗତ ସୋମବାର ରାତିରେ ଗୁଳିକରି ହତ୍ୟା କରାଯାଇବା ବେଳେ ଘଟଣାକୁ ୨୪ ଘଣ୍ଟା ବିତିଥିଲେ ମଧ୍ୟ କୌଣସି ଅଭିଯୁକ୍ତଙ୍କୁ ଗିରଫ ନ କରାଯିବା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନାଥାଉ କି, ଖୋର୍ଦ୍ଧା ପୋଲିସ ଜିଲା ଅନ୍ତର୍ଗତ ବେଗୁନିଆ ସଦର ମହକୁମାରେ ଥାନା କାର୍ଯ୍ୟାଳୟ ରହିଛି। ଉକ୍ତ କାର୍ଯ୍ୟାଳୟରେ ଜଣେ ଲେଖାଏ ଥାନା ଅଧିକାରୀ ଓ ଅତିରିକ୍ତ ଥାନା ଅଧିକାରୀ ନିଯୁକ୍ତ କରାଯାଇଛି। ସେହିପରି ୪ ଜଣ ଏସ୍‌ଆଇ ଓ ୫ ଜଣ ଏଏସଆଇ, ଜଣେ ରାଇଟର ଏବଂ ମହିଳା ଓ ପୁରୁଷ କନଷ୍ଟେବଲ ଏହି ଥାନାରେ ନିଯୁକ୍ତି ପାଇଛନ୍ତି। ତେବେ ଥାନା ଅଧିକାରୀ ଓ ଅତିରିକ୍ତ ଥାନା ଅଧିକାରୀ ଗତ ଏକ ମାସ ତଳେ ଏଠାରେ ନୂତନଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ମାସକ ମଧ୍ୟରେ ଆପରାଧିକ କାର୍ଯ୍ୟକଳାପ ବଢ଼ିଚାଲିଛି। ଏଥିରେ ୨ଟି ଅପମୃତ୍ୟୁ ମାମଲା, ଗୁଳିମାଡ଼, ପୋଲିସ ପରିଚୟ ଦେଇ ଅସଲି ପୋଲିସକୁ ମାଡ଼ ଆଦି ଘଟଣା ରହିଛି। ସେହିପରି ୨୦୨୫ ବର୍ଷରେ ଅପମୃତ୍ୟୁ ମାମଲା ୧୭, ଡକାୟତି ଓ ଚୋରି ୩୩ , ଗୋଟିଏ ଲେଖାଏ ହତ୍ୟା ଓ ମହିଳା ଅସଦାଚରଣ, ୧୨୨ଟି ଦୁର୍ଘଟଣାଜନିତ ମାମଲା ରୁଜୁ ହୋଇଛି। ତେବେ ବହୁ ମାମଲାରେ ଅଭିଯୁକ୍ତମାନେ ଧରାପଡ଼ି ନ ଥିବା ବେଳେ କେତେକ ମାମଲା ଉପରେ ପୋଲିସକୁ ସଫଳତା ମିଳିଛି। ଏନେଇ ବେଗୁନିଆ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ କହିଛନ୍ତି ଯେ, କିଛି ଦିନ ହେବ ଏଠାରେ ଦାୟିତ୍ୱ ଗ୍ରହଣ କରିଛି। ସୋମବାର ଘଟିଥିବା ହତ୍ୟା ଘଟଣାରେ ତଦନ୍ତ ଚାଲିଛି। ପାଟ୍ରୋଲିଂ କଡ଼ାକଡ଼ି କରାଯିବ। ସାଧାରଣ ଲୋକଙ୍କ ସୁରକ୍ଷା ଏବଂ ନ୍ୟାୟ ପ୍ରଦାନ ପ୍ରଥମ ଆଭିମୁଖ୍ୟ।

## ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି

ବେଗୁନିଆ,୨୦।୧(ସନ୍ଧ୍ୟାରାଣୀ ମିଶ୍ର):

ବେଗୁନିଆ ବ୍ଲକ ସିକୋସ୍ଥିତ ନବଜ୍ୟୋତି ପାଠାଗାରର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପାଠାଗାର ପରିସରରେ ଅନୁଷ୍ଠାନର ସଭାପତି କୈଳାସ ଚନ୍ଦ୍ର ସାହୁ ଏବଂ ସମ୍ପାଦକ ରବୀନ୍ଦ୍ର ସାହୁଙ୍କ ନେତୃତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭ୍ୟ ଭାଗୀରଥି ପ୍ରଧାନ, ଲିଙ୍ଗରାଜ ପରମଗୁରୁ, ସଞ୍ଜୟ ବାହୁବଳେନ୍ଦ୍ର, ଅଜୟ ସାହୁ, ମାନସ ସୁବୁଦ୍ଧି, ବିଜୟ ସାହୁଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ସଭ୍ୟ ଯୋଗଦେଇ ଆସନ୍ତା ୨୫ ଏବଂ ୨୬ ତାରିଖ ଏହି ଉତ୍ସବ ପାଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସିକୋ ଏବଂ ଆଖପାଖ ଅଞ୍ଚଳରେ ଥିବା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମାନସ ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ।

## ଧଳାପଥରରେ ଧାନମଣ୍ଡି ଉଦ୍‌ଘାଟିତ

କଳାପଥର,୨୦।୧(ଗଙ୍ଗାଧର ସାହୁ)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଧଳାପଥର ସେବାବାୟ ସମିତିରେ ମଙ୍ଗଳବାର ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଚାଷୀ ଝରଣା ବେହେରା ପ୍ରଥମେ ଧାନ ବିକ୍ରି କରିଥିଲେ। ଆରଆଇ ମୋନଜ କୁମାର ନାୟକ, ସୁନାଖଳା ବ୍ରାଞ୍ଚର ସୁପରଭାଇଜର ପ୍ରଭାକର ନାୟକ, ଧଳାପଥର ଫାଣ୍ଡି ଅଫିସର ସୁଶାନ୍ତ ମଲ୍ଲିକ, କଂଗ୍ରେସ ବ୍ଲକ ସଭାପତି ସଞ୍ଜୟ ସୁବୁଦ୍ଧି, ଧଳାପଥର ସରପଞ୍ଚ ନାରାୟଣ ସାହୁ, ପରିଚାଳନା ପରିଷଦର ସଭ୍ୟ ନବକିଶୋର ମହାପାତ୍ର, ସଭାପତି ସରସ୍ୱତୀ ବେହେରା, ମାମାଲି ବେହେରା, ସରୋଜିନୀ ମହାପାତ୍ର, ଲକ୍ଷ୍ମୀପ୍ରିୟା ରାଉତ, ଶରତ ନାୟକ, ରବୀନ୍ଦ୍ର ମୁଦୁଲି, ଗଗନ ବିହାରୀ ପ୍ରଧାନ, ଭାବଗ୍ରାହୀ ସାହୁ, ସୁମିତ୍ରା ସାହୁ, କୃଷ୍ଣ ଚନ୍ଦ୍ର ମହାରଣା, ଆଲୋକ ସୁବୁଦ୍ଧି, ରଘୁନାଥ ସାହୁ, ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ସୁମିତ୍ରା ବେହେରା, ରାଜେଶ ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ର ନାଥ ମାନସିଂହଙ୍କ ସହଧର୍ମିଣୀଙ୍କ ପରଲୋକ

ବାଲୁଗାଁ,୨୦।୧(ସଂଗ୍ରାମ ପାଇକରାୟ):



ଚିଲିକା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡ.ଦେବେନ୍ଦ୍ରନାଥ ମାନସିଂହଙ୍କ ସହଧର୍ମଣୀ ସ୍ନେହଲତା ମାନସିଂହଙ୍କ ରବିବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ତାଙ୍କୁ ୭୩ବର୍ଷ ହୋଇଥିଲା। ସେ ଜଣେ ଧର୍ମପରାୟଣ ମହିଳା ଥିଲେ। ମେଘାମ୍ବରୀ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ସମୟରେ ସେ ଦେବେନ୍ଦ୍ରନାଥଙ୍କ ସହ ଅନ୍ୟତମ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ବୋହୂ, ଝିଅ ଓ ନାତି ନାତୁଣୀମାନେ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ଦେବାଶିଷ ମୁଖାଗ୍ନି ଦେଇଥିଲେ ।

# ପପୁ ପମ୍‌ପମ୍‌ଙ୍କ କମେଡି, ବର୍ଣ୍ଣାଳୀଙ୍କ ସଙ୍ଗୀତ ମନମୋହିଲା



ଖୋର୍ଦ୍ଧା ବିଡିଏ ପଡ଼ିଆରେ ଚାଲିଥିବା ପଲ୍ଲିଶ୍ରୀ ମେଳାର ୪ର୍ଥ ସନ୍ଧ୍ୟାରେ ପରିବେଷିତ ସମ୍ବଲପୁରୀ ନୃତ୍ୟ।



ହାସ୍ୟ ଅଭିନେତା ପପୁ ପମ୍‌ପମ।

## ପଲ୍ଲିଶ୍ରୀ ମେଳା, ସୁଭଦ୍ରା ଶକ୍ତିମେଳାର ୪ର୍ଥ ସନ୍ଧ୍ୟା

ଖୋର୍ଦ୍ଧା,୨୦।୧(ପ୍ରଭାତ ପାଣିଗ୍ରାହୀ)

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଓର୍‌ମାସ ଏବଂ ଖୋର୍ଦ୍ଧା ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବିଡିଏ ପଡିଆରେ ଚାଲିଛି ଜିଲାସ୍ତରୀୟ ପଲ୍ଲିଶ୍ରୀ, ପୁସ୍ତକ ଏବଂ ସୁଭଦ୍ରା ଶକ୍ତି ମେଳା। ଏହି ମେଳାର ୪ର୍ଥ ଦିବସ ସନ୍ଧ୍ୟାରେ ମୁଖ୍ୟ ଆକର୍ଷଣ ଥିଲେ ହାସ୍ୟ ଅଭିନେତା ପପୁ ପମ୍‌ପମ୍। ଶୀତୁଆ ସନ୍ଧ୍ୟାରେ କମେଡି ମାଧ୍ୟମରେ ଦର୍ଶକଙ୍କୁ ହସାଇଥିଲେ। ସେହିପରି କଣ୍ଠଶିଳ୍ପୀ ବର୍ଣ୍ଣାଳୀ ହୋତାଙ୍କ ସଙ୍ଗୀତରେ ଦର୍ଶକଙ୍କ ମନମୋହିଥିଲା। ଡା.ଅନୁରାଧା ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ଜିଲାର ପାରମ୍ପରିକ ଲୋକକଳା, ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ଓ ସଙ୍ଗୀତ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଜୟୀ ରାଜଗୁରୁ ପାଇକ ଆଖଡ଼ା, ମେଘ ମଲ୍ଲାର, ନୀଳଶୈଳ, ଯବାନ କ୍ଲବ ଦ୍ୱାରା ସମର କଳା, ପାରମ୍ପରିକ କଥାବସ୍ତୁ ଆଧାରିତ ନାଟକ ପରିବେଷଣ ହୋଇଥିଲା। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ପରିଚାଳନା କରିଥିଲେ।

# ଆମ ବସ୍ ଚଳାଇବେ ମହିଳା

ଭୁବନେଶ୍ୱର,୨୦।୧(ବନ୍ଦନା ସେଠୀ)

ଆମ ବସ୍ ଚଳାଇବେ ମହିଳା ଡ୍ରାଇଭର। କ୍ରୁଟ୍ ପକ୍ଷରୁ ଇ-ବସ୍ ଚାଳନା ତାଲିମ ନିମନ୍ତେ ଜାନୁଆରୀ ୩୧ରେ ୨୦ଜଣ ମହିଳା ପୁଣେ ଗସ୍ତ କରିବେ। କ୍ରୁଟ୍‌ର ଆମ ବସ୍ ସେବାକୁ ନେଇ ମଙ୍ଗଳବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମୀକ୍ଷା ବୈଠକରେ ଏହି ସୂଚନା ଦିଆଯାଇଛି। ସେହିପରି ଗାଡ଼ି ଚାଳନାରେ ସାଧାରଣତଃ ମଦ୍ୟପାନକୁ କୌଣସି ଦୁର୍ଘଟଣାର ପ୍ରମୁଖ କାରଣ ବୋଲି ଅନୁମାନ କରାଯାଇଥାଏ। ତେଣୁ ଆମ ବସ୍ ଚାଳନା କରୁଥିବା ସମସ୍ତ ଚାଳକଙ୍କୁ ମଦ୍ୟପାନ ଯାଞ୍ଚ କରିବା ବାଧ୍ୟତାମୂଳକ କରାଯାଇଥିଲା। ଗତ ଗୋଟିଏ ବର୍ଷରେ ବସ୍ ଚାଳକମାନଙ୍କର ୧ ଲକ୍ଷ ୯୭ ହଜାର ଥର ମଦ୍ୟପାନ ଯାଞ୍ଚ ହୋଇଛି। ବସ୍ ଟ୍ରିପ୍ ଆରମ୍ଭ ଓ ଶେଷ ସମୟରେ ଏବଂ ଦିନର ଅତର୍କିତ ଭାବେ ନିୟମିତ ଯାଞ୍ଚ ଜାରି ରହିଛି। ଗତ ବର୍ଷକ ମଧ୍ୟରେ ୧୯ ଜଣ ମଦ୍ୟପାନ କରିଥିବା ଜଣାପଡ଼ିଥିଲା। ସେମାନଙ୍କୁ ଗିରଫ ସହ ୩ମାସ ପାଇଁ ସେମାନଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବାକୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ କ୍ଷମତା ଦିଆଯାଇଛି।

# ବନ୍ଦେ ମାତରମ୍ ସମାରୋହ, ପୁରସ୍କାର ପ୍ରଦାନ ଉତ୍ସବ



ଜଟଣୀ,୨୦।୧(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌର ପରିଷଦ ପକ୍ଷରୁ ମଙ୍ଗଳବାର ରାଷ୍ଟ୍ରଗୀତ ବନ୍ଦେ ମାତରମ୍ ର ୧୫୦ତମ ବାର୍ଷିକୀ ସମାରୋହ ଏବଂ ପୁରସ୍କାର ପ୍ରଦାନ ଉତ୍ସବ ସ୍ଥାନୀୟ ଟାଉନ ହଲ୍ (ସ୍ରଷ୍ଟା)ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାମୂହିକ ଭାବେ ବନ୍ଦେ ମାତରମ୍ ଗାନ କରାଯିବା ସହ ସ୍ୱଦେଶୀ ସଂକଳ୍ପ ପାଠ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଜଟଣୀ ପୌରାଞ୍ଚଳ ଅଧୀନ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ଗତ ୧୨ତାରିଖରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜଟଣୀ ପୌର ପରିଷଦ ଅଧ୍ୟକ୍ଷ ଅନନ୍ତ ବେହେରା, ଉପାଧ୍ୟକ୍ଷା ଆରତୀ ରାଉତ, ନିର୍ବାହୀ ଅଧିକାରୀ ଆକ୍ରିତୀ ଗୋଏଙ୍କା, ବିଆର୍‌ସି ପୂର୍ଣ୍ଣଚନ୍ଦ୍ର ବେହେରା, ସତୀଶ ଶର୍ମା, ଶଶାଙ୍କ ଶେଖର ରାୟ, ବିଷ୍ଣୁ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟବ୍ରତ ତ୍ରିପାଠୀ, ସୁଜ୍ଞାନୀ ପାଢ଼ୀ, ମନସ୍ୱିନୀ ମହାରଣା, ଜ୍ୟୋତିରଞ୍ଜନ ରାଉତରାୟ, ଏସ୍ ଲିପ୍ସା ରାଓ, ମାନଗୋବିନ୍ଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


**BABA BHAIRABANANDA AUTONOMOUS MAHAVIDYALAYA**

Chandikhole, Jajpur, Odisha-755044

Email: bbmprincipal@gmail.com MOB: 9437264845

Letter No. 092/26 Date : 19.01.2026

**TENDER CALL NOTICE**

FOR UPGRADATION OF IT INFRASTRUCTURE

**No.CAD-3067** : Sealed tenders are invited in two bid system (technical and financial) from firms/ suppliers/ authorized dealers having valid GST registration and PAN for supply of Desktop Computer, UPS, Multifunction printer, Led TV, Webcam and internet facility for upgrading the IT infrastructure of Baba Bhairabananda (Auto.) Mahavidyalaya, Chandikhole, Jajpur, Odisha as per the Govt. of Odisha, Higher Education Dept. letter no. 12655/Dt. 05.03.2025. For details, please visit the college website https://bbmchandikhole.org and district website https://jajpur.odisha.gov.in

Sd./- Principal-Cum-Secretary

OIPR- B.B. (Auto) Mahavidyalaya, Chandikhole, Jajpur



**Government of Odisha, Department of Water Resources**

**OFFICE OF THE SUPERINTENDING ENGINEER RENGALI DAM DIVISION, RENGALI DAM SITE**

ANGUL - 759105, e-mail : rengalidam@gmail.com

No.A- **'e'-Procurement Notice No.SE-RDD-05/2025-26**

| | | |
|---|---|---|
| 1 | Name of Work | : Tar-felting, Concrete & PH Work |
| 2 | No. of works | : 05 (Five) Nos of works |
କୋଣାର୍କ ବନ ବିଭାଗ ପକ୍ଷରୁ ୨ଦିନିଆ ଡଲଫିନ୍ ଗଣନା ଆରମ୍ଭ ହୋଇଛି। ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଡଲ୍‌ଫିନ୍ ଗଣନା ଆରମ୍ଭ ହୋଇଛି। କୋଣାର୍କ ବନାଞ୍ଚଳ ଅଧିକାରୀ ଦେହୁରୀଙ୍କ ନେତୃତ୍ୱରେ ଡଲଫିନ ଗଣନା ନିମନ୍ତେ ୩ ଗୋଟି ଡଲଫିନ୍ ୟୁନିଟ୍ ଗଠନ କରାଯାଇଛି। କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଅନ୍ତର୍ଗତ ବନପାଳ, ବନରକ୍ଷୀ ଓ ସ୍କ୍ୱାଡ୍ ସମେତ ୨୦ କର୍ମଚାରୀ ଡଲ୍‌ଫିନ୍ ଗଣନା କାର୍ଯ୍ୟରେ ନିୟୋଜିତ କରାଯାଇଛି। ବାଲୁଖଣ୍ଡ ଅଭୟାରଣ୍ୟ ସଂଲଗ୍ନ ତଣ୍ଡାହାରଠାରୁ କଅଁରପୁର, କଅଁରପୁରଠାରୁ ଚନ୍ଦ୍ରଭାଗା ବେଳାଭୂମି ଓ ଚନ୍ଦ୍ରଭାଗାଠାରୁ କୁଶଭଦ୍ରା ନଦୀର ରାମଚଣ୍ଡୀ ମୁହାଣରେ ଏହି ଡଲଫିନ ଗଣନା କାର୍ଯ୍ୟ ଆରମ୍ଭ ହୋଇଛି। ଏହି ୨ଦିନିଆ ଗଣନା କାର୍ଯ୍ୟର ପ୍ରଥମ ଦିନରେ କଅଁରପୁର ଠାରୁ ଚନ୍ଦ୍ରଭାଗା ବେଳାଭୂମି କୂଳରେ ବିଭିନ୍ନ ପ୍ରଜାତିର ୧୫ଟି ଡଲଫିନ୍‌କୁ ନିୟୋଜିତ ବନ କର୍ମଚାରୀ ଚିହ୍ନଟ କରିଛନ୍ତି। ଏହି ଗଣନା କାର୍ଯ୍ୟରେ ରାମଚଣ୍ଡୀ ବନପାଳ ତପନ ନାୟକ, ବନପାଳ ଭାବଗ୍ରାହୀ ସେଠୀ, କୋଣାର୍କ ବନପାଳ କାର୍ତ୍ତିକେଶ୍ୱର ମୁଣ୍ଡା, ରାକେଶ ପତି, ବନରକ୍ଷୀ ମାନସ ମୁଖି, ସସ୍ମିତା ସିଂ ଓ ରଶ୍ମିତା ପୃଷ୍ଟି ପ୍ରମୁଖ ସାମିଲ ଥିଲେ।

# ଲୋକକଳା ଗ୍ରାମରେ ଅଷ୍ଟପ୍ରହର ଉଦ୍‌ଯାପିତ

ସାକ୍ଷୀଗୋପାଳ,୨୦।୧(ଭରତ ରାଉତ)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଲୋକକଳା ଗ୍ରାମ ସାରଙ୍ଗଯୋଡ଼ି ବାଇଁଶିବାଡ଼ିରେ ତ୍ରିବେଣୀ ଅମାବାସ୍ୟା ତିଥିରେ ଆରାଧ୍ୟ ଠାକୁର ଶ୍ରୀଗାଦିବ୍ରହ୍ମଙ୍କ ପ୍ରାଙ୍ଗଣରେ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବଳପୁର ବେହେରାସାହି, ଆନନ୍ଦପୁର, ବଂପାଳ, ପାରକେଶା ତଣ୍ଡଳ ସାହି, ପରଜାପଡ଼ା ଡିହସାହି, ମଲୁଖପାଟଣାର କୀର୍ତ୍ତନ ମଣ୍ଡଳ ହରିନାମ କୀର୍ତ୍ତନ କରିଥିଲେ। ବିଶେଷକରି ଗୁରୁ ଭାସ୍କର ଦାସଙ୍କ ନେତୃତ୍ୱରେ ଗଞ୍ଜାମ ଜିଲା ସାନରାମଚନ୍ଦ୍ରପୁର ଶ୍ରୀଚୈତନ୍ୟ ମୃଦଙ୍ଗ ବାଦନ ସଂଘ ଅତ୍ୟନ୍ତ ଆକର୍ଷଣ ସାଜିଥିଲା। କାର୍ଯ୍ୟକ୍ରମକୁ ହେମନ୍ତ ପ୍ରଧାନ, ହାଡ଼ିବନ୍ଧୁ ନାୟକ, ହାଲୁ ପ୍ରଧାନ, ମାନସ ନାୟକ, ଦୁର୍ଯ୍ୟୋଧନ ଓଝା, କୁନିଆ ପଲେଇ, ଅନାମ ପଲେଇ ପ୍ରମୁଖ ପରିଚାଳନା କରିଥିଲେ। ଗୁରୁ କୁଳମଣି ବିଶ୍ୱାଳ ନାମ ସଂକୀର୍ତ୍ତନ ପରିଚାଳନା କରିଥିଲେ।

# ସାକ୍ଷୀଗୋପାଳଙ୍କ ଓକିଲ ଭାବେ କେସ୍ ଲଢ଼ିବେନି ବିନାୟକ ପ୍ରସାଦ ମହାନ୍ତି

ସାକ୍ଷୀଗୋପାଳ,୨୦।୧(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସାକ୍ଷୀଗୋପାଳଙ୍କ ଓକିଲ ଭାବେ ଆଇନଜୀବୀ ବିନାୟକ ପ୍ରସାଦ ମହାନ୍ତି କୌଣସି କୋର୍ଟରେ କେସ୍ ଲଢ଼ିବେ ନାହିଁ। ଚିଠି ସଂଖ୍ୟା- ୫୪୦ ଅନୁଯାୟୀ, ସାକ୍ଷୀଗୋପାଳ ମନ୍ଦିର ପ୍ରଶାସକ ତଥା ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ ଆଇନଜୀବୀ ମହାନ୍ତିଙ୍କ ଅବଗତ ନିମନ୍ତେ ଏକ ଚିଠି କରିଛନ୍ତି। ଚିଠିରେ ଆଇନଜୀବୀ ମହାନ୍ତି ସତ୍ୟବାଦୀ ଗୋପୀନାଥ ଦେବ ଅର୍ଥାତ ସାକ୍ଷୀଗୋପାଳଙ୍କ ପକ୍ଷରୁ ସିଭିଲ କୋର୍ଟ, ହାଇକୋର୍ଟ, ସୁପ୍ରିମକୋର୍ଟ, ଏଣ୍ଡାଓମେଣ୍ଟ କୋର୍ଟ କମିଶନର ଏବଂ ଏକୀକରଣ/ ସେଟେଲମେଣ୍ଟ କୋର୍ଟ କମିଶନରଙ୍କ ନାମରେ ଆଇନଗତ ମାମଲା ଦାୟର କରିବା ପାଇଁ ମନ୍ଦିର କାର୍ଯ୍ୟାଳୟରୁ ନିବୃତ୍ତ ରହିବାକୁ ଉଲ୍ଲେଖ ରହିଛି। ଏଥିପାଇଁ ଶ୍ରୀ ଶ୍ରୀ ସତ୍ୟବାଦୀ ଗୋପୀନାଥ ଦେବଙ୍କ ଟ୍ରଷ୍ଟ ବୋର୍ଡର ଗତ ୧୯.୧୨.୨୦୨୫ ରେ ହୋଇଥିବା ଏକ ପ୍ରସ୍ତାବରେ ଆଲୋଚନା ଅନୁଯାୟୀ, ସିଭିଲ କୋର୍ଟ, ହାଇକୋର୍ଟ, ସୁପ୍ରିମକୋର୍ଟ, କମିଶନର ଏଣ୍ଡାଓମେଣ୍ଟ କୋର୍ଟ, ବିବିଏସ୍‌ଆର ଏବଂ କମିଶନର କନସୋଲିଡେସନ/ ସେଟେଲମେଣ୍ଟ କୋର୍ଟ କିମ୍ବା ଅନ୍ୟ ଯେକୌଣସି ହାଇକୋର୍ଟରେ ଯେକୌଣସି ଆଇନଗତ ମାମଲା ଦାଖଲ ଏବଂ ଉପସ୍ଥିତ ହେବାରୁ ନିଜକୁ ମୁକ୍ତ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଆଇନଜୀବୀ ମହାନ୍ତି ପରିଚାଳନା କରୁଥିବା ସମସ୍ତ ମାମଲା ପାଇଁ 'ନୋ ଆପତ୍ତି ପ୍ରମାଣପତ୍ର' ଦାଖଲ କରିବାକୁ ମଧ୍ୟ ଅନୁରୋଧ କରାଯାଉଛି। ଆଇନଜୀବୀ ବିନାୟକ ପ୍ରସାଦ ମହାନ୍ତି କୁହନ୍ତି, ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟାଳୟରୁ କରାଯାଇଥିବା ଚିଠି ଏ ପର୍ଯ୍ୟନ୍ତ ମୁଁ ପାଇ ନାହିଁ, ଚିଠି ପାଇଲା ପରେ ଏ ବିଷୟରେ ମୁଁ ଯାହା କାର୍ଯ୍ୟପନ୍ଥା ଗ୍ରହଣ କରିବି। ସେହିପରି ଗତ ସୋମବାର ଅନ୍ୟ ଏକ ଘଟଣାରେ ଆଇନଜୀବୀ ମହାନ୍ତିଙ୍କ ନାମରେ ସତ୍ୟବାଦୀ ଥାନାରେ ସାକ୍ଷୀଗୋପାଳ ମନ୍ଦିର ସହକାରୀ ପ୍ରଶାସକ ଲଳିତେନ୍ଦୁ ମହାନ୍ତି ଅଭିଯୋଗ କରିଛନ୍ତି।

# ଯଜ୍ଞସ୍ଥଳକୁ ଗଲା ଶିରୁଳି ମହାବୀରଙ୍କ ଗଦା

କଣାସ,୨୦।୧(ବିଭୁତି ଭୂଷଣ ତ୍ରିପାଠୀ)

ପୁରୀର ଶିରୁଳି ମହାବୀରଙ୍କଠାରୁ ୧୫ରୁ ଉର୍ଦ୍ଧ୍ୱ ସୁସଜ୍ଜିତ ଶଗଡ଼ରେ ଗଦାକୁ ନିରାକାରପୁର ନିକଟ ବଡପୋଖରିଆ ନୀଳଗିରିପାଟଣା ଗ୍ରାମର ଯଜ୍ଞସ୍ଥଳକୁ ନିଆଯାଇଛି। ବାଟରେ ଗ୍ରାମବାସୀ ଏହି ଗଦାକୁ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଥିଲା। ମହିଳାମାନେ ହୁଳହୁଳି ସହ ଫୁଲ, ଅରୁଆ ଚାଉଳ ପକାଇଥିଲେ।

# ଦିନରେ ମାଙ୍କଡ଼, ରାତିରେ ବାର୍‌ହା ଉପଦ୍ରବ

ସାକ୍ଷୀଗୋପାଳ,୨୦।୧
(ଭରତ ରାଉତ/ପ୍ରଶାନ୍ତ କୁମାର ବାରିକ/ମହାପାତ୍ର)

ସତ୍ୟବାଦୀ ବ୍ଲକରେ ପ୍ରାୟ ସମସ୍ତ ଗ୍ରାମରେ ମାଙ୍କଡ଼ ଉପଦ୍ରବ ବୃଦ୍ଧି ପାଉଥିବା ବେଳେ ସ୍ଥାନୀୟ ଶାସନ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତରେ ବାର୍‌ହା ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଛି। ସେମାନଙ୍କ ଯୋଗୁ ବ୍ୟାପକ ଫସଲ ନଷ୍ଟ ହେଉଥିବା ବେଳେ ବନ ବିଭାଗ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ମାଙ୍କଡ଼ମାନେ ରାତିରେ ଗଛରେ ଲୁଚି ରହୁଥିବା ବେଳେ ଦିନରେ ଗାଁ ନିକଟ ଜମିରେ ଫସଲ ନଷ୍ଟ କରୁଛନ୍ତି। ଫନି ବାତ୍ୟାରେ ସତ୍ୟବାଦୀ ବ୍ଲକରେ ଲକ୍ଷାଧିକ ନଡ଼ିଆଗଛ ଭାଙ୍ଗିଯାଇଥିଲା। ଯେଉଁ କେତୋଟି ଗଛ ଲୋକଙ୍କ ବାଡ଼ି ବଗିଚାରେ ରହିଯାଇଛି ମାଙ୍କଡ଼ ପଲ ଗଛରୁ ଫୁଲ ଖୋସା ଖାଇଯାଉଛନ୍ତି। ଏହାଦ୍ୱାରା ନଡ଼ିଆଗଛ ଥାଇ ବି ନ ଥିଲା ଭଳି ଅବସ୍ଥା ହେଲାଣି। ଆମ୍ବଗଛରୁ ମାଙ୍କଡ଼ ପଲ ବଉଳଗୁଡ଼ିକ ଖାଇଯିବା ସହ ବିଭିନ୍ନ ଘରେ ପଶି ଖାଦ୍ୟପଦାର୍ଥ ବୋହିନେଇ ଯାଉଛନ୍ତି। ମାଙ୍କଡ଼ କାମୁଡ଼ାରେ ଅନେକ ବୟସ୍କ ଓ ଛୋଟପିଲା କ୍ଷତାକ୍ତ ହେବାର ମଧ୍ୟ ନଜିର ରହିଛି।

ସେହିପରି ରାତିରେ ବାର୍‌ହା ବ୍ୟାପକ ଭାବେ ଧାନ ଫସଲ ଓ ପରିବା ଆଦିକୁ ନଷ୍ଟ କରିଦେଉଛନ୍ତି। ଏହି ବାର୍‌ହାମାନେ ଦଳବଦ୍ଧ ଭାବେ ନିକଟସ୍ଥ ଜଙ୍ଗଲ ଓ ଗାଁ ନିକଟସ୍ଥ ଜଙ୍ଗଲରୁ ଆସି ଫସଲ ଦଳିଚକଟି ନଷ୍ଟ କରିଦେଉଛନ୍ତି। ମାଙ୍କଡ଼ ଓ ବାର୍‌ହାଙ୍କ ଉତ୍ପାତ ଯୋଗୁ ଚାଷୀମାନେ ଚାଷ ପ୍ରତି ବିମୁଖ ହେବାରେ ଲାଗିଛନ୍ତି, କାରଣ ଯେଉଁ ପରିମାଣର ଫସଲ ଉତ୍ପାଦନ ହେବାକଥା ହୋଇପାରୁନାହିଁ। ଫଳସ୍ୱରୂପ ସ୍ଥାନୀୟ ଗ୍ରାମ ଆଳସରଙ୍ଗ, ଭୂତପଡ଼ା, ଚନ୍ଦ୍ରବୀରପୁର, ପୀରହାଟ, ନହଳା, ମଠସାହି ଓ ବଗୁଲାପାରି ଗ୍ରାମ ଚାଷୀଙ୍କର ବ୍ୟାପକ ଫସଲ କ୍ଷତି ହେଉଛି ବୋଲି ପରିବେଶବିତ୍ ଆଦିତ୍ୟ ମିଶ୍ର କହିଛନ୍ତି।

ସ୍ଥାନୀୟ ଭୂତପଡ଼ା ଗ୍ରାମର ବରିଷ୍ଠ ଚାଷୀ ଗୌରାଙ୍ଗ ସୁକାରୀଙ୍କ ଚାଷଜମିରେ ସାରୁ, କଦଳୀ, ସପୁରି ଲକ୍ଷାଧିକ ଟଙ୍କାର ଚାଷ ନଷ୍ଟ କରିଦେଇଥିବା କହିଛନ୍ତି। ଏପରି ସମସ୍ୟା ଯଦି ଲାଗିରୁହେ, ତେବେ ସମସ୍ତ ଜମି ପଡ଼ିଆ ପଡ଼ିବ ବୋଲି ଚାଷୀ ଗୋଲକ ପ୍ରଧାନ, ରମେଶ ଭୋଇ, ଲକ୍ଷ୍ମୀଧର ପରିଡ଼ା, ଲକ୍ଷ୍ମୀନାଥ ପରିଡ଼ା ପ୍ରମୁଖ ପ୍ରକାଶ କରିଛନ୍ତି। ଏହି ସମସ୍ୟାର ସମାଧାନ କିପରି ହେବ ସରକାର ଦୃଷ୍ଟିଦେବାକୁ ସେମାନେ ଦାବି କରିଛନ୍ତି। ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଅଞ୍ଚଳରେ କର୍ମଚାରୀ ନିୟୋଜନ କରାଯାଇ ସେମାନଙ୍କୁ ଜନବସତିରୁ ହଟାଇ ଜଙ୍ଗଲ ଓ ପରିବେଶ ବିଭାଗ ବ୍ୟବସ୍ଥା କରିବାକୁ ଏଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସ୍ତମ୍ଭକାର ଦେବତିକ୍ତ ମିଶ୍ର କହିଛନ୍ତି। ଏ ସମ୍ପର୍କରେ ବନ ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।


ରାତ୍ରିରେ ବାରହାଙ୍କ ଉପଦ୍ରବ।

**BABA BHAIRABANANDA AUTONOMOUS MAHAVIDYALAYA**
Chandikhole, Jajpur, Odisha-755044
Email: bbmprincipal@gmail.com MOB: 9437264845
Letter No. 092/26 Date : 19.01.2026
**TENDER CALL NOTICE**
FOR UPGRADATION OF IT INFRASTRUCTURE
**No.CAD-3067** : Sealed tenders are invited in two bid system (technical and financial) from firms/ suppliers/ authorized dealers having valid GST registration and PAN for supply of Desktop Computer, UPS, Multifunction printer, Led TV, Webcam and internet facility for upgrading the IT infrastructure of Baba Bhairabananda (Auto.) Mahavidyalaya, Chandikhole, Jajpur, Odisha as per the Govt. of Odisha, Higher Education Dept. letter no. 12655/Dt. 05.03.2025. For details, please visit the college website https://bbmchandikhole.org and district website https://jajpur.odisha.gov.in
OIPR- Sd./- Principal-Cum-Secretary
B.B. (Auto) Mahavidyalaya, Chandikhole, Jajpur

**Government of Odisha, Department of Water Resources**
**OFFICE OF THE SUPERINTENDING ENGINEER**
**RENGALI DAM DIVISION, RENGALI DAM SITE**
ANGUL - 759105, e-mail : rengalidam@gmail.com
No.A- **'e'-Procurement Notice No.SE-RDD-05/2025-26**

| | | |
|---|---|---|
| 1 | Name of Work | : Tar-felting, Concrete & PH Work |
| 2 | No. of works | : 05 (Five) Nos of works |
| 3 | Estimated Cost | : Varies from **4.29** Lakh to **21.45** Lakh (Excluding GST) |
| 4 | Cost of tender paper | : **Varies from Rs.2000.00, Rs.4000.00 & Rs.6000.00 (Non-refundable)** |
| 5 | EMD/Bid Security | : **1% of Amount put to Tender (Refundable)** |
| 6 | Class of contractor | : 'D', 'C' or 'B' Class Contractor |
| 7 | Period of Completion of work | : Varies from 45 days to 60 Days |
| 8 | Date and time of availability of bid Document in the website | : From 11.00 A.M. of **Dt.21.01.2026** to 5.00 P.M. of **Dt.31.01.2026** in the website (www.tendersodisha.gov.in) |
| 9 | Date, time and place of opening of online tender | : **Dt.02.02.2026** at 11.00 A.M. in O/o the Superintending Engineer, Rengali Dam Division, Rengali Dam Site |
| 10 | Date, time and place for finalization of tender through Transparent Lottery System (if required) | : **Dt.04.02.2026** (Tentative) at 11.00 A.M. onwards in O/o the Superintending Engineer, Rengali Dam Division, Rengali Dam Site |
| 11 | Digital Signature Certificate (DSC) | : The bidders must possess compatible Digital Signature Certificate (DSC) of Class II or Class III |
| 12 | Name and Address of Officer inviting Tender | : Superintending Engineer, Rengali Dam Division, At. Rengali Dam Site, P.O. - Rengali Dam Site, Dist. : Angul, Odisha, PIN-759105, Email Id - rengalidam@gmail.com |

The bidders have to participate in ONLINE biding only further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.
OIPR- Sd./- Superintending Engineer
Rengali Dam Division, Rengali Dam Site

**Directorate of Technical Education & Training, Odisha**
At-Killamaidan, Po- Buxibazar, Cuttack-753001
Phone No.-0671 2301061, e-mail: dtetorissa@gmail.com
NIT No.DTET/2025-26/1223 Date:19.01.2026
**NOTICE INVITING REQUEST FOR PROPOSALS (RFP)**
**From the OEMs/authorised Channel Partners for the following tenders.**
No.KK-331
1. Centre of Excellence in Additive Manufacturing at 3 Govt. ITIs of Odisha.
2. Centre of Excellence in Advanced CNC Machining and Manufacturing at 3 Govt. ITIs of Odisha.
3. Procurement of AI Lab equipment for 9 Govt. ITIs of Odisha.
Directorate of Technical Education and Training (DTE&T), Odisha invites both Technical & Financial proposals from the eligible OEMs/authorised channel partners for the above mentioned tenders through Odisha Government e-Procurement System (https://tendersodisha.gov.in). Please refer to the RFP documents for details.
The RFP documents shall be available from 22/01/2026 onwards in the Odisha Government e-Procurement Portal (https://tendersodisha.gov.in) & DTE&T Odisha website (www.dtet.odisha.gov.in/en/tenders). If required, further intimation [i.e. Corrigendum/Addendum/Responses to the queries/Clarifications etc.], shall be uploaded in the above websites only. DTE&T Odisha reserves all the rights to reject any/ all proposals at any stage without assigning any reason thereof.
OIPR- Sd./- DTE&T, Odisha, Cuttack

**ସୁବର୍ଣ୍ଣ ସୁଯୋଗ**
**ବିଶେଷ ରିହାତି**
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ
ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର ଏବଂ
No.n- ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପ, ବାଲେଶ୍ୱରଙ୍କ ଦ୍ୱାରା ଆୟୋଜିତ
**ଜିଲ୍ଲାସ୍ତରୀୟ ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଓ ବିକ୍ରୟ**
ସ୍ଥାନ- ନେହେରୁ ଷ୍ଟାଡିୟମ, ଭଦ୍ରକ, ଭଦ୍ରାୟଣୀ (ଭଦ୍ରକ ଜିଲ୍ଲା ମହୋତ୍ସବ-୨୦୨୬)
ତା.୧୮.୦୧.୨୦୨୬ ରିଖ ଠାରୁ ୨୫.୦୧.୨୦୨୬ ରିଖ ପର୍ଯ୍ୟନ୍ତ
ଓଡ଼ିଶାର ସୁପ୍ରସିଦ୍ଧ କୁଶଳୀ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଖଣ୍ଡୁଆ ପାଟ, ବମକାଇ ପାଟ, ମାକିଡ଼ିଆ ଓ ଗୋପାଳପୁରର ଟସର ବସ୍ତ୍ର, ବାଲେଶ୍ୱର ଓ ଭଦ୍ରକର ତନ୍ତବୁଣା ଶାଢ଼ି, ଲୁଙ୍ଗି, ଗାମୁଛା ତଥା ସମ୍ବଲପୁରୀ ଶାଢ଼ି ଓ ଅନ୍ୟାନ୍ୟ ହସ୍ତତନ୍ତ ବସ୍ତ୍ରର ଅପୂର୍ବ ସମାହାର
**୧୦% ବିଶେଷ ରିହାତି**
ଆପଣଙ୍କ ପ୍ରିୟ ଭଦ୍ରକ ସହରରେ ସୀମିତ ସମୟ ପାଇଁ
ଆଜିହିଁ ପଦାର୍ପଣ କରନ୍ତୁ ଏବଂ ବିଶେଷ ରିହାତିର ସୁଯୋଗ ପାଇବା ସହିତ
ଓଡ଼ିଶାର ବୁଣାକାରଙ୍କୁ ସହଯୋଗ ଓ ତନ୍ତ କଳାକୁ ଉତ୍ସାହିତ କରନ୍ତୁ।
OIPR-

**OFFICE OF THE MUNICIPAL COUNCIL, BHAWANIPATNA**
**DIST-KALAHANDI, PIN-766001**
'e' Procurement NOTICE. No. 169
Bid Identification No. BPM/04/2025-26
Tender ID-2026_ORULB_124793_1
**No.C-2141** : The Executive Officer on behalf of Bhawanipatna Municipality invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. **https://tendersodisha.gov.in**
1. Name of works: **Providing Outsourcing Services For Sanitation Maintenance Work For Areas Of 1 to 10 wards Under Bhawanipatna Municipality**
2. Estimated Costs: **254.20 Lakhs**
3. Date and time of availability of the bid documents in the portal: **From 02.00 P.M. of 19.01.2026 to 05.30 PM of 29.01.2026**
4. Last Date/Time for receipt of bids in the portal: **05.30 PM of 29.01.2026**
5. Bids will be opened on: **11.00 AM of Dt. 30.01.2026**
6. Name and address of the officer inviting bid: **Executive Officer, Bhawanipatna Municipality**
OIPR- Sd./- Executive Officer
Bhawanipatna Municipality

**DIRECTORATE OF MINES & GEOLOGY STEEL AND MINES DEPARTMENT, GOVT. OF ODISHA, BHUBANESWAR**
Heads of Department Building, Unit-V, Pin-751001
Tel No.: 0674-2391537, Fax No.: 0674-2391684
E-mail ID: dir.mines@orissaminerals.gov.in/geology.ig@orissaminerals.gov.in
Reference No. : 651 Date: 15.01.2026
**TENDER CALL NOTICE**
**No.G-50** : The Directorate of Mines & Geology, Odisha invites open Tender on behalf of the Governor of Odisha, in two bid system (Technical Bid and Price Bid) from reputed Firms/ Agencies, fulfilling the eligibility criteria to take up the **"Topographical Survey Works using Electronic Total Stations / DGPS in Different Mineral Exploration Blocks of Odisha" for the Field Season 2025-26 & 2026-27**.The detail Tender / Tender Document shall be available in the Departmental Website **http://www.odishaminerals.gov.in** and there will be no manual sale of Tender document. Interested Firms/ Agencies are requested to download the Tender Document from the website and sealed tender should be submitted to the Directorate of Mines & Geology, Odisha, Heads of Department Building, Unit-V, Bhubaneswar-751001 **latest by 5:30 PM on 09.02.2026 by Regd. Post/Speed Post/Courier Service Only**.
**Corrigendum/ Addendum if required any or any other notice or correspondence related to this process shall be uploaded in the above website. Hence, interested Firms/ Agencies are requested to be in continuous touch with the above web site, for further updates.**
The Director of Mines & Geology, Odisha, reserves the right to accept / reject any/all Bids/offers or cancel the entire tender process at any stage without assigning any reason thereof.
OIPR- Sd./- Director of Mines & Geology, Odisha

# ‘ଯୁବବର୍ଗଙ୍କ ଦାୟିତ୍ୱବୋଧ ଦେଶର ଭବିଷ୍ୟତ ଗଢ଼ିବ’

ଭୁବନେଶ୍ୱର,୨୦।୧(ସୁଚିସ୍ମିତା ସାହୁ)

## ରାଜ୍ୟସ୍ତରୀୟ ଯୁବ ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଯୁବବର୍ଗଙ୍କ ସେବା, କରୁଣା ଓ ସାମାଜିକ ଦାୟିତ୍ୱବୋଧ ଦେଶର ଭବିଷ୍ୟତ ନିର୍ମାଣ କରିବ। ସମାଜର ମଙ୍ଗଳ କରିବା, ଦୁର୍ବଳ ଲୋକଙ୍କୁ ସୁରକ୍ଷା ଦେବା ଏବଂ ଅର୍ଥପୂର୍ଣ୍ଣ ସାମାଜିକ ପରିବର୍ତ୍ତନ ଆଣିବା ପାଇଁ ଯୁବପିଢ଼ି ଅପାର ସାମର୍ଥ୍ୟ ରଖନ୍ତି ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ରାଜ୍ୟସ୍ତରୀୟ ଯୁବ ରେଡ୍‌କ୍ରସ୍ ଶିକ୍ଷା-ତଥା-ପ୍ରଶିକ୍ଷଣ ଶିବିର ମଙ୍ଗଳବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟଠାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ରାଜ୍ୟପାଳ ଉଦ୍‌ବୋଧନ ଦେଇ କହିଛନ୍ତି, ସମାଜ ସେବା ହେଉଛି ମାନବ ଜୀବନର ସବୁଠାରୁ ଉତ୍କୃଷ୍ଟ ଅଭିବ୍ୟକ୍ତି। ଏହା ମୂଲ୍ୟବୋଧ, ଚରିତ୍ର ଏବଂ କର୍ତ୍ତବ୍ୟର ଏକ ଦୃଢ଼ ଭାବନା ଗଠନ କରିବା ସହ ଦାତା ଓ ଗ୍ରହୀତା ଉଭୟଙ୍କୁ ମଜଭୁତ କରେ। ଗୋଟିଏ ରାଷ୍ଟ୍ର କେବଳ ଭୌତିକ ପ୍ରଗତି ମାଧ୍ୟମରେ ନୁହେଁ, ବରଂ ନୈତିକ ଶକ୍ତି,



କାର୍ଯ୍ୟକ୍ରମକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଉଦ୍‌ଘାଟନ କରୁଛନ୍ତି।

ସାମାଜିକ ସମନ୍ୱୟ ଏବଂ ସାମୂହିକ ଦାୟିତ୍ୱ ମାଧ୍ୟମରେ ଉନ୍ନତି କରେ। ଛାତ୍ରୀଛାତ୍ରଙ୍କୁ ସେବା କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ରେଡ୍‌କ୍ରସ୍ ମାନବତା, ନିରପେକ୍ଷତା ଓ ସ୍ୱେଚ୍ଛାକୃତ ସେବାର ଏକ ବିଶ୍ୱ ପ୍ରତୀକ। ବିପର୍ଯ୍ୟୟ ପରିଚାଳନା, ସ୍ୱାସ୍ଥ୍ୟ ସଚେତନତା, ପ୍ରାଥମିକ ଚିକିତ୍ସା, ସଡ଼କ ସୁରକ୍ଷା, ରକ୍ତଦାନ କ୍ଷେତ୍ରରେ ଭାରତ ଏବଂ ଓଡ଼ିଶାରେ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନ ସମ୍ପର୍କରେ ରାଜ୍ୟପାଳ ଉଲ୍ଲେଖ କରିଥିଲେ। ସେହିପରି ବାତ୍ୟା, ବନ୍ୟା, ମହାମାରୀ ଏବଂ ଅନ୍ୟ ଜରୁରିକାଳୀନ ପରିସ୍ଥିତିରେ ରେଡ୍‌କ୍ରସ୍‌ର ସ୍ୱେଚ୍ଛାସେବୀ ଆଗଧାଡ଼ିରେ ରହି ସେବା କରୁଥିବାରୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି। ଏହି ତାଲିମ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କୁ ପ୍ରାଥମିକ ଚିକିତ୍ସା, ବିପର୍ଯ୍ୟୟ ପ୍ରସ୍ତୁତି, ସଡ଼କ ସୁରକ୍ଷା, ସ୍ୱାସ୍ଥ୍ୟ ସଚେତନତା ଏବଂ ସମାଜସେବା କ୍ଷେତ୍ରରେ ଜୀବନ ରକ୍ଷାକାରୀ କୌଶଳ ପ୍ରଦାନ କରେ, ଯାହା ସେମାନଙ୍କୁ ଜରୁରିକାଳୀନ ପରିସ୍ଥିତି ଓ ଦୈନନ୍ଦିନ ଜୀବନରେ ପ୍ରଭାବଶାଳୀ ଭାବେ ସକ୍ଷମ କରିଥାଏ ବୋଲି ରାଜ୍ୟପାଳ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ଚଣ୍ଡୀଚରଣ ରଥ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଭାରତୀୟ ରେଡ୍‌କ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ ସଚିବ ଗଣେଶ ଚନ୍ଦ୍ର ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ ।

# ଆଗେଇବ ୧୬୬ ରେଳ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ

ଭୁବନେଶ୍ୱର,୨୦।୧(ଅନୁରାଧା ମହାରଣା)

- ୯୬ ଆର୍‌ଓବି ନିର୍ମାଣ ଖର୍ଚ୍ଚ ବହନ କରିବ ରେଳପଥ
- ଆପ୍ରୋଚ୍ ରୋଡ୍ ଜମି ଅଧିଗ୍ରହଣ ପାଇଁ ନୋଡାଲ ଅଧିକାରୀ ନିଯୁକ୍ତ

ରାଜ୍ୟର ରାସ୍ତା ସଂଯୋଗକୁ ମଜଭୁତ କରିବାରେ ରେଲୱେ ଓଭରବ୍ରିଜ୍ (ଆର୍‌ଓବି) ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ରେଲୱେ ଲେଭଲକ୍ରସିଂକୁ ଆର୍‌ଓବିରେ ପରିବର୍ତ୍ତନ କରିବା ଦ୍ୱାରା ଯାନ ଚଳାଚଳ ଭିଡ଼ ହ୍ରାସ ପାଇବା ସହ ଯାତ୍ରା ସମୟ ହ୍ରାସ ହୋଇପାରେ ଏବଂ ଜୀବନ ଓ ସମ୍ପତ୍ତିର ସୁରକ୍ଷା ବୃଦ୍ଧି ପାଇଥାଏ। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରସ୍ତାବିତ ୧୬୬ଟି ରେଲୱେ ଓଭରବ୍ରିଜ ନିର୍ମାଣ ଅଗ୍ରଗତିର ସମୀକ୍ଷା ପାଇଁ ଏକ ଉଚ୍ଚସ୍ତରୀୟ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ତ୍ତ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହ ଅଧ୍ୟକ୍ଷତା କରିଥିବାବେଳେ ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଗତ କିଛିବର୍ଷ ଧରି ଆର୍‌ଓବି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ମନ୍ଥର ରହିଥିବାବେଳେ ଭାରତ ସରକାରଙ୍କ ୨୦୨୪ ରେଳନୀତିର ବ୍ୟବହାର ଯୋଗୁ ପୂର୍ବତଟ ରେଳପଥ ନିଜ ଖର୍ଚ୍ଚରେ ୯୬ଟି ରେଳ ଓଭରବ୍ରିଜ ନିର୍ମାଣ କରିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ଆପ୍ରୋଚ୍ ରୋଡ୍ ପାଇଁ ଜମି ଅଧିଗ୍ରହଣ, ନିର୍ମାଣର ଗୁଣବତ୍ତା, ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ଓ ବିଭିନ୍ନ ରାଜ୍ୟର ପ୍ରଶାସନ ସହ ସମନ୍ୱୟ ବୃଦ୍ଧି ନେଇ ଆଲୋଚନା ହୋଇଥିଲା। ୧୧୨ଟି ରେଲୱେ ଓଭରବ୍ରିଜ ପାଇଁ ଆପ୍ରୋଚ୍ ରୋଡ୍‌ର ଜମି ଅଧିଗ୍ରହଣ କାର୍ଯ୍ୟ ପାଇଁ ନୋଡାଲ ଅଧିକାରୀମାନଙ୍କୁ ନିଯୁକ୍ତ କରାଯାଇଛି। ବୈଠକରେ ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ ତଥା ସ୍ୱତନ୍ତ୍ର ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ସମେତ ବିଭିନ୍ନ ବିଭାଗ ଓ ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ପଦକ୍ଷେପ ରାଜ୍ୟରେ ଯାତାୟତ ସୁବିଧା ବୃଦ୍ଧି ସହ ସୁରକ୍ଷା ଓ ଅର୍ଥନୈତିକ ବିକାଶକୁ ନୂଆ ଗତି ଦେବ ବୋଲି ଆଶା କରାଯାଉଛି।

# ରାଜ୍ୟରେ ଡଲ୍‌ଫିନ୍ ଗଣନା ଆରମ୍ଭ

ଭୁବନେଶ୍ୱର,୨୦।୧(ବନ୍ଦନା ସେଠୀ)

ଓଡ଼ିଶାର ଉପକୂଳବର୍ତ୍ତୀ ବନଖଣ୍ଡ ଏବଂ ଚିଲିକା ହ୍ରଦରେ ମଙ୍ଗଳବାରଠାରୁ ବାର୍ଷିକ ଡଲ୍‌ଫିନ୍ (ଶିଶୁମାର) ଗଣନା କାର୍ଯ୍ୟ ଆରମ୍ଭ ହୋଇଛି। ଆସନ୍ତା ୨୨ ପର୍ଯ୍ୟନ୍ତ ଏହି ଗଣନା ଚାଲିବ। ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଆୟୋଜିତ ଏହି ଗଣନା ପ୍ରକ୍ରିୟା ମଙ୍ଗଳବାର ସକାଳ ୬ଟାରୁ ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଚାଲିଥିଲା। ବାଲେଶ୍ୱର, ଭଦ୍ରକ, ରାଜନଗର, ପୁରୀ, ଚିଲିକା ଏବଂ ବ୍ରହ୍ମପୁର ବନଖଣ୍ଡ ଆଦିର ପ୍ରମୁଖ ସାମୁଦ୍ରିକ କ୍ଷେତ୍ରରେ ଏହି ଗଣନା କରାଯାଇଛି। ପୂର୍ବ ବର୍ଷ ପରି ଚଳିତବର୍ଷ ମଧ୍ୟ ସମଗ୍ର ରାଜ୍ୟରେ ଏକକାଳୀନ ଏହି ଗଣନା କାର୍ଯ୍ୟ କରାଯାଇଛି। ଏହାଦ୍ୱାରା ଡଲ୍‌ଫିନ୍‌ମାନଙ୍କର ଠିକ୍ ସଂଖ୍ୟା ଆକଳନ କରାଯାଇପାରିବ। ଗଣନା ସମୟରେ ଇରାୱାଡି, ବଟଲ୍‌ନୋଜ ଏବଂ ହମ୍ପ୍‌ବ୍ୟାକ ପ୍ରଜାତିର ଡଲ୍‌ଫିନ୍‌ଙ୍କୁ ଚିହ୍ନଟ କରାଯିବା ସହ ସେମାନଙ୍କର ଗତିବିଧି ଉପରେ ନଜର ରଖାଯାଇଥିଲା। ଏଥିପାଇଁ ଅନେକ ଟିମ୍ ଗଠନ କରାଯାଇ ସେମାନଙ୍କୁ ଜିପିଏସ୍, ରେଞ୍ଜ ଫାଇଣ୍ଡର ଏବଂ ବାଇନାକୁଲାର ଆଦି ଆଧୁନିକ ଯନ୍ତ୍ରପାତି ଯୋଗାଇ ଦିଆଯାଇଥିଲା। ବିଭିନ୍ନ ସ୍ଥାନରେ ଡଙ୍ଗା ମାଧ୍ୟମରେ ‘ଟ୍ରାନ୍‌ସେକ୍ଟ ଲାଇନ’ ପଦ୍ଧତି ଅବଲମ୍ବନ କରାଯାଇ ଏହି ଗଣନା କରାଯାଇଛି। ଗଣନା କାର୍ଯ୍ୟରେ ସ୍ଥାନୀୟ ମତ୍ସ୍ୟଜୀବୀ ଏବଂ ଜନପ୍ରତିନିଧିମାନେ ସହଯୋଗ କରିଥିଲେ। ସମସ୍ତ ବନଖଣ୍ଡରୁ ମିଳିଥିବା ତଥ୍ୟକୁ ସଂକଳନ କରାଯିବା ପରେ ଖୁବ୍‌ଶୀଘ୍ର ଚଳିତବର୍ଷର ଡଲ୍‌ଫିନ୍ ସଂଖ୍ୟା ସମ୍ପର୍କିତ ଚୂଡ଼ାନ୍ତ ରିପୋର୍ଟ ପ୍ରକାଶ କରାଯିବ ବୋଲି ସୂଚନା ଦିଆଯାଇଛି।

# ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ପୋଲିସ କମିଶନର



ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ନେତାଜୀ ସଂଗ୍ରହାଳୟ କେନ୍ଦ୍ର ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରୁଛନ୍ତି।

କଟକ,୨୦।୧(ଶିଳ୍ପା ପ୍ରିୟଦର୍ଶିନୀ)

## ଆଲୋକମାଳାରେ ଝଲସିଲା ନେତାଜୀ ସଂଗ୍ରହାଳୟ

ନେତାଜୀ ଜୟନ୍ତୀ ପୂର୍ବରୁ ମଙ୍ଗଳବାରଠାରୁ ଆଲୋକମାଳାରେ ନେତାଜୀ ସଂଗ୍ରହାଳୟ ସଜେଇ ହୋଇଛି। ଜାନୁଆରୀ ୨୩ରେ ନେତାଜୀ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ଟ୍ୱିନ୍‌ସିଟି ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ନେତାଜୀ ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ଉପସ୍ଥିତ ରହି ସମସ୍ତ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ। କିପରି ଜୟନ୍ତୀ ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହିତ ପାଳନ କରାଯିବ ଏହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହା ପୂର୍ବରୁ ସୋମବାର ସନ୍ଧ୍ୟାରେ ମଧ୍ୟ କଟକ ଜିଲାପାଳ ଶିନ୍ଦେ ଓ ସଂସ୍କୃତି ବିଭାଗ ଉପନିର୍ଦ୍ଦେଶିକା ତଥା ନେତାଜୀ ସଂଗ୍ରହାଳୟ ସଚିବ ଦେବଯାନୀ ଭୂୟାଁ ସମୀକ୍ଷା କରିଛନ୍ତି। ନେତାଜୀ ସ୍ମାରକୀ ପ୍ରତିଷ୍ଠାନ ପରିସରରେ ଉପରାଷ୍ଟ୍ରପତିଙ୍କ ପ୍ରବେଶ ସମୟରେ ପରିସରରେ ଥିବା ଜଳ ଫୁଆରା ନିକଟରେ ଏନ୍‌ସିସି ଛାତ୍ରୀଛାତ୍ରମାନେ ତ୍ରିରଙ୍ଗା ପତାକା ଦେଖାଇ ତାଙ୍କୁ ସ୍ୱାଗତ କରିବେ। ଏହାସହ ବ୍ୟାଖ୍ୟାନ କେନ୍ଦ୍ର ଓ ସଂସ୍କୃତି ଭବନରେ ପରାକ୍ରମ ଦିବସ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସୂଚନା ଅନୁଯାୟୀ, ଜୟନ୍ତୀ ସମାରୋହରେ ଉପରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀ ଯୋଗଦେବେ। ପରେ ବ୍ୟାଖ୍ୟାନ କେନ୍ଦ୍ର ପରିସରରେ ଆୟୋଜିତ ସଭାରେ ସାମିଲ ହେବେ। ଏହାକୁ ଦୃଷ୍ଟିରେ ରଖି ଅତିଥିମାନଙ୍କ ସୁରକ୍ଷା ବ୍ୟବସ୍ଥା, ସାଜସଜ୍ଜା ବିଷୟରେ ଆଲୋଚନା କରାଯାଇଥିଲା।

# ହାତୀ ଆକ୍ରମଣରେ ଯୁବକଙ୍କ ଜୀବନ ଗଲା

ବାଣପୁର,୨୦।୧(ଦିଲୀପ କୁମାର ସ୍ୱାଇଁ)

ବାଣପୁର ଥାନା ଅଞ୍ଚଳରେ ମଙ୍ଗଳବାର ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଏହି ଥାନା ଅଧୀନ ଶାଳିଆଡ୍ୟାମ୍ ନିକଟ ପୋଡ଼ାଖାଇ ଗ୍ରାମର ପ୍ରକାଶ ଶବର(୨୭)। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା(ନଂ.୧/୨୬) ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଗତ ଶନିବାର ଅପରାହ୍ଣ ୫ଟାରେ ପ୍ରକାଶ ବାଇକ୍‌ରେ କୌଣସି କାମରେ ଯାଉଥିବା ବେଳେ ଏକ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଟେକି ଫିଙ୍ଗିଦେବାରୁ ସେ ଗୁରୁତର ଆହତ ହୋଇଥିଲେ। ଖବରପାଇ ପରିବାର ଲୋକେ ପହଞ୍ଚି ତାଙ୍କୁ ନିକଟ ଅଙ୍ଗାରୁଗାଁ ଏବଂ ପରେ ବାଣପୁର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସା ପରେ ପ୍ରକାଶ ଘରକୁ ଫେରିଥିଲେ। ହେଲେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପ୍ରକାଶଙ୍କ ସମ୍ପର୍କୀୟ ଭାଇ ରାମ ଶବରଙ୍କ ଅଭିଯୋଗକ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ତେବେ ଦୀର୍ଘ ତିନି ସପ୍ତାହ ହେବ ଏକ ଦନ୍ତା ହାତୀ ଶାଳିଆଡ୍ୟାମ୍ ଓ ପ୍ରତାପ ସମେତ ଆଖପାଖ ଗାଁରେ ଫସଲ ଖାଇବା ସହ ନଷ୍ଟ କରୁଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ବନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଲୋକମାନେ ଦାବି କରିଛନ୍ତି।

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ବାରଙ୍ଗ,୨୦।୧(ଲିଙ୍ଗରାଜ ରାଉତ)

## ଉପଜିଲାପାଳଙ୍କ ନିକଟରେ ୱାର୍ଡସଭ୍ୟଙ୍କ ଅଭିଯୋଗ

ଚନ୍ଦକା ଗ୍ରାମ ପଞ୍ଚାୟତ ସରପଞ୍ଚ ଅଜୟ ବେହେରାଙ୍କ ବିରୋଧରେ ୮ଜଣ ୱାର୍ଡ ସଭ୍ୟାସଭ୍ୟ ମଙ୍ଗଳବାର ଅନାସ୍ଥା ପ୍ରସ୍ତାବ ଆଣି ଉପଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଚନ୍ଦକା ପଞ୍ଚାୟତରେ କୌଣସି ଉନ୍ନତିମୂଳକ କାର୍ଯ୍ୟ ହେଉନ ଥିବା ବେଳେ ବିଭିନ୍ନ କାର୍ଯ୍ୟରେ ଦୁର୍ନୀତି ହେଉଛି। ସରପଞ୍ଚ ବେହେରା ଦୀର୍ଘ ମାସ ହେବ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି। ଏପରିକି ନିର୍ଦ୍ଧାରିତ ସମୟରେ କୌଣସି ବୈଠକରେ ମଧ୍ୟ ଯୋଗଦେଉନାହାନ୍ତି। ଏନେଇ ତାଙ୍କ ବିରୋଧରେ ଅନାସ୍ଥାଭୋଟ କରିବାକୁ ୱାର୍ଡ ସଭ୍ୟମାନେ ଉପ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଉପଜିଲାପାଳ ଅଭିଯୋଗ ଗ୍ରହଣ କରି ପଦକ୍ଷେପ ନେବେ ବୋଲି ଆଶ୍ୱାସନା ଦେଇଛନ୍ତି। ଏ ସମ୍ପର୍କରେ ସରପଞ୍ଚ ବେହେରାଙ୍କ ସହ ମୋବାଇଲ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ।

# ‘ଚାଖି ଖୁଣ୍ଟିଆ ସ୍ୱାଧୀନତା ସଂଗ୍ରାମକୁ ନୂଆ ଦିଗ ଦେଇଥିଲେ’

## ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୨୦।୧(ବନ୍ଦନା ସେଠୀ)

ଭାରତର ସ୍ୱାଧୀନତା ସଂଗ୍ରାମରେ ଯେଉଁ ବୀର ସନ୍ତାନମାନେ ନିଜ ଜୀବନକୁ ଉତ୍ସର୍ଗ କରି ଦେଶମାଟିକୁ ପରାଧୀନତା ବନ୍ଧନରୁ ମୁକ୍ତ କରିଥିଲେ, ସେମାନଙ୍କ ମଧ୍ୟରେ ମହାନ ବିପ୍ଳବୀ ଚନ୍ଦନ ହଜୁରୀ (ଚାଖି ଖୁଣ୍ଟିଆ) ଅନ୍ୟତମ। ସେ ନିଜର ବଳିଷ୍ଠ ନେତୃତ୍ୱ, ଦେଶପ୍ରେମ ଓ ଅତୁଳନୀୟ ତ୍ୟାଗ ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମକୁ ଏକ ନୂଆ ଦିଗ ଦେଇଥିଲେ। ତାଙ୍କର ଆଦର୍ଶ, ସଂଗ୍ରାମ ଓ ସମାଜସେବା ଓଡ଼ିଆ ଜନମାନସରେ ଚିରସ୍ମରଣୀୟ ହୋଇ ରହିବ ବୋଲି ଚନ୍ଦନ



କଳ୍ପନାଛକସ୍ଥିତ ଚାଖିଖୁଣ୍ଟିଆଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

ହଜୁରୀ (ଚାଖି ଖୁଣ୍ଟିଆ)ଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ମତ ପ୍ରକାଶ ପାଇଛି। ମଙ୍ଗଳବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଚାଖି ଖୁଣ୍ଟିଆ ସ୍ମୃତି ସମିତିର ମିଳିତ ଆନୁକୂଲ୍ୟରେ ସୂଚନା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାଶ ପଟ୍ଟନାୟକ ଯୋଗଦେଇ କହିଲେ, ଚନ୍ଦନ ହଜୁରୀ ଏକାଧାରରେ ଜଣେ ବୀର ବିପ୍ଳବୀ, ଦେଶଭକ୍ତ, ସେବକ ଓ ସମାଜ ସଂସ୍କାରକ ଥିଲେ। ତାଙ୍କ ଜୀବନାଦର୍ଶ ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ। ଅନ୍ୟତମ ଅତିଥି ଭାବେ ସମିତିର ସଭାପତି ଡ. ବସନ୍ତ ପତି ଯୋଗଦେଇ କହିଲେ, ଚାଖି ଖୁଣ୍ଟିଆ ଦେଶମାତୃକା ପାଇଁ ଅତୁଳନୀୟ ସଂଗ୍ରାମ ଓ ତ୍ୟାଗର ନିଦର୍ଶନ ଛାଡ଼ିବା ସହ ଭାରତରେ ଓଡ଼ିଶାର ମହିମାକୁ ପ୍ରଚାର ପ୍ରସାର କରିପାରିଥିଲେ। ରାଜ୍ୟ ସଂଗ୍ରହାଳୟର ପ୍ରାକ୍ତନ ଅଧୀକ୍ଷକ ଡ. ଜୟନ୍ତୀ ରଥ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କହିଲେ, ଚାଖି ଖୁଣ୍ଟିଆଙ୍କ ପରି ଦୃଢ଼ମନା ଯୋଦ୍ଧା ହିଁ ଝାନ୍‌ସୀରାଣୀ ଲକ୍ଷ୍ମୀବାଈଙ୍କ ମନରେ ଅଦମ୍ୟ ସାହସ ସଞ୍ଚାର କରିପାରିଥିଲେ। ସେ ଥିଲେ ଓଡ଼ିଆ ଅସ୍ମିତା, ଚେତନା ଏବଂ ଦେଶପ୍ରେମର ପ୍ରତୀକ। ଉତ୍ସବରେ ପ୍ରଫେସର ପ୍ରମୋଦ ଚନ୍ଦ୍ର ରଥ, ଚନ୍ଦନ ହଜୁରୀଙ୍କ ଦାୟାଦ ହଜୁରୀ ନୀଳକଣ୍ଠ ଖୁଣ୍ଟିଆ, ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁରୁବୀର ସିଂ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗର ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିବାବେଳେ ଲୋକସମ୍ପର୍କ ଅଧିକାରୀ ରୋଜାଲିନ ସାହୁ ମଞ୍ଚ ପରିଚାଳନା କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ କୈଳାସ



@ ମିଟୁ



@ ଶିବା



@ ସୌମ୍ୟ



@ ସୁରଜିତ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବସ୍ ଧକ୍କାରେ ଶ୍ରମିକଙ୍କ ମୃତ୍ୟୁ

ପୁରୁଣା ଭୁବନେଶ୍ୱର,୨୦।୧(ସୁବାସ ଚନ୍ଦ୍ର ପ୍ରଧାନ)

ପୁରୀ-ଭୁବନେଶ୍ୱର ୩୧୬ ନମ୍ବର ଜାତୀୟ ରାଜପଥର ଦୟା ବ୍ରିଜ ଉପରେ ଏକ ଟୁରିଷ୍ଟ ବସ୍ ଧକ୍କାରେ ମଙ୍ଗଳବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଧଉଳି ଥାନା ଅଧୀନ କୁମାର ଗ୍ରାମର କଣ୍ଟୁରୀ ରାଉତ (୫୫)। ପୋଲିସ ସୂଚନା ମୁତାବକ, କଣ୍ଟୁରୀ କାମ ସାରି ଘରକୁ ଫେରୁଥିବା ବେଳେ ଦୟା ବ୍ରିଜ ଉପରେ ତାଙ୍କ ସାଇକେଲକୁ ଏକ ଟୁରିଷ୍ଟ ବସ୍ (ଓଡି ୧୩ଏସ୍ ୬୩୪୨) ଧକ୍କା ଦେଇଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ପୁରୀରେ ପହଞ୍ଚିଲା ପ୍ରଥମ ପର୍ଯ୍ୟାୟ ରଥ କାଠ

ପୁରୀ,୨୦।୧(ଅଜିତ୍ କୁମାର ମହାନ୍ତି)

ଜୁଲାଇ ୧୬ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ। ଏଥିନିମନ୍ତେ ଶ୍ରୀମନ୍ଦିର ସ୍ୱତ୍ୱଲିପି ଓ ରଥ ସଂହିତା ଅନୁଯାୟୀ, ପବିତ୍ର ଅକ୍ଷୟ ତୃତୀୟ ତିଥିରୁ ରାଜନଅର ସମ୍ମୁଖ ରଥଖଳାରେ ତିନିରଥର ନିର୍ମାଣ କାର୍ଯ୍ୟ ଅନୁକୂଳ ହେବ। ରଥ ନିମାଣ ପୂର୍ବରୁ ଶ୍ରୀପଞ୍ଚମୀ ବା ସରସ୍ୱତୀ ପୂଜା ଦିନ ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ୧୨ଫୁଟିଆ ୩ ଖଣ୍ଡ ଧଉରା କାଠ ପୂଜା କରାଯିବ। ଆସନ୍ତା ୨୩ରେ ଶ୍ରୀପଞ୍ଚମୀ ପଡୁଥିବାରୁ ପରମ୍ପରା ଅନୁଯାୟୀ ରଥ କାଠ ପୂଜା କରାଯିବ। ଏଥିପାଇଁ ଚଳିତ ବର୍ଷର ପ୍ରଥମ ପର୍ଯ୍ୟାୟ କାଠ ମଙ୍ଗଳବାର ରାତିରେ ପୁରୀରେ ପହଞ୍ଚିଛି। ୩ଟି ଟ୍ରକ୍ ଯୋଗେ ୮୩ ଖଣ୍ଡ କାଠ ନୟାଗଡ଼ ଡିଭିଜନ୍‌ର ଦଶପଲ୍ଲା ବନଖଣ୍ଡରୁ ଆସିଥିବା ଜଣାପଡ଼ିଛି। ପ୍ରଥମ ପର୍ଯ୍ୟାୟରେ ଆସିଥିବା ୮୩ ଖଣ୍ଡ ମଧ୍ୟରେ



୨୦ ଫୁଟିଆ ଏବଂ ୧୨ ଫୁଟିଆ ଅସନ ଓ ଧଉରା କାଠ ରହିଛି। ସେଥିମଧ୍ୟରେ ୨୦ ଫୁଟିଆ ଧଉରା ୨୦ଟି ରହିଥିବା ବେଳେ ୨୧ଟି ଅସନ କାଠ ରହିଛି। ସେହିଭଳି ୧୨ ଫୁଟିଆ ଅସନ ୧୯ଟି ଥିବାବେଳେ ୨୩ଟି ଧଉରା କାଠ ରହିଛି।

# ରିମାଣ୍ଡ ସରିଲା, ଠାବ ହୋଇପାରିଲାନି ମୃତଦେହ

**ବ୍ୟବସାୟୀ ବଳରାମ ଅପହରଣ ମାମଲା**

**ମିଛ ଧରା ପରୀକ୍ଷା ପାଇଁ ରିମାଣ୍ଡରେ ଆଣିବ ପୋଲିସ**

ଭୁବନେଶ୍ୱର,୨୦।୧(ତ୍ରିନାଥ ମହାନ୍ତି)

୨୦୧୯ରେ ବ୍ୟବସାୟୀ ବଳରାମ ସାହାଣି ନିଖୋଜ ରହସ୍ୟ ଘଟଣାରେ ପୋଲିସକୁ ନାକେଦମ କଲେଣି ଅଭିଯୁକ୍ତା ରଶ୍ମିତା ସ୍ୱାଇଁ। ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିବା ବେଳେ ମୃତଦେହ କେଉଁଠି ଫିଙ୍ଗିଛନ୍ତି ଦେଖାଇ ପାରୁନାହାନ୍ତି। ଗଞ୍ଜାମ ଠାରୁ ଆରମ୍ଭ କରି ରାଜଧାନୀର ଏକାଧିକ ସ୍ଥାନ ପୋଲିସକୁ ବୁଲାଇଥିଲେ ମଧ୍ୟ ଶବ ମିଳୁନି। ୭ ବର୍ଷ ବିତିଯାଇଥିବାରୁ ମୃତଦେହ କଙ୍କାଳ ରୂପ ନେଇଥିବ। ତେଣୁ ପୋଲିସକୁ କଙ୍କାଳ ଜବତ କରିବା ଏବେ ଅପରିହାର୍ଯ୍ୟ ହୋଇପଡ଼ିଛି। ନ ହେଲେ ବ୍ୟବସାୟୀ ବଳରାମଙ୍କୁ ହତ୍ୟା କରାଯାଇଥିବା ପ୍ରମାଣ କରିବା କଷ୍ଟକର ହେବ। ତେଣୁ ପୋଲିସ ରଶ୍ମିତାଙ୍କ କହିବା ଅନୁସାରେ ଏକାଧିକ ସ୍ଥାନରେ ଛାନ୍‌ଭିନ କରୁଛି। ସେପଟେ ମଙ୍ଗଳବାର ରଶ୍ମିତାଙ୍କ ରିମାଣ୍ଡ ଅବଧି ଶେଷ ହେଉଥିବାରୁ ତାଙ୍କୁ କୋର୍ଟରେ ହାଜର କରି ଝାରପଡ଼ା ଜେଲକୁ ପଠାଇ ଦେଇଛି। ରଶ୍ମିତା ପୋଲିସକୁ ଏକାଧିକ ମିଛ କହିଥିବାରୁ ସତ ଜାଣିବା ସହ କଙ୍କାଳ ଜବତ ପାଇଁ ପୋଲିସ ପୁଣି ରିମାଣ୍ଡରେ ଆଣିବ ବୋଲି ଜଣାପଡ଼ିଛି। ଆହୁରି ମଧ୍ୟ ରଶ୍ମିତାଙ୍କୁ ମିଛ ଧରା ପରୀକ୍ଷା କରିବା ପାଇଁ ମଧ୍ୟ କୋର୍ଟରୁ ଅନୁମତି ଆଣିବେ। ଏହି ମିଛ ଧରା ପରୀକ୍ଷାରେ ରଶ୍ମିତା ସତ ଉଗାଳିବ ବୋଲି କୁହାଯାଉଛି।

# ଉଚ୍ଚଶିକ୍ଷା ସଚିବ ଅରବିନ୍ଦଙ୍କ ନାମରେ ଗିରଫ ପରୱାନା

## ହାଇକୋର୍ଟଙ୍କ ଆଦେଶ ଅବମାନନା

କଟକ,୨୦।୧(କାର୍ତ୍ତିକ ସାହୁ)

ହାଇକୋର୍ଟଙ୍କ ନିର୍ଦ୍ଦେଶ ଅବମାନନା କରିବା ଅଭିଯୋଗରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ସଚିବ ଅରବିନ୍ଦ ଅଗ୍ରୱାଲଙ୍କ ନାମରେ ହାଇକୋର୍ଟ ଗିରଫ ପରୱାନା ଜାରି କରିଛନ୍ତି। ହାଇକୋର୍ଟ ବିଚାରପତି ଦୀକ୍ଷିତ କୃଷ୍ଣ ଶ୍ରୀପଦ ଏ ସଂକ୍ରାନ୍ତୀୟ ମାମଲାର ଶୁଣାଣି କରି ଜାନୁଆରୀ ୨୨ ସୁଦ୍ଧା ସଚିବଙ୍କୁ ଅଦାଲତରେ ହାଜର କରାଇବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଆବେଦନକାରୀ ତପନ କୁମାର ପଟ୍ଟନାୟକଙ୍କ ଦ୍ୱାରା ରୁଜୁ ମାମଲାର ଶୁଣାଣିକରିହାଇକୋର୍ଟ୨୦୨୫ଜୁଲାଇ ୩୦ରେ ଉଚ୍ଚଶିକ୍ଷା ବିଭାଗର ସଚିବଙ୍କୁ ଏକ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୮ ସପ୍ତାହ ମଧ୍ୟରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶରେ କୁହାଯାଇଥିଲା। କିନ୍ତୁ ହାଇକୋର୍ଟଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ଆବେଦନକାରୀ ଅଦାଲତ ଅବମାନନା



ଅରବିନ୍ଦ ଅଗ୍ରୱାଲ

ମାମଲା ରୁଜୁ କରିଥିଲେ। ପୂର୍ବ ଶୁଣାଣି ସମୟରେ ସରକାରୀ ଓକିଲ ଅଦାଲତଙ୍କୁ ପ୍ରତିଶ୍ରୁତି ଦେଇଥିଲେ, ପରବର୍ତ୍ତୀ ଶୁଣାଣି ସୁଦ୍ଧା ଅନୁପାଳନ ରିପୋର୍ଟ ଦାଖଲ କରାଯିବ। ମାତ୍ର ବାରମ୍ବାର ସମୟ ଦିଆଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ହାଇକୋର୍ଟ ଏଭଳି କାର୍ଯ୍ୟକୁ ଗୁରୁତର ଅଦାଲତ ଅବମାନନା ବୋଲି ଅଭିହିତ କରିଛନ୍ତି। ଅପରପକ୍ଷରେ ଜାନୁଆରୀ ୨୨ ତାରିଖ ପୂର୍ବରୁ ଅଦାଲତଙ୍କ ନିର୍ଦ୍ଦେଶ ଅନୁପାଳନ କରାଯାଇ ରିପୋର୍ଟ ଦିଆଗଲେ ସଚିବଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ହାଇକୋର୍ଟ ମଧ୍ୟ ସ୍ପଷ୍ଟ କରିଛନ୍ତି।

## ଗଣଶିକ୍ଷା ସଚିବଙ୍କୁ ହାଜର ନିର୍ଦ୍ଦେଶ

କଟକ,୨୦।୧(କାର୍ତ୍ତିକ ସାହୁ)



ଡ. ଏମ୍. ଥିରୁମାଲା ନାଏକ

ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ ନ କରି ଅଡୁଆରେ ପଡ଼ିଛନ୍ତି ରାଜ୍ୟ ଗଣଶିକ୍ଷା ସଚିବ ଡ. ଏମ୍. ଥିରୁମାଲା ନାଏକ। ହାଇକୋର୍ଟ ବିଚାରପତି ଦୀକ୍ଷିତ କୃଷ୍ଣ ଶ୍ରୀପଦ ଏ ସଂକ୍ରାନ୍ତୀୟ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେବା ସହ ଜାନୁଆରୀ ୨୨ ସୁଦ୍ଧା ତାଙ୍କୁ ଅଦାଲତରେ ହାଜର କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ବେଣୁଧର ଦାସଙ୍କ ପକ୍ଷରୁ ଦାଏର ମାମଲାରେ ହାଇକୋର୍ଟ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ୨୦୨୫ ଅଗଷ୍ଟ ୨୨ରେ ହାଇକୋର୍ଟ ଏକ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁସାରେ, ୮ ସପ୍ତାହ ମଧ୍ୟରେ ନିଷ୍ପତ୍ତି ନେବାକୁ ରାଜ୍ୟ ଗଣ ଶିକ୍ଷା ସଚିବଙ୍କୁ କୁହାଯାଇଥିଲା। କିନ୍ତୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଏହାକୁ ନେଇ ଏକ ଅଦାଲତ ଅବମାନନା ମାମଲା ରୁଜୁ ହୋଇଥିଲା। ଅପରପକ୍ଷରେ ଅଦାଲତ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି, ଯଦି ଜାନୁଆରୀ ୨୨ ତାରିଖ ପୂର୍ବରୁ ଅଦାଲତଙ୍କ ନିର୍ଦ୍ଦେଶ ଅନୁପାଳନ କରାଯାଇ ରିପୋର୍ଟ ଦିଆଯାଏ, ତେବେ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ।

GOVERNMENT OF ODISHA, "e"- PROCUREMENT NOTICE

**OFFICE OF THE NOTIFIED AREA COUNCIL, DASPALLA**

1st Corrigendum on Tender Call Notice No.66 Dt.08.01.2026
Bid Identification No.NAC-Daspalla-(SAN)- 2025-26
No.194, Dt.20.1.2026

**No.C-2147:**Corrigendum hereby issued for Tender Call Notice No.66/ Dt.08.01.2026 for Sanitation Work of Daspalla NAC regarding extension of critical dates due to unavoidable circumstances.

1. Last Date of availability of Bid in site: Dt.27.01.2026 at 17.00 PM
2. Date & time of opening of Technical Bid: Dt.28.01.2026 at 11.00 A.M.
3. Date & time of opening of Financial Bid: Dt.05.02.2026 at 11.00 A.M.

**Bidders can access above notice in tender site (tendersodisha.gov.in).**
*** All other terms & conditions remain unaltered.**

Sd./- Executive Officer
Notified Area Council, Daspalla

OIPR-

**ZILLA SWASTHYA SAMITI, JHARSUGUDA**

Office of the CDM&PHO-cum-Dist. Mission Director,
Jharsuguda, Odisha- 768204

No.203/NHM/EIF/26 Dt:19.01.26

**TENDER CALL NOTICE**

**No.E-688:**Sealed tenders are invited from reputed registered firms/ agencies/ dealers/ Manufacturers for Supply of Equipment. Instrument & Furniture's (EIFs) different Health Facility of district- Jharsuguda under ZSS, Jharsuguda. The willing Agencies/ firms are requested to submit sealed Tenders on or before 03.02.2026 till 5.00 P.M. through speed post / registered post/ Courier only. The detailed Tender document and terms conditions is available in the district website www. jharsuguda.odisha.gov.in. This office will not entertain any tender after the due date/time fixed for in any circumstances. The undersigned reserves the right to reject any or whole RFP without assigning any reason thereof.

Sd./- CDM&PHO cum District
Mission Director, NHM, Jharsuguda

OIPR-

**OFFICE OF THE DIVISIONAL FOREST OFFICER**
**REDHAKHOL FOREST DIVISION**

Mobile No. : 9437054951, Email ID : dfo.redhakhol@odisha.gov.in

**TENDER CANCELLATION NOTICE**

**No.MM-** : The Tender for procurement of **"Leaf Blower (Petrol Operated)"** for the year 2025-26, issued by the **Divisional Forest Officer, Redhakhol Division** vide **Tender Call Notice dated 29.12.2025,** is **hereby cancelled** due to receipt of a **single qualified bidder at the financial bid stage.**

Fresh tender shall be invited shortly.

Sd./- Divisional Forest Officer,
Redhakhol Forest Division

OIPR-

GOVERNMENT OF ODISHA No.28

**OFFICE OF THE SUPERINTENDING ENGINEER, GANJAM (R&B) DIVISION NO. I, BERHAMPUR**

Phone / Fax : (0680) 2233683, e-mail : sernb1.ganjam@yahoo.com

**"e" Procurement Notice**

**Bid Identification No. SE R&B Divn. No.I Bam. 57/2025-26**

**Lr. No. 665** **Dated : 20.01.2026**

| | |
|---|---|
| Name of work | : Building & Road Works |
| No. of works | : 03 (Three) Nos |
| Estimated Cost | : Approximately Rs.02.82 to 8.50 Lakh |
| Period of Completion | : 1 (One) Month |
| Date and time of Availability of bid document in the portal | : From 10.00 hours of 27.01.2026 to 16.00 hours of 04.02.2026 |
| Last date / time for receipt of bids in the portal | : Upto 16.00 hours of 04.02.2026 |
| Name and address of the Officer inviting Bid | : Superintending Engineer, Ganjam (R&B) Division No.I, Berhampur |

Further details can be seen from the e-Procurement portal
https://tendersodisha.gov.in

Sd./- Superintending Engineer
Ganjam (R&B) Division No.I
Berhampur

OIPR-34001/34109/1/25-26/0001

**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, BALASORE**

No.A-1304

No.185, Dt.19.01.2026
'e' Procurement Notice
BID IDENTIFICATION No. SEMIDBLS-10/2025-26
e-mail ID: mibalasore@yahoo.co.in

The Superintending Engineer, Minor Irrigation Division, Balasore on behalf of the Governor of Odisha invites online percentage rate tender through "e" Procurement (Single Cover) for the works as detailed in the Annexure to this bid notice.

| | |
|---|---|
| Name of the Work: | Construction of Check Dams in different Blocks of Balasore & Bhadrak District under MATY Scheme for the year 2025-26 |
| No. of Works: | 03 (Three) Nos. only |
| Estimated Cost: | Varies from Rs.41.46 lakh to Rs.49.22 lakh (Approximately) |
| Cost of Tender Paper: | Rs.10,000/- (Non-Refundable) |
| Period of Completion | As Mentioned against work |
| Availability of bid documents for sale and receipt through online | From Dt.22.01.2026, 10.00 A.M. to dt.02.02.2026, upto 5.00 P.M. |
| Last date/time of receipt of bids in the portal | 02.02.2026 (5.00 PM) |
| Date of Opening of Technical Bid through online | On dt.03.02.2026 at 11.00 AM in the Office of the S.E., M.I. Division, Balasore |
| Mode of payment of Bid Cost | Online |
| Digital Signature Certificate of Bidder: | The Bidder must possess compatible digital signature certificate (DSC) of Class-II or Class-III |
| The detail tender call notice can also be seen in the DOWR website http:/dowrorissa.gov.in | |
| Name & Address of the OIT: | Superintending Engineer, Minor Irrigation Division, Balasore, At/Po/District-Balasore, Ph.No./Fax No.-06762-224461, Email ID: mibalasore@yahoo.co.in |
| Further details can be seen from the e-market place website www.tendersodisha.gov.in/District NIC Portal (baleswar.nic.in) | |

**Note: Corrigendum/ Addendum/ Modifications/ Additions if any can be seen through online only.**

**Sd./- Superintending Engineer,**
**M.I. Division, Balasore**

OIPR-

"e" PROCUREMENT NOTICE

**JAJPUR MUNICIPALITY : JAJPUR**

**Tender Call Notice No. : 165/Date : 19.01.2026**

**No.C-2137** : Bid documents consisting of the schedule of quantities and the set of Terms & Conditions of contract and other necessary documents can be seen in the Government Website i.e. **www.tendersodisha.gov.in**

| | | |
|---|---|---|
| 1. | Name of work | : Road, Drain & Other Civil works |
| 2. | No. of works | : 14 (Fourteen) Nos. |
| 3. | Bid Value | : Rs.423728/- to Rs.2794067/- |
| 4. | Bid Id | : JM-08/2025-26 |
| 5. | Tender Id | : 2026_ORULB_124819_01 & 2026_ORULB_124819_14 |
| 6. | Period of Completion | : 30 Days to 60 Days |
| 7. | Date of availability of Bid documents in the portal | : From 05.00 P.M. of Dt.21.01.2026 to 02.02.2026 up to 5.00 P.M. |
| 8. | Last Date for receipt of Bids in the portal | : Dt.02.02.2026 up to 5.00 P.M. |
| 9. | Bids received online shall be opend on | : Dt.5.02.2026 at 11.00 A.M. |
| 10. | Name & address of the officer inviting Bid | : Executive Officer, Jajpur Municipality |

All other terms and conditions are available in the DTCN & BOQ uploaded in the above website

Sd./- Executive Officer,
Jajpur Municipality

OIPR/-

**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 477/P.S.C., Dt. 20.01.2026**
**(1R-15-24/25)(DR-V)**

**Assistant Professor (Stage-I) in Physics**
**(Advertisement No.27 of 2023-24)**

**No.A-1314** : It is for information of all concerned that, Document Verification of **22 (twenty two)** candidates having **PPSAN** mentioned below for the post of **Assistant Professor (Stage-I) in "Physics",** pursuant to Advertisement No.27 of 2023-24 shall be held **on 29.01.2026** as per the following programme in the Office of the Commission at 19, Dr. P. K. Parija Road, Cuttack - 753001

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 29.01.2026 | 10.30 A.M. | P240298571, P240303716, P230178908, P230176658, P230176194, P220088058, P230182952, P230176570, P240303392, P240304804, P240305443, P240297181, P220076468, P230186982 & P230187960 = **15 Candidates** |
| | 2.30 P.M. | P230185904, P230187158, P230173088, P240311747, P220059149, P230173953 & P230183843 = **07 Candidates** |

The candidates are required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. **www.opsc.gov.in**.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR- **Sd./- Secretary**

**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 471/P.S.C., Dt. 20.01.2026**
**(1R-04-24/25)(DR-V)**

**Assistant Professor (Stage-I) in Computer Science**
**(Advertisement No.27 of 2023-24)**

**No.A-1315** : It is for information of all concerned that, Document Verification of **01 (One)** candidate having **PPSAN** mentioned below for the post of **Assistant Professor (Stage-I) in "Computer Science",** pursuant to Advertisement No.27 of 2023-24 shall be held **on 29.01.2026** as per the following programme in the Office of the Commission at 19, Dr. P. K. Parija Road, Cuttack - 753001

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 29.01.2026 | 2.30 P.M. | P240303535 = **01 Candidate** |

The candidate is required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. **www.opsc.gov.in**.

The candidate is advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note:** It is also made clear that the candidature of the candidate for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR- **Sd./- Secretary**

ODISHA

**STATE POLLUTION CONTROL BOARD, ODISHA**

**(DEPARTMENT OF FOREST, ENVIRONMENT & CLIMATE CHANGE, GOVERNMENT OF ODISHA)**
**Paribesh Bhawan, A/118, Nilakantha Nagar, Unit-VIII, Bhubaneswar- 751012, INDIA**
**Tel: 2562368/2653810, E-mail: paribesh1@ospcboard.org, Website: https://ospcboard.odisha.gov.in**

**No.835/ I-ESTT/ Misc/ 208/2024** **Date:20.01.2026**

**RECRUITMENT TO DIFFERENT POSTS IN GROUP- "B" & "C" OF SPC BOARD, ODISHA**

**WEBSITE: https://ospcboard.odisha.gov.in**

No.CAD-3070:Online applications are invited from the prospective candidates through the Proforma Application Form to be made available on the website https://ospcboard.odisha.gov.in. **The link for registration / re-registration shall be made available from Dt.21.01.2026 11.00 A.M. to Dt 11.02.2026 till 5.30 P.M. is the last date for submission of Registered Online Application** for direct recruitment, through a selection procedure which include written test (CBT mode) and personal interview for the following posts. The vacancy position, pay level & essential qualification are as detailed below :

For any technical guidance on filling up of Online Application Form, the candidates may contact Help Desk over **Toll Free Telephone Number 02261087548** between **10.00 A.M to 5.30 P.M** from Monday to Saturday except Sunday and Public Holidays.

| Sl. No. | Name of the Post | Reservation Quota | | Total Posts | Pay Level | Essential Qualification |
|---|---|---|---|---|---|---|
| 1 | Assistant Env. Engineer (Group-B) Level-10 | ST-06 (W-02) | SC-04 (W-01) | 25 | Level-10 Cell-1 Rs.44,900/- to Rs.1,42,400/- | Bachelor Engineering (BE)/ Bachelor Technology (B.Tech)/ Associate Member of Institution of Engineers (AMIE) (Section A & B) in the following streams /subject. Civil Engineering / Chemical Engineering/ Computer Science & Engineering / IT/ Mining Engineering/ Mechanical Engineering and Electronic & Instrumentation Engineering and Environmental Engineering |
| | | SEBC-03 (W-01) | UR-12 (W-04) | | | |
| 2 | Assistant Env. Scientist (Group-B) Level-10 | ST-03 (W-01) | SC-02 (W-01) | 15 | Level-10 Cell-1 Rs.44,900/- to Rs.1,42,400/- | M.SC. in the following streams / subject Chemistry / Geology & Geophysics / Statistics / Life Science / Environmental Science & Engineering / Environmental Science |
| | | SEBC-02 (W-01) | UR-8 (W-03) | | | |
| 3 | Senior Scientific Assistant (Group-B) Level-09 | ST-01 | SC-01 | 05 | Level-9 Cell-1 Rs.35,400/- to Rs.1,12,400/- | M.Sc. in / Chemistry / Life Science / Env. Science/ Marine Biology / Botany/ Zoology / Biotechnology / Microbiology) from recognized University |
| | | SEBC-01 | UR-02 (W-1) | | | |
| 4 | Junior Laboratory Assistant (Group-C) Level-04 | ST-08 (W-3) | SC-05 (W-1) | 28 | Level-4 Cell-1 Rs.19,900/- to Rs.63,200/- | B.Sc. pass (Physics/ Chemistry/ Botany/ Zoology/ Biotechnology/ Microbiology) from recognized University |
| | | SEBC-03 (W-1) | UR-12 (W-3) | | | |
| 5 | Accountant (Group-B) Level-09 | ST-01 | UR-02 (W-1) | 03 | Level-9 Cell-1 Rs.35,400/- to Rs.1,12,400/- | B.Com pass from a recognized university / Institution and ICWA/ CA inter with Completed Eight years working experience in Govt. Agency, PSU, Statutory Board/Corporation |
| 6 | Junior Accountant (Group-C) Level-04 | ST-04 (W-2) | SC-02 (W-1) | 16 | Level-4 Cell-1 Rs.19,900/- to Rs.63,200/- | B.Com pass from a recognized university / Institution with PGDCA on computer applications and proficiency in Tally Software. |
| | | SEBC-02 (W-1) | UR-08 (W-3) | | | |
| 7 | Junior Assistant (Group-C) Level-04 | ST-03 (W-1) | SC-02 (W-1) | 15 | Level-4 Cell-1 Rs.19,900/- to Rs.63,200/- | Graduate in any discipline from a recognized university / Institute with PGDCA on computer applications |
| | | SEBC-02 | UR-08 (W-3) | | | |
| 8 | Assistant Section Officer (Group-B) Level-09 | ST-01 | SC-01 | 06 | Level-9 Cell-1 Rs.35,400/- to Rs.1,12,400/- | Graduate in any discipline from a recognized university/ institution with PGDCA on computer applications and 5 years working experience in Govt. agency, PSU, Statutory Board/ Corporation |
| | | SEBC-01 | UR-03 (W-1) | | | |
| | | GRAND TOTAL | | 113 | | |

Candidate must have attained the age of 21 years and must not be above the age of 42 years as on the **1st day of January 2026.** The upper age limit is relaxable by 05 (five) years for candidates belonging to SC /ST / SEBC / Women / Ex-Serviceman and by 10 (ten) years for PWDs whose permanent disability is 40% or more. Persons with disabilities belonging to SC / ST /SEBC categories are eligible for cumulative age relaxation benefit. The age relaxation for SPC Board's, Odisha, internal candidates will be the number of years put by the candidates in their respective posts. In the case of a candidate who is or was holding a post under the State or Central Government or Local Authority or Corporation established by a State Act or a Central Act or established by the Government under a State Act or Central Act and owned or controlled by the Government, by the number of years during which he is or was holding such post or five year whichever is less;

In the event of non-availability of sufficient number of eligible women candidates belonging to any particular category, the vacancies or the remaining vacancies will be filled up by the male candidates of that category.

The candidates are required to visit the website https://ospcboard.odisha.gov.in of the **SPC Board, Odisha** for detailed informations, method of selection, place, date & time of written examination / document verification / interview, other important notices etc. The candidates also keep track of publication of various notices to the effect in the leading local daily Newspapers for information. The Online Applications if found defective in any respect is liable to be summarily rejected.

**State Pollution Control Board, Odisha reserves the right to cancel the recruitment process at any stage without prior notice.**

OIPR- **Sd./- MEMBER SECRETARY**

**ଜଙ୍ଗଲରୁ ହାତୀର ଗଳିତ ମୃତଦେହ ଜବତ**

ଦେବଗଡ଼,୨୦।୧(ଶଶାଙ୍କ ଶେଖର ଝାଙ୍କର): ଦେବଗଡ଼ ରେଞ୍ଜ୍ ଅନ୍ତର୍ଗତ ଜଗଡାଳା ଗ୍ରାମ ନିକଟ କଂସର ସଂରକ୍ଷିତ ଜଙ୍ଗଲରୁ ମଙ୍ଗଳବାର ଏକ ହାତୀର ଗଳିତ ମୃତଦେହ ଜବତ କରାଯାଇଛି। ହାତୀ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବାବେଳେ ବୟସ ଦେଢ଼ରୁ ୨ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ସୂଚନା ଅନୁଯାୟୀ, ହାତୀର ଗଳିତ ମୃତଦେହ ଜଙ୍ଗଲରେ ପଡ଼ିଥିଲା। ଗ୍ରାମବାସୀ ଏ ସମ୍ପର୍କରେ ବନ ବିଭାଗକୁ ଜଣାଇଥିଲେ। ଦେବଗଡ଼ ରେଞ୍ଜର ସମସ୍ତ ବନ କର୍ମଚାରୀ ଏବଂ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହାତୀ ମୃତ୍ୟୁର କାରଣ ଜଣାପଡିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।



# ପ୍ରାଥମିକ ଶିକ୍ଷା: ଖାଲିପଡ଼ିଛି ୧୬,୯୭୩ ଶିକ୍ଷକ ପଦବୀ

**ଭୁବନେଶ୍ୱର,୨୦।୧ (ସୁଚିସ୍ମିତା ସାହୁ)**

ରାଜ୍ୟରେ ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ ଓ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରତି ଆକର୍ଷଣ କରିବା ପାଇଁ ଖାତା, ବହି, ମଧ୍ୟାହ୍ନଭୋଜନଠାରୁ ଆରମ୍ଭ କରି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଇଛି। ହେଲେ ଛାତ୍ରୀଛାତ୍ରଙ୍କୁ ଯେଭଳି ଗୁଣାତ୍ମକ ଶିକ୍ଷା ମିଳିବା କଥା, ତାହା ବାସ୍ତବକ୍ଷେତ୍ରରେ ହୋଇପାରୁନାହିଁ। କେଉଁଠି ଶିକ୍ଷକ ତ ଆଉ କେଉଁଠାରେ ପ୍ରଧାନ ଶିକ୍ଷକ ପଦବୀ ଖାଲିପଡ଼ିଛି। ସେହିପରି ଅନେକ ବ୍ଲକରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ(ଏବିଇଓ) ପଦବୀ ଖାଲିରହିଛି। ଏଥିଯୋଗୁ ପିଲାଙ୍କ ଭବିଷ୍ୟତ ଓ ପାଠପଢ଼ାକୁ ନେଇ ଅଭିଭାବକମାନେ ଚିନ୍ତା ବ୍ୟକ୍ତ କରିଛନ୍ତି।

ସୂଚନା ଅନୁଯାୟୀ, ରାଜ୍ୟରେ ୧ଲକ୍ଷ ୩୫ହଜାର ୬୫୬ଟି ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବୀ ରହିଛି। ସେଥିମଧ୍ୟରୁ ୧ ଲକ୍ଷ ୧୮ ହଜାର ୬୮୩ଟି ପଦବୀ ପୂରଣ ହୋଇଥିବାବେଳେ ୧୬ହଜାର ୯୭୩ଟି ଖାଲିପଡ଼ିଛି। ସେହିପରି ଏବିଇଓ ପାଇଁ ୯୪୮ଟି ଅନୁମୋଦନ ପଦବୀ ରହିଥିଲେ ହେଁ କେବଳ ୫୨୧ଟି ପଦବୀ ପୂରଣ ହୋଇଛି। ଅବଶିଷ୍ଟ ୪୨୭ଟି ପଦବୀ ଖାଲି ରହିଥିବା ବିଭାଗୀୟ ତଥ୍ୟରୁ ଜଣାପଡ଼ିଛି। ଏପରିକି ଲେଭଲ-୫(ବି) ବରିଷ୍ଠ ଶିକ୍ଷକ ପାଇଁ ସରକାରଙ୍କ ପକ୍ଷରୁ ୩୩,୩୯୮ଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବାବେଳେ ୨୨,୨୩୯ ଜଣ ଶିକ୍ଷକ କାର୍ଯ୍ୟରତ ଅଛନ୍ତି। ୧୧,୧୫୯ ପଦବୀ ଖାଲିରହିଛି। ସେହିପରି ଲେଭଲ-୪ ଗ୍ରାଜୁଏଟ ଟିଚର (ବିଜ୍ଞାନ)ରେ ୧୭,୬୯୬ଟି ଅନୁମୋଦିତ ଶିକ୍ଷକ ପଦବୀ ରହିଛି। ସେଥିରୁ ୩୩୦୫ଟି ପଦବୀ ପୂରଣ ହୋଇଥିବାବେଳେ ୧୪,୩୯୧ଟି ଖାଲି ଅଛି। ଲେଭଲ-୪ ଗ୍ରାଜୁଏଟ ଟିଚର (କଳା)ରେ ୧୭,୬୯୬ଟି ଅନୁମୋଦିତ ଶିକ୍ଷକ ପଦବୀରୁ ୧୦,୭୦୬ଟି ପଦବୀରେ ଶିକ୍ଷକ ଥିବା ବେଳେ ୬୯୯୦ଟି ପଦ ଖାଲିରହିଛି। ଲେଭଲ-୪ ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ନିମନ୍ତେ ଅନୁମୋଦିତ ୧୫,୭୭୨ଟି ପଦବୀ ମଧ୍ୟରୁ ୯,୧୫୮ଟିରେ ଶିକ୍ଷକ ଥିବାବେଳେ ୬,୬୧୪ଟି ପଦ ଖାଲି ରହିଛି। ସେହିପରି ଲେଭଲ-୩ ଉଚ୍ଚ ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷକ ପାଇଁ ୧୭,୬୯୬ଟି ପଦବୀରୁ ୪୦୬୪ଟି ପୂରଣ ହୋଇଥିବା ବେଳେ ୧୩,୬୩୨ଟି ପଦବୀ ଶୂନ୍ୟ ପଡ଼ିଛି। ଲେଭଲ-୩ ପ୍ରାଥମିକ ସ୍କୁଲର ବରିଷ୍ଠ ପ୍ରଧାନ ଶିକ୍ଷକ ପଦବୀ ୧୦୭୩ଟି ମଧ୍ୟରୁ ୨୯୮ଟି ପୂରଣ ହୋଇଥିବା ବେଳେ ୭୭୫ଟି ଖାଲି ପଡ଼ିଛି। ସୂଚନା ମୁତାବକ, ରାଜ୍ୟରେ ମୋଟ ୪୧,୩୪୨ଟି ପ୍ରାଥମିକ ବିଦ୍ୟାଳୟ ରହିଛି। ସେଥିରୁ ୨୬,୪୫୪ଟି ସରକାରୀ ପ୍ରାଥମିକ ବିଦ୍ୟାଳୟ ହୋଇଥିବାବେଳେ ୧୪,୮୮୮ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଏଥିସହ ରାଜ୍ୟରେ ୩,୯୯୨ଟି ବେସରକାରୀ ବିଦ୍ୟାଳୟ ଚାଲିଛି। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକସ୍ତରରେ ୧ଲକ୍ଷ ୬୧ହଜାର ୨୫୬ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ମୋଟ ୫୩ ଲକ୍ଷ ୭୬ହଜାର ୫୫୬ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରୁଛନ୍ତି। ଏଥିସହ ୪,୫୫୯ ଜଣ ସିଆର୍‌ସିସି ଶିକ୍ଷା ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛନ୍ତି।



ଦେବଗଡ଼ ଜିଲା ରିଆମାଳ ଟିଙ୍କବୀର ବିଟ୍‌ହାଉସ୍ ଅନ୍ତର୍ଗତ ବରନାଳି ଗ୍ରାମର ଏକ କୂଅରେ ଫସି ରହିଥିବା ୩ ହାତୀ।

## କୂଅରୁ ୩ ହାତୀ ଉଦ୍ଧାର

**ଦେବଗଡ଼,୨୦।୧ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ରିଆମାଳ ବନାଞ୍ଚଳ ରେଙ୍ଗାଲବେଡ଼ା ଫରେଷ୍ଟ ସେକ୍ସନ ଟିଙ୍କବୀର ବିଟ୍‌ହାଉସ୍ ଅନ୍ତର୍ଗତ ବରନାଳି ଗ୍ରାମର ଏକ କୂଅରୁ ମଙ୍ଗଳବାର ୩ଟି ହାତୀ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ଅପରାହ୍ନରେ ୧୮ ଟିକିଆ ହାତୀପଲ ବରନାଳି ଗ୍ରାମ ଦେଇ ଯାଉଥିଲେ। ସେମାନଙ୍କ ମଧ୍ୟରୁ ୩ଟି ହାତୀ ବରନାଳି ଗ୍ରାମର ଏକ କୂଅରେ ପଡି ଗର୍ଜନ କରିଥିଲେ। ଗ୍ରାମବାସୀ ଏ ସମ୍ପର୍କରେ ବନ ବିଭାଗକୁ ସୂଚନା ଦେଇଥିଲେ। ରିଆମାଳ ବନାଞ୍ଚଳ ଅଧିକାରୀ ନିରଞ୍ଜନ ଧରୁଆ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଜେସିବି ସାହାଯ୍ୟରେ ଉକ୍ତ କୂଅରୁ ମାଟି ଖୋଳିବା ବ୍ୟବସ୍ଥା କରିବା ପରେ ହାତୀ ତିନୋଟି ସୁରକ୍ଷିତ ଭାବେ ବାହାରକୁ ଆସି ନିକଟସ୍ଥ ଜଙ୍ଗଲକୁ ଚାଲିଯାଇଥିଲେ।

## ଢେଙ୍କାନାଳ ଜେଲରେ ଏଆଇ କ୍ୟାମେରା

**ରାଜ୍ୟରେ ପ୍ରଥମ**

**ଢେଙ୍କାନାଳ,୨୦।୧(ରତନ ନାୟାର)**

ଜେଲ ବିଭାଗ ପକ୍ଷରୁ ପାଇଲଟ୍ ପ୍ରୋଜେକ୍ଟ ଭାବରେ ଢେଙ୍କାନାଳର ଶତାଧିକ ବର୍ଷ ପୁରୁଣା ଜିଲା କାରାଗାରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ୟାମେରା ସଂଲଗ୍ନ କରାଯାଇଛି। ଜେଲ ଡିଆଇଜି (ପ୍ରିଜନ୍ସ) ବୀରେନ ସାହୁ ଏହାକୁ ଉଦ୍‌ଘାଟନ କରିଛନ୍ତି । ଜିଲା କାରାଗାର ଚତୁଃପାର୍ଶ୍ୱରେ ଥିବା ସୁରକ୍ଷା ପ୍ରାଚୀରରେ ୧୬ଟି ଏଆଇ କ୍ୟାମେରା ଲଗାଯାଇଛି । ୪ଟି ୱାଚ୍‌ଟାୱାର ଉପରେ ସୁରକ୍ଷା ପାଇଁ ଜେଲ କର୍ମଚାରୀଙ୍କୁ ମଧ୍ୟ ନିୟୋଜିତ କରାଯାଇଛି । ଜେଲ ସୁପରିଣ୍ଟେଣ୍ଡେଣ୍ଟ ହେମନ୍ତ କୁମାର ସେଠୀଙ୍କ ସୂଚନା ମୁତାବକ, ଜେଲ ମଧ୍ୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ରାଜ୍ୟରେ ପ୍ରଥମ କରି ପାଇଲଟ୍ ପ୍ରୋଜେକ୍ଟ ଭାବେ ଢେଙ୍କାନାଳ ଜିଲା ଜେଲରେ ଏଆଇ କ୍ୟାମେରା ଲଗାଯାଇଛି। ଏହାଦ୍ୱାରା ବାହାରୁ କିମ୍ବା ଭିତରୁ ଯଦି କେହି କିଛି ସାମଗ୍ରୀ ଫୋପାଡ଼ନ୍ତି, ତେବେ ଏଥିରେ ଥିବା ସାଇରନ ବାଜି ସମସ୍ତଙ୍କୁ ଆଲର୍ଟ କରିଦେବ । ସେହିପରି ଏଆଇ କ୍ୟାମେରା ପାଖାପାଖି ପକ୍ଷୀ କିମ୍ବା ଯିଏବି ଯିବ ତୁରନ୍ତ ସାଇରନ ବାଜି ଆଲର୍ଟ କରିବ। ଢେଙ୍କାନାଳ ଜିଲା ଜେଲରେ ଏହା ଫଳପ୍ରଦ ହେଲେ ରାଜ୍ୟର ଅନ୍ୟ ଜେଲରେ ଏହାକୁ ଲଗାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଶାସନର ମୂଳାଧାର ଉତ୍ତରଦାୟିତ୍ୱ: ବାଚସ୍ପତି



**ଭୁବନେଶ୍ୱର,୨୦।୧ (ରବିନାରାୟଣ ଜେନା)**

ଗଣତାନ୍ତ୍ରିକ ଶାସନର ମୂଳାଧାର ହେଉଛି ଉତ୍ତରଦାୟିତ୍ୱ। ଉତ୍ତରଦାୟିତ୍ୱ ମାଧ୍ୟମରେ ହିଁ ବିଧାନସଭା ସବୁସମୟରେ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବାରେ ସକ୍ଷମ ହୋଇଥାଏ ବୋଲି ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ପ୍ରକାଶ କରିଛନ୍ତି। ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ଆୟୋଜିତ ୮୬ତମ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀରେ 'ଜନସାଧାରଣଙ୍କ ପ୍ରତି ବିଧାନସଭାର ଉତ୍ତରଦାୟିତ୍ୱ' ଶୀର୍ଷକ ଆଲୋଚନାରେ ନିଜର ସୁଚିନ୍ତିତ ଅଭିବ୍ୟକ୍ତି ଉପସ୍ଥାପନ କରି ବାଚସ୍ପତି କହିଲେ, ଉତ୍ତରଦାୟିତ୍ୱ ହିଁ ସମ୍ବିଧାନର ସାର୍ବଭୌମତ୍ୱକୁ ବଜାୟ ରଖେ। ବିଧାନସଭା କେବଳ ଏକ ଆଇନ ପ୍ରଣୟନକାରୀ ସଂସ୍ଥା ନୁହେଁ, ଏହା ବିଚାରବିମର୍ଶ, ତର୍କ-ବିତର୍କ, ଜନସାଧାରଣଙ୍କ ପ୍ରତିନିଧିତ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ। ଗଣତାନ୍ତ୍ରିକ ଅନୁଷ୍ଠାନର ସଂରକ୍ଷକ ଭାବେ ଆମେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରୁଛୁ। ଉତ୍ତରଦାୟିତ୍ୱ କେବଳ ଏକ ପ୍ରକ୍ରିୟାକରଣ ଆବଶ୍ୟକତା ନୁହେଁ, ବରଂ ନୈତିକ ଏବଂ ସାମ୍ବିଧାନିକ ଦାୟିତ୍ୱ ତୁଲାଇବା ଦିଗରେ ଏକ ସ୍ୱଚ୍ଛ ଓ ଅନ୍ତର୍ଭୁକ୍ତିମୂଳକ ପଦକ୍ଷେପ।

ବାଚସ୍ପତି ପୁଣି କହିଥିଲେ, ବିଧାନସଭା କାର୍ଯ୍ୟକ୍ରମର ଡିଜିଟାଲ ପ୍ରସାର ଉଭୟ ଗୃହ ଓ ଜନସାଧାରଣଙ୍କ ମଧ୍ୟରେ ଏକ ପ୍ରଭାବଶାଳୀ ସମ୍ପର୍କ ସ୍ଥାପନ କରିବା ସହ ଏଭଳି ଗଣତାନ୍ତ୍ରିକ ଅନୁଷ୍ଠାନ ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ଦୃଢ଼ୀଭୂତ କରିପାରିଛି। ତେବେ ବିଧାନସଭାରେ ବଢୁଥିବା କାର୍ଯ୍ୟଚାପକୁ ଦୃଷ୍ଟିରେ ରଖି ମାନବସମ୍ବଳ କ୍ଷମତାକୁ ବୃଦ୍ଧି କରାଯିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ଉତ୍ତରପ୍ରଦେଶ ବିଧାନସଭାର ବାଚସ୍ପତି ସତୀଶ୍ ମହାନା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଲୋକ ସଭାର ବାଚସ୍ପତି ଓମ୍ ବିର୍ଲା ଉଦ୍‌ଘାଟନୀ ଅଭିଭାଷଣ ରଖିଥିଲେ। ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦିବେନ୍ ପଟେଲ ଉପସ୍ଥିତ ପ୍ରତିନିଧିମାନଙ୍କୁ ସମ୍ବୋଧିତ କରିଥିଲେ। ବିରୋଧୀ ଦଳ ନେତା ମାତା ପ୍ରସାଦ ପାଣ୍ଡେ ନିଜର ଅଭିବ୍ୟକ୍ତି ଉପସ୍ଥାପନ କରିଥିଲେ। ଶେଷରେ ଉତ୍ତରପ୍ରଦେଶ ବିଧାନ ପରିଷଦ ଅଧ୍ୟକ୍ଷ କୁଅଁର ମାନବେନ୍ଦ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଲକ୍ଷ୍ନୌ ବିଧାନ ପରିଷଦ ସଭାକକ୍ଷରେ ପୃଥକ୍ ଭାବେ ବିଧାନସଭା ସଚିବମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କ ସହିତ ବିହାର, ଆସାମ, ତେଲଙ୍ଗାନା, ଗୁଜରାଟ, କର୍ଣ୍ଣାଟକ, କଶ୍ମୀର ପ୍ରଭୃତି ରାଜ୍ୟର ବିଧାନସଭା ସଚିବମାନେ ସାମିଲ ଥିଲେ। ସୂଚନାଯୋଗ୍ୟ, ଲକ୍ଷ୍ନୌଠାରେ ୮୬ତମ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ ଓ ୬୨ତମ ବିଧାନସଭାର ସଚିବମାନଙ୍କ ସମ୍ମିଳନୀ ଜାନୁଆରୀ ୧୯ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ପ୍ରମୁଖ ଯୋଗଦେଇଛନ୍ତି।

**ଲକ୍ଷ୍ନୌଠାରେ ସର୍ବଭାରତୀୟ ବାଚସ୍ପତି ଓ ସଚିବମାନଙ୍କ ସମ୍ମିଳନୀ**

## ଧାନକିଣା ଅବ୍ୟବସ୍ଥାକୁ ନେଇ ସରକାରଙ୍କୁ କଂଗ୍ରେସର ଟାର୍ଗେଟ

**ଭୁବନେଶ୍ୱର,୨୦।୧ (ରବିନାରାୟଣ ଜେନା)**

ଚଳିତବର୍ଷ ଧାନକିଣାରେ ହୋଇଥିବା ଅବ୍ୟବସ୍ଥାକୁ ନେଇ କଂଗ୍ରେସ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛି। ମଙ୍ଗଳବାର ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ତଥା ପିସିସି ସମବାୟ ପ୍ରକୋଷ୍ଠର ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି, ଚଳିତ ଖରିଫ୍‌ରେ ଚାଷୀ ନିଜର ଆବଶ୍ୟକତା ପାଇଁ ଧାନ ରଖିବା ପରେ ପ୍ରାୟ ୧୦୦ ଲକ୍ଷ ମେଟ୍ରିକ୍ ଟନ୍‌ରୁ ଊର୍ଦ୍ଧ୍ୱ ଧାନ ଅମଳ କରିଥିବା ଆକଳନ କରାଯାଉଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଶାସନକୁ ଆସିବା ପାଇଁ ଭାଜପା ନିର୍ବାଚନୀ ପ୍ରତିଶ୍ରୁତିରେ ୨୩ଶହ ଟଙ୍କାର ଏମ୍ଏସ୍‌ପି ସହିତ ୮୦୦ ଟଙ୍କା ଇନ୍‌ପୁଟ ସହାୟତା ଦେଇ ସବୁ ଧାନ କିଣିବାକୁ ଚାଷୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲା। କଟ୍‌ନି ଛଟ୍‌ନି କରା ନ ଯାଇ ବ୍ୟବସ୍ଥିତ ଢଙ୍ଗରେ ଧାନ କିଣାଯିବ ବୋଲି ଦଳ ପ୍ରତିଶ୍ରୁତି ଦେଇଥିଲେ ହେଁ ତାହା ବିଫଳ ହୋଇଛି।

ସେ ଆହୁରି କହିଛନ୍ତି, ଚଳିତବର୍ଷ ଧାନ ବିକ୍ରି ନିମନ୍ତେ ୧୯ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ। ମାତ୍ର ପରବର୍ତ୍ତୀ ପର୍ଯ୍ୟାୟରେ ତ୍ରୁଟି ଦର୍ଶାଯାଇ ୧୭ ଲକ୍ଷ ୮୮ ହଜାର ୮୮୦ ଜଣଙ୍କୁ ଯୋଗ୍ୟ ବିବେଚିତ କରାଗଲା। ହେଲେ ଏପର୍ଯ୍ୟନ୍ତ ମାତ୍ର ୫ ଲକ୍ଷ ୫୨ ହଜାର ୩୮୦ ଚାଷୀଙ୍କଠାରୁ ୨୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣାଯାଇଛି। ଉପକୂଳବର୍ତ୍ତୀ ଜିଲା ପୁରୀ, ଭଦ୍ରକ, ଜଗତ୍‌ସିଂହପୁରରେ ମଣ୍ଡି ଖୋଲିନାହିଁ। ସରକାର ଓ ମିଲର୍ସଙ୍କ ସଲାସୁତରା ଯୋଗୁ ଚାଷୀମାନେ ନାନା ହଇରାଣ ହେଉଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଚାଷୀଙ୍କ ପାଇଁ କଟା ଘା'ରେ ଚୂନ ସଦୃଶ ମନ୍ତବ୍ୟ ଦେଇଛନ୍ତି। ଯେଉଁ ଚାଷୀ ୧୫୦ କୁଇଣ୍ଟାଲରୁ ଅଧିକ ଧାନ ବିକ୍ରି କରିବେ, ସେମାନଙ୍କୁ ୮ଶହ ଟଙ୍କା ଇନ୍‌ପୁଟ ସହାୟତା ଦିଆଯିବ ନାହିଁ ବୋଲି କହିଛନ୍ତି। ଧାନକିଣା ପ୍ରକ୍ରିୟାରେ ସରକାରଙ୍କର ଆଦୌ ତତ୍ପରତା ଓ ସ୍ୱଚ୍ଛତା ନାହିଁ ବୋଲି ପଟ୍ଟନାୟକ କହିଛନ୍ତି। ଯଦି ବ୍ୟବସ୍ଥିତ ଢଙ୍ଗରେ ସରକାର ତୁରନ୍ତ ଚାଷୀଙ୍କଠାରୁ ସବୁ ବଳକା ଧାନ ନ କିଣନ୍ତି, ତେବେ ସାରା ରାଜ୍ୟରେ ଚାଷୀ ଆନ୍ଦୋଳନକୁ କଂଗ୍ରେସ ପକ୍ଷରୁ ଦୁର୍ବାର କରାଯିବ ବୋଲି ପଟ୍ଟନାୟକ ଚେତାବନୀ ଦେଇଛନ୍ତି।

## ଭିତରକନିକାରେ ବଢ଼ିଲେ ୧,୧୪୮ ବିଦେଶୀପକ୍ଷୀ



**ରାଜନଗର, ୨୦।୧ (ଭାସ୍କର ରାଉତରାୟ)**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଭିତରକନିକା ଜାତୀୟ ଉଦ୍ୟାନରେ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଗତ ୧୮ ତାରିଖରେ ବନ ବିଭାଗ ପକ୍ଷରୁ ହୋଇଥିବା ଗଣନା ରିପୋର୍ଟ ମଙ୍ଗଳବାର ପ୍ରକାଶ ପାଇଛି। ଗତବର୍ଷ ଭିତରକନିକାରେ ୧,୫୧,୬୧୪ଟି ପକ୍ଷୀ ଆସିଥିବବେଳେ ଚଳିତବର୍ଷ ୧,୫୨,୭୬୨କୁ ବୃଦ୍ଧି ପାଇଛି। ଅର୍ଥାତ୍ ଗତବର୍ଷଠାରୁ ଚଳିତବର୍ଷ ଭିତରକନିକାକୁ ୧,୧୪୮ ପକ୍ଷୀ ଅଧିକ ଆସିଛନ୍ତି। ଭିତରକନିକାରେ ଗତ ୪ ବର୍ଷ ହେଲା ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଉଥିଲେ ମଧ୍ୟ ପ୍ରଜାତି ସଂଖ୍ୟା କ୍ରମାଗତ ଭାବେ କମିବାରେ ଲାଗିଛି। ୨୦୨୩ରେ ୧୩୯ ପ୍ରଜାତିର ବିଦେଶୀ ପକ୍ଷୀ ଭିତରକନିକାକୁ ଆସିଥିବାବେଳେ ୨୦୨୪ରେ ୧୨୧, ୨୦୨୫ରେ ୧୧୮ ଓ ଚଳିତବର୍ଷ ୧୦୬ ପ୍ରଜାତିର ବିଦେଶୀ ପକ୍ଷୀ ଆସିଥିବା ଜଣାପଡିଛି। ଚଳିତବର୍ଷ ଭିତରକନିକାରେ ଗ୍ରେଟ୍ ବିଟର୍ନ ଜାତୀୟ ପକ୍ଷୀଙ୍କୁ ପ୍ରଥମଥର ପାଇଁ ଦେଖିବାକୁ ମିଳିଛି। ଗହୀରମଥା ଅଞ୍ଚଳରେ ଏହି ପକ୍ଷୀଙ୍କୁ ଦେଖିବାକୁ ମିଳିଛି। ଚଳିତବର୍ଷ ଭିତରକନିକାରେ କମନସେଲ ଡକ, କମନ ଟିଲ, ଆବୋସେଟ ଓ ଗଡୱିକ ପକ୍ଷୀଙ୍କୁ ଦେଖିବାକୁ ମିଳିଛି। ଗ୍ରେବସ ପ୍ରଜାତିର ୨୫୯ ଟି, କରମୋରାନ୍ଟସ ଆଣ୍ଡ ଡାର୍ଟର ଜାତୀୟ ୪ ପ୍ରଜାତିର ୬,୧୨୧, ହେରନଓ ଓ ଇଗ୍ରେଟ୍ସ ଜାତୀୟ ୧୪ ପ୍ରଜାତିର ୧୩,୧୮୩, ଷ୍ଟୋର୍କସ ଜାତୀୟ ୪ ପ୍ରଜାତିର ୩୫୩୩, ଇବିସେସ ଏବଂ ସ୍ପୁନବିଲ ଜାତୀୟ ୨ ପ୍ରଜାତିର ୧୯୭୨, ଗିଜ ଏବଂ ଡକସ ଜାତୀୟ ୧୪ ପ୍ରଜାତିର ୯୩,୮୨୧, ରେଲସ, ଗାଲିନଲସ ଏବଂ କୁଟ ଜାତୀୟ ୬ ପ୍ରଜାତିର ୨୨୯୬, ଫିନଫୁଟ ଏବଂ ଜାକାନାସ ୨ ପ୍ରଜାତିର ୭୨୪, ସୋରବାର୍ଡ ୱାଡର୍ସ ଜାତୀୟ ୨୬ ପ୍ରଜାତିର ୯୦୯୩, ଗଲ୍ସ, ଟରନ୍ସ ଏବଂ ସ୍କିମରସ ଜାତୀୟ ୯ ପ୍ରଜାତିର ୧୭,୬୪୩ ଏବଂ ଅନ୍ୟାନ୍ୟ ୨୪ ପ୍ରଜାତିର ବିଦେଶୀ ପକ୍ଷୀ ୪୦୦୨ କରାଯାଇଛି। ପକ୍ଷୀଗୁଡିକ ହିମାଳୟ ପାଦଦେଶ, ଲଦାଖ, ସାଇବେରିଆ, ଚୀନ, ରୁଷିଆ, ଉତ୍ତର ଗୋଲାର୍ଦ୍ଧରୁ ଆସି ଶୀତ ପରେ ପୁଣି ସେମାନଙ୍କ ଦେଶକୁ ଫେରିଯାଇଥାନ୍ତି।

# ୩ ରାଜ୍ୟକୁ ଗଲା ୫ ପୋଲିସ ଟିମ୍

**ବଡ଼ବିଲ, ୨୦।୧(ଜୟନ୍ତୀ ରଣା)**

**ବଡ଼ବିଲ ବ୍ୟାଙ୍କ ଡକାୟତି**

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଶାଖା ଷ୍ଟ୍ରଙ୍ଗରୁମ୍‌ରୁ ସୋମବାର ଦିନ ଦ୍ୱିପହରରେ ୫ରୁ ୬ଜଣ ଦୁର୍ବୃତ୍ତ ବନ୍ଧୁକ ମୁନରେ ପ୍ରାୟ ୫ କି.ଗ୍ରା.ରୁ ଊର୍ଦ୍ଧ୍ୱ ପରିମାଣର ସ୍ୱର୍ଣ୍ଣ ଅଳଙ୍କାର ଓ ନଗଦ ପ୍ରାୟ ୪ଲକ୍ଷ ୩୪ହଜାର ଟଙ୍କା ଲୁଟି ନେବାର ଦିନକ ପରେ ବି ପୋଲିସ ହାତ ଖାଲିପଡ଼ିଛି। ଅପରାଧୀଙ୍କ ସୁରାକ୍ ପାଇଁ ପୋଲିସ ଜୋରଦାର ଉଦ୍ୟମ ଜାରି ରଖିଛି। କେନ୍ଦୁଝର ଜିଲା ପୋଲିସର ବଛା ବଛା ଅଫିସରଙ୍କୁ ନେଇ ୫ଟି ଟିମ୍ ବିଭିନ୍ନ ସ୍ଥାନ ଅଭିମୁଖେ ଯାଇଛି। ପଡୋଶୀ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ବିହାର ରାଜ୍ୟ ସମେତ ଆମ ରାଜ୍ୟର ଝାରସୁଗୁଡ଼ା, ମୟୂରଭଞ୍ଜ ଜିଲାକୁ ପୋଲିସର ଟିମ୍ ଯାଇଥିବା ଆଇଆଇସି ଅଶୋକ କୁମାର ନାୟକ କହିଛନ୍ତି। ବ୍ୟାଙ୍କର ସିସି କ୍ୟାମେରାର ଫୁଟେଜ୍ ରେକର୍ଡିଂ ହେଉଥିବା ଡିଭିଆରକୁ ଦୁର୍ବୃତ୍ତମାନେ ନେଇଯାଇଥିବା ବେଳେ ପୋଲିସ ଆଖପାଖ ଅଞ୍ଚଳରେ ଲାଗିଥିବା ସିସି କ୍ୟାମେରା ଫୁଟେଜରୁ ୩ ବାଇକରେ ୬ଜଣ ଦୁର୍ବୃତ୍ତ ଆସି ଲୁଟିନେଇ ଫେରାର ହୋଇଯାଇଥିବା ଜାଣିବାକୁ ପାଇଛି। ଏଥିସହ ମୋବାଇଲ କଲ୍ ଲୋକେଶନକୁ ପୋଲିସ ଅନୁଧ୍ୟାନ କରୁଛି। ଘଟଣା ପରେ କେନ୍ଦୁଝର ଜିଲା ପୋଲିସ ବିଭିନ୍ନ ରାଜ୍ୟର ପୋଲିସ ସହ ଯୋଗାଯୋଗ ରଖି ତଦନ୍ତ କରୁଛି। ମଙ୍ଗଳବାର ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାଏ ବ୍ୟାଙ୍କକୁ ପରିଦର୍ଶନ କରିଛନ୍ତି। ସେ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ଘଟଣାବେଳେ ଥିବା ଗ୍ରାହକମାନଙ୍କୁ ପଚାରି ବୁଝିଛନ୍ତି। ଡିଆଇଜି ରାଏ କହିଛନ୍ତି, ଦୁର୍ବୃତ୍ତମାନେ ଝାଡ଼ଖଣ୍ଡ ଆଡକୁ ପଳାଇଥିବା ଅନୁମାନ କରାଯାଇଛି। ଏଥିସହ କେନ୍ଦୁଝର ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ତଦନ୍ତ ଜାରି ରହିଛି। ସୁରାକ ମଧ୍ୟ ମିଳିସାରିଛି। ଖୁବଶୀଘ୍ର ଅପରାଧୀଙ୍କୁ ଗିରଫ କରାଯାଇ ଲୁଟ ଟଙ୍କା ଓ ସ୍ୱର୍ଣ୍ଣ ଅଳଙ୍କାର ଉଦ୍ଧାର କରାଯିବ ବୋଲି ଡିଆଇଜି ରାଏ କହିଛନ୍ତି। ବ୍ୟାଙ୍କ ପକ୍ଷରୁ ଦିଆଯାଇଥିବା ଏତଲା ଅନୁଯାୟୀ ବଡବିଲ ଥାନାରେ ମାମଲା(ନଂ. ୨୯/୨୦୨୬) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଏସ୍‌ଡିପିଓଙ୍କ କାର୍ଯ୍ୟାଳୟଠାରୁ ଅନତି ଦୂରରେ ଥିବା ବ୍ୟାଙ୍କରୁ ଏଭଳି ଲୁଟ୍ ଘଟଣା ପୋଲିସର ନିଦ ହଜାଇଛି। ଏ ସମ୍ପର୍କରେ ବ୍ୟାଙ୍କ ବିଏମ୍ ପଙ୍କଜ କୁମାର ବର୍ଣ୍ଣୱାଲଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ କୌଣସି ତଥ୍ୟ ଦେବାର ଅନୁମତି ନାହିଁ ବୋଲି କହିଥିଲେ। ବଡବିଲ ପୋଲିସ ପକ୍ଷରୁ ଜାରୀ କରାଯାଇଥିବା ଏସ୍‌ଓପି ବିଷୟରେ ପଚାରିବାରୁ ସେ କହିଥିଲେ, ଉଚ୍ଚ ଅଧିକାରୀଙ୍କୁ ସୁରକ୍ଷାକର୍ମୀ ନିୟୋଜନ ନେଇ ପତ୍ରାଳାପ କରାଯାଇଥିଲେ ହେଁ ସୁରକ୍ଷା କର୍ମୀ ଦିଆଯାଇ ନ ଥିଲା। ଅପରପକ୍ଷେ ବ୍ୟାଙ୍କରୁ ଲୁଟ୍ ଘଟଣାକୁ ନେଇ ବ୍ୟାଙ୍କର ଇଣ୍ଟରନାଲ ଇନ୍‌କ୍ୱାରି ଚାଲିଥିବା ଜଣାପଡିଛି। ଭୁବନେଶ୍ୱରରୁ ଆସିଥିବା ବ୍ୟାଙ୍କର ଡେପୁଟି ଜୋନାଲ ମ୍ୟାନେଜର ସଞ୍ଜୀବ ଦାସ କହିଛନ୍ତି, ବ୍ୟାଙ୍କ ତରଫରୁ ଥାନାରେ ଏତଲା ଦିଆଯାଇଛି। କେତେ ଟଙ୍କା ବା କେତେ ପରିମାଣର ସୁନା ଅଳଙ୍କାର ଲୁଟ ହେଲା ସେ ନେଇ କୌଣସି ତଥ୍ୟ ଗଣମାଧ୍ୟମକୁ ଦେଇପାରିବୁ ନାହିଁ ବୋଲି ସେ କହିଛନ୍ତି। ତେବେ କ୍ୟାଶିୟର ଏକ ଟ୍ରେନିଂରେ ଯାଇଥିବାରୁ ସେ ଅନୁପସ୍ଥିତ ରହିଥିବା ନେଇ ବିଏମ୍ ବର୍ଣ୍ଣୱାଲ ସୂଚନା ଦେଇଛନ୍ତି।



ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାଏ ଲୁଟ୍ ହୋଇଥିବା ବ୍ୟାଙ୍କ ପରିଦର୍ଶନ କରୁଛନ୍ତି।

## ବିଜେଡି ବିଧାୟକଙ୍କୁ ଭାଜପା ସୁରକ୍ଷା ଦେଉଛି: କଂଗ୍ରେସ

**ଭୁବନେଶ୍ୱର,୨୦।୧ (ରବିନାରାୟଣ ଜେନା)**

ଭଣ୍ଡାରିପୋଖରୀର ବିଜେଡି ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ବିରୋଧରେ ସମସ୍ତ ତଥ୍ୟ ପ୍ରମାଣ ଥିଲେ ମଧ୍ୟ ଓଡ଼ିଶା ପୋଲିସର ଅର୍ଥନୈତିକ ଅପରାଧ ଶାଖା କାହିଁକି ଏତଲା ରୁଜୁ କରୁନାହିଁ ବୋଲି କଂଗ୍ରେସ ପ୍ରଶ୍ନ କରିଛି।

ରାଜ୍ୟ କଂଗ୍ରେସ ଭବନରେ ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ପଞ୍ଚାନନ କାନୁନଗୋ କହିଛନ୍ତି ଯେ, ବିଜେଡି ବିଧାୟକଙ୍କୁ ଭାଜପା ସୁରକ୍ଷା ଦେଉଛି। ରାଜ୍ୟ ପୋଲିସ ପ୍ରଶାସନର ଲୁଚକାଳି ଖେଳ ଓ ବିଜେଡି -ଭାଜପା ମଧ୍ୟରେ ଥିବା ଅଘୋଷିତ ସମ୍ପର୍କ ରହିଛି। ବିଧାୟକ ଅନେକ ଶହ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତିର ମାଲିକ କିଭଳି ହେଲେ ଏହା ତଦନ୍ତ ସାପେକ୍ଷ। ବିଗତ ୫ ବର୍ଷ ଭିତରେ ବିଧାୟକ ଓ ତାଙ୍କ ଧର୍ମପତ୍ନୀ ଯେଉଁ ଆୟକର ରିଟର୍ନ ଦାଖଲ କରିଛନ୍ତି ସେଥିରୁ ସ୍ପଷ୍ଟ ଭାବରେ ବୁଝାପଡୁଛି, ଉଭୟଙ୍କର ବାର୍ଷିକ ଆୟ ହାରାହାରି ୧କୋଟି ଟଙ୍କା ପାଖାପାଖି ହେବ। ବିଧାୟକଙ୍କର ଯେତେସବୁ ବ୍ୟବସାୟିକ ଅନୁଷ୍ଠାନ ଅଛି ଏବଂ ସେଥିରେ ଯେଉଁ ଟଙ୍କା ବିନିଯୋଗ ହୋଇଛି ତାହା ୧୦୦ କୋଟି ଟଙ୍କାରୁ ଅଧିକ ହେବ। ଏ ଟଙ୍କାର ମୂଳ ଉତ୍ସ କ'ଣ ତା'ର ବିଧିବଦ୍ଧ ତଦନ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି।

କାନୁନଗୋ କହିଛନ୍ତି ଯେ, ବିଧାୟକଙ୍କ ଶତାଧିକ କୋଟି ଟଙ୍କାର ଦୁର୍ନୀତିର ନଥିପତ୍ର ମିଳିଲା ପରେ ଅର୍ଥନୈତିକ ଅପରାଧ ଶାଖା ଏସ୍‌ପି ୨୦୨୫ ଅଗଷ୍ଟରେ ଭୁବନେଶ୍ୱର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟର ଯୁଗ୍ମନିର୍ଦ୍ଦେଶକଙ୍କୁ ଚିଠି ଲେଖି ତଦନ୍ତ ସହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଦର୍ଶାଇଥିଲେ। କିନ୍ତୁ ଦୀର୍ଘ ୫ ମାସ ପରେ ଇଡି ଏହି ଘଟଣାର କୌଣସି ତଦନ୍ତ କାହିଁକି କରୁନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଆଇନର ବାଟକୁ କିଏ ଓଗାଳୁଛି ବୋଲି ସେ ପ୍ରଶ୍ନ କରିଛନ୍ତି । ମୁଖ୍ୟ ଶାସନ ସଚିବ ଓ ଗୃହ ବିଭାଗ ତୁରନ୍ତ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସେ ଦାବି କରିଛନ୍ତି। ଏହି ସମ୍ମିଳନୀରେ ମୁଖପାତ୍ର ରଜନୀ ମହାନ୍ତି ଓ ଜୟଶ୍ରୀ ପାତ୍ର ଉପସ୍ଥିତ ଥିଲେ।



## ପିଆଜ ଚାଷ

ପିଆଜର ପତ୍ରପୋଡ଼ା ସହ ଆଞ୍ଚୁଡ଼ା ଦାଗ ଦେଖାଦେଲେ ଉକୁଣିଆ ପୋକ ଲାଗିଥିବାର ଜଣାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୪୦୦ ମିଲି ଡାଇମେଥୋଏଟ୍ କିମ୍ବା ୫୦ ମିଲି ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ପୂର୍ବରୁ ଲଗାଯାଇଥିବା ପିଆଜରେ ଅଲ୍‌ଟର୍‌ନାରିଆ ଜନିତ ପତ୍ରପୋଡା ରୋଗ ଲାଗିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଆଗରୁ ଲଗାଇ ନ ଥିଲେ ବର୍ତ୍ତମାନ ଲଗାଇବା କାମ ଶେଷ କରନ୍ତୁ। ତଳିଗୁଡ଼ିକ ୧୨-୧୫ସେ.ମି. ଉଚ୍ଚା ହୋଇଗଲେ ସେଗୁଡ଼ିକୁ ଉପରବେଳା ଓପାଡ଼ି ଲଗାନ୍ତୁ। ଏହି ଋତୁରେ ୬-୮ ସପ୍ତାହର ଚାରା ଲଗାନ୍ତୁ। ଛୋଟ ତଳି ଲଗାଇଲେ ଜମିରେ ଗଛ ଦୁର୍ବଳ ରୁହେ ଓ ବଡ଼ ତଳି ଲଗାଇଲେ ଶୀଘ୍ର ଶଣ୍ଢା ବାହାରିଥାଏ।

## ଭାକୁର ମାଛରେ ଆଖିରୋଗ ଦେଖାଦେଲେ...

ଭାକୁର ମାଛରେ ସାଧାରଣତଃ ଆଖିରୋଗ ଦେଖାଯାଇଥାଏ । ଏହାର ପ୍ରାଥମିକ ଲକ୍ଷଣରେ ଆଖିର ସ୍ୱଚ୍ଛପଟଳ ରକ୍ତବର୍ଣ୍ଣ ହୋଇଯାଏ ଓ କିଛିଦିନ ପରେ ଏହା ଅସ୍ୱଚ୍ଛ ହୋଇ କ୍ରମେ ପଚିଯାଇ ଆଖି ନଷ୍ଟ ହୋଇଯାଏ । ତେଣୁ ଏହାର ପ୍ରତିକାର ପାଇଁ ୧୦ ମିଲିଗ୍ରାମ୍ ହିସାବରେ କ୍ଲୋରୋମାଇସିଟିନ୍‌କୁ ୧ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତକରି ମାଛଗୁଡ଼ିକ ୫-୭ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ । ଏହା ବ୍ୟତୀତ ପଟାସିୟମ ପରମାଙ୍ଗାନେଟ୍ ଦ୍ରବଣରେ (୫ ମିଲିଗ୍ରାମ୍ ୧ ଲିଟର ପାଣିରେ) ମାଛକୁ ପ୍ରାୟ ୫ ରୁ ୭ ମିନିଟ୍ ପର୍ଯ୍ୟନ୍ତ ବୁଡାଇ ରଖାଯାଇପରେ। ଏହି ପ୍ରକ୍ରିୟା ୩-୪ ଦିନ ପର୍ଯ୍ୟନ୍ତ କଲେ ଭାକୁର ମାଛର ଆଖିରୋଗ ହେବାର ସମ୍ଭାବନା ନ ଥାଏ । ଏକ ହେକ୍ଟର ବିଶିଷ୍ଟ ମାଛଚାଷ ପୋଖରୀ ପାଇଁ ଦୈନିକ ୭ କି.ଗ୍ରା. କାଣ୍ଡିଆ କୁଣ୍ଡା, ୭ କି.ଗ୍ରା. ଚିନାବାଦାମ ପିଡ଼ିଆ ବ୍ୟବହାର କରନ୍ତୁ ।





## କଦଳୀଚାଷରେ ରୋଗପୋକ ଦମନ

କଦଳୀରେ ଜଉପୋକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ପତ୍ରକୋଣକୁ ଦେଖାଇ ସିଞ୍ଚନ କରନ୍ତୁ। ସୂତ୍ରଜୀବ ଦ୍ୱାରା ଆକ୍ରାନ୍ତ କଦଳୀଗଛ ଛୋଟ ହେବା ସହିତ ପତ୍ର ସଂଖ୍ୟା ବି କମିଯାଇଥାଏ। ଏହାର ଦମନ ପାଇଁ ପ୍ରତି ଗଛ ମୂଳରେ ୩୦ଗ୍ରାମ କାର୍ବୋଫୁରାନ୍ କିମ୍ବା ୫୦୦ଗ୍ରାମ୍ ନିମ୍ବ ପିଡ଼ିଆ ପ୍ରୟୋଗ କରନ୍ତୁ। କଦଳୀଗଛରେ କବକଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ଲାଗି ଆକ୍ରାନ୍ତ ଗଛକୁ ଉପାଡ଼ି ପୋଡ଼ିଦିଅନ୍ତୁ। ଆଉ ମୂଳରେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ପ୍ରତି ଗଛମୂଳରେ ୫ଗ୍ରାମ୍ କାର୍ବେଣ୍ଡାଜିମ୍ ପୁଡିଆ କରି ରଖି ଦିଅନ୍ତୁ। ପତ୍ରଦାଗ ରୋଗର ଦମନ ଲାଗି ପ୍ରତି ଲିଟର ପାଣିରେ ଏକ ମିଲି ହିସାବରେ ପ୍ରୋପିକୋନାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ।

# ଶୀତଦିନେ ଦୁଗ୍ଧ ଉତ୍ପାଦନ ହ୍ରାସର କାରଣ ଓ ନିରାକରଣ



ଡା.ନିରାକାର ଜେନା

ସାଧାରଣତଃ ଶୀତଦିନେ ଗାଈ ଓ ମଇଁଷିମାନଙ୍କର ଦୁଗ୍ଧ ଉତ୍ପାଦନ ହ୍ରାସ ସମସ୍ତ ଗୋପାଳକ ଭାଇ ଓ ଭଉଣୀମାନଙ୍କର ଏକ ମୁଖ୍ୟ ସମସ୍ୟା। ଶୀତଦିନେ ବାୟୁମଣ୍ଡଳୀୟ ତାପମାତ୍ରା କମ୍ ହେବା କାରଣରୁ ଦୁଗ୍ଧ ଉତ୍ପାଦନକାରୀ ଗାଈ ଓ ମଇଁଷିମାନେ ନିଜ ଶରୀରର ତାପମାତ୍ରାକୁ ସନ୍ତୁଳିତ କରିବା ପାଇଁ ଅଧିକ ଶକ୍ତି ଖର୍ଚ୍ଚ କରିଥାନ୍ତି। ଏହି କାରଣରୁ ଖାଦ୍ୟ ହଜମ ପ୍ରକ୍ରିୟା କମ୍ ହୋଇଥାଏ। ତେଣୁ ଖାଉଥିବା ଖାଦ୍ୟର ଠିକ୍ ଉପଯୋଗ ଶରୀରରେ ହୋଇ ନ ଥାଏ, ଫଳରେ ଦୁଗ୍ଧ ଉତ୍ପାଦନ କମିଯାଇଥାଏ। ତେଣୁ ଶୀତଦିନରେ ଯଦି ଠିକ୍ ଉପାୟ ଅବଲମ୍ବନ କରାଯାଇପାରିବ ତା'ହେଲେ ଗାଈ ଓ ମଇଁଷିମାନଙ୍କର ଦୁଗ୍ଧ ଉତ୍ପାଦନ ଠିକ୍ ରଖାଯାଇପାରିବ।

**ଦୁଗ୍ଧ ଉତ୍ପାଦନର ମୁଖ୍ୟ କାରଣ**

-ଶୀତଦିନେ ଗାଈ ଓ ମଇଁଷିମାନେ ନିଜ ଶରୀରକୁ ଗରମ ରଖିବା ପାଇଁ ବହୁତ ଶକ୍ତି ଖର୍ଚ୍ଚ କରିଥାନ୍ତି । ତେଣୁ ଶରୀରକୁ ଗରମ ରଖିବା ପାଇଁ ଖର୍ଚ୍ଚ ହେଉଥିବା ଶକ୍ତି ହିଁ ଦୁଗ୍ଧ ଉତ୍ପାଦନରେ ବାଧା ସୃଷ୍ଟି କରିଥାଏ। ଏହି କାରଣରୁ ଦୁଗ୍ଧ ଉତ୍ପାଦନ ଧୀରେ ଧୀରେ କମିଯାଇଥାଏ।

➤ଶୀତଦିନେ ଥଣ୍ଡା ଲାଗିବା ଯୋଗୁ ଦୁଧିଆଳୀ ଗାଈ ଓ ମଇଁଷିମାନେ ପାଣି ପିଇବାକୁ ମନ କରିଥାନ୍ତି କିମ୍ବା କମ୍ ପାଣି ପିଇଥାନ୍ତି । କିନ୍ତୁ ଦୁଗ୍ଧର ମୁଖ୍ୟ ଉପାଦାନ ହିଁ ପାଣି, ଯାହା ହେଉଛି ପାଖପାଖି ୮୦ ରୁ ୯୦ ପ୍ରତିଶତ। ତେଣୁ ଶୀତଦିନେ କମ୍ ପାଣି ପିଇବା ଯୋଗୁ ଦୁଗ୍ଧର ଜଳୀୟ ଅଂଶ କମିଯାଇଥାଏ, ଯାହାଦ୍ୱାରା ଏହାର ପ୍ରଭାବ ସିଧାସଳଖ ଦୁଗ୍ଧ ଉତ୍ପାଦନରେ ହିଁ ପଡ଼ିଥାଏ।

➤ଶୀତଦିନେ ଦୁଧିଆଳୀ ଗାଈ ଓ ମଇଁଷିମାନଙ୍କର ଥଣ୍ଡା ପ୍ରକୋପରେ ହଜମ ବା ପାଚନ ପ୍ରକ୍ରିୟା କମିଯାଇଥାଏ। ଫଳରେ ସେମାନେ ଖାଉଥିବା ଦାନା କିମ୍ବା ଚାରା ପୂରା ହଜମ ହୋଇ ନ ଥାଏ। ଫଳରେ ସେଗୁଡିକ ଶରୀରରେ ସମ୍ପୂର୍ଣ୍ଣ ଉପଯୋଗ ନ ହୋଇପାରିବା ଫଳରେ ଦୁଗ୍ଧ ଉତ୍ପାଦନ କମ୍ ହୋଇଥାଏ।

➤ଅତ୍ୟଧିକ ଥଣ୍ଡା କାରଣରୁ ଦୁଗ୍ଧ ଉତ୍ପାଦନକାରୀ ପ୍ରାଣୀମାନଙ୍କ ଉପରେ ଷ୍ଟ୍ରେସ୍ ବା ଚାପ ପଡ଼ିଥାଏ। ଏହି କାରଣରୁ ସେମାନଙ୍କର ଦୁଗ୍ଧ ଉତ୍ପାଦନ ବ୍ୟାହତ ହୋଇଥାଏ।

➤ଶୀତ ଦିନେ ରାତି ଲମ୍ବା ଦିନ ଛୋଟ ହୋଇଥାଏ। ଫଳରେ ଦୁଧିଆଳୀ ଗାଈ ଓ ମଇଁଷିମାନେ ନିଜ ଶରୀର ପାଇଁ ଅଧିକ ପୋଷଣ ଉପଯୋଗ କରିଥାଏ। ଏହି କାରଣରୁ ସେମାନଙ୍କ ଶରୀରରେ ଭିଟାମିନ ଓ ଖଣିଜ ଲବଣ ବା ମିନେରାଲ କମିଯାଇଥାଏ। ତେଣୁ ଦୁଗ୍ଧ ଉତ୍ପାଦନ କମିଥାଏ।

"ଶୀତଦିନେ ଦୁଗ୍ଧ ଉତ୍ପାଦନକାରୀ ଗାଈ ଓ ମଇଁଷିମାନଙ୍କୁ ଅଧିକ ଶକ୍ତି ପ୍ରଦାନକାରୀ ଖାଦ୍ୟ ଖାଇବାକୁ ଦିଅନ୍ତୁ। ଫଳରେ ସେମାନଙ୍କ ଶରୀର ଗରମ ରହିବା ସହ ଦୁଗ୍ଧ ସଞ୍ଚାରଣ ପ୍ରକ୍ରିୟା ଠିକ୍ ରହିଥାଏ। ଶୀତଦିନେ ୧ କିଲୋ ଦାନା ସହ ଚୋକଡ଼ ୨୦୦ ରୁ ୩୦୦ ଗ୍ରାମ୍, ଗୁଡ଼ ୧୦୦ ରୁ ୧୫୦ ଗ୍ରାମ, ମିନେରାଲମିକ୍ସ ୨୦ ରୁ ୫୦ ଗ୍ରାମ ଏବଂ ଲୁଣ ଏକ ମୁଠା ଦୁଧିଆଳୀ ପ୍ରାଣୀମାନଙ୍କୁ ଖାଇବାକୁ ଦେବା ଉଚିତ। ଚୋକଡ଼ ହଜମ ଠିକ୍ କରିଥାଏ। ଗୁଡ଼ ଶରୀରକୁ ଶକ୍ତି ଯୋଗାଇଥାଏ, ଫଳରେ ଏହା ଭୋକ ସୃଷ୍ଟି କରିଥାଏ।"



➤ଅନେକ ସମୟରେ ଗୋପାଳକ ଭାଇ ଓ ଭଉଣୀମାନେ ଦୁଧିଆଳୀ ଗାଈ ଓ ମଇଁଷିମାନଙ୍କ ପାଇଁ ଶୀତଦିନେ ଚାରା ଓ ଦାନା ବଦଳାଇ ନ ଥାନ୍ତି କି ଶୀତଦିନରେ ସେମାନେ ଆବଶ୍ୟକ କରୁଥିବା ଖାଦ୍ୟ ଏବଂ ଚାରା ଦେଇ ନ ଥାନ୍ତି । ପୂର୍ବରୁ ଯାହା ଦିଆଯାଉଥିଲା ତାହା ଜାରି ରଖନ୍ତି, ଫଳରେ ଦୁଧିଆଳୀ ଗାଈ ଓ ମଇଁଷି କମ୍ ଦୁଗ୍ଧ ଉତ୍ପାଦନ କରିଥାନ୍ତି।

**ଦୁଗ୍ଧ ଉତ୍ପାଦନ ନ କମିବାର ସରଳ ଉପାୟ**

**ପିଇବା ପାଣିର ଠିକ୍ ମାତ୍ରା ଓ ତାପମାତ୍ରା**

ଶୀତଦିନେ ଦୁଧିଆଳୀ ଗାଈ ଓ ମଇଁଷିମାନଙ୍କର ପ୍ରଥମ ଆବଶ୍ୟକତା ହେଉଛି ପର୍ଯ୍ୟାପ୍ତ ପରମାଣର ଉଷୁମପାଣି। ଥଣ୍ଡାପାଣି ପ୍ରାଣୀର ଶରୀରକୁ ଅତ୍ୟଧିକ ଥଣ୍ଡା କରିଦିଏ, ଫଳରେ ହଜମ ପ୍ରକ୍ରିୟା କମିଯାଇଥାଏ। ତେଣୁ ଦୁଗ୍ଧ ଉତ୍ପାଦନ କମିଥାଏ। ଗାଈମାନଙ୍କୁ ସକାଳେ ଏବଂ ସନ୍ଧ୍ୟାରେ ୪୦ ରୁ ୬୦ ଲିଟର ଉଷୁମ ପାଣି ପିଇବାକୁ ଦେବା ଉଚିତ। ଉଷୁମପାଣି ଶରୀରକୁ ଉଷୁମ ରଖିବା ସହ ଖାଦ୍ୟ ହଜମ ପ୍ରକ୍ରିୟାକୁ ଠିକ୍ ରଖିଥାଏ। ଫଳରେ ଦୁଗ୍ଧ ଉତ୍ପାଦନ ବଢ଼ିଥାଏ।

**ସକାଳ ଖାଦ୍ୟ ମହତ୍ତ୍ୱପୂର୍ଣ୍ଣ**

ଶୀତଦିନେ ଦୁଗ୍ଧ ଉତ୍ପାଦନକାରୀ ଗାଈ ଓ ମଇଁଷିମାନଙ୍କୁ ଅଧିକ ଶକ୍ତି ପ୍ରଦାନକାରୀ ଖାଦ୍ୟ ଖାଇବାକୁ ଦିଅନ୍ତୁ । ଫଳରେ ସେମାନଙ୍କ ଶରୀର ଗରମ ରହିବା ସହ ଦୁଗ୍ଧ ସଞ୍ଚାରଣ ପ୍ରକ୍ରିୟା ଠିକ୍ ରହିଥାଏ। ଶୀତଦିନେ ୧ କିଗ୍ରା ଦାନା ସହ ଚୋକଡ଼ ୨୦୦ ରୁ ୩୦୦ ଗ୍ରାମ, ଗୁଡ଼ ୧୦୦ ରୁ ୧୫୦ ଗ୍ରାମ, ମିନେରାଲମିକ୍ସ ୨୦ ରୁ ୫୦ ଗ୍ରାମ ଏବଂ ଲୁଣ ୧ ମୁଠା ଦୁଧିଆଳୀ ପ୍ରାଣୀମାନଙ୍କୁ ଖାଇବାକୁ ଦେବା ଉଚିତ। ଚୋକଡ଼ ହଜମ ଠିକ୍ କରିଥାଏ। ଗୁଡ଼ ଶରୀରକୁ ଶକ୍ତି ଯୋଗାଇଥାଏ, ଫଳରେ ଏହା ଭୋକ ସୃଷ୍ଟି କରିଥାଏ। ମିନେରାଲମିକ୍ସ କ୍ୟାଲ୍‌ସିୟମ ଓ ଫସ୍‌ଫରସ୍‌ର ଅଭାବ ପୂରଣ କରିଥାଏ, ଫଳରେ ଦୁଗ୍ଧର ମାତ୍ରା ଏବଂ ଗୁଣବତ୍ତା ଠିକ୍ ରଖିଥାଏ। ତେଣୁ ଏହି ମିଶ୍ରିତ ଦାନା ସକାଳେ ୧୦ ପର୍ଯ୍ୟନ୍ତ ଦେଲେ ଦୁଗ୍ଧ ଉତ୍ପାଦନର ପାର୍ଥକ୍ୟ ଠିକ୍ ଭାବରେ ଅନୁଭୂତ ହେବ।

**ଚାରା ପରିଚାଳନା :** ଶୀତଦିନେ ଚାରା ପରିଚାଳନା ଅତ୍ୟନ୍ତ ଜରୁରୀ ଓ ଗୁରୁତ୍ୱପୂର୍ଣ୍ଣ। ଶୀତଦିନେ ଦୁଧିଆଳୀ ଗାଈ ଓ ମଇଁଷିମାନଙ୍କୁ ବର୍ସିମ ,ନେପିଏର, ବଜାର, ଜୁଆର ଆଦି ଘାସ ଖାଇବାକୁ ଦେବା ଉଚିତ। ଏହା ସେମାନଙ୍କୁ ଠିକ୍ ପୋଷଣ ଦେବା ସହ ଦୁଗ୍ଧ ଉତ୍ପାଦନ ଠିକ୍ ରଖିଥାଏ। ପ୍ରତିଦିନ ଗାଈମାନଙ୍କୁ ୨୦-୩୦ କି.ଗ୍ରା. କଞ୍ଚା ଘାସ ଏବଂ ମଇଁଷିମାନଙ୍କୁ ୩୦-୪୦ କି.ଗ୍ରା. କଞ୍ଚାଘାସ ଖାଇବାକୁ ଦେବା ଉଚିତ। ଏହାବ୍ୟତୀତ ସେମାନଙ୍କୁ ଆବଶ୍ୟକତା ଅନୁସାରେ ଶୁଖିଲା ଚାରା ଯଥା ଭୁଷି ,ଶୁଖିଲା ମକା ମଧ୍ୟ ଖାଇବାକୁ ଦେବା ଉଚିତ। (କ୍ରମଶଃ...)

-ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ,
ତିହିଡ଼ି, ଭଦ୍ରକ
ମୋ : ୯୪୩୯୮୯୦୦୨୬

## ଡାଲୁଅ ଧାନ ତଳି ପ୍ରସ୍ତୁତି ସମୟରେ...



ଡାଲୁଅ ଧାନ ତଳି ପ୍ରସ୍ତୁତି (ଏକ ହେକ୍ଟର ଚାଷ ପାଇଁ ୨୫ ଡେସିମିଲି. ଜମିରେ ତଳି ପଡ଼େ) ପାଇଁ ତଳି କିଆରୀକୁ କାଦୁଅ କରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ସଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ୍ । ୧୨-୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ । ବିହନରୁ କଣ୍ଢା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣ ପାଣି ଉପଚାର କରନ୍ତୁ । ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ । ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ । ବିହନ କିସମ :ସହଳ - ଖଣ୍ଡଗିରି, ପାରିଜାତ, ଯୋଗେଶ, ସିଦ୍ଧାନ୍ତ ଓ ସହଭାଗୀ ଧାନ । ମଧ୍ୟମ -ଲଲାଟ, ମନସ୍ୱିନୀ, ମନ୍ଦାକିନୀ, ଜ୍ୟୋତିର୍ମୟୀ, କୋଣାର୍କ, ପ୍ରତିଭା, ତପସ୍ୱିନୀ, ଗଜପତି ଓ ନବୀନ। କିଆରୀରେ ପାଣି ଚାଲିବା ନିମନ୍ତେ ନାଳି ମାନ ରଖନ୍ତୁ । ଅନ୍ୟପକ୍ଷରେ ଖରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣ ଖରାରେ ଶୁଖାଇ ଦେବା ଉଚିତ୍ ।

## ପନିପରିବା ଚାଷ



କୋବିଜାତୀୟ ଫସଲରେ ଜଉପୋକ, ଠିକିରିପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବା ଆଶଙ୍କା ଅଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମିଲି ଏଣ୍ଡୋସଲଫାନ୍ କିମ୍ବା ୫୦୦ ମିଲି ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲଟର୍‌ନାରିଆ ଜନିତ ପତ୍ରପୋଡ଼ା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଲଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ। ଶୀତ ସହ ମେଘୁଆ ପାଗର ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉପୋକ ଲାଗିଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ୧ ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ।

## ଆଖୁ ୪୫ଦିନର ହୋଇଯାଇଥିଲେ...

ଆଗରୁ ଲଗାଯାଇଥିବା ଆଖୁ ୪୫ଦିନର ହୋଇଯାଇଥିଲେ କୋଡ଼ା ଖୁସା କରି ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାରକୁ ଧାଡ଼ିରେ ପ୍ରୟୋଗ କରି ହୁଡ଼ା ଟେକିଦିଅନ୍ତୁ। ମୂଳି ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ମନ୍ଦା ପ୍ରଣାଳୀରେ ଲଗାଯାଇଥିବା ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ମନ୍ଦା ପିଛା ୧୫ଗ୍ରାମ୍ ୟୁରିଆ ଓ ୧୦ଗ୍ରାମ୍ ପଟାସ୍



ସାର ପ୍ରୟୋଗ କରନ୍ତୁ। ଯବକ୍ଷାରଜାନ ସାରକୁ ୟୁରିଆ ସାର ହିସାବରେ ବ୍ୟବହାର କଲେ ୟୁରିଆ ସହ ନିମ୍ବ ପିଡ଼ିଆ ମିଶାଇ ପ୍ରୟୋଗ କରନ୍ତୁ। ୧୦୦କି.ଗ୍ରା. ୟୁରିଆ ସହ ୨୦କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇବାକୁ ପଡ଼ିଥାଏ। ରାସାୟନିକ ଜୈବିକ ସାରକୁ ୫୦୦କି.ଗ୍ରା. ଗୁଣ୍ଡ ଗୋବର ଖତ ସହ ମିଶାଇ ଆଖୁ ଲଗାଇବାର ୩୦ଦିନରେ ଥରେ ଏବଂ ୬୦ଦିନରେ ଆଉ ଥରେ ଆଖୁ ଗଛ ମୂଳରେ ଦିଅନ୍ତୁ।

# ରାଶିର ଉନ୍ନତ କିସମ



ରାଶିର ଉନ୍ନତ କିସମ ବିହନ ଯଥା ଉମା, କାଳିକା ଆଦି ସଂଗ୍ରହ କରନ୍ତୁ। ଜମିକୁ ପଟାଳିରେ ବିଭକ୍ତ କଲେ ଖରାଦିନିଆ ରାଶି ଚାଷ ପାଇଁ ପାଣି ମଡ଼ାଇବା ସୁବିଧାଜନକ ହେବ। ଏକର ପ୍ରତି ୨ରୁ ୨.୫କିଗ୍ରା ବିହନ ଆବଶ୍ୟକ। ପ୍ରାରମ୍ଭିକ ଅବସ୍ଥାରେ ତଳିମରା ବା ମୂଳଶଢ଼ା ରୋଗର ଦମନ ପାଇଁ ବିହନ ବୁଣିବାର ୨ଦିନ ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୩ଗ୍ରାମ୍ ଥିରାମ୍ ସହ ବିଶୋଧନ କରନ୍ତୁ। ଏକର ପ୍ରତି ୮ଗାଡ଼ି ଗୋବର ଖତ ଶେଷ ଓଡ଼ ଚାଷ ସମୟରେ ଜମିରେ ପ୍ରୟୋଗ କରନ୍ତୁ। ଏକର ପ୍ରତି ଅନୁମୋଦିତ ଖାଦ୍ୟସାରକୁ (୧୨:୮:୮) ଓ ୧୦କେଜି ସଲ୍‌ଫର୍ ମଧ୍ୟରୁ ଅଧା ଯବକ୍ଷାରଜାନ (୬କି.ଗ୍ରା.), ସବୁତକ ଫସ୍‌ଫରସ (୮କି.ଗ୍ରା.), ପଟାସ (୮କି.ଗ୍ରା.) ଓ ସଲ୍‌ଫର(୧୦କି.ଗ୍ରା.) ବୁଣିଲାବେଳେ ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୨୫ରୁ ୩୦ସେ.ମି. ଓ ଗଛକୁ ଗଛ ୫ରୁ ୧୦ସେ.ମି. ଦୂରତାରେ ବିହନ ବୁଣନ୍ତୁ। ରାଶି ମଞ୍ଜି ଅତି ଛୋଟ ହୋଇଥିବାରୁ ବିହନ ବୁଣିବା ସମୟରେ ଏହାକୁ ଶୁଖିଲା ବାଲି,ମାଟି କିମ୍ବା କରତଗୁଣ୍ଡରେ ଭଲଭାବରେ ମିଶାଇ ବୁଣିଲେ କମ୍ ବିହନ ଦରକାର ହେବା ସଙ୍ଗେ ସଙ୍ଗେ ସମାନ ଭାବରେ ଧାଡ଼ିରେ ପଡ଼େ।

## ପ୍ରାଣୀ ସମ୍ପଦ

ବନରାଜା ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଗୃହପାଳିତ ପ୍ରାଣୀଙ୍କୁ ଶୀତ ଦାଉରୁ ରକ୍ଷାକରିବା ପାଇଁ ଗୁହାଳରେ ଫାଙ୍କଥିବା ଜାଗାକୁ ଅଖାରେ ବନ୍ଦ କରନ୍ତୁ ଏବଂ ସୁବିଧା ଥିଲେ ଗୋରୁଙ୍କୁ ମଧ୍ୟ ଅଖାରେ ଘୋଡ଼ାଇ ଦିଅନ୍ତୁ। ଗୋରୁଙ୍କର ଫାଟୁଆ ରୋଗ ଓ ଛେଳିଙ୍କର ପିପିଆର୍ ରୋଗ ଲାଗି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ।



ଗୋରୁଙ୍କର ସାହାଣ,ବଜବଜିଆ ଓ ଫାଟୁଆ ରୋଗ ପାଇଁ ରକ୍ଷା ଏଫ୍‌ଏମ୍‌ଡି ଭାକ୍ସିନ୍ ଓ ଛେଳିମାନଙ୍କର ପିପିଆର୍ ରୋଗ ଲାଗି ପିପିଆର୍ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡ଼ାମାନଙ୍କର ନାଳିଝାଡ଼ା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡ଼ାର ଘୁମାରୋଗର ନିୟନ୍ତ୍ରଣ ସକାଶେ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩-୧୫ଦିନ ଭିତରେ ଆଇବିଡି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହାଇଦ୍ରାବାଦ, କୋଲକାତା ରୋଡ୍ ଶୋ'ରେ ୧,୬୭,୦୦୦ କୋଟି ନିବେଶ

## ୧,୪୬,୦୦୦ ନିଯୁକ୍ତି ସୃଷ୍ଟି ଆଶା

ଭୁବନେଶ୍ୱର,୨୦।୧
(ଅନୁରାଧା ମହାରଣା)

ଓଡ଼ିଶାର ଅର୍ଥନୀତି ଏବେ ପାରମ୍ପରିକ ସମ୍ବଳ ଆଧାରିତ ଅର୍ଥନୀତିରୁ ଭବିଷ୍ୟତମୁଖୀ ଶିଳ୍ପ ଶକ୍ତି ଭାବେ ପରିଣତ ହେବାର ପଥରେ ଦୃଢ଼ ଗତିରେ ଆଗେଇ ଚାଲିଛି। ରାଜ୍ୟ ସରକାର ନୂତନ ଯୁଗର ପ୍ରଯୁକ୍ତିଗତ ଓ ଉଚ୍ଚ ବୃଦ୍ଧିଶୀଳ କ୍ଷେତ୍ରଗୁଡ଼ିକୁ କେନ୍ଦ୍ରକରି ନିବେଶ ଆକର୍ଷଣ ରଣନୀତିକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କୋଲକାତା ରୋଡ ଶୋ' ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପାରମ୍ପରିକ ଭାବେ ଇସ୍ପାତ, ଖଣି ଓ ଭାରୀ ଶିଳ୍ପରେ ପ୍ରସିଦ୍ଧ ଓଡ଼ିଶା ଏବେ ଆଇଟି ଓ ଆଇଟିଇଏସ, ଏରୋସ୍ପେସ ଓ ଡିଫେନ୍ସ, ଆପାରେଲ ଆକ୍ସେସରିଜ ଓ ଟେକ୍ନିକାଲ ଟେକ୍ସଟାଇଲ, ମେଟାଲ ଆନ୍ସିଲାରୀ, ଡାଉନଷ୍ଟ୍ରିମ ଓ ଇଞ୍ଜିନିୟରିଂ ଗୁଡ୍ସ, ପ୍ଲାଷ୍ଟିକ, କେମିକାଲ, ପ୍ୟାକେଜିଂ ଓ ରିସାଇକ୍ଲିଂ, ଫାର୍ମାସ୍ୟୁଟିକାଲ, ମେଡିକାଲ ଡିଭାଇସ ଓ ବାୟୋଟେକ୍ନୋଲୋଜି ଭଳି ଆଧୁନିକ କ୍ଷେତ୍ରଗୁଡ଼ିକୁ ପ୍ରସାର କରୁଛି। ଏହି ରଣନୈତିକ ପରିବର୍ତ୍ତନ ହାଇଦ୍ରାବାଦ (ଡିସେମ୍ବର ୨୦୨୫) ଓ କୋଲକାତା (ଜାନୁଆରୀ-୨୦୨୬)ରେ ଅନୁଷ୍ଠିତ ଓଡ଼ିଶା ନିବେଶକ ସମ୍ମିଳନୀରେ ସ୍ପଷ୍ଟ ହୋଇଛି। ଦୁଇ ସହରରେ ମୋଟ ୬ଟି ସେକ୍ଟର-ବିଶେଷ ରାଉଣ୍ଡଟେବୁଲ ଆଲୋଚନା ହୋଇଥିଲା। ହାଇଦ୍ରାବାଦରେ




ଫାର୍ମାସ୍ୟୁଟିକାଲ ଓ ଏରୋସ୍ପେସ ଓ ଡିଫେନ୍ସ ଉପରେ ଦୁଇଟି ରାଉଣ୍ଡଟେବୁଲ ହୋଇଥିଲା। କୋଲକାତାରେ ଆପାରେଲ ଆକ୍ସେସରିଜ ଓ ଟେକ୍ନିକାଲ ଟେକ୍ସଟାଇଲ, ମେଟାଲ ଆନ୍ସିଲାରୀ, ଡାଉନଷ୍ଟ୍ରିମ ଓ ଇଞ୍ଜିନିୟରିଂ ଗୁଡ୍ସ; ପ୍ଲାଷ୍ଟିକ, କେମିକାଲ, ପ୍ୟାକେଜିଂ ଓ ରିସାଇକ୍ଲିଂ; ଏବଂ ଫାର୍ମାସ୍ୟୁଟିକାଲ, ମେଡିକାଲ ଡିଭାଇସ ଓ ବାୟୋଟେକ୍ନୋଲୋଜି ଉପରେ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ୧୨୩ଟି କମ୍ପାନୀର ନେତୃତ୍ୱକାରୀ ଅଂଶଗ୍ରହଣ କରିଥିଲେ। ଫଳରେ ରାଜ୍ୟ ୧,୬୭,୦୦୦ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି ପାଇଛି, ଯାହା ଦ୍ୱାରା ୧,୪୬,୦୦୦ ନିଯୁକ୍ତି ସୃଷ୍ଟି ହେବାର ସମ୍ଭାବନା ରହିଛି। ପାରାଦୀପ, ଧାମରା, ଗୋପାଳପୁର ଓ ଇଞ୍ଚୁଡ଼ି-ସୁବର୍ଣ୍ଣରେଖା ବନ୍ଦର ସହ ବିମାନବନ୍ଦର ଓ ରାସ୍ତା ସଂଯୋଗ ରହିଛି। ପ୍ଲଗ ଆଣ୍ଡ ପ୍ଲେ ଇଣ୍ଡଷ୍ଟ୍ରିଆଲ ପାର୍କ, ଏମଏସଏମଇ ପାର୍କ ଓ ଏସଇଜେ ନିବେଶକଙ୍କୁ ସୁବିଧା ଦେଉଛି। ଦକ୍ଷ ମାନବ ସମ୍ବଳ ପାଇଁ ଭୁବନେଶ୍ୱର, ସମ୍ବଲପୁର ଓ ବ୍ରହ୍ମପୁରରେ ୩ଟି ନୂତନ ବିଶ୍ୱସ୍ତରୀୟ ସ୍କିଲ ସେଣ୍ଟର ସ୍ଥାପନ ହେବ।

# ଟାଟା ମୋଟର୍ସର ୧୭ ନୂଆ ଟ୍ରକ୍

ଭୁବନେଶ୍ୱର,୨୦।୧

ଭାରତର ପରିବହନ କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବା ଲକ୍ଷ୍ୟ ନେଇ ଦେଶର ବୃହତମ ବାଣିଜ୍ୟିକ ଯାନ ନିର୍ମାତା ଟାଟା ମୋଟର୍ସ ଏହାର ୭-୫୫ ଟନ୍ ବିଶିଷ୍ଟ ପରବର୍ତ୍ତୀ ପିଢ଼ିର୧୭ଟି ନୂତନ ଟ୍ରକ୍‌ର ଶୁଭାରମ୍ଭ କରିଛି। ଏଥିରେ ଅତ୍ୟାଧୁନିକ ଟାଟା ଟ୍ରକ୍ସ. ଇଭି ସମ୍ଭାର ଏବଂ ପ୍ରିମା, ସିଗ୍ନା ଓ ଅଲ୍‌ଟ୍ରା ମଞ୍ଚର ଅପ୍‌ଗ୍ରେଡେଡ୍ ମଡେଲ ସାମିଲ ହୋଇଛି। ଏହି ଟ୍ରକ୍‌ଗୁଡ଼ିକ ବିଶ୍ୱସ୍ତରୀୟ ସୁରକ୍ଷା ମାନଦଣ୍ଡ (ଇସିଇ ଆର୍୨୯ ୦୩) ଅନୁଯାୟୀ ପ୍ରସ୍ତୁତ ହୋଇଛି। ଏହି ଅବସରରେ ଟାଟା ମୋଟର୍ସର ଏମ୍‌ଡି ଓ ସିଇଓ ଗିରିଶ ୱାଘ କହିଛନ୍ତି, 'ଭାରତର ଟ୍ରକିଂ କ୍ଷେତ୍ର ଏବେ ଦ୍ରୁତ ପରିବର୍ତ୍ତନ ଦେଇ ଗତି କରୁଛି। ଜାତୀୟ ସ୍ତରର ଅଭିବୃଦ୍ଧିକାରୀ ନୀତି ନିର୍ଦ୍ଧାରଣ, ଆଧୁନିକ ଭିତ୍ତିଭୂମି ଏବଂ ସୁରକ୍ଷା ଓ ଅଧିକ ଦକ୍ଷ ବହନକାରିତାକୁ ନେଇ ଆଗକୁ ବଢ଼ୁଛି।

# ଯାତ୍ରୀ ଭିଡ଼ ଦୂର କରିବ ଅତିରିକ୍ତ କୋଚ୍

ଭୁବନେଶ୍ୱର,୨୦।୧
(ଅନୁରାଧା ମହାରଣା)

ଯାତ୍ରୀଙ୍କ ଅତିରିକ୍ତ ଭିଡ଼କୁ ପରିଚାଳନା କରିବା ଏବଂ ଅଧିକ ଯାତ୍ରା ଆରାମ ସୁନିଶ୍ଚିତ କରିବା ପାଇଁ ପୂର୍ବତଟ ରେଳପଥ ତେଜସ୍ ରାଜଧାନୀ ଏକ୍ସପ୍ରେସ୍ ସମେତ କିଛି ଏକ୍ସପ୍ରେସ୍ ଟ୍ରେନ୍‌ରେ ଅସ୍ଥାୟୀ ଭାବରେ କୋଚ୍ ବୃଦ୍ଧି କରିଛି। ୨୨୮୨୩ ଭୁବନେଶ୍ୱର-ନୂଆଦିଲ୍ଲୀ ତେଜସ୍ ରାଜଧାନୀ ଏକ୍ସପ୍ରେସ୍‌ରେ ଜାନୁଆରୀ ୨୩ରେ ଗୋଟିଏ ଅତିରିକ୍ତ ଏସି ୨-ଟାୟାର କୋଚ୍ ସଂଯୋଗ କରାଯିବ। ୨୨୮୨୪ ନୂଆଦିଲ୍ଲୀ-ଭୁବନେଶ୍ୱର ତେଜସ୍ ରାଜଧାନୀ ଏକ୍ସପ୍ରେସ୍‌ରେ ଜାନୁଆରୀ ୨୪ରେ ଗୋଟିଏ ଅତିରିକ୍ତ ଏସି ୨-ଟାୟାର କୋଚ୍ ସଂଯୋଗ କରାଯିବ। ୧୮୪୪୭ ଭୁବନେଶ୍ୱର-ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ୍‌ରେ ଜାନୁଆରୀ ୨୪ରୁ ୩୧ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ସ୍ଲିପର ଶ୍ରେଣୀ କୋଚ୍ ସଂଯୋଗ କରାଯିବ, ଯାହା ଅଧିକ ଚାହିଦା ସମୟରେ ଅତିରିକ୍ତ ଆରାମ ପ୍ରଦାନ କରିବ। ୧୮୪୪୮ ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ୍‌ରେ ଜାନୁଆରୀ ୨୫ରୁ ଫେବୃଆରୀ ୧ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ସ୍ଲିପର କ୍ଲାସ୍ କୋଚ୍ ସଂଯୋଗ କରାଯିବ। ୧୨୨୭୮ ପୁରୀ-ହାଓଡା ଶତାବ୍ଦୀ ଏକ୍ସପ୍ରେସ୍‌ରେ ଜାନୁଆରୀ ୨୨ରୁ ୨୭ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ଏସି ଚେୟାର କାର୍ କୋଚ୍ ସଂଯୋଗ କରାଯିବ। ୧୨୨୭୭ ହାଓଡା-ପୁରୀ ଶତାବ୍ଦୀ ଏକ୍ସପ୍ରେସ୍‌ରେ ଜାନୁଆରୀ ୨୨ରୁ ୨୭ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ଏସି ଚେୟାର କାର୍ କୋଚ ସଂଯୋଗ କରାଯିବ।

# ଭୁବନେଶ୍ୱର ନରାକାସ୍‌ର ୫୯ତମ ଅର୍ଦ୍ଧବାର୍ଷିକ ବୈଠକ

ଭୁବନେଶ୍ୱର,୨୦।୧




ଭୁବନେଶ୍ୱରସ୍ଥିତ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ବ୍ୟାଙ୍କ)ର ୫୯ତମ ଅର୍ଦ୍ଧବାର୍ଷିକ ବୈଠକ ସୋମବାର ଏସ୍‌ବିଆଇ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏସ୍‌ବିଆଇର ମୁଖ୍ୟ ମହାପ୍ରବନ୍ଧକ ଏ.ଡି. ରତ୍ନ ତେଜା ଅଧ୍ୟକ୍ଷତାକରି କହିଥିଲେ, ପୂର୍ବାଞ୍ଚଳରେ ଅବସ୍ଥିତ ମୋଟ ୬୭ଟି ନରାକାସ୍ ମଧ୍ୟରୁ ଏହି ସମ୍ମାନ ପାଇବା ରାଜଭାଷା ହିନ୍ଦୀର ପ୍ରଭାବୀ କାର୍ଯ୍ୟକାରିତା ଦିଗରେ ଆମକୁ ଅଧିକ ଶକ୍ତି ପ୍ରଦାନ କରିବ। ଏସ୍‌ବିଆଇର ମଣ୍ଡଳ ବିକାଶ ଅଧିକାର ସାମଦେନ ଦୋରଜୀ ଲାମା ସ୍ୱାଗତ ଭାଷଣ ଦେଇଥିଲେ। ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନ ରାଜଭାଷା ବିଭାଗର ଉପନିର୍ଦ୍ଦେଶକ (କାର୍ଯ୍ୟାନ୍ୱୟନ) ଡ. ବିଚିତ୍ରସେନ ଗୁପ୍ତ ଏହି କମିଟି ଗତ କିଛି ବର୍ଷ ଧରି କ୍ରମାଗତ ଭାବରେ ଜାତୀୟ ସ୍ତରରେ ରାଜଭାଷା କୀର୍ତ୍ତି ପୁରସ୍କାର ଗ୍ରହଣ କରୁଥିବା କହି ଆନନ୍ଦ ପ୍ରକାଶ କରିଥିଲେ। ଆର୍‌ବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ଶାରଦା ପ୍ରସନ୍ନ ମହାନ୍ତି ଜାତୀୟ ସ୍ତରରେ ଏହି କମିଟି ପ୍ରଥମ ସ୍ଥାନରେ ରହିବାକୁ ଚେଷ୍ଟା କରିବା ଉଚିତ ବୋଲି କହିଥିଲେ। ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ତାଲୁକଦାର କହିଛନ୍ତି, ଗ୍ରାହକଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଏବଂ ସଚେତନତା ବୃଦ୍ଧି ପାଇଁ ନାବାର୍ଡ ହିନ୍ଦୀ ଏବଂ ଆଞ୍ଚଳିକ ଭାଷା ବ୍ୟବହାର କରୁଛି। ଏସ୍‌ବିଆଇର ସଦସ୍ୟ ସଚିବ ତଥା ବି.ବି. ଗୋପାଳ ରେଡ୍ଡୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଆର୍‌ବିଆଇର ସହକାରୀ ମହାପ୍ରବନ୍ଧକ (ରାଜଭାଷା) ବିବେକ କୁମାର ଯାଦବ ଧନ୍ୟବାଦ ଦେଇଥିଲେ।

# ଏପ୍ରିଲରେ ବିଶ୍ୱସ୍ତରୀୟ 'ଭାରତ ଷ୍ଟିଲ୍ ସମ୍ମିଳନୀ'

ଭୁବନେଶ୍ୱର,୨୦।୧

ଭାରତ ବିଶ୍ୱସ୍ତରରେ ଷ୍ଟିଲ୍ ଉତ୍ପାଦନର ଭବିଷ୍ୟତ ଗଠନ କରିବାର ମଞ୍ଚ ପ୍ରସ୍ତୁତ କରୁଛି। ଏହି ଦିଗରେ 'ଭାରତ ଷ୍ଟିଲ୍ ୨୦୨୬' ନାମକ ୨ଦିନିଆ ବିଶ୍ୱସ୍ତରୀୟ ସମ୍ମିଳନୀ ଏପ୍ରିଲ ୧୬ ଓ ୧୭ରେ ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଅନୁଷ୍ଠିତ ହେବ। ଇସ୍ପାତ ମନ୍ତ୍ରଣାଳୟ ଆୟୋଜିତ ଏହି ସମ୍ମିଳନୀରେ ନୀତିନିର୍ମାତା, ପ୍ରଯୁକ୍ତି ବିଶେଷଜ୍ଞ ଓ ଶିଳ୍ପପତି ଏକାଠି ହେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଷ୍ଟିଲ ହେଉଛି ଆଧୁନିକ ଅର୍ଥନୀତିର ମେରୁଦଣ୍ଡ। ଉଚ୍ଚ ଅଟ୍ଟାଳିକା, ଜାହାଜ, ରାସ୍ତା, ହାଇସ୍ପିଡ୍ ରେଳ, ସ୍ମାର୍ଟ ସିଟି ଓ ଇଣ୍ଡଷ୍ଟ୍ରିଆଲ କରିଡର ସବୁଠାରେ ଷ୍ଟିଲ ହେଉଛି ଶକ୍ତିର ମୂଳାଧାର। ଭାରତର ୫ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟରେ ଷ୍ଟିଲ୍ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ।

भारत स्टील
Bharat Steel™

ଭାରତ ବିଶ୍ୱର ୨ୟ ବୃହତ୍ତମ ଷ୍ଟିଲ ଉତ୍ପାଦକ ଦେଶ। ସମ୍ମିଳନୀରେ ସ୍ଥିର ସପ୍ଲାଇ ଚେନ୍, ଡିଜିଟାଲାଇଜେଶନ, ଏଆଇ, ରୋବୋଟିକ୍ସ, ଗ୍ରୀନ୍ ହାଇଡ୍ରୋଜେନ, ସିସିୟୁଏସ୍ ଓ ସ୍କ୍ରାପ୍ ବ୍ୟବହାର ବିଷୟରେ ଆଲୋଚନା ହେବ। ଭାରତର ଲକ୍ଷ୍ୟ ୨୦୩୦ ସୁଦ୍ଧା ୩୦୦ ମିଲିୟନ ଟନ୍ ଓ ୨୦୪୭ ସୁଦ୍ଧା ୫୦୦ ମିଲିୟନ ଟନ୍ ଷ୍ଟିଲ ଉତ୍ପାଦନ। ଏଥିପାଇଁ ପିଏଲ୍ଆଇ ଯୋଜନା, ଗ୍ରିନ ଷ୍ଟିଲ ରୋଡ୍‌ମ୍ୟାପ ଓ ଆର୍ ଆଣ୍ଡ ଡି ଉପରେ ଗୁରୁତ୍ୱ ଦିଆଯାଉଛି। ସମ୍ମିଳନୀରେ ୭୦୦ରୁ ଅଧିକ ବିଦେଶୀ ପ୍ରତିନିଧି, ସରକାରୀ ଅଧିକାରୀ, ପ୍ରାଇଭେଟ କମ୍ପାନୀ ଓ ନିବେଶକ ଯୋଗଦେବେ।

# ଆଡ୍‌ଭେଣ୍ଟୋ କମ୍ୟୁନିକେଶନ୍ସକୁ ରିଜିଓନାଲ ପିଆର୍ ଆୱାର୍ଡ

ଭୁବନେଶ୍ୱର,୨୦।୧

ଆଡ୍‌ଭେଣ୍ଟୋ କମ୍ୟୁନିକେଶନ୍ସ ଶୀର୍ଷ ୨୦ଟି ପିଆର ଏଜେନ୍ସି ମଧ୍ୟରେ ଏକ ସ୍ଥାନ ପାଇବା ସହିତ ବେଷ୍ଟ ରିଜିଓନାଲ ପିଆର୍ ଆୱାର୍ଡରେ ସମ୍ମାନିତ କରାଯାଇଛି। ଜାନୁଆରୀ ୧୭ରେ ଅନୁଷ୍ଠିତ ସେରିମନି ଓଡ଼ିଶାର୨ ପିଆର ପ୍ରଫେସନାଲ ବିଜୟିତା ତ୍ରିପାଠୀ ଓ ପବିତା ମିଶ୍ର ଅଣ୍ଡର ୪୦ ଆୱାର୍ଡସ ବର୍ଗରେ ସମ୍ମାନିତ ହୋଇଛନ୍ତି। ବିଜୟିତା ତ୍ରିପାଠୀଙ୍କୁ ବେଷ୍ଟ କ୍ରିଏଟିଭ ଏଣ୍ଟରଟେନ୍‌ମେଣ୍ଟ କ୍ୟାମ୍ପେନ ଓ ପବିତା ମିଶ୍ରଙ୍କୁ ଲିଡିଂ ପିଆର କ୍ୟାମ୍ପେନ ଫର୍ ଷ୍ଟାର୍ଟଅପସରେ ସମ୍ମାନିତ କରାଯାଇଛି। ଆଇଆର୍‌ପିଆର୍‌ଏ ୨୦୨୫ ପାଇଁ ସମ୍ମାନିତ ଜୁରି ପ୍ୟାନେଲରେ କମ୍ୟୁନିକେଶନ୍ସ, ମିଡିଆ ଓ କର୍ପୋରେଟ ପବ୍ଲିକ ରିଲେଶନ୍ସର ପ୍ରତିଷ୍ଠିତ ବିଶେଷଜ୍ଞ ଅର୍ଚ୍ଚନା ମୁଥପ୍ପା, କବିତା ଲଖାନି, ଜ୍ୟୋତ୍ସ୍ନା ଦାସ ନନ୍ଦ, ତନ୍ମନା ରଥ, ସ୍ମିତା ଶ୍ରୀବାସ୍ତବ ପ୍ରମୁଖ ସାମିଲଥିଲେ।

# Classified Everyday
0674-2580101, 9692975378




## GROOM WANTED

Beautiful Karan Girl 1999, 5'4", Bsc (Ag) MBA Serving Manager reputed Company "SUNASANSAR". 9937512659. D-18

Govt. Lecturer 43 ବୟସ୍କା ଖଣ୍ଡାୟତ Widow ନିଜ 12Yrs. ଝିଅଙ୍କ ସଙ୍ଗେ ରହୁଥିବା କନ୍ୟାଙ୍କ ପାଇଁ ଘରଜ୍ୱାଇଁ ଆବଶ୍ୟକ। 6370471610. D-3133

ବଡ଼ ଭଉଣୀଙ୍କ ସଙ୍ଗେ ରହୁଥିବା 50 ବୟସ୍କା Ayurvedic Doctor ଅବିବାହିତା ରାଜପୁତ ଖାନ୍‌ଦାନ ଝିଅଙ୍କୁ ବରପାତ୍ର। ଯୋଗାଯୋଗ-9776705242. D-3132




## REAL ESTATE
## SALE

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

Semi- Commercial Land for Sale At ଆଙ୍ଗୁଳା, Near ସିନ୍ଧିଆ High School. Just 10km from ବାଲେଶ୍ୱର Railway-Station, 5km from ନିଧିପଣ୍ଡା. Area- 16,500 Sqft. (30Lakhs Only) Direct Owner. 7978551614. D-3115




All types of physiotherapy and massage contact 9556924059 / 7656969134. D-3166

## EDUCATION

Students from low-income families pursuing +2 Commerce, BBA/ B.Com can benefit from complementary tuition classes at Satyanagar, Bhubaneswar. Contact-7303935646 to enhance your academic performance and career prospects. D-3163

## AFFIDAVIT

By virtue of an affidavit sworn before Executive Magistrate, Banki, dated 08.01.2026, I, Rajendra Pangari, Address: At- Kurumpada, P.O./P.S.- Baideswar, Dist.- Cuttack, declare that I have changed my name from Raja Pangari to Rajendra Pangari. Henceforth, I shall be known as Rajendra Pangari for all purposes.
Rajendra Pangari
D-3162

By virtue of an affidavit sworn before the Executive Magistrate, Rampur, dated 19.01.2026, I, Gyanendra Sahu, S/o.- Late Gouranga Sahu, Village- Dunguripali, P.O./P.S.- Dunguripali, Dist.- Subarnapur declare that I have changed my name from Gyanendra Kumar Sahu to Gyanendra Sahu. Henceforth, I shall be known as Gyanendra Sahu for all purposes.
Gyanendra Sahu
D-3161

## LEGAL NOTICE

ମାନ୍ୟବର ଅତିରିକ୍ତ କମିଶନର ନଂ. ୩ ଇଜିଲାସ ୪ର୍ଥ ମହଲା,
ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.- ୧୨୦୪/୨୦୧୫

ମହେନ୍ଦ୍ର କୁମାର ବାରିକ ..........ବାଦୀ
ବନାମ
ରାଜେନ୍ଦ୍ର ନାରାୟଣ ରାଉତ ଏବଂ ଅନ୍ୟମାନେ ..........ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର- ୫, ରୁଲ୍- ୨୦ ମୁତାବକ

୧. ରାଜେନ୍ଦ୍ର ନାରାୟଣ ରାଉତ, ପିତା- କୁଳମଣି ରାଉତ, ସା- ପ୍ଲଟ୍ ନଂ.- ୪୧୬, ପୋଷ୍ଟ/ଥାନା- ସହିଦ ନଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୯. ରସା ବେୱା, ସ୍ୱାମୀ- ସ୍ୱର୍ଗତ ମାଧବ ବେହେରା, ୧୪. ଧୋବା ବେହେରା, ପିତା- ସ୍ୱର୍ଗତ ଗୌରାଙ୍ଗ ବେହେରା, ଉଭୟଙ୍କର ବାସସ୍ଥାନ ସା/ପୋଷ୍ଟ- ସୁନ୍ଦରପୁର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୧୭. ନିର୍ମଳ କୁମାର ସ୍ୱାଇଁ, ପିତା- ନିତ୍ୟାନନ୍ଦ ସ୍ୱାଇଁ, ସା- ଆଇ.ଆର୍.ସି. ଭିଲେଜ, ପୋଷ୍ଟ/ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୧୮. ଉମାଶଙ୍କର ଜୟସାଲ, ପିତା- କପିଳ ଦେଓ ଜୟସାଲ, ୧୯. କୁମୁଦ ରଞ୍ଜନ ମହାନ୍ତି, ପିତା- ବୈକୁଣ୍ଠ ନାଥ ମହାନ୍ତି, ୨୦. ଆଲୋକ କୁମାର ଦାସ, ପିତା- ବଂଶୀଧର ଦାସ, ୧୮ ରୁ ୨୦ ପର୍ଯ୍ୟନ୍ତ ସମସ୍ତଙ୍କ ସା- ଏନ୍- ୫/୩୮୫, ଆଇ.ଆର୍.ସି. ଭିଲେଜ, ପୋଷ୍ଟ/ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୨୨. ସଞ୍ଜୟ ଦାସ, ପିତା- ରାଜେନ୍ଦ୍ର ପ୍ରସାଦ ଦାସ, ସା- ସାମିଆନ, ପୋଷ୍ଟ- କାଲକାଲା, ଥାନା- ବଡ଼ଚଣା, ଜିଲ୍ଲା- ଯାଜପୁର।

ଉପରୋକ୍ତ ରିଭିଜନ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ. ୧, ୯,୧୪,୧୭,୧୮,୨୦ ଏବଂ ୨୨ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି, ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ସେମାନଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ନଂ.୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା.୨୨।୦୧।୨୦୨୬ ଦିବା ୩.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲିଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲି ସମ୍ପତ୍ତିର ବିବରଣୀ

ମୌଜା- ସୁନ୍ଦରପୁର, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା ସାବକ ଖାତା ନଂ.୧୫୬, ସାବକ ପ୍ଲଟ୍ ନଂ. ୭୮୭, ଏରିଆ- ଏ.୦.୦୪୩ ଡି., ହାଲ୍ ଖାତା ନଂ. ୬୬୩, ହାଲ୍ ପ୍ଲଟ୍ ନଂ. ୨୫୦୨, ଏରିଆ- ପାର୍ଟ।

ଏଣୁ ଉପରୋକ୍ତ ମାମଲାର ଉପରଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର, ଅଦାଲତ ନଂ. ୩ଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ
ଧ-୩୧୬୦

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ବଳରାମ ମଲ୍ଲିକ**
ଆବିର୍ଭାବ: ୨୫।୧୦।୧୯୩୮
ତିରୋଧାନ: ୧୧।୦୧।୨୦୨୬

ବାପା, ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଓ ଭଲପାଇବା ଆମେ ଭୁଲିପାରୁନାହୁଁ। ତୁମ କଥା ସର୍ବଦା ମନେ ପଡୁଛି। ଶ୍ରୀଜଗନ୍ନାଥଙ୍କ କୃପାରୁ ଯେଉଁଠି ଥାଅ ଭଲରେ ଥାଅ ବୋଲି ଠାକୁରଙ୍କ ନିକଟରେ ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ପରିବାର: ପୁଅ- ଶ୍ରୀଧର, ବିଦ୍ୟାଧର, ସମୀର, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଆତ୍ମୀୟସ୍ୱଜନ।
ଧ-୩୧୬୪

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**୰ସୁମିତ୍ରା ନନ୍ଦୀ**
ବାଲକାଟୀ, ନନ୍ଦୀ ସାହି, ଭୁବନେଶ୍ୱର, ଖୋର୍ଦ୍ଧା
ଆବିର୍ଭାବ: ୨୧।୦୪।୧୯୬୬
ତିରୋଧାନ: ୩୧।୦୧।୨୦୨୫

ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ପ୍ରଭୁ ତୁମକୁ ଶରଣ ଦେଇ ବ୍ରହ୍ମଲୋକରେ ସ୍ଥାନ ଦିଅନ୍ତୁ।

ଶୋକସନ୍ତପ୍ତ:- ସ୍ୱାମୀ, ଦେଢଶୁର, ଦିଅର, ଯା, ପୁତ୍ର, ପୁତ୍ରବଧୂ, ପୁତୁରା, ପୁତୁରାବୋହୂ, ଝିଅ, ଜ୍ୱାଇଁ, ଝିଆରୀ, ଝିଆରୀଜ୍ୱାଇଁ, ନାତି, ନାତୁଣୀ, ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୩୧୫୭

### ସ୍ମୃତି ତର୍ପଣ



**ସ୍ୱର୍ଗତ ଉମାପ୍ରସାଦ କର**
ଅବକାଶ ଲେନ୍, ପୁରୀ- ୨
୨୧ ଜାନୁଆରୀ ୨୦୨୬

ଆଜି ଆପଣଙ୍କର ପବିତ୍ର ୧୯ତମ ଶ୍ରାଦ୍ଧବାର୍ଷିକୀରେ ଆମମାନଙ୍କର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ଧ-୩୧୫୯

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ବିଳାସିନୀ ପ୍ରଧାନ**
ସ୍ୱାମୀ ସ୍ୱର୍ଗତ ଭୀମ ପ୍ରଧାନ
ଗ୍ରାମ: ଲୋଧାଚୁଆ, ରଣପୁର, ଜିଲ୍ଲା- ନୟାଗଡ଼
ଆବିର୍ଭାବ: ୧୧।୧୦।୧୯୩୭
ତିରୋଧାନ: ୧୨।୦୧।୨୦୨୬

ବୋଉ! ହଠାତ୍ ଅସମୟରେ କାହିଁକି ଚାଲିଗଲୁ, କେତେ କାମ ଥିଲା ବୋଲି କହୁଥିଲୁ, ତୁମର ଶୂନ୍ୟସ୍ଥାନ କେବେବି ପୂରଣ ହେବନି। ତୁମର ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟନିଷ୍ଠା ଆମ ଜୀବନର ପାଥେୟ ହେଉ। ଉପରେ ଥାଇ ଟିକିଏ ଆମକୁ ଆଶୀର୍ବାଦ କରୁଥାଅ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ- ବଡ଼ପୁଅ- ଗୋବିନ୍ଦ, ବୋହୂ- ରାଜଲକ୍ଷ୍ମୀ, ସାନପୁଅ- ସୁବାସ, ବୋହୂ- ସୁପ୍ରିୟା, ଝିଅ- ଭାରତୀ, ଜ୍ୱାଇଁ- ଜ୍ୟୋତିଶଙ୍କର, ସମସ୍ତ ନାତି, ନାତୁଣୀ, ଅଣନାତି, ଅଣନାତୁଣୀ, ନାତୁଣୀଜ୍ୱାଇଁ ଓ ନାତୁଣୀବୋହୂ ସହିତ ପରିବାରବର୍ଗ।
ଧ-୩୧୫୬

### ପଞ୍ଚଦଶତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ କୃଷ୍ଣଚନ୍ଦ୍ର ପୁଷ୍ପାଳକ**
ଅବସରପ୍ରାପ୍ତ ଅନୁଶାସନ ସଚିବ, ସ୍ୱରାଷ୍ଟ୍ର ବିଭାଗ
ଦାଣ୍ଡମୁକୁନ୍ଦପୁର, ପିପିଲି
ଆବିର୍ଭାବ: ୦୫।୧୦।୧୯୪୪
ତିରୋଧାନ: ୦୫।୦୨।୨୦୧୧

ଆପଣଙ୍କ ନିଷ୍ଠାପରତା, କର୍ତ୍ତବ୍ୟପରାୟଣତା, ପରୋପକାରିତା ଆମ ଜୀବନର ପାଥେୟ। ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।

-:ଶୋକସନ୍ତପ୍ତ:-
ଧର୍ମପତ୍ନୀ, ଭଉଣୀ, ପୁତ୍ର ଓ ପୁତ୍ରବଧୂ, ଝିଅ, ଜ୍ୱାଇଁ ଓ ନାତିନାତୁଣୀ।
ଧ-୩୧୫୮

### ଏକାଦଶାହ କ୍ରିୟା ଅବସରରେ



**ସ୍ୱର୍ଗତ ଡ. ରବୀନ୍ଦ୍ର ନାଥ ପଣ୍ଡା**
ସ୍ଥାନ- ବିଶାଣିଖରିଦା, ବାସନ୍ତୀ ଦୁର୍ଗା ମଣ୍ଡପ ପାଖ, ଚରମ୍ପା, ଭଦ୍ରକ
ଗ୍ରାମ: ଶୁଣୁଆ, ଅର୍ଣ୍ଣପାଳ, ଭଦ୍ରକ

ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମମାନଙ୍କର ପ୍ରାର୍ଥନା।

ହତଭାଗ୍ୟ: ଭାଇ- ସୁବାଷ, ପୁଅ- ସୁଶାନ୍ତ ଓ ଡ. ଶଶିକାନ୍ତ
ଧ-୩୧୬୫




କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଆରମ୍ଭ ହୋଇଥିବା ଜାତୀୟ ସବ୍‌ଜୁନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶା ଓ କେରଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ୨ୟ ରାଉଣ୍ଡରେ ସିନର, କିଜ୍

**ମେଲବୋର୍ନ, ୨୦।୧**

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ୍‌ରେ ଉଭୟ ପୁରୁଷ ଓ ମହିଳା ସିଙ୍ଗଲ୍ସ ବିଭାଗର ଚାମ୍ପିୟନ ଜାନିକ ସିନର ଓ ମାଡିସନ କିଜ୍ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ପ୍ରଥମ ରାଉଣ୍ଡରେ ପରାଜୟ ସହ ଫ୍ରାନ୍ସର ୩୯ ବର୍ଷୀୟା ଗାଏଲ ମନଫିଲ୍ସ ପେସାଦାର ଟେନିସ୍‌ରୁ ଅବସର ନେଇଛନ୍ତି।

ମଙ୍ଗଳବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସର ପ୍ରଥମ ରାଉଣ୍ଡରେ ୱାର୍ଲ୍ଡ ନଂ-୨ ସିନରଙ୍କୁ ୱାକ୍‌ଓଭର ମିଳିଥିଲା। ସେ ମ୍ୟାଚ୍‌ରେ ୬-୨, ୬-୧ ସେଟ୍‌ରେ ଆଗୁଆ ଥିବା ବେଳେ ଇଞ୍ଜୁରି କାରଣରୁ

**ଅଷ୍ଟ୍ରେଲିଆନ ଓପନ**

ତାଙ୍କ ପ୍ରତିପକ୍ଷ ଖେଳାଳି ହୁଗୋ ଗାଷ୍ଟନ ମ୍ୟାଚ୍‌ରୁ ଓହରି ଯାଇଥିଲେ। ନବମ ସିଡ୍ ଟେଲର ଫ୍ରିଜ୍ ୭-୬(୭-୫), ୫-୭, ୬-୧, ୬-୩ ସେଟ୍‌ରେ ଫ୍ରାନ୍ସର ଭାଲେଣ୍ଟିନ ରୋୟରଙ୍କୁ, ଅଷ୍ଟମ ସିଡ୍ ବେନ ଶେଲ୍‌ଟନ ୬-୩, ୭-୬(୭/୨), ୭-୬(୭/୫) ସେଟ୍‌ରେ ୟୁଗୋ ହମ୍ବର୍ଟଙ୍କୁ, ୧୫ତମ ସିଡ୍ କାରେନ ଖାଚାନୋଭ ୪-୬, ୬-୪, ୬-୩, ୫-୭, ୬-୩ ସେଟ୍‌ରେ ଆଲେକ୍ସ ମିଚେଲସେନଙ୍କୁ ଓ ୧୬ତମ ସିଡ୍ ଜାକୁବ ମେନସିକ ୭-୫, ୪-୬, ୨-୬, ୭-୬(୭/୧), ୬-୩ ସେଟ୍‌ରେ ପାବ୍ଲୋ କାରେନୋ ବୁସ୍ତାଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।



ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ ଅବସରରେ ଅଷ୍ଟ୍ରେଲିଆର ଟୟଲା ପ୍ରିଷ୍ଟନ।

ସିନରଙ୍କ ଭଳି ପଞ୍ଚମ ସିଡ୍ ଲରେଞ୍ଜୋ ମୁସେଟି ୱାକ୍‌ଓଭର ପାଇଥିବା ବେଳେ ମନଫିଲ୍ସ ତାଙ୍କ କ୍ୟାରିୟରର ଅନ୍ତିମ ମ୍ୟାଚ୍‌ରେ ୭-୬(୭/୩), ୫-୭, ୪-୬, ୫-୭ ସେଟ୍‌ରେ କ୍ୱାଲିଫାୟର ଡେନ୍ ସ୍ୱିନିଙ୍କଠାରୁ ପରାସ୍ତ ହୋଇଛନ୍ତି।

ମହିଳା ସିଙ୍ଗଲ୍ସରେ ଡିଫେଣ୍ଡିଂ ଚାମ୍ପିୟନ କିଜ୍ ୭-୬(୮/୬), ୬-୧ ସେଟ୍‌ରେ ଓଲେକଜାଣ୍ଡ୍ରା ଓଲିନିକୋଭାଙ୍କୁ, ପଞ୍ଚମ ସିଡ୍ ଏଲିନା ରିବାକିନା ୬-୪, ୬-୩ ସେଟ୍‌ରେ କାଜା ଜୁଭାନଙ୍କୁ ଓ ଦଶମ ସିଡ୍ ବେଲିଣ୍ଡା ବେନକିକ୍ ୬-୦, ୭-୫ ସେଟ୍‌ରେ କେଟି ବୌଲ୍ଟରଙ୍କୁ ପରାସ୍ତ କରିଦେଇଛନ୍ତି। ଅଷ୍ଟ୍ରେଲିଆର ଟୟଲା ପ୍ରିଷ୍ଟନ ୬-୩, ୨-୬, ୬-୩ ସେଟ୍‌ରେ ଚାଇନାର ଝାଙ୍ଗ ଶୁଇଙ୍କୁ ହରାଇଛନ୍ତି। ପ୍ରିଷ୍ଟନଙ୍କର ଏହାଥିଲା ପ୍ରଥମ ଗ୍ରାଣ୍ଡସ୍ଲାମ ମ୍ୟାଚ ବିଜୟ।

# କ୍ୱାର୍ଟର ଫାଇନାଲରେ ଓଡ଼ିଶା

**ଭୁବନେଶ୍ୱର, ୨୦।୧(ତପନ ସ୍ୱାଇଁ)**

ରଗ୍‌ବୀ ଇଣ୍ଡିଆ, ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ୧୫ ବର୍ଷରୁ କମ୍ ଜାତୀୟ ସବ୍‌ଜୁନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ କଳିଙ୍ଗ

**ଜାତୀୟ ସବ୍‌ଜୁନିୟର ରଗ୍‌ବୀ ସେଭେନ୍ସ ଉଦ୍‌ଘାଟିତ**

ଷ୍ଟାଡିୟମରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିବସରେ ପ୍ରଭାବୀ ପ୍ରଦର୍ଶନ କରି ଓଡ଼ିଶା ବାଳକ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏହା ବ୍ୟତୀତ ଗତଥରର ଚାମ୍ପିୟନ ବିହାର, ରନରଅପ୍ ରାଜସ୍ଥାନ ଓ ବ୍ରୋଞ୍ଜ୍ ବିଜେତା ମହାରାଷ୍ଟ୍ର ଦଳ ମଧ୍ୟ କ୍ୱାର୍ଟର ଫାଇନାଲରେ



ଉଦ୍‌ଘାଟନୀ ଉତ୍ସବରେ ଖେଳାଳିଙ୍କ ଗହଣରେ ଉପସ୍ଥିତ ଅତିଥିବୃନ୍ଦ।

ପହଞ୍ଚିଛି। ଅଧିକାଂଶ ମ୍ୟାଚ୍ ହାଇସ୍କୋରିଂ ବିଶିଷ୍ଟ ହୋଇଥିଲା। ଫଳରେ ପ୍ରଥମ ଦିବସରେ ମୋଟ ୧୨୦୦ ପଏଣ୍ଟ ସ୍କୋର ହୋଇଥିଲା। କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏଶନ ସଭାପତି ପ୍ରିୟଦର୍ଶୀ ମିଶ୍ର, ଉପସଭାପତି ଉପେନ୍ଦ୍ର କୁମାର ମହାନ୍ତି, ଅଂଶଗ୍ରହଣକାରୀ ଦଳଗୁଡ଼ିକର ଅଧିନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍‌ରେ ମଧ୍ୟପ୍ରଦେଶକୁ ୪୦-୦ ଓ ଦ୍ୱିତୀୟ ଲିଗ୍ ମ୍ୟାଚରେ କେରଳକୁ ୪୦-୦ ଗୋଲରେ ପରାସ୍ତ କରିଥିଲା। ପ୍ରି-କ୍ୱାର୍ଟର ଫାଇନାଲରେ ମଧ୍ୟ ଓଡ଼ିଶା ପ୍ରଭାବୀ ପ୍ରଦର୍ଶନ ବଜାୟ ରଖି ଝାଡ଼ଖଣ୍ଡକୁ ୩୮-୭ରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଓଡ଼ିଶା କ୍ୱାର୍ଟର ଫାଇନାଲରେ ଦିଲ୍ଲୀକୁ ଭେଟିବ। ଅନ୍ୟ ୩ କ୍ୱାର୍ଟର ଫାଇନାଲ ଉତ୍ତରାଖଣ୍ଡ-ରାଜସ୍ଥାନ, ପଶ୍ଚିମବଙ୍ଗ-ମହାରାଷ୍ଟ୍ର ଓ ଉତ୍ତରପ୍ରଦେଶ-ବିହାର ମଧ୍ୟରେ ଅନୁଷ୍ଠିତ ହେବ।

# ଦିଲ୍ଲୀକୁ ଜିତାଇଲେ ଜେମିମା

**ଭଦୋଦରା, ୨୦।୧**

ଚଳିତ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ମଙ୍ଗଳବାର ଖେଳାଯାଇଥିବା ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ଅଧିନାୟିକା ଜେମିମା ରୋଡ୍ରିଗ୍ସ ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳି ଦିଲ୍ଲୀ କ୍ୟାପିଟାଲ୍ସକୁ ଜିତାଇଛନ୍ତି। ମୁମ୍ବାଇ ପକ୍ଷରୁ ଧାର୍ଯ୍ୟ ୧୫୫ ରନର ଟାର୍ଗେଟକୁ ଦିଲ୍ଲୀ ୧୯ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହା ଦିଲ୍ଲୀର ଦ୍ୱିତୀୟ ବିଜୟ ଓ ଏହି ବିଜୟ ସହ ଦଳ ଚତୁର୍ଥ ସ୍ଥାନକୁ ଉଠିଛି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୫୪ ରନ କରିଥିଲା। ଦଳ ପାଇଁ ନାଟ ସ୍କିଭର-ବ୍ରଣ୍ଟ ୪୫ ବଲରେ ଅପରାଜିତ ୬୫ (୬ ଚୌକା ଓ ୨ ଛକା) ଓ ଅଧିନାୟିକା ହରମନପ୍ରୀତ କୌର ୪୧ (୭ ଚୌକା) ରନ କରିଥିଲେ। ଦିଲ୍ଲୀ ପକ୍ଷରୁ ଶ୍ରୀ ଚରନୀ ୩ ଉଇକେଟ ନେଇଥିଲେ। ଜବାବରେ ଦିଲ୍ଲୀକୁ ଶେଫାଳି ବର୍ମା (୨୯ ରନ୍, ୬ ଚୌକା) ଓ ଲିଜେଲ ଲି (୪୬ ରନ, ୭ ଚୌକା ଓ ୧ ଛକା)ଙ୍କ ଓପନିଂ ଯୋଡ଼ି ୬୩ ରନ ଆରମ୍ଭ ପ୍ରଦାନ କରିଥିଲେ। ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ୩ ଉଇକେଟ ହରାଇଥିଲା। ହେଲେ ଅଧିନାୟିକା ଜେମିମା ୩୭ ବଲରେ ଅପରାଜିତ ୫୧ (୫ ଚୌକା ଓ ୧ ଛକା) ଓ ମାରିଜେନ କାପ ୧୦ (୧ ଛକା) ରନ କରି ଦଳକୁ ଜିତାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୧୫୪/୫ (ନାଟ ସ୍କିଭର-ବ୍ରଣ୍ଟ-୬୫*, ହରମନପ୍ରୀତ କୌର-୪୧, ଶ୍ରୀ ଚରନୀ-୩/୩୩)। ଦିଲ୍ଲୀ କ୍ୟାପିଟାଲ୍ସ: ୧୯ ଓଭରରେ ୧୫୫/୩(ଜେମିମା ରୋଡ୍ରିଗ୍ସ-୫୧*, ଲିଜେଲ ଲି-୪୬, ବୈଷ୍ଣବୀ ଶର୍ମା-୧/୨୦)।




ପ୍ଲେୟର ଅଫ୍ ଦି ମ୍ୟାଚ ଜେମିମା ରୋଡ୍ରିଗ୍ସ।

**୧୯ ବର୍ଷରୁ କମ୍ ବିଶ୍ୱକପ୍**

# ଦ୍ରୁତତମ ଶତକ ହାସଲ କଲେ ମାଲାଜୁକ୍

**ୱିଣ୍ଡହୋକ୍, ୨୦।୧ (ପି.ଟି.):** ବାମହାତୀ ବ୍ୟାଟର ୱିଲ୍ ମାଲାଜୁକ୍‌ଙ୍କ ଦ୍ରୁତତମ ଶତକ ସହାୟତାରେ ଚଳିତ ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚରେ ଅଷ୍ଟ୍ରେଲିଆ ୮ଉଇକେଟରେ ଜାପାନକୁ ହରାଇ ଦେଇଛି। ମାଲାଜୁକ୍ ମାତ୍ର ୫୧ବଲ୍‌ରେ ଶତକ ହାସଲ କରିଥିଲେ, ଯାହାକି ଟୁର୍ନାମେଣ୍ଟ ଇତିହାସରେ ଏକ ନୂଆ ରେକର୍ଡ। ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜାପାନ ନିର୍ଦ୍ଧାରିତ ୫୦ ଓଭରରେ ୮ଉଇକେଟ ବିନିମୟରେ ୨୦୧ ରନ କରିଥିଲା। ବିଜୟ ଲକ୍ଷ୍ୟ ପିଛା କରୁଥିବା ଅଷ୍ଟ୍ରେଲିଆ ଦ୍ରୁତ ହାରରେ ରନ ସଂଗ୍ରହ କରିଥିଲା। ମାଲାଜୁକ୍ ଓ ନିତେଶ ସାମୁଏଲ ପ୍ରଥମ ଉଇକେଟ ପାର୍ଟନରଶିପ୍‌ରେ ୧୩୫ ରନ ଯୋଗ କରିଥିଲେ। ଆକ୍ରମଣାତ୍ମକ ଖେଳୁଥିବା ମାଲାଜୁକ୍ ମାତ୍ର ୨୩ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଏହା ଏକ ନୂଆ ରେକର୍ଡ। ପରେ ସେ ୫୧ ବଲ୍‌ରେ ଶତକ ହାସଲ କରିଥିଲେ। ଦ୍ରୁତତମ ଶତକରେ ଏହା ଏକ ରେକର୍ଡ। ସେ ବ୍ୟକ୍ତିଗତ ୧୦୨ ରନ ସ୍କୋର କରି ଖେଳୁଥିବା ବେଳେ ଡିପ୍ ଅଞ୍ଚଳରେ କ୍ୟାଚ ଆଉଟ ହୋଇଯାଇଥିଲେ। ସେ ତାଙ୍କ ଇନିଂସରେ ୧୨ ଚୌକା ଓ ୫ ଛକା ଲଗାଇଥିଲେ। ସେତେବେଳକୁ ଅଷ୍ଟ୍ରେଲିଆ ବିଜୟ ପାଇଁ ୩୪.୩ ଓଭରରେ ୬୭ରନ ଆବଶ୍ୟକ କରୁଥିଲା। ଦଳରୁ ସ୍କୋରକୁ ସାମୁଏଲ ଆଗେଇ ନେଇଥିଲେ। ଅଷ୍ଟ୍ରେଲିଆ ୨୦.୫ ଓଭର ବାକି ଥାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ସାମୁଏଲ ୬୦ରନ କରି ଅପରାଜିତ ରହିଥିଲେ। ଗ୍ରୁପ୍ 'ଏ'ରେ ରନ ରେଟ୍‌ରେ ଶ୍ରୀଲଙ୍କାକୁ ପଛରେ ପକାଇ ଅଷ୍ଟ୍ରେଲିଆ ଦ୍ୱିତୀୟ ସ୍ଥାନରେ ରହିଛି।

# ପୂର୍ବତନ ଫୁଟବଲ ଖେଳାଳିଙ୍କ ପରଲୋକ

**ଭୁବନେଶ୍ୱର, ୨୦।୧ (ଅନାଦି କର):** ଭୁବନେଶ୍ୱର ଭେଟେରାନ ଫୁଟବଲ ପ୍ଲେୟାର୍ସ ଆସୋସିଏଶନର ସହ ସମ୍ପାଦକ ଚିନ୍ମୟ କୁମାର ଦାସଙ୍କର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୯ ବର୍ଷ ବୟସ ହୋଇଥିଲା। ସେ ଓଡ଼ିଶାର ପୂର୍ବତନ ଫୁଟବଲ ଖେଳାଳି ଥିଲେ। ସେ କ୍ଲବ-୭୩ ପାଇଁ ଅନେକ ମ୍ୟାଚ୍ ଖେଳିଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଭେଟେରାନ ଆସୋସିଏଶନ କର୍ମକର୍ତ୍ତା ଶୋକ ବ୍ୟକ୍ତ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।



# ଆଇସିସି ଚାପରେ ମୁଣ୍ଡ ନୁଆଁଇବନି ବାଂଲାଦେଶ

**ଢାକା, ୨୦।୧(ପି.ଟି.)**

ଆସନ୍ତା ୭ ତାରିଖରୁ ହେବାକୁଥିବା ଟି୨୦ ବିଶ୍ୱକପ୍‌ରେ ଭାଗ ନେବା ପାଇଁ ବାଂଲାଦେଶ ଦଳ କୌଣସି ପରିସ୍ଥିତିରେ ଭାରତ ଯିବନାହିଁ। ୨୧ ତାରିଖ ସୁଦ୍ଧା ଭାରତରେ ଖେଳିବ କି ନାହିଁ ତାହା ସ୍ପଷ୍ଟ କରିବାକୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ପକ୍ଷରୁ ବାଂଲାଦେଶ କ୍ରିକେଟ ବୋର୍ଡ(ବିସିବି)କୁ ଅଲ୍ଟିମେଟମ ଦିଆଯିବା ପରେ ବାଂଲାଦେଶ ସରକାରଙ୍କ ସ୍ପୋର୍ଟ୍ସ ଆଡଭାଇଜର ଆସିଫ ନାଜ୍ରୁଲ ମଙ୍ଗଳବାର ଏଭଳି ପ୍ରତିକ୍ରିୟା ରଖିଛନ୍ତି। ଭାରତ ଟ୍ରାଭେଲ ନ କରିବା ଲାଗି ବିସିବି ଯଦି ନିଜ ଜିଦ୍‌ରେ ଅଟଳ ରୁହେ, ତେବେ ୨୦ ଦଳ ବିଶିଷ୍ଟ ଟୁର୍ନାମେଣ୍ଟରେ ର୍‍ୟାଙ୍କିଙ୍ଗ୍ ଆଧାରରେ ବାଂଲାଦେଶ ବଦଳରେ ସ୍କଟ୍‌ଲାଣ୍ଡ ଖେଳିବ।

**ଟି୨୦ ବିଶ୍ୱକପ୍ ବିବାଦ**

'ଆମ ସ୍ଥାନରେ ସ୍କଟ୍‌ଲାଣ୍ଡକୁ ସାମିଲ କରାଯିବା ସମ୍ପର୍କରେ ମୁଁ ଅବଗତ ନୁହେଁ। ଯଦି ଆଇସିସି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଚାପରେ ମୁଣ୍ଡ ନୁଆଁଇ ଆମ ଉପରେ ଅଯୌକ୍ତିକ ସର୍ତ୍ତ ମାଧ୍ୟମରେ ଚାପ ପକାଏ, ତେବେ ଆମେ ସେହି ସର୍ତ୍ତ ମାନିବୁ ନାହିଁ। ଅତୀତରେ ଉଦାହରଣ ରହିଛି ଯେ, ଭାରତ ଟ୍ରାଭେଲ କରିବାକୁ ପାକିସ୍ତାନ ମନା କରିଥିଲା ଓ ଆଇସିସି ଭେନ୍ୟୁ ବଦଳାଇଥିଲା। ଆମେ ସେମାନଙ୍କୁ ଭେନ୍ୟୁ ପରିବର୍ତ୍ତନ କରିବା ଲାଗି ଯଥାର୍ଥ କାରଣ ଦେଇଥିଲୁ। ଆମ ଉପରେ ଭାରତରେ ଖେଳିବାକୁ ଚାପ ପକାଯାଇ ପାରିବ ନାହିଁ' ବୋଲି ନଜ୍ରୁଲ କହିଛନ୍ତି। ବାଂଲାଦେଶ ପେସର ମୁସ୍ତାଫିଜୁର ରହମାନଙ୍କୁ ଆଇପିଏଲ୍‌ରୁ ହଟାଯିବାକୁ ନେଇ ଏହି ବିବାଦ ଆରମ୍ଭ ହୋଇଥିଲା। ଏହାର ଜବାବରେ ସୁରକ୍ଷାଗତ କାରଣ ଦର୍ଶାଇ ବିସିବି ବାଂଲାଦେଶ ଦଳକୁ ଭାରତ ପଠାଇବ ନାହିଁ ବୋଲି କହିଥିଲା। ବିସିବି ତା'ର ସମସ୍ତ ୪ ଲିଗ୍ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବାକୁ ଚାହୁଁଥିବା ଇଚ୍ଛା ପ୍ରକଟ କରିଥିଲା। ବାଂଲାଦେଶ ଗ୍ରୁପ୍-ସି'ରେ ଇଟାଲୀ, ନେପାଳ ଓ ଇଂଲଣ୍ଡ ସ୍ଥାନ ପାଇଥିବା ବେଳେ ଢାକାଠାରେ ବସିଥିବା ଗତ ବୈଠକରେ ବିସିବି ଆଇସିସି ଅଧିକାରୀଙ୍କ ନିକଟରେ ଗ୍ରୁପ୍-ବି'ରେ ଆୟର୍ଲାଣ୍ଡ ସହ ଅଦଳବଦଳ କରିବାକୁ ପ୍ରସ୍ତାବ ଦେଇଥିଲା। ଯାହାଫଳରେ ବାଂଲାଦେଶ ତା'ର ସମସ୍ତ ଲିଗ୍ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିପାରିବ।

# ଆହାଜ ଚାମ୍ପିୟନ, ରାଜେଶ ରନରଅପ୍

**ଭୁବନେଶ୍ୱର, ୨୦।୧(ତପନ ସ୍ୱାଇଁ)**

ଶିକ୍ଷା ଓ ଅନୁସନ୍ଧାନ(ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ଓଡ଼ିଶା ଓପନ୍ ବ୍ଲିଜ୍ ଚେସ୍ ଚାମ୍ପିୟନଶିପ୍ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସର୍ବଭାରତୀୟ ଚେସ୍ ଫେଡେରେଶନ ଅନୁମୋଦନକ୍ରମେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ(ଏଓସିଏ) ଏବଂ ଇ-ସ୍ପୋର୍ଟ୍ସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୧୦ ଦେଶର ୪୫୦ ଖେଳାଳି ଅଂଶଗ୍ରହଣ କରିଥିଲେ। ୨ ଲକ୍ଷ ଟଙ୍କା ପୁରସ୍କାର ରାଶିବିଶିଷ୍ଟ ପ୍ରତିଯୋଗିତାର ୯ ରାଉଣ୍ଡ ମଧ୍ୟରୁ ପୂରା ୯ ପଏଣ୍ଟ ପାଇ କେରଳର ଆହାଜ ଇ.ୟୁ ଚାମ୍ପିୟନ ହୋଇଛନ୍ତି। ଓଡ଼ିଶାର ରାଜେଶ ନାୟକ ୮ ପଏଣ୍ଟ ସହିତ ରନରଅପ୍ ହୋଇଛନ୍ତି। ଏହି ଦୁଇ ପ୍ରତିଯୋଗୀ ଟ୍ରଫି ସହ ଯଥାକ୍ରମେ ୩୦,୦୦୦ ଓ ୨୦,୦୦୦ ଟଙ୍କା

**ଓଡ଼ିଶା ଓପନ୍ ଫିଡେ ରେଟେଡ୍ ବ୍ଲିଜ୍ ଚେସ୍**

ପୁରସ୍କାର ଆକାରରେ ଲାଭ କରିଛନ୍ତି। କେରଳର ୧୫ ବର୍ଷୀୟ ସିଦ୍ଧାର୍ଥ ପୁଞ୍ଜା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ରୋଟାରି କ୍ଲବ ୩୨୬୨ର ଡିଷ୍ଟ୍ରିକ୍ଟ ଗଭର୍ନର ମନୋଜ କୁମାର ତ୍ରିପାଠୀ, ଅଭିନେତା ପୃଥ୍ୱୀରାଜ ଶତପଥୀ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ତଥା ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ, ପୂର୍ବତନ ରଣ୍‌ଜୀ ଖେଳାଳି ସତ୍ୟରଞ୍ଜନ ଶତପଥୀ, ସୁଜିତ କୁମାର ରାଉତ, ଅଭିଷେକ ମିତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।




ରନରଅପ୍ ଓଡ଼ିଶାର ରାଜେଶ ନାୟକଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# କେନ୍ଦ୍ରୀୟ ଚୁକ୍ତିକୁ ସରଳ କରିବ ବିସିସିଆଇ

**ନୂଆଦିଲ୍ଲୀ, ୨୦।୧(ପି.ଟି.):** ୨୦୧୮ରୁ ପ୍ରଚଳିତ ହୋଇ ଆସୁଥିବା ଏ+ କାଟେଗୋରିକୁ ହଟାଇ ଖେଳାଳିମାନଙ୍କ କେନ୍ଦ୍ରୀୟ ଚୁକ୍ତି(ସେଣ୍ଟ୍ରାଲ କଣ୍ଟ୍ରାକ୍ଟ)କୁ ସରଳ କରିବାକୁ ଯାଉଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)। ବର୍ତ୍ତମାନର ପ୍ରଚଳିତ ନିୟମାନୁସାରେ, ଜଣେ ଏ+' କାଟେଗୋରି କ୍ରିକେଟରଙ୍କୁ ବାର୍ଷିକ ୭କୋଟି ଟଙ୍କା ପ୍ରଦାନ କରାଯାଇଆସୁଛି। ସେହିପରି ଏ' କାଟେଗୋରୀ ଖେଳାଳିଙ୍କୁ ବାର୍ଷିକ ୫ କୋଟି, 'ବି' ତାଲିକାଭୁକ୍ତ ଖେଳାଳିଙ୍କୁ ୩ କୋଟି ଏବଂ 'ସି' କାଟେଗୋରି ଖେଳାଳିଙ୍କୁ ୧ କୋଟି ଟଙ୍କା ଲେଖାଏଁ ପ୍ରଦାନ କରାଯାଇଆସୁଛି। ୨୦୨୫-୨୬ ବର୍ଷ ପାଇଁ କେନ୍ଦ୍ରୀୟ ଚୁକ୍ତିରେ କେଉଁ ଖେଳାଳିମାନେ ସେମାନଙ୍କ ସ୍ଥାନ ବଜାୟ ରଖିପାରିଛନ୍ତି, ସେମାନଙ୍କ ତାଲିକା ଏପର୍ଯ୍ୟନ୍ତ ପ୍ରକାଶ ପାଇନି। ଏଥର ଏ', ବି' ଓ ସି' କାଟେଗୋରି ରହିବ। ପୂର୍ବ ସାଇକେଲ(ଚକ୍ର)ରେ ମାତ୍ର ୪ଜଣ ଖେଳାଳି ସର୍ବୋଚ୍ଚ ଏ+ କାଟେଗୋରିରେ ରୋହିତ ଶର୍ମା, ବିରାଟ କୋହଲି, ଯଶପ୍ରୀତ୍ ବୁମ୍‌ରା ଓ ରବୀନ୍ଦ୍ର ଜାଡେଜାଙ୍କ ନାମ ସ୍ଥାନ ପାଇଥିଲା। ଏହି ୪ ଜଣଙ୍କ ମଧ୍ୟରୁ କେବଳ ବୁମ୍‌ରା ହେଉଛନ୍ତି ଜଣେ ଅଲ୍ ଫର୍ମାଟ୍ ଖେଳାଳି।

# କିଟ୍‌ରେ ବିଶ୍ୱ ଆଥ୍‌ଲେଟିକ୍ସ ଲେଭଲ-୧ ପ୍ରଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୨୦।୧(ତପନ ସ୍ୱାଇଁ)**

ଭାରତୀୟ ଆଥ୍‌ଲେଟିକ୍ସ ଫେଡେରେଶନର ଅନୁମୋଦନକ୍ରମେ ବିଶ୍ୱ ଆଥ୍‌ଲେଟିକ୍ସ ଲେଭଲ-୧ ପ୍ରଶିକ୍ଷକ ଶିକ୍ଷା ପ୍ରମାଣପତ୍ର କାର୍ଯ୍ୟକ୍ରମ ମଙ୍ଗଳବାର କିଟ୍ ବିଶ୍ୱବିଦ୍ୟାଳୟରେ ସଫଳତାର ସହ ସମ୍ପନ୍ନ ହୋଇଛି। ଗତ ୧୫ ତାରିଖରୁ ଚାଲିଥିବା ଏହି ୬ଦିନିଆ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ସ୍ତରରେ ସର୍ବୋତ୍ତମ ଅଭ୍ୟାସ ଏବଂ ଦୀର୍ଘକାଳୀନ ଆଥ୍‌ଲେଟ୍ ବିକାଶ ମଡେଲ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଦେଶର ବିଭିନ୍ନ ରାଜ୍ୟରୁ ମୋଟ ୩୭ ପ୍ରଶିକ୍ଷକ(୬ ମହିଳା ଓ ୩୧ ପୁରୁଷ) ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଆଥ୍‌ଲେଟିକ୍ସ କୋଚ୍ ସଞ୍ଜୟ ଗଡ଼ନାୟକ ସମସ୍ତ ଅଂଶ୍ରହଣକାରୀଙ୍କୁ ସ୍ୱାଗତ କରିଥିବାବେଳେ ବୋରା ଭେଙ୍କଟ ରେଡ୍ଡୀ ଏବଂ କିଟ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ନିଜ ମତ ରଖିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ସରନ୍‌ଜିତ ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମାବେଶକୁ ସମ୍ବୋଧିତ କରିଥିଲେ ଏବଂ ଅଂଶଗ୍ରହଣକାରୀମାନଙ୍କୁ ସମ୍ମାନିତ କରିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଅଂଶଗ୍ରହଣକାରୀ ପ୍ରଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଥିଲେ।




ବିଶ୍ୱ ଆଥ୍‌ଲେଟିକ୍ସ ଲେଭଲ-୧ ପ୍ରଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମରେ ଉପସ୍ଥିତ କୋଚ୍‌ମାନେ ଅତିଥିଙ୍କ ଗହଣରେ।

ଧରିତ୍ରୀ
DHARITRI
ଧରିତ୍ରୀ 52 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜାନୁଆରୀ ୨୧/୨୦୨୬ Bhubaneswar, Wednesday, January 21/ 2026

# ହାଇଦ୍ରାବାଦକୁ ଜିତାଇଲେ ଓଡ଼ିଶା ଖେଳାଳି



ଓଡ଼ିଶାର ଶୀଳାନନ୍ଦ ଲାକ୍ରା (ଡାହାଣ) ବଲ୍‌ନେଇ ଆଗେଇ ଯାଉଛନ୍ତି।

**ଭୁବନେଶ୍ୱର, ୨୦।୧ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ହାଇଦ୍ରାବାଦ ତୋଫାନ୍ସ ୩-୨ ଗୋଲରେ ଏଚ୍‌ଆଇଏଲ୍ ଜିସି (ଗଭର୍ଣ୍ଣିଂ କାଉନ୍ସିଲ)କୁ ପରାସ୍ତ କରିଛି। ଓଡ଼ିଶା ଖେଳାଳିଙ୍କ ଉଲ୍ଲେଖନୀୟ ଅବଦାନ ଯୋଗୁ ହାଇଦ୍ରାବାଦ ଏହି ରୋମାଞ୍ଚକ ବିଜୟ ହାସଲ କରିଛି। ହାଇଦ୍ରାବାଦ ପକ୍ଷରୁ ଜାଚାରି ୱାଲେସ ୬, ଓଡ଼ିଆ ଖେଳାଳି ଅମନଦୀପ ଲାକ୍ରା ୮ମ ଓ ଶୀଳାନନ୍ଦ ଲାକ୍ରା ୨୭ତମ ମିନିଟରେ ଗୋଲ ଦେଇଥିବାବେଳେ ଜିସି ପକ୍ଷରୁ କେନ୍ ରସେଲ ୮ମ ଓ ୩୧ତମ ମିନିଟରେ ୨ଟି ଗୋଲ ପରିଶୋଧ କରିଥିଲେ। ତୃତୀୟ ଓ ଚତୁର୍ଥ କ୍ୱାର୍ଟର ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ରସେଲ ମାତ୍ର ଗୋଟିଏ ଗୋଲ ସ୍କୋର କରିବାରେ ସକ୍ଷମ ହୋଇଥିଲେ। ଓଡ଼ିଶାର ଅମନଦୀପ ଓ ଶୀଳାନନ୍ଦ ଘରୋଇ ପରିବେଶରୁ ବେଶ୍ ଫାଇଦା ଉଠାଇଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଉପସ୍ଥିତ ଥିଲେ।

ହେଡ୍‌ଟୁ ହେଡ୍ ଦେଖିଲେ ଉଭୟ ଦଳ ୫ଟି ଲେଖାଏ ପେନାଲ୍ଟି କର୍ନର ପାଇଥିଲେ। ଏଥିରୁ ହାଇଦ୍ରାବାଦ ୩ ଓ ଜିସି ଦଳ ୨ଟିକୁ ଗୋଲରେ କନ୍‌ଭର୍ଟ କରିବାରେ ସକ୍ଷମ ହୋଇଥିଲା। ଉଭୟ ଦଳ ବିପକ୍ଷ ସର୍କଲକୁ ୭୩ଥର ଲେଖାଏ ଏଣ୍ଟ୍ରି କରିଥିଲେ। ତେବେ ବଲ୍ ଶୁଟ୍ କ୍ଷେତ୍ରରେ ଜିସି (୧) ତୁଳନାରେ ହାଇଦ୍ରାବାଦ ଦଳ (୫)

**ହକି ଇଣ୍ଡିଆ ଲିଗ୍**

ଅଧିକ ଆକ୍ରମଣାତ୍ମକ ରହିଥିଲା। ଏଥି ସହ ଉଭୟ ଦଳ ଲିଗ୍ ପର୍ଯ୍ୟାୟରେ ୭ଟିଯାକ ମ୍ୟାଚ ଖେଳି ସାରିଥିବାବେଳେ ୩ ବିଜୟ, ୨ ପରାଜୟ ଓ ୨ ଲେଖାଏ ଶୁଟ୍ ଆଉଟ ପରାଜୟ ସହ ୧୧ ପଏଣ୍ଟ ପାଇଛନ୍ତି। ତେବେ ଗୋଲ ବ୍ୟବଧାନରେ ହାଇଦ୍ରାବାଦ ତୋଫାନ୍ସ ତୃତୀୟ ଓ ଏଚ୍‌ଆଇଏଲ୍ ଜିସି ୪ର୍ଥ ସ୍ଥାନରେ ରହିଛି। ଫଳରେ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସର ନକ୍‌ଆଉଟ ଆଶା ଶେଷ ହୋଇଛି। ଏହି ଦଳ ୯ ପଏଣ୍ଟ ପାଇ ୫ମ ସ୍ଥାନରେ ସନ୍ତୁଷ୍ଟ ରହିଛି।



ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ସମ୍ମାନିତ କରୁଛନ୍ତି। ନିକଟରେ ଅଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ।

# ପରାଜୟ ସତ୍ତ୍ୱେ କ୍ୱାଲିଫାୟର୍ସ-୧ ଖେଳିବ ଲାନ୍ସର୍ସ

**ଭୁବନେଶ୍ୱର, ୨୦।୧(ତପନ ସ୍ୱାଇଁ)**

ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ମଙ୍ଗଳବାର ପ୍ରଥମ ପରାଜୟ ବରଣ କରିଛି। କ୍ରମାଗତ ୬ ମ୍ୟାଚ୍‌ରେ ବିଜୟଲାଭ କରିବାପରେ ଲାନ୍ସର୍ସ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଜେଏସ୍‌ଡବ୍ଲ୍ୟୁ ସୁର୍‌ମା ହକି କ୍ଲବ ନିକଟରୁ ୧-୨ ଗୋଲରେ ପରାଜିତ ହୋଇଛି। ତେବେ ଏହି ପରାଜୟ ସତ୍ତ୍ୱେ ଲାନ୍ସର୍ସ କ୍ୱାଲିଫାୟର୍ସ-୧ ଖେଳିବା ନିଶ୍ଚିତ ହୋଇଛି। ୭ ମ୍ୟାଚ୍‌ରୁ ୪ ବିଜୟ, ୨ ଶୁଟ୍‌ଆଉଟ ବିଜୟ ଓ ୧ ପରାଜୟ ସହ ଏହି ଦଳ ଲିଗ୍ ପର୍ଯ୍ୟାୟ ଶେଷ କରିଛି। ୧୬ ପଏଣ୍ଟ ସହିତ ଟେବୁଲର ଶୀର୍ଷସ୍ଥାନରେ ରହିଥିବାରୁ ଦ୍ୱିତୀୟ ସ୍ଥାନ ହାସଲ କରିବା ଦଳକୁ କ୍ୱାଲିଫାୟର-୧ରେ ଭେଟିବ। ଅନ୍ୟପକ୍ଷରେ ସୁର୍‌ମା ଦଳ ୬ ମ୍ୟାଚ୍‌ରୁ ୨ୟ ବିଜୟ ସହ ନକ୍‌ଆଉଟ ପ୍ରବେଶ ଆଶା ଉଜ୍ଜୀବିତ ରଖିଛି। ଏହି ଦଳ ୮ ପଏଣ୍ଟ ସହିତ ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛି। ତେବେ ଗୋଲ ବ୍ୟବଧାନ -୩ ଥିବାରୁ ଦଳକୁ ନକ୍‌ଆଉଟ ପ୍ରବେଶ ସମ୍ଭାବନା ସୃଷ୍ଟି କରିବାକୁ ହେଲେ ଏହାର ଅନ୍ତିମ ଲିଗ୍ ମ୍ୟାଚରେ ଏସ୍‌ଜି ପାଇପର୍ସକୁ ବଡ଼ ବ୍ୟବଧାନରେ ହରାଇବାକୁ ହେବ। କାରଣ ହାଇଦ୍ରାବାଦ ତୋଫାନ୍ସ ଓ ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନ୍ସିଲ ଦଳ ମଧ୍ୟ ୧୧ ପଏଣ୍ଟ ଲେଖାଏ ହାସଲକରି ଦୌଡ଼ରେ ରହିଛନ୍ତି। ଚେନ୍ନାଇ ଓ ରାଞ୍ଚିରେ ଅନୁଷ୍ଠିତ ଏଚ୍‌ଆଇଏଲ୍‌ର ପ୍ରଥମ ଦୁଇ ଚରଣ ସହ ଏଠାରେ ପ୍ରଭାବୀ ପ୍ରଦର୍ଶନ କରି ଆସିଥିବା ଲାନ୍ସର୍ସ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ଶେଷରେ ସୁର୍‌ମା ବିଜୟୀ ହୋଇଥିଲା। ପ୍ରଥମ କ୍ୱାର୍ଟର ଗୋଲ୍‌ଶୂନ୍ୟ ରହିଥିବାବେଳେ ୨୩ତମ ମିନିଟ୍‌ରେ ଗୋଲ ଦେଇ ଜିତ୍‌ପାଲ ପ୍ରଥମାର୍ଦ୍ଧ ଶେଷବେଳକୁ ସୁର୍‌ମାକୁ ୧-୦ରେ ଅଗ୍ରଣୀ କରାଇଥିଲେ। ୩୮ତମ ମିନିଟ୍‌ରେ ବିବେକ ସାଗର ପ୍ରସାଦଙ୍କ ଗୋଲ ଦଳର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲା। ଲାନ୍ସର୍ସ ପକ୍ଷରୁ ଲିଆମ ହେଣ୍ଡରସନ ୪୮ତମ ମିନିଟ୍‌ରେ ଗୋଟିଏ ଗୋଲ ପରିଶୋଧ କରିଥିଲେ।



କଳିଙ୍ଗ ଲାନ୍ସର୍ସ ଓ ସୁରମା ହକି କ୍ଲବ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

# ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଟି୨୦ ଆଜି

**ନାଗପୁର,୨୦।୧(ପି.ଟି.)**

ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ବୁଧବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୫ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ। ଆଗାମୀ ଟି୨୦ ବିଶ୍ୱକପ୍‌କୁ ୩ ସପ୍ତାହରୁ କମ୍ ସମୟ ଥିବାରୁ ଏହି ସିରିଜ୍ ଉଭୟ ଦଳ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଉଭୟ ଦଳ ଏହି ସିରିଜ୍ ମାଧ୍ୟମରେ ଟି୨୦ ବିଶ୍ୱକପ୍ ଲାଗି ଶେଷ ପ୍ରସ୍ତୁତି କରିବେ। ଗତଥର ୨୦୨୪ ଟି୨୦ ବିଶ୍ୱକପ୍ ଜିତିବା ପରଠାରୁ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳର ରେକର୍ଡ ଖୁବ୍ ଭଲ ରହିଛି। ଦଳ ୭୨ ପ୍ରତିଶତରୁ ଊର୍ଦ୍ଧ୍ୱ ମ୍ୟାଚ୍ ଜିତିଛି। ଭାରତୀୟ ଟି୨୦ ଦଳ ଗତ ଦୁଇବର୍ଷ ମଧ୍ୟରେ କିଛି ହାତଗଣତି ମ୍ୟାଚ୍ ଛାଡ଼ି ଦେଲେ ପ୍ରାୟତଃ ମ୍ୟାଚ୍ ଜିତିଛି। ଟି୨୦ ଫର୍ମାଟ୍‌ରେ ସୂର୍ଯ୍ୟକୁମାରଙ୍କ ନେତୃତ୍ୱରେ ଭାରତୀୟ ଦଳ ଭିନ୍ନ ଖେଳ ପ୍ରଦର୍ଶନ କରିଛି। ତାଙ୍କ ନେତୃତ୍ୱରେ ଦଳ ୨୫ରୁ ୧୮ ମ୍ୟାଚ୍ ଜିତିଛି। ଏଥିରେ ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ଓ ପ୍ରତିପକ୍ଷ ଦଳର ଇନିଂସ୍‌ର ମିଡଲ ଓଭରରେ ବରୁଣ ଚକ୍ରବର୍ତ୍ତୀଙ୍କ ବୋଲିଂ ପ୍ରଦର୍ଶନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ଗତ ଏକବର୍ଷ ମଧ୍ୟରେ ଭାରତରେ ଟେଷ୍ଟ ସିରିଜ୍ କ୍ଲିନ୍ ସୁଇପ୍ ଓ ଦ୍ୱିପାକ୍ଷିକ ଦିନିକିଆ ସିରିଜ୍ ବିଜୟ ସମେତ ଅନେକ କିଛି ପ୍ରଥମଥର ପାଇଁ ହାସଲ କରିଛି। ୨୦୨୪ ଟି୨୦ ବିଶ୍ୱକପ୍ ପରଠାରୁ ନ୍ୟୁଜିଲାଣ୍ଡ ୨୧ରୁ ୧୩ ଟି୨୦ ମ୍ୟାଚ୍ ଜିତିଛି। ଡେଭନ କନ୍‌ୱେ, ଡାରିଲ ମିଚେଲ, ଗ୍ଲେନ ଫିଲିପ୍ସଙ୍କ ଭଳି ବ୍ୟାଟର ଫର୍ମରେ ଥିବାବେଳେ ଅଧିନାୟକ ମିଚେଲ ସାଣ୍ଟନର ଓ ବିଶ୍ୱର ନଂ.୧ ଟି୨୦ ପେସର ଜାକବ ଡଫିଙ୍କ ଉପସ୍ଥିତି ନ୍ୟୁଜିଲାଣ୍ଡ ଦଳକୁ ଅଧିକ ଶକ୍ତିଶାଳୀ କରିଛି।

ଦୀର୍ଘଦିନ ହେଲା ଫର୍ମ ସହ ସଂଘର୍ଷ କରୁଥିବା ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ଲାଗି ଫର୍ମରେ ସୁଧାର ଆଣିବା ପାଇଁ ଏହି ସିରିଜ୍ ଶେଷ ସୁଯୋଗ ହେବ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ